ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Monday, November 1/2021 ★★★★★★

୪୭ଶ ଭାଗ ୩୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



**ହରମନପ୍ରୀତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ**

ମହିଳା ବିଗ୍ ବାଶ୍ ଲିଗ୍‌ରେ ଭାରତର ହରମନପ୍ରୀତ୍ କୌର ପ୍ରଭାବୀ ପ୍ରଦର୍ଶନ କରି ମେଲବୋର୍ନ ରେନିଗେଡ୍ସକୁ ବିଜୟୀ କରାଇଛନ୍ତି।

୦୮

୦୭

**ସଲମାନଙ୍କୁ ଦଣ୍ଡଦେଲେ କ୍ୟାଟ୍ରିନା**

ବିଗ୍‌ବସ୍‌କୁ ଯାଇଥିବା ଅଭିନେତ୍ରୀ କ୍ୟାଟ୍ରିନା ଶୋ ହୋଷ୍ଟ ସଲମାନ ଖାନଙ୍କୁ ତାଙ୍କ ଭୁଲ ବାହାର କରି ମଜାଳିଆ ଢଙ୍ଗରେ ଦଣ୍ଡ ଦେଇଛନ୍ତି।



# ସ୍କୁଲ ଅଧୀନକୁ ଆସିବ ଜମି

- **ଜିଲାପାଳଙ୍କୁ ଚିଠି ଲେଖିଲେ ବିଭାଗ**
- **ମାର୍ଚ୍ଚ ୫ ସୁଦ୍ଧା ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ**



ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ କେତେକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଜମିଗୁଡ଼ିକର ମାଲିକାନା ସ୍କୁଲର ହୋଇ ରହିନାହିଁ। ସେହି ସ୍କୁଲଗୁଡ଼ିକର ଅବ୍ୟବସ୍ଥିତ ଜମିଗୁଡ଼ିକର ରେକର୍ଡ ଅଫ ରାଇଟ୍(ଆର୍‌ଓଆର୍) ସଂଶୋଧନ କରିବାକୁ ଗଣଶିକ୍ଷା ବିଭାଗ ଓ ରାଜସ୍ୱ ବିଭାଗ ସଚିବ ଜିଲାପାଳଙ୍କୁ ମିଳିତ ଭାବେ ଚିଠି ଲେଖିଛନ୍ତି। ୨୦୨୨ ମାର୍ଚ୍ଚ ୫ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚିଠିରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟରେ ଏବେ ପ୍ରାୟ ୫୨ ହଜାର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ମାଧ୍ୟମିକ ଏବଂ ପ୍ରାୟ ୧୨ଶହ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ତେବେ ଏହି ସବୁ ସ୍କୁଲର ଥିବା ବହୁ ଜମିର ମାଲିକାନା ଦାନ କରିଥିବା ବ୍ୟକ୍ତିଙ୍କ ନାମରେ ରହିଛି। ବିଭିନ୍ନ କାରଣରୁ ସ୍କୁଲ ନାମରେ ଦାଖଲ ଖାରଜ (ମ୍ୟୁଟେଶନ) ହୋଇନାହିଁ। ଏବେ ମାଲିକାନାସ୍ୱତ୍ୱକୁ ପରିବର୍ତ୍ତନ କରିବା ସକାଶେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଅନେକ ଲୋକ ସ୍କୁଲ୍‌କୁ ଜମି ଦାନ କରିଛନ୍ତି। ଅଦ୍ୟାବଧି ସେହି ଜମି ରେକର୍ଡ ଦାନ କରିଥିବା ବ୍ୟକ୍ତିଙ୍କ ନାମରେ ରହିଛି। ଏବେ ସ୍କୁଲ ଅଧୀନକୁ ଆଣିବା ପାଇଁ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଉକ୍ତ ଦାନପତ୍ର କିମ୍ବା ବିକ୍ରି ପତ୍ର ନେଇ ତହସିଲଦାରଙ୍କ କୋର୍ଟରେ ମ୍ୟୁଟେଶନ କେସ୍ ଫାଇଲ କରିବେ। ସମସ୍ତ କୋର୍ଟ ଫି' ବା ଅମିନ ଫି' ଖର୍ଚ୍ଚ ସରକାର ବହନ କରିବେ। ସେହିପରି ଯଦି ଜମି ସାବକ ରେକର୍ଡରେ ରହିଛି, ତେବେ ଡିଇଓ କିମ୍ବା ବିଇଓ ଏକ ରିଭିଜନ୍ କେସ୍ ରାଜସ୍ୱ ବୋର୍ଡର ସଦସ୍ୟଙ୍କ ନିକଟରେ ଦାଖଲ କରିବେ। ସେହିଭଳି ଅଧିକାଂଶ ସ୍କୁଲ ଅନାବାଦୀ ଜମିରେ ନିର୍ମାଣ ହୋଇଛି। କିନ୍ତୁ ଉକ୍ତ ଜମି ସ୍କୁଲ ନାମରେ ହୋଇନାହିଁ। ଏଥିପାଇଁ ନୋଡାଲ ଓ ସେକେଣ୍ଡାରୀ ସ୍କୁଲ କ୍ଷେତ୍ରରେ ଡିଇଓ ଏବଂ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ କ୍ଷେତ୍ରରେ ବିଇଓମାନେ ରିକ୍ୟୁଜିଶନ ଫାଇଲ କରିବେ। ସେହିଭଳି ଅନେକ ସ୍କୁଲ ଗୋଚର ଜମିରେ ରହିଛି। ଆଇନ ଅନୁଯାୟୀ ସେହି ଜମିର କିସମ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। କିନ୍ତୁ ଯଦି କୌଣସି ☞ପୃଷ୍ଠା–୪

# ପେଟ୍ରୋଲ ୩୬, ଡିଜେଲ ୩୯ ପଇସା ବୃଦ୍ଧି

ଭୁବନେଶ୍ୱର/ନୂଆଦିଲ୍ଲୀ, ୩୧।୧୦

କ୍ରମାଗତ ୫ମ ଦିନ ଲାଗି ସାରା ଦେଶରେ ତୈଳ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ୩୬ ପଇସା ଏବଂ ଡିଜେଲ ୩୯ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୧୦.୩୨ ଟଙ୍କା ଏବଂ ଡିଜେଲ ୧୦୬.୯୯ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୭.୩୩ ଟଙ୍କା ଓ ପେଟ୍ରୋଲ ୧୧୦.୬୭ ଟଙ୍କାରେ ପହଞ୍ଚିଛି। ଗତ ୬ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ଡିଜେଲ ମୂଲ୍ୟ ୧୦.୩୮ ଟଙ୍କା ବଢିଥିବାବେଳେ ପେଟ୍ରୋଲ ମୂଲ୍ୟ ୮.୨୮ ଟଙ୍କା ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି। ସେହିଭଳି ରାଜ୍ୟରେ ସର୍ବାଧିକ ତୈଳ ଦର ମାଲକାନଗିରିରେ ପେଟ୍ରୋଲ ଲିଟର ପିଛା ୧୧୫.୯୦ ଟଙ୍କା ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

" ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ କଂଗ୍ରେସ ସବୁବେଳେ ସମର୍ଥନ ଦେଇଆସିଥିବାବେଳେ ସେହି ଦଳକୁ ସେ ସମାଲୋଚନା କରୁଛନ୍ତି। ସେ କ'ଣ ଏବେ ଭାଜପା ଏଜେଣ୍ଟ କି?

**– ଅଧୀର ଚୌଧୁରୀ, କଂଗ୍ରେସ ନେତା**




# ନ୍ୟୁଜିଲାଣ୍ଡଠାରୁ ବି ହାରିଲା ଭାରତ

ଦୁବାଇ, ୩୧।୧୦




ଉଭୟ ବ୍ୟାଟିଂ ଓ ବୋଲିଂରେ ଖରାପ ପ୍ରଦର୍ଶନ କରି ଭାରତ ଚଳିତ ଟି୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚରେ ପାକିସ୍ତାନଠାରୁ ହାରିଥିବା ବିରାଟ କୋହଲିଙ୍କ ଦଳ ରବିବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୮ ଉଇକେଟରେ ପରାସ୍ତ ହୋଇଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୦ ରନ କରିଥିଲା। ନ୍ୟୁଜିଲାଣ୍ଡ ୧୪.୩ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ମାର୍ଟିନ ଗୁପଟିଲ ୨୦ ଓ ଡାରିଲ ମିଚେଲ ୪୯ ରନ କରି ଆଉଟ ହୋଇଥିବାବେଳେ ଅଧିନାୟକ କେନ୍ ୱିଲିୟମସନ ୩୩ ଓ ଡେଭନ କନୱେ ୨ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୨ଟି ଯାକ ଉଇକେଟ ପାଇଥିଲେ। ଏଠାରେ ବିଜୟ ଫଳରେ ନ୍ୟୁଜିଲାଣ୍ଡର ସେମିଫାଇନାଲ ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ଟିମ୍ ଇଣ୍ଡିଆ ବିଦାୟ ଦ୍ୱାରରେ ☞ପୃଷ୍ଠା–୪

# ଦୀପାବଳି ପରେ ଖୋଲିପାରେ ପ୍ରାଥମିକ ସ୍କୁଲ

- **ପ୍ରଥମରୁ ସପ୍ତମ ପର୍ଯ୍ୟାୟକ୍ରମେ ଖୋଲିବ: ଗଣଶିକ୍ଷା ମନ୍ତ୍ରୀ**
- **ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବାକୁ ଓଷ୍ଟାର ଦାବି**

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଦୀପାବଳି ପରେ ପ୍ରାଥମିକ ସ୍କୁଲ ଖୋଲିପାରେ। ଦେଢ଼ବର୍ଷ ଧରି ଅଫ୍‌ଲାଇନ୍ ପାଠପଢ଼ା ବନ୍ଦ ରହିଥିବାବେଳେ ରବିବାର ସ୍କୁଲ୍ ଖୋଲିବା ନେଇ ସବୁଜ ସଙ୍କେତ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ସେ କହିଛନ୍ତି, କରୋନା ତୃତୀୟ ଲହର ଆସିବା ସମ୍ଭାବନା କମ୍ ରହିଛି। ଦୀପାବଳି ଛୁଟି ପରେ କୌଣସି ମୁହୂର୍ତ୍ତରେ ବି ପ୍ରାଥମିକ ସ୍କୁଲ୍ ଖୋଲିବା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇପାରନ୍ତି। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ଗଣଶିକ୍ଷା ବିଭାଗ ବିଚାରବିମର୍ଶ କରୁଛି। ପିଲାଙ୍କ ମଧ୍ୟରେ ସ୍କୁଲ ଯିବା ପାଇଁ ଆଗ୍ରହ ସୃଷ୍ଟି ହେଲାଣି। ପିଲାଙ୍କ ପାଇଁ ଶିକ୍ଷା ସହ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏବେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ସୁରୁଖୁରୁରେ ଚାଲିଛି। ଅନ୍ୟ ଶ୍ରେଣୀଗୁଡ଼ିକ ମଧ୍ୟ ଖୁବ୍‌ଶୀଘ୍ର ଖୋଲାଯିବ। ତେବେ ଏକା ଥରକେ ପ୍ରଥମରୁ ସପ୍ତମ ଶ୍ରେଣୀ ଖୋଲିବ ନାହିଁ। ପୂର୍ବଭଳି ପର୍ଯ୍ୟାୟକ୍ରମେ ଖୋଲାଯିବ। କରୋନା କଟକଣାକୁ ପାଳନ କରାଯାଇ ସ୍କୁଲ ଖୋଲିବା ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସେପଟେ ପ୍ରାଥମିକ ସ୍କୁଲ ଖୋଲିବା ପ୍ରସଙ୍ଗକୁ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସ୍ୱାଗତ କରାଯିବା ସହ ଏଥିପାଇଁ ରାଜ୍ୟରେ ଶିକ୍ଷକ ଅଭାବକୁ ଶୀଘ୍ର ପୂରଣ କରିବାର ଅଛି ବୋଲି ଦାବି କରାଯାଇଛି। ଓଷ୍ଟା ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ବର୍ତ୍ତମାନ ନୂତନ ଅନୁଦାନପ୍ରାପ୍ତ ବା ପୁନଃ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସୃଷ୍ଟି ହୋଇ ନାହିଁ। ଏସବୁ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ଆସି ପଢ଼ାଇବାର ସମ୍ଭାବନା ନାହିଁ। ପ୍ରାଥମିକ ବିଦ୍ୟାଳୟରେ ଯେଉଁ ଶିକ୍ଷକଙ୍କ ପଦବୀ ଖାଲି ଅଛି, ସେଠାରେ ବି ପଢ଼ାଇବାର ଆବଶ୍ୟକତା ଅଛି। ହାଇସ୍କୁଲରେ ମଧ୍ୟ ଆବଶ୍ୟକ ଶିକ୍ଷକ ନ ଥିବାରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସବ୍‌ଜେକ୍ଟ ଟିଚରଙ୍କୁ ଅଣାଯାଇ ପାଠ ☞ପୃଷ୍ଠା–୪

# ବିଶ୍ୱତାପନ ବୃଦ୍ଧି ୧.୫ ଡିଗ୍ରୀରେ ସୀମିତ ପାଇଁ ସହମତି

**ଶେଷ ହେଲା ଜି-୨୦ ସମିଟ୍**

ରୋମ୍, ୩୧।୧୦

ବିଶ୍ୱ ତାପନ ପ୍ରାକ୍ ଶିଳ୍ପାୟନ ସ୍ତରଠାରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଊର୍ଦ୍ଧ୍ୱରେ ସୀମିତ ରଖିବା ଆବଶ୍ୟକତା ଉପରେ ଜି–୨୦ ସମିଟ୍‌ରେ ୨୦ ସଦସ୍ୟ ରାଷ୍ଟ୍ର ସହମତ ହୋଇଛନ୍ତି। ୨୦୧୫ ପ୍ୟାରିସ୍ ଚୁକ୍ତିନାମାରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ କଡ଼ାକଡ଼ି ପାଳନ କରିବା ଉପରେ ଜି–୨୦ ବୈଠକରେ ଗୁରୁତ୍ୱ ଦିଆଯିବା ସହ କଠୋର ଶବ୍ଦରେ ଉଲ୍ଲେଖ କରାଯାଇଛି। ଗ୍ଲାସ୍‌ଗୋରେ ରବିବାରଠାରୁ ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ହୋଇଥିବାବେଳେ ଏହା ପୂର୍ବରୁ ଜି–୨୦ର ଉପରୋକ୍ତ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ଏହି ୨୦ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ପାଖାପାଖି ୮୦ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ କରିଥାନ୍ତି। ବିଶ୍ୱ ତାପନ କମାଇବା ଦିଗରେ କାର୍ଯ୍ୟ କରିବା ପାଇଁ ସେମାନଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିବାରୁ ଜଳବାୟୁ ପରିବର୍ତ୍ତନ ରୋକିବାରେ ଏହା ଯଥେଷ୍ଟ ସହାୟକ ହୋଇପାରିବ ବୋଲି କୁହାଯାଉଛି। ସମିଟ୍‌ର ଦ୍ୱିତୀୟ ଦିନରେ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ଜଳବାୟୁ ସମ୍ପର୍କରେ ☞ପୃଷ୍ଠା–୪








ANNAPURNA DALAI
MOB: 8280537108



MOBILE PHONE, LAPTOP, DESKTOP, CAMERA, PRINTER, HEAD PHONE, PROJECTOR






SANTOSH KUMAR MISHRA
MOB: 9938445754



DEEPAK NAYAK
MOB: 9861009751



MAMATA NAYAK
MOB: 9777010830



BICHITRA NANDA SAHOO
MOB: 7894579404

DUSSEHRA
LUCKY DRAW WINNER




Furniture Available at
(CDA) CUTTACK, KALAPATHAR, JAGATSINGHPUR, NIMAPADA
NAYAGARH, BALUGAON, JAJPUR TOWN, ANGUL & CHANDIKHOLE



ପୂଜାର ସମସ୍ତ ଉପହାର ସହିତ ପ୍ରତ୍ୟେକ ଜିନିଷ କ୍ରୟ ଉପରେ ୫ଟି ଉପହାର, ସମସ୍ତ ଷ୍ଟୋରରେ ଉପଲବ୍ଧ

Discount on Every Purchase | Assured Gifts on Every Purchase | CASH BACK UPTO 25% All Company Offers | Extended Warranty Available for Every Product (Now ask for Additional Warranty with Company Warranty) | Exchange Available | 01 EMI REFUND | Easy Finance with Low EMI | INSTANT CASHBACK OFFER | FINANCE BY: BAJAJ FINSERV, HDB Financial Services, HDFC BANK, IDFC FIRST Bank




HDFC BANK
FESTIVE TREATS
Karo Har Dil Roshan
with 10,000+ offers on
CARDS | LOANS | EASYEMI

CLAIM UP TO 27.5% CASH BACK WITH
EASYEMI ON DEBIT/CREDIT CARDS
& CONSUMER LOANS + NO COST EMI

HDB FINANCIAL SERVICES
REIMAGINING OPPORTUNITIES

GET ASSURED VOUCHERS WORTH
Rs.8000/- A CHANCE TO WIN AN AMAZING GIFT
A GOLD COIN

NOW FINANCE AVAILABLE WITHIN 60 km RANGE FROM ALL OVER STORE
COMPARE OUR PRICE & PRODUCT BEFORE YOU PURCHASE

Odisha's most trusted Electronics, Home Appliances & Digital Products Dealer Since 1972

GD Symbol of Trust

# GUPTA DISTRIBUTORS

No.1 Retail Chain Stores

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI Inspire the Next | VOLTAS | BLUE STAR | DAIKIN | BAJAJ | Carrier | LLOYD | IFB
ONEPLUS | oppo | vivo | SAMSUNG | Apple | mi | realme | hp | DELL | ASUS | acer | EPSON | TCL | Nikon | Canon
KUTCHINA | LUMINOUS | BPL | HAVELLS | Haier | BOSCH | AO Smith | MITSUBISHI ELECTRIC | Butterfly | EUREKA FORBES | USHA | STANDARD | V-GUARD | GLEN | KENT

BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDHA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP- Dochaaki, Udaybata, Mob: 7008989316, BARIPADA - Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE - Jena Premium, National Highway, Near RLY Overbridge, Mob: 9692316301, GUPTA WHOLESALE OUTLET, HANSPAL, Puri Canal Road, Near Hanuman Mandir, Mob: 7735455009

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C, Depending on Purchase Value

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୭୨,୮୫,୦୫୫ | ୫୦,୧୩,୪୩୫ | ୨୨,୩୯,୮୯,୦୦୭ |
| ଭାରତ | ୩,୪୨,୭୭,୦୩୯ | ୪,୫୮,୨୮୧ | ୩,୩୬,୫୫,୮୪୨ |
| ଓଡ଼ିଶା | ୧୦,୪୧,୪୫୭ | ୮୩୩୩(+୫୩) | ୧୦,୨୯,୧୪୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଇନ୍ଦିରାଙ୍କ ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା

## ରାଷ୍ଟ୍ରୀୟ ସଂକଳ୍ପ ଦିବସ

ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)



ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ୧୯୮୪ରେ ହିଂସାର ଶିକାର ହୋଇ ନିଜ ଅଙ୍ଗରକ୍ଷୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଦେଶର ପ୍ରଧାନମନ୍ତ୍ରୀ ଥିବା ଅବସ୍ଥାରେ ଘଟିଥିବା ଏହି ଘଟଣା ସବୁଦିନ ପାଇଁ ଜାତୀୟ ଇତିହାସରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି ବୋଲି ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ କହିଛନ୍ତି। ରବିବାର ସୂଚନା ଭବନଠାରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରାଜ୍ୟ ସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ ହୋଇଥିଲା। ଉଭୟ ମଞ୍ଚ ଓ ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଦେଶର ଅଖଣ୍ଡତାରେ ବିଶ୍ୱାସ କରୁଥିବା ଦୃଢ଼ମନା ଇନ୍ଦିରା ଭାରତରେ ବିଚ୍ଛିନ୍ନତାବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ସହିତ ଦେଶରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ପରି ଦୃଢ଼ମନା ମହିଳାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଦେଶର ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ଯୋଗାଉଥିବ ବୋଲି ମନ୍ତ୍ରୀ କହିଛନ୍ତି।

ବିଶିଷ୍ଟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇ କହିଲେ, ୧୯୭୧ ଯୁଦ୍ଧରେ ଭାରତକୁ ନେତୃତ୍ୱ ଦେଇ ବିଜୟ ଲାଭ କରିବା ଓ ବାଂଲାଦେଶକୁ ନୂଆଦେଶ ଭାବେ ସ୍ୱୀକୃତି ଦେବାରେ ଇନ୍ଦିରାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଦେଶ ପାଇଁ କାମ କରିବାରେ ତାଙ୍କର ଯେଉଁ ସଂକଳ୍ପ ଥିଲା, ସେହି ଆଦର୍ଶ ଆଜିର ଯୁବସମାଜକୁ ଅନୁପ୍ରାଣିତ କରୁ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କୁ ଲୌହମାନବୀ ଭାବେ ଅଭିହିତ କରିବା ସହ ତାଙ୍କ ଭାବମୂର୍ତ୍ତି ସମଗ୍ର ବିଶ୍ୱରେ ଅନନ୍ୟ ରହିଥିଲା ବୋଲି ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଜିଠୁ ଯୁକ୍ତ ପ୍ରଥମବର୍ଷ ଶ୍ରେଣୀଗୃହ ପାଠପଢ଼ା

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

କରୋନା ସ୍ଥିତି ବଦଳୁଥିବାରୁ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ଯୁକ୍ତ (ସ୍ନାତକ) ପ୍ରଥମ ବର୍ଷ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହେବ। ତେବେ କରୋନା କଟକଣାକୁ ଠିକ୍ ଭାବେ ପାଳନ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଛାତ୍ରୀଛାତ୍ରଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିବାବେଳେ ନିୟମିତ ବ୍ୟବଧାନରେ ହାତ ସଫା କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଶ୍ରେଣୀ ଗୃହ, ପାଠାଗାର ତଥା ଲାବରେଟୋରିରେ ଛାତ୍ରୀଛାତ୍ରମାନେ ସାମାଜିକ ଦୂରତା ବଜାୟ ରଖିବେ। କେହି କଲେଜ ପରିସର ମଧ୍ୟରେ ବାହାରେ ଏଣେ ତେଣେ ଛେପ ପକାଇ ପାରିବେ ନାହିଁ। ସେହିପରି କାଶିବା ବା ଛିଙ୍କିବାବେଳେ ରୁମାଲ ଆଦି ବ୍ୟବହାର କରିବେ। ଏଥିସହିତ ଛାତ୍ରୀଛାତ୍ରମାନେ ନିଜ ସ୍ୱାସ୍ଥ୍ୟ ବିଷୟରେ ଯେପରି ସଚେତନ ରହିବେ, ସେଥିପାଇଁ ସେମାନଙ୍କୁ କଲେଜ କର୍ତ୍ତୃପକ୍ଷ ପ୍ରୋତ୍ସାହିତ କରିବେ। ଜରୁରୀ ସ୍ଥିତି ପାଇଁ ସବୁ କଲେଜ ଏକ ନିର୍ଦ୍ଦିଷ୍ଟ କୋଠରିକୁ ପ୍ରସ୍ତୁତ ରଖିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ହଷ୍ଟେଲଗୁଡ଼ିକ ମଧ୍ୟ ଖୋଲିବ। ଯେଉଁମାନେ ହଷ୍ଟେଲରେ ନାଁ ଲେଖାଇଛନ୍ତି, ସେମାନେ ସେଠାରେ ରହିପାରିବେ। ହଷ୍ଟେଲରେ ମଧ୍ୟ ସମସ୍ତ କରୋନା କଟକଣା ଯେମିତି ପାଳନ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ରୀମନ୍ଦିର କାର୍ଯ୍ୟାଳୟ ଭଙ୍ଗାଗଲା

## ଉତ୍କଳୀୟ ଶୈଳୀରେ ନିର୍ମାଣ ହେବ ନୂତନ କୋଠା

ପୁରୀ ଅଫିସ,୩୧।୧୦



ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ କାର୍ଯ୍ୟ ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ରବିବାର ଶ୍ରୀନଅର ସମ୍ମୁଖରେ ଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟର ପୁରାତନ କୋଠାକୁ ଭଙ୍ଗାଯାଇଛି। ଏହି ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ରାସ୍ତାରେ ସର୍ବସାଧାରଣଙ୍କ ଯାତାୟାତ ବନ୍ଦ ରଖାଯିବା ସହ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୂର୍ବାହ୍ନ ୭ଟାରୁ ଜେସିବି ଓ ବୁଲଡୋଜର ସହାୟତାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିଲେ। ଉତ୍କଳୀୟ ଶୈଳୀରେ ନୂତନ କୋଠା ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ବହୁବର୍ଷ ପୂର୍ବରୁ ଉକ୍ତ ପୁରାତନ କୋଠାରେ ଗଜପତି ମହାରାଜାଙ୍କ କାର୍ଯ୍ୟାଳୟ ଚାଲୁଥିଲା। ପରବର୍ତ୍ତୀ ସମୟରେ ଆଇନ ବିଭାଗ ଅଧୀନରେ ଏଠାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଥିଲା। ଶତାଧିକ ବର୍ଷର ଏହି କୋଠା ବିପଦସଙ୍କୁଳ ହୋଇପଡ଼ିଥିବାରୁ ଏହାକୁ ଭାଙ୍ଗିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି କୋଠା ପରିସରରେ ୧୫ଟି ଦୋକାନ ରହିଥିଲା। ଦୋକାନଗୁଡ଼ିକୁ ଖାଲି କରାଯିବା ପରେ କୋଠାକୁ ଭଙ୍ଗାଯାଇଛି। ଓଡ଼ିଶା ସେତୁ ନିର୍ମାଣ ନିଗମର ଜଣେ ଅଧିକାରୀ କହିଛନ୍ତି, ପୁରାତନ ଶ୍ରୀମନ୍ଦିର କାର୍ଯ୍ୟାଳୟ କୋଠାକୁ ଦୁଇଦିନ ମଧ୍ୟରେ ଭାଙ୍ଗି ଦିଆଯିବ। ଏହାପରେ ଉତ୍କଳୀୟ ଶୈଳୀରେ କାରୁକାର୍ଯ୍ୟପୂର୍ଣ୍ଣ ନୂଆ କୋଠା ନିର୍ମାଣ କରାଯିବ। ଦୁଇ ମହଲା ବିଶିଷ୍ଟ କୋଠାରେ ଆଧୁନିକ ଗ୍ୟାଲେରି ରହିବ। ଏଥିଲାଗି ପ୍ରାୟ ୭କୋଟି ଟଙ୍କା ଖର୍ଚ୍ଚ ହେବ। ଟାଟା ପ୍ରୋଜେକ୍ଟ ଲିମିଟେଡ୍ ପକ୍ଷରୁ ନୂତନ ନିର୍ମାଣ କାମ କରାଯିବ। ଶ୍ରୀମନ୍ଦିର ପରିକ୍ରମା ଯୋଜନା ଅଧୀନରେ ଏହି କୋଠା ସାମିଲ ଥିବାରୁ ସାନି ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଛି। ପୁରାତନ କୋଠା ଉଚ୍ଛେଦ ବେଳେ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଶହେ ମିଟର ମଧ୍ୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆସୁଥିଲା। ତେଣୁ ଏହାକୁ ଐତିହ୍ୟ କରିଡ଼ର ତଥା ପରିକ୍ରମା ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟସ୍ଥ ଚର୍ଚ୍ଚିକା ମନ୍ଦିରକୁ ନୂଆ ରୂପ ଦିଆଯିବା ପାଇଁ ଯୋଜନା ହୋଇଥିବା ଜଣାପଡ଼ିଛି।

# ଲୌହମାନବଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଶପଥପାଠ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)


ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ଶପଥପାଠ କରୁଛନ୍ତି।

ଦେଶର ଏକତାକୁ ଅକ୍ଷୁଣ୍ଣ ରଖିବାରେ ଅନ୍ୟତମ ରାଷ୍ଟ୍ର ନିର୍ମାତା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବଳିଷ୍ଠ ଅବଦାନ ରହିଥିଲା। ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ରବିବାର ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୂଚନା ଭବନଠାରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, କାର୍ଯ୍ୟାଳୟର ବିଭିନ୍ନ ଶାଖାର ଉପନିର୍ଦ୍ଦେଶକ, ଅନ୍ୟ ପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପରିପ୍ରେକ୍ଷୀରେ ସଂକଳ୍ପ କରିଥିଲେ। ସମସ୍ତ ଜିଲାସ୍ତରରେ ମଧ୍ୟ ଅନୁରୂପ ଭାବେ ରାଷ୍ଟ୍ରୀୟ ଏକତା ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମନ୍ତ୍ରୀ ପ୍ରତାପ ଜେନା ଅସୁସ୍ଥ

## ଏୟାର ଲିଫ୍ଟରେ ଭୁବନେଶ୍ୱର ଆସିଲେ


ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ହେଲିକପ୍ଟରରେ ଏୟାର ଲିଫ୍ଟ କରାଯାଉଛି।

ଭୁବନେଶ୍ୱର,(ବ୍ୟୁରୋ)/ଦାରିଙ୍ଗବାଡ଼ି, (ଡି.ଏନ.ଏ.)/ ଫୁଲବାଣୀ ଅଫିସ,୩୧।୧୦

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗୁରୁତର ଅସୁସ୍ଥ ହୋଇ ପଡ଼ିଛନ୍ତି। କନ୍ଧମାଳ ଜିଲା ଗସ୍ତରେ ଥିବାବେଳେ ରବିବାର ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଫୁଲବାଣୀ ସର୍କିଟ ହାଉସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମନ୍ତ୍ରୀଙ୍କୁ ଏକ ଡାକ୍ତରୀ ଟିମ୍ ଚିକିତ୍ସା କରିଥିଲେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବା ସହ ତାଙ୍କର ରକ୍ତଚାପ ସମସ୍ୟା ରହିଛି ବୋଲି ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଅଭୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର କୋଭିଡ୍-ଆର୍‌ଟିପିସିଆର ଟେଷ୍ଟ କରାଯାଇଛି। ସୋମବାର ତାଙ୍କର ଟେଷ୍ଟ ରିପୋର୍ଟ ଆସିବ।

ସୂଚନାଯୋଗ୍ୟ, ମନ୍ତ୍ରୀ ଜେନା ଅକ୍ଟୋବର ୨୮ରୁ ୪ ଦିନିଆ କନ୍ଧମାଳ ଗସ୍ତରେ ଆସି ଗୁରୁବାର ବିଳମ୍ବିତ ରାତିରେ ଦାରିଙ୍ଗବାଡ଼ିରେ ପହଞ୍ଚି ଥିଲେ। ଶୁକ୍ରବାର ବ୍ରାହ୍ମଣୀଗାଁ ଏବଂ ଦାରିଙ୍ଗବାଡ଼ିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଶନିବାର ବାଲିଗୁଡ଼ା,ତୁମୁଡ଼ିବନ୍ଧ ଆଦି ଅଞ୍ଚଳରେ କାର୍ଯ୍ୟକ୍ରମ ସାରି ଫୁଲବାଣୀ ସର୍କିଟ ହାଉସ୍‌ରେ ରାତ୍ରିଯାପନ କରିଥିଲେ। ରବିବାର ଚକାପାଦ, ଶଙ୍କରାଖୋଲ ଆଦି ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିଲା। ସୋମବାର ଫିରିଙ୍ଗିଆ ବ୍ଲକରେ ମଧ୍ୟ କାର୍ଯ୍ୟକ୍ରମ ଥିଲା। ମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି।

# ‘ମୁକ୍ତି ସଳିତା’ରେ ବାଜିଙ୍କ ଜୀବନୀ

## ୧୫ରେ ପ୍ରଦର୍ଶିତ ହେବ ପ୍ରାମାଣିକ ଚଳଚ୍ଚିତ୍ର

ଢେଙ୍କାନାଳ ଅଫିସ, ୩୧।୧୦

ମାତ୍ର ୧୨ବର୍ଷ ବୟସରେ ବ୍ରିଟିଶ ଶାସନ ବିରୋଧରେ ରଣହୁଙ୍କାର ଦେଇ ଗୁଳି ଖାଇ ଶହୀଦ ହୋଇଥିଲେ ବାଜି ରାଉତ। ଏଥିସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ତାଙ୍କ ନାମ ଯୋଡ଼ି ହୋଇଥିଲା ସର୍ବକନିଷ୍ଠ ଶହୀଦ ଭାବରେ। ଆତ୍ମ ବଳିଦାନ ଦେଇ ଦେଶପ୍ରେମର ଉଦାହରଣ ସୃଷ୍ଟି କରିଥିବା ବାଜିଙ୍କ ଜୀବନୀ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ ରୁପେଲି ପରଦାରେ। ଶହୀଦଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ନେଇ ଚାଲିଥିବା ପ୍ରାମାଣିକ ଟେଲି ଚଳଚ୍ଚିତ୍ର ‘ମୁକ୍ତି ସଳିତା’ର ଶୁଟିଂ ରବିବାର ଶେଷ ହୋଇଛି। ଆସନ୍ତା ନଭେମ୍ବର ୧୫ ପୂର୍ବାହ୍ନ ସାଢ଼େ ୧୧ଟାରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ।

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପ୍ରଦୀପ କୁମାର ବେହେରାଙ୍କ ପ୍ରଯୋଜନାରେ ନିର୍ମିତ ଏହି ପ୍ରାମାଣିକ ସିନେମା ବାଜି ରାଉତଙ୍କ ଜନ୍ମମାଟି ଭୁବନ ବ୍ଲକ ନୀଳକଣ୍ଠପୁର, ବ୍ରାହ୍ମଣୀ ନଦୀକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଶୁଟିଂ କରାଯାଇଛି। ଗତ ମଙ୍ଗଳବାର ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀବଳରାମଙ୍କ ନିକଟରେ ଆନୁଷ୍ଠାନିକ ଭାବେ ପୂଜା ଅନୁଷ୍ଠିତ ହେବା ପରେ ଜିଲାପାଳ ସରୋଜ କୁମାର ସେଠୀ ଏହାର ଶୁଭାରମ୍ଭ କରିଥିଲେ। ଅଲ୍‌ଟରନେଟିଭ୍ ରିଦିମ ଥିଏଟରର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ସମେତ ଚଳଚ୍ଚିତ୍ରରେ ଅଭିନୟ କରିଥିବା ସମସ୍ତ କଳାକାର ଉପସ୍ଥିତ ଥିଲେ।

ଚଳଚ୍ଚିତ୍ରରେ ବାଜି ରାଉତଙ୍କ ଭୂମିକାରେ ସାଇ ଚନ୍ଦନ ଦାସ ଅଭିନୟ କରିଥିବାବେଳେ ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ପ୍ରଶାନ୍ତ ମହାପାତ୍ର, ରାଜଲକ୍ଷ୍ମୀ, ମମତା, ହରେକୃଷ୍ଣ ସାହୁ, ମାଧବ ହେମ୍ବ୍ରମ, ଜୟଦେବ ଶତପଥୀ, ଜୟଚନ୍ଦ୍ର ମହାପାତ୍ର, ପ୍ରମୋଦ ଦାସ, ପ୍ରଜ୍ଞା ପଟ୍ଟନାୟକଙ୍କ ସମେତ ନୀଳକଣ୍ଠପୁର ଗ୍ରାମର କେତେଜଣ ଗ୍ରାମବାସୀ ଅନ୍ୟାନ୍ୟ ଭୂମିକାରେ ରହିଛନ୍ତି। ନାଟ୍ୟକାର ଦୀନେଶ ଦାସ ସିନେମାର ଚିତ୍ରନାଟ୍ୟ, ସଂଳାପ ରଚନା କରିଥିବାବେଳେ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ସୁରେଶ କୁମାର ନାୟକଙ୍କ ପରିଚାଳନାରେ ସମସ୍ତ ଶୁଟିଂ ଶେଷ ହୋଇଛି।


ପ୍ରାମାଣିକ ଚଳଚ୍ଚିତ୍ର ‘ମୁକ୍ତି ସଳିତା’ର ଏକ ଦୃଶ୍ୟ।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବାପୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦ୍ର ବାଙ୍କ ଦିନେ ଦିନେ**
**କୟାଁ ବାଙ୍କ ସବୁ ଦିନେ।**

ଚନ୍ଦ୍ରର ଆକୃତି ସବୁଦିନେ ସମାନ ନ ଥାଏ। ପୂର୍ଣ୍ଣମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଏହାର କ୍ଷୟ ବୃଦ୍ଧି ଘଟିଥାଏ। ପରନ୍ତୁ କୟାଁ ବା ତେନ୍ତୁଳି କୋଳିର ଆକାର ସବୁଦିନ ସେଇ ବଙ୍କା ହିଁ ରହିଥାଏ। ପରୋକ୍ଷରେ କିଛି ବ୍ୟକ୍ତିଙ୍କୁ ଯେତେ କହିଲେ ବା ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବ ବା ଗୁଣରେ କୌଣସି ପରିବର୍ତ୍ତନ ଘଟୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଯାଇଛି।

**ଚାଉଳ କୁଟିଲି କୁଟେ**
**ପିଠା କରିଥିଲି ମୁଠେ**
**ଚଉଦ ଦିନକୁ ଚଉଦ**
**ଆଉରି ଅଛି ମୁଠେ।**

କିଛି ବ୍ୟକ୍ତି କଞ୍ଜୁସ ବା କୃପଣ ସ୍ୱଭାବର ହୋଇଥାନ୍ତି। ଧନ ସରିଯିବା ଭୟରେ ନିଜ ଦୈନନ୍ଦିନ ଚଳଣିରେ ଯଥା ସମ୍ଭବ କାଟଛାଣ୍ଟ କରିଥାନ୍ତି। କୃପଣ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଏସ୍‌ଏଚ୍‌ଜି ଜରିଆରେ ହେବ କଫି ଚାଷ

## କଫି ଟ୍ରଷ୍ଟ ବୋର୍ଡର ବସିଲା ବୈଠକ

■ ଆସନ୍ତାବର୍ଷ ଏକ ହଜାର ହେକ୍ଟର ଜମିରେ କଫି ଚାଷ



**କୋରାପୁଟ, ୩୧।୧୦(ସ୍ୱ.ପ୍ର)**

କୋରାପୁଟରେ ରବିବାର କଫି ଟ୍ରଷ୍ଟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଏସ୍‌ଏଚ୍‌ଜି ଜରିଆରେ କଫି ଚାଷ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତାବର୍ଷ ଜିଲାରେ ୧ ହଜାର ହେକ୍ଟର ଜମିରେ କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୦ ମେଟ୍ରିକ ଟନ କଫି କ୍ରୟ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧ୍ୟକ୍ଷତାରେ କଫି ଟ୍ରଷ୍ଟ ବୋର୍ଡର ଏହି ବୈଠକ ବସିଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସଏ, ଜିଲା କଫି ଉନ୍ନୟନ ବିଭାଗ ଉପନିର୍ଦ୍ଦେଶକ ଅରୁଣ ଦାସ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଯୋଗଦେଇ କଫିକୁ ଏକ ଶିଳ୍ପର ମାନ୍ୟତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାରେ କଫି ଚାଷ ପାଇଁ ଉତ୍କୃଷ୍ଟ ପରିବେଶ ରହିଛି। ଏହାର ଫାଇଦା ନେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲାର ପାଡୁଆ, ଚାଟୁଆ, ଅନକାଡେଲି, ଲମତାପୁଟ, ଦଶମନ୍ତପୁର, କୋରାପୁଟ ଲକ୍ଷ୍ମୀପୁର, ସେମିଳିଗୁଡା, ପଟ୍ଟାଙ୍ଗି, ନନ୍ଦପୁର ଆଦି ଅଞ୍ଚଳରେ କଫି ଚାଷକୁ ଅଧିକ ବ୍ୟାପକ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉନ୍ନତମାନର କଫିଚାଷ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଏହାକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ବର୍ତ୍ତମାନ ଜିଲାର ୬ଶହ ଚାଷୀ କଫି ଚାଷରେ ସାମିଲ ହୋଇଛନ୍ତି। ଏହାକୁ ଆଗାମୀ ଦିନରେ ବୃଦ୍ଧି କରି ଆଦିବାସୀ ଚାଷୀଙ୍କ ଆର୍ଥିକ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ପ୍ରକାଶ କରିଥିଲେ । ଆସନ୍ତା ବର୍ଷ ଜିଲାରେ ୧୫୦ ଟନ କଫି ଟିଡିସିସି ମାଧ୍ୟମରେ କ୍ରୟ କରାଯିବ ବୋଲି ସୂଚନା ଦେଇ ଜିଲାପାଳ କହିଲେ ଯେ, ଉତ୍ପାଦିତ କଫିର ଉପଯୁକ୍ତ ବଜାର ବ୍ୟବସ୍ଥା କରିବାକୁ ଟିଡିସିସିକୁ ପରାମର୍ଶ ଦେଇଥିଲେ। ୨୦୨୧-୨୦୨୨ରେ ଜିଲାରେ ଏକ ହଜାର ହେକ୍ଟର ସରକାରୀ ଓ ବେସରକାରୀ ଜମିରେ କଫି ଚାଷ କରିବା ନେଇ ଲକ୍ଷ୍ୟ ରଖାଯାଇଥିବା ବିଭାଗୀୟ ଉପନିର୍ଦ୍ଦେଶକ ଦାସ ସୂଚନା ଦେଇଥିଲେ। ବନସୁରକ୍ଷା ସମିତି ମାଧ୍ୟମରେ ଗ୍ରାମ ଜଙ୍ଗଲକୁ ଚିହ୍ନଟ କରି ସେଥିରେ କଫି ଗଛ ଲଗାଇବାକୁ ବୈଠକରେ ଗୁରୁତ୍ୱାରୋପ କରି ଜିଲାପାଳ କହିଲେ ଯେ, ଏହାଦ୍ୱାରା ଜଙ୍ଗଲ ସୁରକ୍ଷା ସହିତ ମହିଳାମାନେ କଫି ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ। ବୈଠକକୁ ଜିଲା କଫି ଉନ୍ନୟନ ଉପନିର୍ଦ୍ଦେଶକ ଦାସ ପରିଚାଳନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଫଳପ୍ରଦ ଯାତ୍ରାରୁ ଆନନ୍ଦ ଅନୁଭବ କରିବେ। ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ମଙ୍ଗଳ ଓ କେତୁଙ୍କ ସ୍ଥାନର ପ୍ରଭାବରେ ଘର, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚାଦିରେ ସଫଳତା ପାଇପାରିବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇ ପାରନ୍ତି। ବନ୍ଧୁଙ୍କ ସହାୟତାରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମିଥୁନ** ରବି ଓ ମଙ୍ଗଳଙ୍କ ସଂଯୋଗ କାରଣରୁ ପଡ଼ୋଶୀଙ୍କ ଦ୍ୱାରା ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ଆପଣ ଆଜି ଅଫିସରେ ଶତ୍ରୁତା ଅର୍ଜନ କରିବେ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ମୁଖଭାବସ୍ଥ ଚନ୍ଦ୍ରଙ୍କ ଯୋଗୁ କୌଣସି ଏକ ନୂତନ ପରିବେଶରେ ସହାବସ୍ଥାନ କରିବେ। ଅପେକ୍ଷା କରିଥିବା ଖବରଟି ଆଜି ବନ୍ଧୁଙ୍କ ମାଧ୍ୟମରେ ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ପାଇପାରିବେ। ପ୍ରଶଂସା ଓ ପ୍ରତିଷ୍ଠାରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଭ୍ରୂକୁଞ୍ଚନ ସାମୟିକ ଦୁଶ୍ଚିନ୍ତା ସୃଷ୍ଟି କରିବ।

**ସିଂହ** ରବିଙ୍କ ଦୁର୍ବଳତା ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡ଼ାକୁ ନିମନ୍ତ୍ରଣ କରିପାରେ। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ସହକର୍ମୀଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା** ଶନି ଓ କେତୁ ଏବଂ ଶୁକ୍ର ପ୍ରଭାବରେ ସକାଳୁ ପାରିବାରିକ ଅଶାନ୍ତି ଦେଖାଦେବ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡ଼ୋଶୀ ସାହାଯ୍ୟ କରିବେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ସମସ୍ୟା ସମାଧାନ ସକାଶେ ଉପରିସ୍ଥଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା** ସ୍ୱଗୃହୀ ବଳବାନ୍ ଚତୁର୍ଥାଧିପ ହେତୁ ପୂର୍ବାବସ୍ଥା ବଦଳି ଯାଇଥିବାରୁ ଖୁସି ରହିବେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ମାନସିକ ସ୍ଥିରତା ରହିବ ନାହିଁ। କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ଖଳ ଲୋକମାନଙ୍କ ପ୍ରାୟୋଜିତ କାର୍ଯ୍ୟାବଳୀ ମାଧ୍ୟମରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ବିଛା** ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ କଳ୍ପନା ମାଧ୍ୟମରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧି ପାଇବ।

**ଧନୁ** ରାଶିରେ ଶୁକ୍ରଙ୍କ ଅବସ୍ଥାନ କାରଣରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗଙ୍କ ଆନ୍ତରିକତାକୁ ହରାଇ ପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପଡ଼ୋଶୀ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ପରିବାରରେ ଅଶାନ୍ତିର ବାତାବରଣ ସମ୍ଭାବନା ରହିଛି।

**ମକର** ଗୁରୁ ଯୁକ୍ତ ଶନି ହେତୁ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧିଲାଭ ବିଳମ୍ବିତ ହେବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ମିତ୍ରମାନଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ।

**କୁମ୍ଭ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ପିଲାମାନଙ୍କର କିଛି ସମସ୍ୟାକୁ ନେଇ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ଚିନ୍ତା କରିଥିବା ଯୋଜନା ବିଗିଡିଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଅଭାବ ନ ଥିଲେ ମଧ୍ୟ ସମସ୍ୟା ପିଛା ଛାଡୁନଥିବାରୁ ମନ ଶାନ୍ତି ପାଇବା କଷ୍ଟକର ହୋଇପଡ଼ିବ। ଉତ୍ତର ଭାଦ୍ରବ ନକ୍ଷତ୍ର ଗୃହ କାମରେ ବ୍ୟସ୍ତ ରହି ବନ୍ଧୁଙ୍କ କଥାକୁ ପାସୋରି ଦେଇ ପାରନ୍ତି।

# ଉତ୍ପାତ କରୁଥିବା ହାତୀକୁ ଟ୍ରାଙ୍କୁଲାଇଜ କଲେ ବିଶେଷଜ୍ଞ ଟିମ୍

**ମହାକାଳପଡ଼ା, ୩୧।୧୦ (ଡି.ଏନ୍.ଏ.)**

ଯାଜପୁର ଜିଲାରୁ ଆସିଥିବା ହାତୀଟି ଉତ୍ପାତ ଚଳାଇଥିଲା। କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଗଡ଼ରୋମିତ ପଞ୍ଚାୟତର ସୋବଲା ଗାଁ ଗହୀର ପାଟ ଚାଷ ଜମିରେ ହାତୀଟି ରବିବାର ସକାଳେ ପହଞ୍ଚି ଥିଲା। ଶେଷରେ ସନ୍ଧ୍ୟାରେ ନନ୍ଦନକାନନର ଟ୍ରାଙ୍କୁଲାଇଜର ବିଶେଷଜ୍ଞ ଟିମ୍ ହାତୀକୁ ଟ୍ରାଙ୍କୁଲାଇଜ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅଞ୍ଚଳର ସୋବଲାରେ ହାତୀ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ହାତୀକୁ ଦେଖିବାକୁ ଲୋକମାନେ ଜମା ହୋଇଥିଲେ। ଜମ୍ବୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଣ ଫୁଟାଇ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ହାତୀଟି ଗହୀର ମଧ୍ୟରେ ସ୍ଥିର ହୋଇ ରହିଥିଲା। ମାର୍ଶାଘାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ସତର୍କ ରହିବାକୁ



ପରାମର୍ଶ ଦେଇଥିଲେ। ଖବରପାଇ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, କଟକ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ, ଏସିଏଫ୍ ଅଧୀର କୁମାର ବେହେରା, ଫରେଷ୍ଟର ବୈକୁଣ୍ଠ ବେହେରା, ଜମ୍ବୁ ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳ, ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ରାଜନଗର ଡିଏଫ୍‌ଓ ପତିଙ୍କଠାରୁ ଖବରପାଇ ଭୁବନେଶ୍ୱର ନନ୍ଦନକାନନରୁ ହାତୀ ବିଶେଷଜ୍ଞ ଟିମ୍ ଓ ମାହୁନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ସ୍ଥିତି ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ଚାଷ ଜମିରେ ଟ୍ରାଙ୍କୁଲାଇଜର ବିଶେଷଜ୍ଞ ରାମଚନ୍ଦ୍ର କାଣ୍ଡି ହାତୀକୁ ଟ୍ରାଙ୍କୁଲାଇଜ କରିଥିଲେ। ପରେ ନନ୍ଦନକାନନରୁ ଆସିଥିବା ମାହୁନ୍ତ ଚେନ ଦ୍ୱାରା ହାତୀ ଗୋଡକୁ ବାନ୍ଧି ଥିଲେ। ଜମିରେ ଏକ ଖୁମ୍ବ ପୋତି ହାତୀକୁ ସେଥିରେ ବନ୍ଧା ଯାଇଥିଲା। ଚାଷ ଜମିରୁ ହାତୀକୁ ସୋମବାର ସକାଳେ ଆଣି କଟକ କିମ୍ବା ନନ୍ଦନକାନନ ନେବାକୁ ଯୋଜନା ଚାଲିଥିବା ଜମ୍ବୁ ବନାଞ୍ଚଳ ଅଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଯାଜପୁର ଅଞ୍ଚଳରୁ ଆସିଥିବା ହାତୀଟି କେନ୍ଦ୍ରାପଡ଼ା ଜିଲାର ଡେରାବିଶ, କଟକ ଜିଲା ନିଶ୍ଚିନ୍ତକୋଇଲି, ଜଗତ୍‌ସିଂହପୁର ଜିଲା ରଘୁନାଥପୁର, ତିର୍ତ୍ତୋଲ, ଏରସମା ଅଞ୍ଚଳରେ ବୁଲୁଥିଲା। ଏଥିମଧ୍ୟରେ ଚାଷ ଜମିରେ ବହୁ ଧାନ ଫସଲ ହାତୀ ନଷ୍ଟ କରିଥିଲା। ନିଶ୍ଚିନ୍ତକୋଇଲି କଟିକଟା ଅଞ୍ଚଳର ଜଣେ ବୃଦ୍ଧଙ୍କୁ ଗତ ବୁଧବାର ହାତୀ କଚାଡି ମାରିଥିଲା। ହାତୀ ଆକ୍ରମଣରେ ନିଶ୍ଚିନ୍ତକୋଇଲିର ୨ ଜଣ, ତିର୍ତ୍ତୋଲ ଅଞ୍ଚଳର ୨ ଜଣ ଆହତ ହୋଇଥିଲେ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

**ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168.** D-71727

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730




2BHK 1ST Floor close to Hotel VITS, Cuttack road, Bhubaneswar. Rent Rs. 10,000/-. Contact: 9937961430. D-22122

House at Nayapalli near DAV/ Stewart School for family. 9438490107. D-71811




Ashirvaad Saloon and SPA get good massage for your health tha best therapy. 7077181074. D-71808

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA Center, Diwali Offer 599/-, smart therapist. 8455987557. D-71431

Take one hour any therapy just @800 only. Call- 9078484455. D-71430

Refreshing your mind and body with the best therapy. 7873794731. D-71191

Refresh with relaxing massage by experienced Male/Female therapist. 7008773793. D-71428

**LOST**

ମୁଁ ତାପସ କୁମାର ସ୍ୱାଇଁ, ପିତା- ନାରାୟଣ ସ୍ୱାଇଁ, ସା/ପୋ- କୁମାରପୁର, ଥାନା- ଗୁରୁଡ଼ିଝାଟିଆ, ଜିଲ୍ଲା- କଟକ, କବଲା ନଂ.- ୧୦୨୨, ତା ୦୨।୦୮।୨୦୦୦ ବିକେତ୍ରା ରାମଚନ୍ଦ୍ର ମୁଦୁଲି କ୍ରେତା ତାପସ କୁମାର ସ୍ୱାଇଁଙ୍କର ଦଲିଏ ଟି.ପି.ଏମ୍ ଫାଣ୍ଡି ନିକଟରେ ହଜିଯାଇଅଛି। ସେ କେଉଁଠାରେ ବନ୍ଧକ ରଖିନାହାନ୍ତି। ଏଫ୍.ଆଇ.ଆର୍. ନଂ.- ୮, ତା୩୦।୧୦।୨୦୨୧ରେ ଏତଲା ହୋଇଅଛି। ଧ-୨୨୧୩୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


## ଦୀପାବଳି ପରେ...

ପଢ଼ାଯାଉଥିଲା। ତେଣୁ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ପିଲାଙ୍କ ସାନିଟାଇଜେଶନ ବ୍ୟବସ୍ଥା ଓ ମାସ୍କ କିପରି ଦ୍ୱରିତ ବେଗରେ ଦିଆଯିବ ସେଥିପ୍ରତି ସରକାର ଯତ୍ନବାନ ହେବା ଉଚିତ। ସ୍ୱାସ୍ଥ୍ୟକର୍ମୀଙ୍କୁ ସପ୍ତାହରେ ଥରେ ନିଶ୍ଚିତ ଭାବେ ବିଦ୍ୟାଳୟ ପରିଦର୍ଶନରେ ପଠାଇବା ପାଇଁ ବ୍ୟବସ୍ଥା କରନ୍ତୁ। ଶିକ୍ଷକମାନେ କିପରି ସମ୍ପୂର୍ଣ୍ଣ ଟିକା ନେବେ ସେଥିପାଇଁ ପଦକ୍ଷେପ ନେବା ଉଚିତ। ସରକାର ସ୍କୁଲ ଖୋଲିବା ସହିତ ଉପରୋକ୍ତ ଦାବି ସମ୍ପର୍କରେ ବିଚାର କରନ୍ତୁ ବୋଲି ପ୍ରକାଶ ମହାନ୍ତି କହିଛନ୍ତି। ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ କହିଛନ୍ତି, ପ୍ରାୟ ୧୮ମାସ ହେଲାଣି ପିଲାମାନେ ସ୍କୁଲ ଯାଇ ନାହାନ୍ତି। ତେଣୁ ସେମାନେ ମାନସିକ ସ୍ତରରେ ଦୁର୍ବଳ ହେଲେଣି। ଅନେକ ପିଲା ମେଦ ବହୁଳତାର ଶିକାର ହେଲେଣି। ତେଣୁ ପିଲାମାନେ ସ୍କୁଲ ଯିବା ଜରୁରୀ ହୋଇପଡ଼ିଛି। ସେହିପରି ବର୍ତ୍ତମାନ ପିଲାଙ୍କ ସଂକ୍ରମଣ ହାର ଯେତିକି ରହିଛି, ତାକୁ ଆମେ ମୁକାବିଲା କରିପାରିବୁ। ତାହା କିନ୍ତୁ ସତର୍କତା ସହିତ କରିବାକୁ ପଡ଼ିବ। ଯଦି ସ୍କୁଲ ଖୋଲିବ ତେବେ ପିଲାମାନେ ଘରୁ ସ୍କୁଲକୁ ଯିବାଠାରୁ ଆରମ୍ଭ କରି ଫେରିବା ପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇପାରିବ, ସ୍କୁଲ ପରିସରରେ ଶିକ୍ଷକଙ୍କ ଭୂମିକା କିପରି ରହିବ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏସବୁ ଦିଗ ପ୍ରତି ଯଦି ସତର୍କତା ସହିତ ପଦକ୍ଷେପ ନିଆଯାଏ, ତେବେ ସ୍କୁଲ ଖୋଲିଲେ କୌଣସି ଅସୁବିଧା ନାହିଁ ବୋଲି ଡା. ପ୍ରଧାନ କହିଛନ୍ତି।

## ପେଟ୍ରୋଲ ୩୬, ଡିଜେଲ ...

ଥିବାବେଳେ ଡିଜେଲ ୧୧୨.୩୯ ଟଙ୍କାରେ କାରବାର ହେଉଛି ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୩୫ ପଇସା ଲେଖାଏ ବଢ଼ିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୮.୦୭ ଟଙ୍କା ଏବଂ ପେଟ୍ରୋଲ ୧୦୯.୩୪ ଟଙ୍କା ରହିଛି। ଏହି ସମୟ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୮.୧୫ ଟଙ୍କା ଏବଂ ଡିଜେଲ ୯.୪୫ ଟଙ୍କା ବଢ଼ିଲାଣି ବୋଲି ନିଗମ ପକ୍ଷରୁ କୁହାଯାଇଛି। ଦେଶରେ ତେଲ ଦର ଥମିବାର ନା ଧରୁ ନାହିଁ; ଯାହା ଫଳରେ ଖାଉଟିଙ୍କ ଠାରୁ ଆରମ୍ଭ କରି ବିରୋଧୀ ରାଜନୈତିକ ଦଳ ଓ ଅନ୍ୟାନ୍ୟ ସଂଗଠନଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ ସାଙ୍ଗକୁ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବିଶ୍ୱ ତାପନ ବୃଦ୍ଧି ...

ଆନୁଷ୍ଠାନିକ ଆଲୋଚନା ଆରମ୍ଭ କରିବା ସହ ପ୍ରତିପକ୍ଷମାନଙ୍କୁ ଲକ୍ଷ୍ୟ ଉଚ୍ଚ ରଖିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ତାପନ ବୃଦ୍ଧି ୧.୫ ଡିଗ୍ରୀରେ ସୀମିତ ରଖିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଗଲେ ୨୦୩୦ ବେଳକୁ ଅଙ୍ଗାରକାମ୍ଳ ନିର୍ଗମନ ୫୦ ପ୍ରତିଶତ ହ୍ରାସ ପାଇବା ସହ ୨୦୫୦ ବେଳକୁ ଶୂନରେ ପହଞ୍ଚିପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଜି-୨୦ ସମିଟ୍ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ପ୍ରଥମ ପୃଷ୍ଠାରୁ...

ଉଦ୍‌ବୋଧନ ଦେଇ କୋଭିଡ୍-୧୯ ମହାମାରୀ ମୁକାବିଲାରେ ବିଶ୍ୱ ସମୁଦାୟର ସହଯୋଗାତ୍ମକ ଆଭିମୁଖ୍ୟ ଆବଶ୍ୟକ ବୋଲି କହିଥିଲେ। ଗରିବ ଦେଶଗୁଡ଼ିକୁ କୋଭିଡ୍ ଟିକା ଯୋଗାଇଦେବା ଲାଗି ବୈଠକରେ ଆହ୍ୱାନ ଦିଆଯାଇଥିଲା। ଭାରତ ୨୦୨୨ ଶେଷ ସୁଦ୍ଧା ୫୦୦ କୋଟି ଡୋଜ୍ ପ୍ରସ୍ତୁତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଧନୀ ରାଷ୍ଟ୍ରଗୁଡ଼ିକରେ ୭୦% ଲୋକ ଟିକା ନେଇଥିବାବେଳେ ଗରିବ ଦେଶରେ ମାତ୍ର ୩%ଙ୍କୁ ଏହି ସୁଯୋଗ ମିଳିଛି। ନୈତିକତା ଦୃଷ୍ଟିରୁ ଏହା ଆଦୌ ଗ୍ରହଣୀୟ ନୁହେଁ । ତେଣୁ ଧନୀ ରାଷ୍ଟ୍ରଗୁଡ଼ିକ ଗରିବ ଦେଶକୁ ଅଧିକ ଟିକା ଯୋଗାଇଦେବା ଲାଗି ଦୁଇଗୁଣ ଉଦ୍ୟମ କରିବାକୁ ଇଟାଲୀ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ୧୫% ସର୍ବନିମ୍ନ କର୍ପୋରେଟ୍ ଟିକସ ଯୋଜନାକୁ ମୋଦି ସ୍ୱାଗତ କରିଥିଲେ।

## ନ୍ୟୁଜିଲାଣ୍ଡଠାରୁ ...

ପହଞ୍ଚି ଯାଇଛି। ଆଗାମୀ ଦିନରେ ଯଦି ଆଫଗାନିସ୍ତାନଠାରୁ ନ୍ୟୁଜିଲାଣ୍ଡ ହାରିବ ଏବଂ ଭାରତ ଅବଶିଷ୍ଟ ୩ଟି ଯାକ ମ୍ୟାଚରେ ବଡ଼ ବ୍ୟବଧାନରେ ବିଜୟ ହାସଲ କରିବ ତେବେ ଅଙ୍କକଷା ଉପରେ ଏହାର ଭାଗ୍ୟ ନିର୍ଭର କରିବ। କାରଣ ଦଳର ରନ ହାର ମଧ୍ୟ ଭଲ ନାହିଁ। ୨ ମ୍ୟାଚରୁ ନ୍ୟୁଜିଲାଣ୍ଡର ଏହା ଥିଲା ପ୍ରଥମ ବିଜୟ। ରେକର୍ଡ ଅନୁସାରେ ଗତ ୧୮ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ କେବେହେଲେ ବିଶ୍ୱକପ୍ ମ୍ୟାଚ ଜିତିନାହିଁ। ଶେଷଥର ପାଇଁ ୨୦୦୩ ଦିନିକିଆ ବିଶ୍ୱକପ୍‌ରେ ସେଞ୍ଚୁରିଅନଠାରେ ଭାରତ ୭ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଟି୨୦ ବିଶ୍ୱକପ୍‌ରେ କିନ୍ତୁ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ଅପରାଜେୟ ରେକର୍ଡ ଅବ୍ୟାହତ ରହିଛି। ଏହି ବିଶ୍ୱକପ୍ ପରେ ବିରାଟ କୋହଲି ଅଧିନାୟକ ପଦରୁ ଓହରିଯିବା ସମ୍ପର୍କରେ ଘୋଷଣା କରି ସାରିଛନ୍ତି। ତେବେ ଏଠାରେ ଦଳର ବିପର୍ଯ୍ୟୟ ତାଙ୍କ ଦିନିକିଆ କ୍ରିକେଟ ଅଧିନାୟକ ଉପରେ ମଧ୍ୟ ପ୍ରଶ୍ନବାଚୀ ଲଗାଇଛି। କାରଣ ତାଙ୍କ ନେତୃତ୍ୱରେ ଭାରତ ୪ଟି ଆଇସିସି ବିଶ୍ୱକପ୍ ଖେଳି ଖରାପ ପ୍ରଦର୍ଶନ କରିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଲୋକେଶ ରାହୁଲଙ୍କ ସହିତ ଇନିଂସ ଓପନ କରିଥିବା ଇଶାନ କିଶନ ୮ ବଲ୍‌ରୁ ମାତ୍ର ୪ ରନ କରି ଆଉଟ ହୋଇଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ସେ ଡିପ୍ ସ୍କୋୟାରଲେଗ୍‌ରେ ଡାରିଲ ମିଚେଲଙ୍କ ହାତରେ ଧରାପଡ଼ିଥିଲେ। ରାହୁଲ ମଧ୍ୟ ଶୀଘ୍ର ଆଉଟ ହୋଇଥିଲେ। ସେ ୧୬ ବଲ୍‌ରୁ ୧୮ ରନ କରିଥିବାବେଳେ ଟିମ୍ ସୌଦୀଙ୍କ ବଲ୍‌ରେ ଡିପ୍ ସ୍କୋୟାରଲେଗ୍‌ରେ ମିଚେଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ପାୱାରପ୍ଲେ ୬ ଓଭରରେ ଭାରତ ୨ ଉଇକେଟ ହରାଇ ମାତ୍ର ୩୫ ରନ ସଂଗ୍ରହ କରିଥିଲା। ହିଟ୍‌ମ୍ୟାନ ରୋହିତ ଶର୍ମା ମାତ୍ର ୧୪ ରନରେ ଆଉଟ ହେବା ଭାରତକୁ ଶକ୍ତ ଝଟକା ଦେଇଥିଲା। ସେ ଖେଳିଥିବା ପ୍ରଥମ ବଲ୍‌ରେ ଜୀବନଦାନ ପାଇଥିଲେ ହେଁ ରୋହିତ ସେଥିରୁ ଫାଇଦା ଉଠାଇପାରି ନ ଥିଲେ। ସ୍ପିନର ଇଶ୍ ସୋଧିଙ୍କ ବଲ୍‌ରେ ତ୍ରୁଟିପୂର୍ଣ୍ଣ ଶଟ୍ ଖେଳି ସେ ଲଙ୍ଗ୍‌ଅନ୍‌ରେ ମାର୍ଟିନ ଗୁପଟିଲଙ୍କୁ କ୍ୟାଚ ଦେଇଥିଲେ। ପିଚ୍ ସ୍ଲୋ ଥିବାରୁ ଅଧିନାୟକ ବିରାଟ କୋହଲିଙ୍କ ଉପରେ ଭାରତ ଅଧିକ ନିର୍ଭର କରିଥିଲା। ଜଗିରଖି ଖେଳିବା ପରିବର୍ତ୍ତେ ସେ ମଧ୍ୟ ସୋଧିଙ୍କ ବଲ୍‌ରେ ଛକା ମାରିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ଟ୍ରେଣ୍ଟ ବୋଲ୍ଟଙ୍କୁ କ୍ୟାଚ ଦେଇଥିଲେ। ୧୭ଟି ବଲ୍ ଖେଳି ସେ ୯ ରନ କରିଥିଲେ। ୪୦ ରନରେ ୩ୟ ଏବଂ ୪୮ ରନରେ ୪ର୍ଥ ଉଇକେଟ ହରାଇ ଭାରତ ବିପଦରେ ପଡ଼ିଥିଲା। ମଧ୍ୟଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ଉପଯୋଗୀ ୨୩ ରନ କରିଥିବାବେଳେ ଶେଷରେ ରବୀନ୍ଦ୍ର ଜାଡେଜା ଦ୍ରୁତ ୨୬ (୧୯ ବଲ, ୨ ଚୌକା, ୧ ଛକା) ରନରେ ଅପରାଜିତ ରହିବାରୁ ଭାରତ ସ୍କୋର ୧୦୦ ଅତିକ୍ରମ କରି ପାରିଥିଲା। ରିଷଭ ପନ୍ତ ମାତ୍ର ୧୨ ରନ କରିଥିଲେ ଏବଂ ଶାର୍ଦ୍ଦୁଳ ଠାକୁର ଖାତା ଖୋଲିପାରି ନ ଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ୨୦ ରନରେ ୩ଟି, ଇଶ୍ ସୋଧି ୧୭ ରନରେ ୨ଟି ଏବଂ ଟିମ୍ ସୌଦୀ ଓ ଆଡାମ ମିଲ୍‌ନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସ୍କୁଲ ଅଧୀନକୁ ...

ସ୍କୁଲ ଜଙ୍ଗଲ କିସମ ଜମିରେ ହୋଇଛି, ତେବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିନା ଅନୁମତିରେ ତାହାର କିସମ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ଚିଠିରେ ଦର୍ଶାଯାଇଛି। ସେହିପରି 'ବେ-ବନ୍ଦୋବସ୍ତ' ଜମିରେ ସ୍କୁଲ ଚାଲୁଥିବ, ସେଗୁଡ଼ିକୁ ମଧ୍ୟ ପରିବର୍ତ୍ତନ କରାଯିବ। ତେବେ କେତେକ ସ୍କୁଲର ଜମିକୁ ମାଫିଆମାନେ ଜବରଦଖଲରେ ରଖିଛନ୍ତି। ସେହି କ୍ଷେତ୍ରରେ ତହସିଲଦାରମାନେ ଆଇନଗତ ପଦକ୍ଷେପ ନେଇ ଉଚ୍ଛେଦ କରିବେ। ରାଜ୍ୟ ସରକାର ଏବେ 'ମୋ ସ୍କୁଲ ଅଭିଯାନ' ଏବଂ ୫-ଟି ସ୍କୁଲ ରୂପାନ୍ତରୀଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ସ୍କୁଲ ଜମି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ରାଜସ୍ୱ ବୈଠକରେ ପର୍ଯ୍ୟାୟକ୍ରମେ ଏସବୁ କାର୍ଯ୍ୟର ସମୀକ୍ଷା କରାଯିବ। ଯଦି କୌଣସି କ୍ଷେତ୍ରରେ ସରକାରଙ୍କ ହସ୍ତକ୍ଷେପ ଆବଶ୍ୟକ ପଡ଼େ, ତେବେ ରାଜସ୍ୱ ବିଭାଗ ନିକଟରେ ଏ ନେଇ ପ୍ରସ୍ତାବ ଦାଖଲ କରିବା ପାଇଁ ଚିଠିରେ କୁହାଯାଇଛି।

**୨୯ରେ କେରଳ, ପଶ୍ଚିମବଙ୍ଗରେ ରାଜ୍ୟ ସଭା ଉପନିର୍ବାଚନ**

କେରଳ ଓ ପଶ୍ଚିମବଙ୍ଗରୁ ରାଜ୍ୟ ସଭାରେ ଖାଲିପଡ଼ିଥିବା ଗୋଟିଏ ଲେଖାଏ ଆସନ ଲାଗି ନଭେମ୍ବର ୨୯ରେ ଭୋଟଗ୍ରହଣ ହେବ। ରବିବାର ନିର୍ବାଚନ କମିଶନ ଉପନିର୍ବାଚନ ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜାନୁୟାରୀରେ କେରଳ କଂଗ୍ରେସ (ଏମ୍) ନେତା ଜୋସ୍ କେ. ମଣି ଏବଂ ସେପ୍ଟେମ୍ବରରେ ତୃଣମୂଳ କଂଗ୍ରେସ ନେତ୍ରୀ ଅର୍ପିତା ଘୋଷଙ୍କ ଇସ୍ତଫା ଯୋଗୁ ଉକ୍ତ ଆସନ ଖାଲିପଡ଼ିଥିଲା। ଉପନିର୍ବାଚନ ଲାଗି ନଭେମ୍ବର ୯ରେ ବିଜ୍ଞପ୍ତି ପ୍ରକାଶ ପାଇବ।

## ସଂକ୍ଷେପରେ

### ଦୁର୍ଘଟଣାରେ ୧୩ ମୃତ

**ଡେରାଡୁନ୍, ୩୧।୧୦:** ଉତ୍ତରାଖଣ୍ଡର ଡେରାଡୁନ୍‌ରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଡେରାଡୁନ୍ ଜିଲାର ଚକ୍ରତ ତହସିଲ ଅନ୍ତର୍ଗତ ବୁଲ୍‌ହାଦ-ବୈଲା ରାସ୍ତାରେ ଏହି ଦୁର୍ଘଟଣା ହୋଇଛି। ଦୁର୍ଘଟଣାସ୍ଥଳକୁ ଉଦ୍ଧାରକାରୀ ଟିମ୍ ପଠାଯାଇଥିବାବେଳେ ସେମାନେ ୨ ଜଣଙ୍କୁ ଉଦ୍ଧାର କରିଥିବା ଜିଲାପାଳ ଡ. ଆର୍. ରାଜେଶ କୁମାର କହିଛନ୍ତି। ପିଏମ୍‌ଏନ୍‌ଆର୍‌ଏଫ୍‌ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ସହାୟତା ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇଛି।

### ୨୦ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଲେ ପ୍ରିୟଙ୍କା



**ଲକ୍ଷ୍ନୌ, ୩୧।୧୦:** ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପ୍ରଚାର ମଞ୍ଚ ଧରିଥିବା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ପ୍ରତିଶ୍ରୁତି ବର୍ଷା କରିଚାଲିଛନ୍ତି। ୟୁପିରେ କଂଗ୍ରେସ କ୍ଷମତାକୁ ଆସିଲେ ୨୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସେ ରବିବାର ଘୋଷଣା କରିଛନ୍ତି। ଏଥିସହିତ ମହିଳାମାନଙ୍କୁ ବସ୍‌ରେ ମାଗଣା ଯାତ୍ରା ସୁବିଧା ମିଳିବ ଓ ମତ୍ସ୍ୟଚାଷକୁ କୃଷିର ମାନ୍ୟତା ମିଳିବ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି। ନଦୀ ଓ ବାଲି ଖନନ ଉପରେ ନିଶାଦ ସମ୍ପ୍ରଦାୟର ଅଧିକାର ରହିଛି। ଗୁରୁ ମତ୍ସ୍ୟେନ୍ଦ୍ରନାଥଙ୍କ ନାମରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଗୋରଖପୁରରେ ଏକ ପ୍ରତିଜ୍ଞା ରାଲିରେ ଉଦ୍‌ବୋଧନ ଦେଇ ପ୍ରିୟଙ୍କା କହିଛନ୍ତି। କେବଳ ସେତିକି ନୁହେଁ, କଂଗ୍ରେସ କ୍ଷମତାକୁ ଆସିଲେ ଅସ୍ଥାୟୀ ଓ ଠିକା କର୍ମଚାରୀମାନଙ୍କୁ ନିୟମିତ କରାଯିବ। ଗହମ ଓ ଧାନ ଏମ୍‌ଏସ୍‌ପି ୨,୫୦୦ ଟଙ୍କା ଏବଂ ଆଖୁ ଏମ୍‌ଏସ୍‌ପି ୪୦୦ ଟଙ୍କା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମହିଳାମାନଙ୍କୁ ବର୍ଷକୁ ୩ଟି ଏଲ୍‌ପିଜି ସିଲିଣ୍ଡର ମାଗଣା ଓ ସମସ୍ତଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ଚାଷୀମାନଙ୍କ ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବ ଏବଂ ଆଶାକର୍ମୀଙ୍କୁ ମାସିକ ୧୦,୦୦୦ ଟଙ୍କା ପାରିତୋଷିକ ମିଳିବ ବୋଲି ପ୍ରିୟଙ୍କା କହିଛନ୍ତି।

### ଜାଇକୋଭ୍-ଡି ଟିକା ଦାମ୍ ୨୬୫ ଟଙ୍କାକୁ ହ୍ରାସ

**ନୂଆଦିଲ୍ଲୀ, ୩୧।୧୦:** ଅହମଦାବାଦର ଜାଇଡସ୍ କାଡିଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ଭାରତର ଅନ୍ୟତମ ସ୍ୱଦେଶୀ କୋଭିଡ୍ ଟିକା ଜାଇକୋଭ୍-ଡି ଡୋଜ୍ ପ୍ରତି ଦାମ୍ ୨୬୫ ଟଙ୍କାକୁ ହ୍ରାସ କରିବାକୁ କମ୍ପାନୀ ରାଜି ହୋଇଛି। ଏହି ଟିକାକୁ ମଞ୍ଜୁରୀ ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭାକ୍ସିନେଶନ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନାହିଁ। ପୂର୍ବରୁ କମ୍ପାନୀ ୩ ଡୋଜ୍‌ବିଶିଷ୍ଟ ଏହି ଟିକା ଦାମ୍ ୧,୯୦୦ ଟଙ୍କା ରଖିବା ଲାଗି ପ୍ରସ୍ତାବ ଦେଇଥିଲା। କେନ୍ଦ୍ର ସରକାରଙ୍କ ସହ ଏକାଧିକ ଥର ବୁଝାମଣା ପରେ କମ୍ପାନୀ ଡୋଜ୍ ପ୍ରତି ୨୬୫ ଟଙ୍କା ସହ ଡିସ୍‌ପୋଜେବଲ୍ ଜେଟ୍ ଆପ୍ଲିକେଟର ଦାମ୍ ବାବଦରେ ଅତିରିକ୍ତ ୯୩ ଟଙ୍କା ନେବ ବୋଲି କହିଛି। ଚଳିତ ସପ୍ତାହରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ବିନା ଛୁଞ୍ଚରେ ଦିଆଯିବାକୁ ଥିବା ଏହି ଟିକା ପ୍ରଥମ ଡୋଜ୍‌ର ୨୮ ଦିନ ଏବଂ ୫୬ ଦିନ ପରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଡୋଜ୍ ଦିଆଯିବ।

# ପାକିସ୍ତାନକୁ ନଷ୍ଟ କରିଦେବୁ

**କାବୁଲ, ୩୧।୧୦**



ଆଫଗାନିସ୍ତାନକୁ ପାକିସ୍ତାନ ନଷ୍ଟ କରିଦେଇଛି। ସେଠାରେ ଯାହା କିଛି ସମସ୍ୟା ସୃଷ୍ଟି ହେଉଛି ସେଥିପାଇଁ ପାକ୍ ହିଁ ଦାୟୀ ବୋଲି କହିଛି ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ଖୋରାସାନ୍(ଆଇଏସ୍-କେ)। ଏଥିସହ ସାରା ବିଶ୍ୱରେ ଶରିଆ ଆଇନ ଲାଗୁ ହେବାକୁ ଏହି ସଙ୍ଗଠନ ଲକ୍ଷ୍ୟ ରଖିଛି। ଇସ୍‌ଲାମ ଓ କୋରାନ ବିରୋଧୀଙ୍କୁ ଆତଙ୍କବାଦୀଙ୍କ କ୍ରୋଧର ସାମ୍ନା କରିବାକୁ ପଡ଼ିବ ବୋଲି ଆଇଏସ୍-କେ ଚେତାବନୀ ଦେଇଛି।

ଆଇଏସ୍-କେର ଜଣେ ସଦସ୍ୟ ନାଜିଫୁଲ୍ଲା ଗଣମାଧ୍ୟମକୁ କହିଛନ୍ତି, ପାକିସ୍ତାନକୁ ନଷ୍ଟ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ। ତାଲିବାନ୍ ଶାସନ ପରଠାରୁ ପ୍ରାୟ ଅଢ଼େଇ ମାସ ମଧ୍ୟରେ ଆଫଗାନିସ୍ତାନର ସ୍ଥିତି ଖରାପରୁ ଅତି ଖରାପ ହୋଇଛି। ଦେଶକୁ ବରବାଦ କରିଥିବା ତାଲିବାନ୍ ପୁଣି ଥରେ ଶାସନକୁ ଫେରିଛି। ତାଲିବାନ୍ ସେଠାରେ ଥିବା ସତ୍ତ୍ୱେ ଦେଶର ୮୦ ପ୍ରତିଶତକୁ ନିୟନ୍ତ୍ରଣ କରୁଥିବା ପାକିସ୍ତାନ କହୁଥିଲା। ହେଲେ ସେଠାରେ ଇସ୍‌ଲାମ ଆଇନ ଲାଗୁ କରାଯାଇ ନ ଥିଲା ବୋଲି ସେ କହିଛନ୍ତି। ନାଜିବୁଲ୍ଲାଙ୍କ ମତରେ ପୂରା ବିଶ୍ୱରେ ଶରିଆ ଆଇନ ଲାଗୁ ହେଉ। ପ୍ରଫେଟ୍ ମହମ୍ମଦ ଯେଉଁ ଢଙ୍ଗରେ ବଞ୍ଚୁଥିଲେ, ଯେପରି ପୋଷାକ ପିନ୍ଧୁଥିଲେ ସଭିଏ ସେଭଳି ରୁହନ୍ତୁ। ମହିଳାମାନେ ହିଜାବ ପିନ୍ଧନ୍ତୁ। ପାକିସ୍ତାନ ସହ ଲଢ଼ିବା ପାଇଁ ବେଶି କିଛି ସେମାନଙ୍କ ପାଖରେ ନ ଥିଲେ ମଧ୍ୟ ଏହି ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ତାଲିବାନ ଆଫଗାନିସ୍ତାନରେ ଶାସନକୁ ଆସିବା ପରଠାରୁ ଆଇଏସ୍-କେ ଏହାର ଆକ୍ରମଣ ସଂଖ୍ୟା ବଢ଼ାଇବାରେ ଲାଗିଛି। ଶିୟା ମସ୍‌ଜିଦକୁ ଟାର୍ଗେଟ କରି ବିସ୍ଫୋରଣ ଯୋଗୁ ଅନେକ ନିରୀହ ଲୋକଙ୍କ ଜୀବନ ଗଲାଣି। ଏଥିସହ ତାଲିବାନକୁ ମଧ୍ୟ ଟାର୍ଗେଟ କରି ଆଇଏସ୍-କେ ଆକ୍ରମଣ କରୁଛି। ଅଗଷ୍ଟ ୧୫ରେ ଆଫଗାନିସ୍ତାନରୁ ବିଦେଶୀ ସୈନ୍ୟ ପ୍ରତ୍ୟାହାର ବେଳେ ଆଇଏସ୍-କେ ଆତ୍ମଘାତୀ ବିସ୍ଫୋରଣ କରିଥିଲା। ଅନ୍ୟପକ୍ଷରେ ଆଫଗାନିସ୍ତାନ ମାଟିରେ ଆଇଏସ୍‌ଆଇଏସ୍‌ର ଉପସ୍ଥିତି ନ ଥିବା ଏବଂ ତାଲିବାନ୍ ତାହାକୁ ପରାସ୍ତ କରିସାରିଥିବା ଦାବି କରିଆସୁଛି।

■ଆଫଗାନିସ୍ତାନ ଦୁରବସ୍ଥା ପାଇଁ ଦାୟୀ କଲା ଆଇଏସ୍-କେ
■ବିଶ୍ୱରେ ଶରିଆ ଆଇନ ଲାଗୁ ଲକ୍ଷ୍ୟ
■ଇସ୍‌ଲାମ ବିରୋଧୀଙ୍କ ପାଇଁ ଚେତାବନୀ

## ସ୍ୱୀକୃତି ନ ମିଳିଲେ ପରିଣାମ ଭୋଗିବ ବିଶ୍ୱ

**କାବୁଲ, ୩୧।୧୦**

**ତାଲିବାନ୍‌ର ଚେତାବନୀ**



ଆଫଗାନିସ୍ତାନରେ ତାଲିବାନ୍ ସରକାରକୁ ସ୍ୱୀକୃତି ଦେବାରେ ସମୟ ନଷ୍ଟ ନ କରିବାକୁ ଆମେରିକା ସମେତ ଅନ୍ୟ ବିଶ୍ୱ ଶକ୍ତିକୁ କହିଛି ଏହି ସଙ୍ଗଠନ। ଏଥିରେ ବିଫଳ ହେଲେ କେବଳ ସେହି ଦେଶ ନୁହେଁ ବରଂ ସମଗ୍ର ବିଶ୍ୱ ଏହାର ଫଳାଫଳ ଭୋଗିବ ବୋଲି ତାଲିବାନ୍ ଚେତାବନୀ ଦେଇଛି। କାବୁଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତାଲିବାନ୍ ସୂଚନା ଓ ସଂସ୍କୃତି ମନ୍ତ୍ରୀ ଜାବିହୁଲ୍ଲା ମୁଜାହିଦ୍ ଆମେରିକା ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ କହିଛନ୍ତି, ଯଦି ଜାତିସଂଘ ତାଲିବାନ୍‌କୁ ସ୍ୱୀକୃତି ଦେବାକୁ ଝୁଲାଇ ରଖେ ତେବେ ତାହା ସମଗ୍ର ବିଶ୍ୱ ପାଇଁ ସମସ୍ୟାକୁ ଡାକି ଆଣିବ। ତାଲିବାନ୍ ଏବଂ ଆମେରିକା ମଧ୍ୟରେ ବିଧିବଦ୍ଧ ଦ୍ୱିପାକ୍ଷିକ ସମ୍ପର୍କ ନ ରହିବା ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧର କାରଣ ପାଲଟିଥିଲା। ଅଲ୍ କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କୁ ହସ୍ତାନ୍ତର କରିବାକୁ ମନାକରିବାରୁ ୨୦୦୧ରେ ଆମେରିକା ସେମାନଙ୍କୁ ଶାସନରୁ ହଟାଇଥିଲା। କଥାବାର୍ତ୍ତା ଓ ବୁଝାମଣା ମାଧ୍ୟମରେ ଏହି ଯୁଦ୍ଧକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ଅନ୍ତର୍ଜାତୀୟ ସ୍ୱୀକୃତି ଆଫଗାନିସ୍ତାନ ଲୋକଙ୍କ ଅଧିକାର। ଏହା ନ ମିଳିଲେ ସିଜ୍ ହୋଇଥିବା ଆଫଗାନିସ୍ତାନର ଅର୍ଥ ଓ ସମ୍ପତ୍ତି ମୁକୁଳିପାରିବନି, ଯାହା କି ଦେଶର ଅର୍ଥନୀତିକୁ ନଷ୍ଟ କରିଦେବ ଏବଂ ମାନବସଙ୍କଟ ଗମ୍ଭୀର ହୋଇପଡ଼ିବ ବୋଲି ସେ କହିଛନ୍ତି।

## ସାମ୍ନାକୁ ଆସିଲେ ଅଖୁନ୍ଦଜାଦା



ତାଲିବାନ୍ ସର୍ବୋଚ୍ଚ ନେତା ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ମୃତ୍ୟୁ ହୋଇଥିବା ନେଇ ବାରମ୍ବାର ଚର୍ଚ୍ଚା ହେବାପରେ ପ୍ରଥମ ଥର ସେ ସର୍ବସମ୍ମୁଖକୁ ଆସିଛନ୍ତି। ସେ କାନ୍ଦାହାରରେ ତାଙ୍କ ସମର୍ଥକଙ୍କୁ ଭେଟିଥିବା ରବିବାର ତାଲିବାନ୍ ପକ୍ଷରୁ କୁହାଯାଇଛି। ୨୦୧୬ରୁ ଅଖୁନ୍ଦଜାଦା ତାଲିବାନ୍‌ର ନେତୃତ୍ୱ ନେଇଥିବାବେଳେ ସେ ପ୍ରଥମ ଥର ସର୍ବସାଧାରଣଙ୍କ ସମ୍ମୁଖକୁ ଆସିଛନ୍ତି। ଗତ ଅଗଷ୍ଟରେ ତାଲିବାନ୍ ଆଫଗାନିସ୍ତାନକୁ କବ୍‌ଜା କରିବା ପରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ତାଲିବାନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଖୁନ୍ଦଜାଦା ଦାରୁଲ ଉଲୁମ୍ ହାକିମ ମାଦ୍ରାସାକୁ ଯାଇ ତାଲିବାନ୍ ଲଢୁଆଙ୍କୁ ଭେଟିଥିଲେ। ସେଠାରେ ତାଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହି ସମୟର କୌଣସି ଫଟୋ ଶେୟାର ହୋଇ ନ ଥିବାବେଳେ ୧୦ ମିନିଟ୍‌ର ଏକ ଅଡିଓ ତାଲିବାନ୍ ସୋସିଆଲ ମିଡିଆ ଆକାଉଣ୍ଟରେ ଛଡ଼ା ଯାଇଛି। ଅଡିଓରେ ଅଖୁନ୍ଦଜାଦାଙ୍କୁ 'ଅମିରୁଲ୍ଲ ମୋମିନିନ୍' ବୋଲି ସମ୍ବୋଧନ କରାଯାଉଛି ଏବଂ ଏଥିରେ ସେ ଧାର୍ମିକ ବାର୍ତ୍ତା ଦେଇଛନ୍ତି।

## ଆରମ୍ଭ ହେଲା ଜଳବାୟୁ ସମ୍ମିଳନୀ




ଗ୍ଲାସ୍‌ଗୋରେ କୋପ୍ ୨୬ ସମ୍ମିଳନୀ ଶୁଭାରମ୍ଭ ଅବସରରେ ଏହାର ଅଧ୍ୟକ୍ଷ ଆଲୋକ ଶର୍ମା (ଡାହାଣ) ୟୁଏନ୍‌ଜିଏ ଅଧ୍ୟକ୍ଷ ଅବଦୁଲା ସାହିଦଙ୍କ ସହ କରମର୍ଦ୍ଦନ କରୁଛନ୍ତି। ପାଖରେ ଅଛନ୍ତି ପୂର୍ବତନ କୋପ୍ ଅଧ୍ୟକ୍ଷ କାରୋଲିନା ସ୍ମିଡିଟ ଓ ୟୁନିସେଫ୍ କାର୍ଯ୍ୟନିର୍ବାହୀ ସମ୍ପାଦକ ପାଟ୍ରିସିଆ ଏସ୍‌ପିନୋସା।

**ଗ୍ଲାସ୍‌ଗୋ, ୩୧।୧୦**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ରବିବାର ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଜାତିସଂଘ ଜଳବାୟୁ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବ। ତାପମାତ୍ରା ବୃଦ୍ଧି ଜନିତ ଆହ୍ୱାନର ସାମ୍ନା କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ପ୍ରାୟ ୨୦୦ ଦେଶର ପ୍ରତିନିଧି ୨ ସପ୍ତାହ ଧରି ଆଲୋଚନା କରିବେ। ରବିବାର କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉନ୍ମୋଚନ ପରେ ବିଭିନ୍ନ ଦେଶର ପ୍ରତିନିଧିମାନେ ଗ୍ଲାସ୍‌ଗୋଠାରେ ଏକତ୍ରିତ ହୋଇ ସବୁଜଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ନିମନ୍ତେ ସେମାନଙ୍କ ଉଦ୍ୟମ ଉପରେ ଆଲୋକପାତ କରିଥିଲେ। ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ହ୍ରାସ ଏବଂ ଉତ୍ତପ୍ତ ପୃଥିବୀରେ ଖାପଖୁଆଇ ଚଳିବାରେ ଗରିବ ରାଷ୍ଟ୍ରଗୁଡ଼ିକୁ ସାହାଯ୍ୟ କରିବା ଆଦି ଆଲୋଚନାର ପ୍ରମୁଖ ଏଜେଣ୍ଡା ରହିଛି।

### କୋପ୍୨୬ କ'ଣ

ଜାତିସଂଘର ଜଳବାୟୁ ସମ୍ମିଳନୀକୁ ସିଓପି ବା କୋପ୍ କୁହାଯାଏ। ଏହାର ସମ୍ପୂର୍ଣ୍ଣ ନାମ ହେଉଛି କନ୍‌ଫରେନ୍ସ ଅଫ୍ ପାର୍ଟିଜ୍। ଜାତିସଂଘର ଫ୍ରେମୱାର୍କ କନଭେନସନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍ (ୟୁଏନ୍‌ଏଫ୍‌ସିସିସି) ଅଧୀନରେ ଥିବା କୋପ୍‌ର ୨୬ତମ ଅଧିବେଶନକୁ କୋପ୍୨୬ କୁହାଯାଉଛି। ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଏହି ସମ୍ମିଳନୀ ରବିବାରଠାରୁ ଆରମ୍ଭ ହୋଇଛି। ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କୋପ୍ ନିଷ୍ପତ୍ତି ନେବା ସହ ନିୟମଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରେ। ୧୯୯୫ରେ ପ୍ରଥମେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ଏବଂ ୨୦୧୫ ପ୍ୟାରିସ୍ ଚୁକ୍ତିନାମା କାର୍ଯ୍ୟକାରୀ ପାଇଁ କୋପ୍ ବୈଠକ ଆୟୋଜନ ହୋଇଥାଏ।

## ନୌସେନାକୁ ମିଳିଲା ପ୍ରଥମ ପି୧୫ବି ଯୁଦ୍ଧଜାହାଜ

**ନୂଆଦିଲ୍ଲୀ, ୩୧।୧୦**

ଭାରତୀୟ ନୌସେନାକୁ ଅକ୍ଟୋବର ୨୮ରେ ପ୍ରଥମ ପି୧୫ବି ଗାଇଡେଡ୍-ମିଶାଇଲ ଡେଷ୍ଟ୍ରୟର ମିଳିଛି। ମାଜଗାଁଓ ଡକ୍ ଲିମିଟେଡ୍‌ରେ ଉକ୍ତ ଯୁଦ୍ଧଜାହାଜ ନିର୍ମାଣ କରାଯାଉଥିଲା। ପ୍ରୋଜେକ୍ଟ ୧୫ବି'ର ୪ଟି ଯୁଦ୍ଧଜାହାଜ ପାଇଁ ୨୦୧୧ ଜାନୁୟାରୀରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଭାରତୀୟ ନୌସେନାର ନାଭାଲ ଡିଜାଇନ ନିର୍ଦ୍ଦେଶାଳୟ ଉକ୍ତ ଜାହାଜର ଡିଜାଇନ ପ୍ରସ୍ତୁତ କରିଥିଲା। ୧୬୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ଯୁଦ୍ଧଜାହାଜର ପରିବହନ କ୍ଷମତା ୭,୪୦୦ ଟନ୍। ଏହା ସର୍ବାଧିକ ୩୦ ନଟ୍‌ସ (୫୫.୫୬୦ କିଲୋମିଟର) ବେଗରେ ଗତି କରିପାରିବ। ଉକ୍ତ ଯୁଦ୍ଧଜାହାଜରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ଯଥା ମଧ୍ୟମ ଦୂରଗାମୀ ସ୍ଥଳରୁ ଆକାଶକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ସ୍ଥଳଭାଗରୁ ସ୍ଥଳଭାଗକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ମୁତୟନ କରାଯିବ।



## ସୁପ୍ରିମକୋର୍ଟରେ କ୍ରୁଜ୍ ଡ୍ରଗ୍ସ ମାମଲା

### ସିବିଆଇ ତଦନ୍ତ ଦାବି

**ନୂଆଦିଲ୍ଲୀ, ୩୧।୧୦**

ମୁମ୍ବାଇ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି ମାମଲାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ତଦନ୍ତରେ ହସ୍ତକ୍ଷେପ କରାଯାଉଛି ବୋଲି ଏହି ଆବେଦନରେ ଦର୍ଶାଯାଇଛି। ଆଇନ କମିଶନର ବିଭିନ୍ନ ରିପୋର୍ଟରେ ସୁପାରିସ୍ କରାଯାଇଥିବା ଜାତୀୟ ସାକ୍ଷୀ ସୁରକ୍ଷା ସ୍କିମ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ମାମଲାରେ ଲାଗୁ କରିବାକୁ ଓକିଲ ଏମ୍. ଏଲ୍. ଶର୍ମା ତାଙ୍କ ପିଟିଶନରେ ଦାବି କରିଛନ୍ତି। ଏଥିସହ ଘଟଣାର ସମସ୍ତ ସାକ୍ଷୀଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଉ ବୋଲି ସେ କହିଛନ୍ତି। ଆବେଦନରେ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ବିରୋଧରେ ଆଣିଥିବା ଅଭିଯୋଗ ବାବଦରେ ମଧ୍ୟ ଦର୍ଶାଯାଇଛି। ଅନୁସନ୍ଧାନରେ ହସ୍ତକ୍ଷେପ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବଦନାମ କରିବା ପରେ ମଧ୍ୟ ଜଣେ ମନ୍ତ୍ରୀ ତାଙ୍କ ସାମ୍ବିଧାନିକ ପଦବୀରେ ରହିପାରିବେ କି ନାହିଁ ବୋଲି ସୁପ୍ରିମକୋର୍ଟରେ ପ୍ରଶ୍ନ କରାଯାଇଛି। ଆପରାଧିକ ନ୍ୟାୟ ବ୍ୟବସ୍ଥାରେ କାହାକୁ ହସ୍ତକ୍ଷେପ କରିବାକୁ ଅନୁମତି ଦିଆଯାଇ ନାହିଁ। ରାଜ୍ୟ ସରକାର କିମ୍ବା ମନ୍ତ୍ରୀମାନେ ସମ୍ବିଧାନର ସୁରକ୍ଷା ପାଇଁ ବାଧ୍ୟ। ତେଣୁ ଅନୁସନ୍ଧାନ ପ୍ରକ୍ରିୟାରେ ସେମାନେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ଏଥିସହ ସାକ୍ଷୀଙ୍କୁ ଗିରଫ ନୁହେଁ ବରଂ ସୁରକ୍ଷା ଦିଆଯିବାର ଆବଶ୍ୟକତା ରହିଛି ବୋଲି ପିଟିଶନରେ ଦାବି କରାଯାଇଛି।

### ମୁକୁଳିଲେ ମୁନ୍‌ମୁନ୍, ଅର୍‌ବାଜ



ମୁନ୍‌ମୁନ୍ ଧମେଚା

**ମୁମ୍ବାଇ, ୩୧।୧୦**

ମୁମ୍ବାଇ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜାମିନ ପାଇଥିବା ମୁନ୍‌ମୁନ୍ ଧମେଚା ଏବଂ ଅର୍‌ବାଜ୍ ମର୍ଚ୍ଚାଣ୍ଟ ରବିବାର ଜେଲରୁ ବାହାରିଛନ୍ତି। ମୁନ୍‌ମୁନ୍ ବାଇକୁଲ୍ଲା ଜେଲ ଏବଂ ଅରବାଜ୍ ଆର୍ଥର ରୋଡ୍ ଜେଲରେ ରହିଥିଲେ। ମୁନ୍‌ମୁନ୍ ମିଡିଆ ଆଗରେ କିଛି ମତ ରଖିବେ ନାହିଁ ବୋଲି ତାଙ୍କ ଜାମିନର ଏକ ସର୍ତ୍ତ ରହିଛି। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ଜାମିନ ପାଇ ଜେଲରୁ ମୁକୁଳିଥିଲେ।

### ଟିଏମ୍‌ସିରେ ରାଜୀବ ବାନାର୍ଜୀ, ଆଶିଷ ଦାସ



ରାଜୀବ ବାନାର୍ଜୀ

**ଅଗରତାଲା, ୩୧।୧୦**

ପଶ୍ଚିମବଙ୍ଗରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ବାନାର୍ଜୀ ଏବଂ ତ୍ରିପୁରା ବିଧାୟକ ଆଶିଷ ଦାସ ରବିବାର ଏକ ରାଲିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ଉକ୍ତ ର୍ୟାଲିରେ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଉଦ୍‌ବୋଧନ ଦେଇଥିଲେ। ରାଜୀବ ବାନାର୍ଜୀ ପୂର୍ବରୁ ମମତା ବାନାର୍ଜୀଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିଲେ। ସେ ଗତ ଜାନୁୟାରୀରେ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଭାଜପାରେ ଯୋଗଦେବା ଭୁଲ୍ ଥିଲା। ଏହି ଦଳ ରାଜନୈତିକ ଓ ନିର୍ବାଚନୀ ଫାଇଦା ଉଠାଇବା ପାଇଁ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଥିବା ସେ କହିଛନ୍ତି। ସେହିପରି ଉତ୍ତର ତ୍ରିପୁରାର ଭାଜପା ବିଧାୟକ ଆଶିଷ ରାଲିରେ ତୃଣମୂଳ କଂଗ୍ରେସ ପତାକା ଧରିଛନ୍ତି। ସେ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ସେ ପୂର୍ବରୁ କୋଲକାତାରେ କହିଥିଲେ।

## ପରିବେଶ ଶିକ୍ଷାରେ ସଂସ୍କାର ଅଣାଯାଉ

**ନୂଆଦିଲ୍ଲୀ, ୩୧।୧୦(ପି.ଟି.)**

**କୋପ୍ ୨୬ ପୂର୍ବରୁ ଶିକ୍ଷାବିତ୍‌ଙ୍କ ଆହ୍ୱାନ**

ବ୍ରିଟେନର ଗ୍ଲାସ୍‌ଗୋଠାରେ ୨୬ତମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍୨୬) ରବିବାର ଆରମ୍ଭ ହୋଇଛି। ଏହା ପୂର୍ବରୁ ଦେଶର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ପ୍ରଚଳିତ ପରିବେଶଗତ ଶିକ୍ଷାରେ ସଂସ୍କାର ଆଣିବା ଲାଗି ଭାରତର ଶିକ୍ଷାବିତ୍ ଓ ପ୍ରଧାନଶିକ୍ଷକମାନେ ଦାବି ଜଣାଇଛନ୍ତି। ସେମାନଙ୍କ ମତରେ ପରିବେଶ ଉପରେ ଯେଉଁ ଶିକ୍ଷା ଦିଆଯାଉଛି, ତାହା କେବଳ 'ଆର୍ଥ ଡେ' କିମ୍ବା 'ଏନ୍‌ଭାଇରନମେଣ୍ଟ ଡେ' ସ୍ଲୋଗାନରେ ସୀମିତ। ପିଲାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ହେଲେ ଅଧିକ ବ୍ୟବହାରିକ ଆଧାରିତ ଦୃଷ୍ଟିକୋଣ ରହିବା ଆବଶ୍ୟକ। ପରିବେଶ ଶିକ୍ଷା କାଗଜ କଲମରେ ସୀମିତ ନ ରହି ଏହା ବାହାରେ ହେବା ଦରକାର। ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଦେଇ ସେମାନଙ୍କୁ ସଚେତନ କରିବାକୁ ହେବ। ଛାତ୍ରୀଛାତ୍ର ଭବିଷ୍ୟତର ନୀତି ନିର୍ଦ୍ଧାରକ ହୋଇଥିବାରୁ ସେମାନଙ୍କୁ ଦୈନନ୍ଦିନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଜଣାଇ ଦାୟିତ୍ୱସମ୍ପନ୍ନ ବାସିନ୍ଦାରେ ପରିଣତ କରିବାକୁ ହେବ। ପଲିଥିନ ପରିବର୍ତ୍ତେ କାଗଜ କିମ୍ବା ଝୋଟ ବ୍ୟାଗ୍ ନେଇ ବଜାର କରିବାକୁ ଗଲେ ସେମାନଙ୍କ ଉପରେ ପରିବେଶ ସମ୍ପର୍କରେ ସକାରାତ୍ମକ ପ୍ରଭାବ ପଡ଼ିପାରିବ ବୋଲି ଡିପିଏସ୍-ଆର୍‌ଏନ୍‌ଇ ଗାଜିଆବାଦର ପ୍ରିନ୍ସିପାଲ ପଲ୍ଲବୀ ଉପାଧ୍ୟାୟ କହିଛନ୍ତି।

## ୨୦୨୦ରେ ଦୈନିକ ୩୧ ପିଲାଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୩୧।୧୦(ପି.ଟି.)**



ଭାରତରେ ୨୦୨୦ରେ ଦୈନିକ ହାରାହାରି ୩୧ ଜଣ ପିଲା ଆତ୍ମହତ୍ୟା କରିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। କୋଭିଡ୍ ମହାମାରୀ ଯୋଗୁ ପିଲାମାନଙ୍କ ମନସ୍ତାତ୍ତ୍ୱିକ ଆଘାତ ବୃଦ୍ଧି ପାଇଥାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୨୦ରେ ୧୧,୩୯୬ ପିଲା ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ୫,୩୯୨ ଜଣ ବାଳକ ହୋଇଥିବାବେଳେ ୬,୦୦୪ ଜଣ ବାଳିକା। ଏହା ୨୦୧୯ ତୁଳନାରେ ୧୮ ପ୍ରତିଶତ ଏବଂ ୨୦୧୮ ତୁଳନାରେ ୨୧% ଅଧିକ। ୨୦୧୯ରେ ୯,୬୧୩ ଏବଂ ୨୦୧୮ରେ ୯,୪୧୩ ପିଲାଙ୍କର ଆତ୍ମହତ୍ୟା ମୃତ୍ୟୁ ଘଟିଥିଲା। ୧୮ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ପାରିବାରିକ ସମସ୍ୟାକୁ ନେଇ ୪,୦୦୬ ପିଲା ଆତ୍ମହତ୍ୟା କରିଥିବାବେଳେ ୧,୩୩୭ ଜଣ ପ୍ରେମ ବ୍ୟାପାରକୁ ନେଇ ଏବଂ ୧,୩୨୭ ଜଣ ଅସୁସ୍ଥତାକୁ ନେଇ ଜୀବନ ହାରିଛନ୍ତି। ଅନ୍ୟ ପିଲାମାନେ ନୀତିଗତ କାରଣ, ବେରୋଜଗାର, ଦେବାଳିଆ, ନପୁଂସକତା, ଡ୍ରଗ୍ସ ସେବନ ଆଦି କାରଣରୁ ଚରମ ପଦକ୍ଷେପ ନେଇଥିବା ତଥ୍ୟରୁ ଜଣାପଡ଼ିଛି।

ଶିଶୁ ସୁରକ୍ଷା, ଶିଶୁ ବଞ୍ଚାଅ ସଂସ୍ଥାର ଉପନିର୍ଦ୍ଦେଶକ ପ୍ରଭାତ କୁମାରଙ୍କ ମତରେ କୋଭିଡ-୧୯ର ପ୍ରଭାବ, ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଯୋଗୁ ପିଲାମାନେ ନିଜକୁ ଏକୁଟିଆ ଅନୁଭବ କରିବା, ଅବସାଦ ଆଦି ଆତ୍ମହତ୍ୟା ପ୍ରବଣତା ବଢ଼ାଇଥିଲା। ମାନବ ସମ୍ବଳର ବିକାଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ମନସ୍ତାତ୍ତ୍ୱିକ-ସାମାସିକ ସମର୍ଥନ ମଧ୍ୟ ଆବଶ୍ୟକ। ଆତ୍ମହତ୍ୟା ପ୍ରବଣତା ବଢୁଥିବାରୁ ଏହା ବ୍ୟବସ୍ଥାଗତ ବିଫଳତାକୁ ସୂଚାଉଛି ବୋଲି ପ୍ରଭାତ କହିଛନ୍ତି। ଉପଯୁକ୍ତ ବାତାବରଣ ଯୋଗାଇବାରେ ବିଫଳ ହୋଇଥିବାରୁ ଏଥିପାଇଁ ପିଲାଙ୍କ ମାତାପିତା, ପରିବାର, ପଡୋଶୀ ଏବଂ ସରକାର ମିଳିତ ଭାବେ ଦାୟୀ। କୋଭିଡ୍‌ର ପ୍ରଭାବ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ମନସ୍ତାତ୍ତ୍ୱିକ-ସାମାଜିକ ସୁସ୍ଥତା ଉପରେ ପଡ଼ିବ ବୋଲି ମହାମାରୀ ଆରମ୍ଭରୁ ଆଶଙ୍କା କରାଯାଉଥିଲା ବୋଲି ଅନ୍ୟ ଜଣେ ଶିଶୁ ବିଶେଷଜ୍ଞ ପ୍ରୀତି ମାହାରା କହିଛନ୍ତି। ଏନ୍‌ସିଆର୍‌ବି ତଥ୍ୟ ଏହାକୁ ପ୍ରମାଣିତ କରିଥିବା ସେ କହିଛନ୍ତି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। – ଶ୍ରୀଅରବିନ୍ଦ



# ମୃତ ବ୍ୟକ୍ତିଙ୍କ ପ୍ରତି ଅପମାନ



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଅକ୍ଟୋବର ୨୧ରେ ଭାରତ ୧୦୦ କୋଟି ଡୋଜ୍ ଟିକାକରଣ ସମ୍ପୂର୍ଣ୍ଣ କରିଛି। କିନ୍ତୁ ଏହି ସଫଳତାର ଶ୍ରେୟ ନେବା ପାଇଁ ୨୨ ତାରିଖରେ ସବୁ ଜାତୀୟ ଖବରକାଗଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପ୍ରସଙ୍ଗରେ ଲେଖା ବାହାରିଛି। ପୁନଶ୍ଚ ଦିନ ୧୦ଟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ଏହି ସଫଳତା ହାସଲ ପରେ ସମୁଦାୟ ବିଶ୍ୱ ସମ୍ପ୍ରତି ଭାରତର ସାମର୍ଥ୍ୟକୁ ହୃଦ୍‌ବୋଧ କରିଛି। ଭାରତର ସାମର୍ଥ୍ୟକୁ ନେଇ ଅନେକ ସମାଲୋଚକ ସନ୍ଦେହ ବ୍ୟକ୍ତ କରିଥିବାବେଳେ, ମାତ୍ର ୯ ମାସ ମଧ୍ୟରେ ୧୦୦ କୋଟି ପାନ ଟିକାକରଣ କରାଯାଇପାରିଛି। ଦେଶର ୧୩୦ କୋଟି ଜନସାଧାରଣଙ୍କ ଉଦ୍ୟମ ଯୋଗୁ ଏହି ସଫଳତା ମିଳିପାରିଛି। ପ୍ରଧାନମନ୍ତ୍ରୀ ପୁନଶ୍ଚ କହିଥିଲେ ଯେ, ଏହା ନୂଆ ଭାରତର ଚିତ୍ର।

୧୦୦ କୋଟି ଡୋଜ୍ ଟିକାକରଣ ଯେତିକି ପ୍ରଶଂସନୀୟ,ଏଥିପାଇଁ ରାଜନୈତିକ ଫାଇଦା ବା କ୍ରେଡିଟ୍ ନେବା ପାଇଁ ପ୍ରୟାସ କରିବା ତା'ଠାରୁ ଅଧିକ ଦୁଃଖଦାୟକ। ଦେଶର ବିକାଶ କରିବା, ଦେଶବାସୀଙ୍କ ଭଲମନ୍ଦ ବୁଝିବା ଏବଂ ସେହି ଅନୁସାରେ ନୀତି ନିର୍ଦ୍ଧାରଣ କରିବା ବା ବିଭିନ୍ନ ପଦକ୍ଷେପ ନେବା ପାଇଁ ଏକ ସରକାରକୁ ଜନତା ନର୍ବାଚିତ କରିଥା'ନ୍ତି । ସଫଳତାର କୌଣସି ଶ୍ରେୟ ନ ନେଇ ବିଫଳତା ପାଇଁ ନିଜକୁ ଦାୟୀ କରିବା ଏକ ସରକାରଙ୍କର ପ୍ରଥମ କର୍ତ୍ତବ୍ୟ। ଦୁଃଖର ବିଷୟ, କିଛି ଭଲ ହେଲେ ତା'ର ଶ୍ରେୟ ନେବା ପାଇଁ ସରକାର ଅତ୍ୟନ୍ତ ବ୍ୟଗ୍ର ହୋଇ ପ୍ରଚାରରେ ଲିପ୍ତ ରହନ୍ତି। କିନ୍ତୁ କିଛି ବିଫଳତା ପାଇଁ ପୂର୍ବ ସରକାର, ଭଗବାନ୍ ବା ପରିସ୍ଥିତିକୁ ଦାୟୀ କରନ୍ତି। ଟିକାକରଣକୁ ନେଇ ପ୍ରଚାର କଲାବେଳେ ସରକାର କେବେ ଚିନ୍ତା କରିଛନ୍ତି ଯେ କୋଭିଡ୍–୧୯ ଦ୍ୱାରା ଯେଉଁ ୩.୪ କୋଟିରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇ ଭଲ ହୋଇଛନ୍ତି ବା ୪.୫୩ ଲକ୍ଷରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି (ବାସ୍ତବରେ ବହୁ ଗୁଣ ଅଧିକ), ସେମାନଙ୍କ ପରିବାରର ଅବସ୍ଥା କିପରି ଅଛି। ବିଶେଷକରି ଯେଉଁ ପରିବାରର ରୋଜଗାର କରୁଥିବା ଲୋକଟି ପ୍ରାଣ ହରାଇଛି, ସେହି ପରିବାରର ଆର୍ଥିକ ଅବସ୍ଥା କିପରି ଅଛି, ସେମାନେ କିପରି ଚଳୁଛନ୍ତି। ଯେଉଁ କୋଟି କୋଟି ଲୋକ ଜୀବିକା ହରାଇଛନ୍ତି, ସେମାନଙ୍କ ପରିବାର କିପରି ଦୟନୀୟ ଜୀବନଯାପନ କରୁଛନ୍ତି। ବାସ୍ତବରେ ଆଜି ଅନେକ ତଳିତଳାନ୍ତ ହୋଇ ଯାଇଛନ୍ତି। ଅନେକ ଜୀବନ ଓ ଜୀବିକା ହରେଇଲେଣି, ଯାହାର ଠିକ୍ ତଥ୍ୟ କାହା ପାଖରେ ନାହିଁ। ଏହି ସମୟରେ ପ୍ରଚାରରେ ଲିପ୍ତ ରହିବା ମାନେ ମହାମାରୀରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପ୍ରତି ଘୋର ଅପମାନ।

ଏହି ମହାମାରୀ ଏପରି ଭୟାନକ ରୂପ ନେଇଥିଲା ଯେ, ଇଚ୍ଛାଥିଲେ ମଧ୍ୟ ମୃତ ବ୍ୟକ୍ତିଙ୍କୁ ଦେଖିବାକୁ କେହି ଏପରି କି ନିଜ ଲୋକ ଯାଇ ପାରୁ ନ ଥିଲେ। ଏବେବି ଯାଇ ପାରୁନାହାନ୍ତି। ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇଥିବା ଲୋକର ଯନ୍ତ୍ରଣା ତାହା ଏଠାରେ ପ୍ରକାଶ କରିବା ସମ୍ଭବ ନୁହେଁ। ସବୁଠାରୁ ଯନ୍ତ୍ରଣାଦାୟକ ହେଉଛି, ଶବଦାହ ପାଇଁ ଶବଦାହ ସ୍ଥଳରେ ଧାଡ଼ିବାନ୍ଧିବା। ଏହି ଦୁର୍ଦ୍ଦିନରେ ଶାସକ, ପ୍ରଶାସକ ଜୀବନ ଓ ଜୀବିକା ବଞ୍ଚେଇବା ପାଇଁ ଆପ୍ରାଣ ଉଦ୍ୟମ କରିବା ପରିବର୍ତ୍ତେ ସରକାରଙ୍କ ବିଫଳତା କେହି ନ ଜଣାନ୍ତୁ ବା ସରକାରଙ୍କ ଛବି, ଭାବମୂର୍ତ୍ତି ନିର୍ମଳ ରଖିବା ପାଇଁ ଚେଷ୍ଟା କରିଥିଲେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଣୁ ବର୍ତ୍ତମାନ ସେହି ଖରାପ ଛବିରେ ଉନ୍ନତି ଆଣିବା ପାଇଁ ପ୍ରଚାର କରାଯାଉଛି।

କୋଭିଡ୍ ଟିକାକରଣ ଅଭିଯାନ 'ଉତ୍କଣ୍ଠାରୁ ଆଶ୍ୱାସନା ପର୍ଯ୍ୟନ୍ତ ଯାତ୍ରା' ପ୍ରଧାନମନ୍ତ୍ରୀ କହିଛନ୍ତି। କିନ୍ତୁ କି ପ୍ରକାର ଆଶ୍ୱାସନା ? ଏତେ ପ୍ରଚାର ପୂର୍ବରୁ ସରକାର ଟିକେ ଭାବିବା ଉଚିତ ଯେ, ସେହି ମୃତ ବ୍ୟକ୍ତି ଆଉ ଫେରିଆସିବେ କି? ଏପରିକି ଯେଉଁମାନେ ଦୁଇ ଡୋଜ୍ ଟିକା ନେଇଛନ୍ତି, ସେମାନେ କରୋନା ମହାମାରୀ ଦ୍ୱାରା ଆଉ ସଂକ୍ରମିତ ହେବେନି କି, ମରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇପାରିବେ କି? ସଂକ୍ରମଣ ଯୋଗୁ ଅନେକ ଲୋକମାନେ ନିଜ ପରିବାରର ଅସୁସ୍ଥ ଓ ସଂକ୍ରମିତ ପ୍ରିୟଜନଙ୍କ ଚିକିତ୍ସା ପାଇଁ ଯେଉଁ ଭୟଙ୍କର, ଯନ୍ତ୍ରଣାଦାୟକ ପରିସ୍ଥିତି ଦେଇ ଯାଇଛନ୍ତି ବା ଏବେ ଯିବାକୁ ପଡୁଛି ବା ସଂଘର୍ଷ କରିବାକୁ ପଡୁଛି, ତାହାକୁ ଶାସକ ଶ୍ରେଣୀ ହୃଦୟଙ୍ଗମ କରିବାରେ ବିଫଳ ହୋଇଛି। ଏପରିକି ଜାଣିବା ପାଇଁ ଟିକେ ମାନସିକତା ମଧ୍ୟ ନାହିଁ। କେଉଁଠି ଲୋକ ଦୌଡ଼ିଦୌଡ଼ି ବେଡ୍‌ଟିଏ ପାଉ ନ ଥିଲା ତ, ଆଉ କେଉଁଠି ବେଡ୍ ମିଳିଲାବେଳକୁ ଅମ୍ଳଜାନ ନ ଥିଲା। କେଉଁଠି ଅମ୍ଳଜାନ ଅଭାବରୁ ରୋଗୀ ମରିଯାଇଥିଲା ତ ଆଉ କେଉଁଠି ଆମ୍ବୁଲାନ୍ସ ଏବଂ କାରରେ ଶଯ୍ୟା କିମ୍ବା ଅମ୍ଳଜାନକୁ ଅପେକ୍ଷା କରି ଲୋକଙ୍କର ମୃତ୍ୟୁ ଘଟିଥିଲା। ଲୋକ କର୍ପୋରେଟ୍ ହସ୍ପିଟାଲରେ ଚିକିତ୍ସା ପାଇଁ ୫୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରି ମଧ୍ୟ ରୋଗୀଙ୍କ ଜୀବନ ବଞ୍ଚାଇ ପାରିନାହାନ୍ତି। ଯେଉଁମାନେ ପରିବାରଠାରୁ ଦୂରରେ ଥିଲେ, ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ କେହି ନ ଥିଲେ।

ପ୍ରଧାନମନ୍ତ୍ରୀ ମଧ୍ୟ କହିଛନ୍ତି ଯେ, ୧୦୦ କୋଟି କେବଳ ଏକ ସଂଖ୍ୟା ନୁହେଁ, ଏହା ଆମର ପାରିବାପଣିଆକୁ ପ୍ରତିଫଳିତ କରୁଛି ଏବଂ ଏକ ନୂତନ ଅଧ୍ୟାୟର ଆରମ୍ଭର ପ୍ରତୀକ । ଏପରି ପ୍ରଚାର ଦ୍ୱାରା ଜଣେ ଭାବିବ ଯେ, କେବଳ ଭାରତରେ ଟିକା ଦିଆଯାଇଛି ଏବଂ କରୋନାରେ ଆଉ କେହି ମରିବାର ସମ୍ଭାବନା ନାହିଁ। ଏପରିକି ଦୁଇଟି ଡୋଜ୍ ନେଇ ମଧ୍ୟ ଲୋକ ମରିଛନ୍ତି। ଏବେବି ଲୋକ ଆକ୍ରାନ୍ତ ହେଉଛନ୍ତି। ବିପଦ ଟଳିନାହିଁ। ଗୋଟିଏ ଦେଶ ଟିକାକରଣ ପ୍ରକ୍ରିୟାକୁ ଅନ୍ୟ ଦେଶ ସହିତ ତୁଳନା କରିବାକୁ ହେଲେ କେତେ ପ୍ରତିଶତ ଟିକା ନେଇଛନ୍ତି, ତାହା ବିଚାର କରାଯାଏ। ସଂଖ୍ୟାଦୃଷ୍ଟିରୁ ବିଚାର କରାଯାଏ ନାହିଁ। କାରଣ ଗୋଟିଏ ଦେଶ ଚାହିଁଲେ ବି ତା'ର ଜନସଂଖ୍ୟାଠାରୁ ଅଧିକ ଲୋକଙ୍କୁ ଟିକା ଦେଇପାରିବ ନାହିଁ।

ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତର ଜନସଂଖ୍ୟା ୧୩୯ କୋଟିକୁ ଆବଶ୍ୟକ ୨୭୮ କୋଟି ଡୋଜ୍ ଟିକାରୁ ୧୦୦ କୋଟି ଡୋଜ୍ ପୂରଣ କରାଯାଇଛି। କିନ୍ତୁ ଚାଇନା ୨୨୪ କୋଟି ଡୋଜ୍ ଟିକା ସେହି ସମୟରେ ଦେଇଛି। ଚାଇନା ଗତ ଜୁନ୍ ମାସରୁ ୧୦୦ କୋଟି ଡୋଜ୍ ପୂରଣ କରିଥିଲା। ଟିକା ନେଇ ନ ଥିବା ବୟସ୍କମାନଙ୍କୁ ଅତିକମ୍‌ରେ ପ୍ରଥମ ଡୋଜ୍ ଦେବା ପାଇଁ ଆଉ ୨୩.୮୩ କୋଟି ଡୋଜ୍ ଆବଶ୍ୟକ ହେବ। ଯଦି ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଏ, ତେବେ ପ୍ରଥମ ଡୋଜ୍ ଦେବା ପାଇଁ ଆହୁରି ୧୨ କୋଟି ଡୋଜ୍ ଆବଶ୍ୟକ। ଦୁର୍ଭାଗ୍ୟବଶତଃ ଆମର ଟିକାକରଣ ହାର ଅନେକ ଦେଶ ତୁଳନାରେ ଏପରି କି ବିଶ୍ୱ ତୁଳନାରେ କମ୍ ଏବଂ ମୂଲ୍ୟ ମଧ୍ୟ ଅଧିକ। ଅକ୍ସଫୋର୍ଡ ୟୁନିଭର୍ସିଟିର ତଥ୍ୟ ଅନୁସାରେ ୨୧ ଅକ୍ଟୋବର ସୁଦ୍ଧା ବିଶ୍ୱର ୪୯.୬% ଜନତା ବା ୩୮୦ କୋଟି ଜନତା ଗୋଟିଏ ଡୋଜ୍ ଟିକା ନେଇଥିଲାବେଳେ ୩୮% ଦୁଇ ଡୋଜ୍ ଟିକା ନେଇଛନ୍ତି। ଭାରତ ୫୧% ଜନସଂଖ୍ୟାକୁ ଗୋଟିଏ ଡୋଜ୍ ଟିକା ଦେଇଥିଲାବେଳେ ମାତ୍ର ୨୧%ଙ୍କୁ ଦୁଇ ଡୋଜ୍ ଟିକା ଦେଇଛି। ଅନ୍ୟ ଦେଶ ତୁଳନାରେ ଭାରତରେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ସମୟର ବ୍ୟବଧାନ ସର୍ବାଧିକ। କିଛି ଦେଶରେ ଦ୍ୱିତୀୟ ଡୋଜ୍‌ରେ ବୁଷ୍ଟର ଡୋଜ୍ ଦିଆଗଲାବେଳେ ଭାରତରେ ଏହା ଆଦୌ ଦିଆଯାଇ ନାହିଁ। ପ୍ରାୟ ୧୮ଟି ଦେଶ ସେମାନଙ୍କ ଜନସଂଖ୍ୟାର ୭୦% ଟିକା ଦେଇଛନ୍ତି ଏବଂ ୮୦ଟି ଦେଶ ବିଶ୍ୱର ହାରାହାରିଠାରୁ ଅଧିକ ପ୍ରଦର୍ଶନ କରୁଛନ୍ତି। ୭୦ଟି ଦେଶ ତାଙ୍କର ଜନସଂଖ୍ୟାର ୩୬%ଙ୍କୁ ଦୁଇ ଡୋଜ୍ ଦେଇସାରିଛନ୍ତି।

ବାସ୍ତବରେ ଟିକାକରଣ ହାର ଦୃଷ୍ଟିରୁ ୭୭ଟି ଦେଶ ପଛରେ ରହିଛି ଭାରତ। ବିଶ୍ୱରେ ୟୁଏଇ, ପର୍ତ୍ତୁଗାଲ୍, କ୍ୟୁବା, ଚିଲି, ମାଲ୍ଟା, କାତାର, ସିଙ୍ଗାପୁର, କାମ୍ବୋଡିଆ ସବୁଠାରୁ ଆଗରେ ଅଛନ୍ତି। ପ୍ରଥମ ଡୋଜ୍ ଟିକା ହାର ଦୃଷ୍ଟିରୁ ୟୁରୋପୀୟ ରାଷ୍ଟ୍ରସଂଘ (୬୬%), ୟୁଏଇ (୯୮%), କ୍ୟୁବା (୮୬%), ସ୍ପେନ୍ (୮୧%), ଚାଇନା (୭୯%), ଇଟାଲୀ (୭୭%), ଜାପାନ (୭୬%), ଫ୍ରାନ୍ସ (୭୬%), ବ୍ରାଜିଲ (୭୪%), ୟୁକେ (୭୪%), ଆମେରିକା (୬୬%), ଜର୍ମାନୀ (୬୯.୬୬%), ଶ୍ରୀଲଙ୍କା (୬୮%), ଇସ୍ରାଏଲ୍ (୬୯%)। ସବୁ ଦେଶ ଭାରତଠାରୁ ବହୁ ଭଲ ସ୍ଥିତିରେ ଅଛନ୍ତି। ଏପରିକି ଦ୍ୱିତୀୟ ଡୋଜ୍ ଟିକା ଦୃଷ୍ଟିରୁ ୟୁରୋପୀୟ ରାଷ୍ଟ୍ରସଂଘ (୫୭.୪%), ୟୁଏଇ (୮୮%), କ୍ୟୁବା (୬୧%), ସ୍ପେନ୍ (୭୯%), ଚାଇନା (୭୫%), ଇଟାଲୀ (୭୧%), ଜାପାନ (୬୯%), ଫ୍ରାନ୍ସ (୬୮%), ବ୍ରାଜିଲ (୫୨%), ୟୁକେ (୬୮%), ଆମେରିକା (୫୭%), ଜର୍ମାନୀ (୬୬%), ଶ୍ରୀଲଙ୍କା (୫୯%), ଇସ୍ରାଏଲ୍ (୬୩%)। ସବୁ ଦେଶ ଭାରତଠାରୁ ବହୁ ଭଲ ସ୍ଥିତିରେ ଅଛନ୍ତି। ବିଶ୍ୱରେ ୦.୭% ଜନତା ଆଉ ଏକ ଅତିରିକ୍ତ ଡୋଜ୍ ବା ବୁଷ୍ଟର ଡୋଜ୍ ନେଇଥିଲା ବେଳେ ଭାରତରେ କେହି ନେଇନାହାନ୍ତି।

ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଭୟଙ୍କର। ତୈଳଦର ବୃଦ୍ଧି ସାଙ୍ଗକୁ ମୁଦ୍ରାସ୍ଫୀତି, ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ଅନେକ ଜନତାଙ୍କ ଜୀବନ ମାନଦଣ୍ଡ ହ୍ରାସ କରିଛି। ଦାରିଦ୍ର୍ୟ, କ୍ଷୁଧା, ବେକାରି ଓ ବୈଷମ୍ୟ ଭୟଙ୍କର ରୂପ ଧାରଣ କରିଛି। ବର୍ତ୍ତମାନ ମହାମାରୀ ଗରିବ ଲୋକଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରିଛି। କୋଟି କୋଟି ଜୀବିକା ହରାଇଛନ୍ତି। ପିୟୁ ସର୍ଭେ– ୨୦୨୦ ଅନୁସାରେ ପ୍ରାୟ ୩.୨ କୋଟି ଲୋକ ମଧ୍ୟବିତ୍ତ ଶ୍ରେଣୀରୁ ତଳକୁ ଖସି ଆସିଛନ୍ତି। ଗରିବ ଲୋକଙ୍କ ସଂଖ୍ୟା (ଦିନକୁ $ ୨ କିମ୍ବା ତା'ଠାରୁ କମ୍ ଆୟ ଅନୁସାରେ) ୭.୫ କୋଟି ବୃଦ୍ଧି ପାଇଛି। ସିଏମ୍‌ଆଇ ଅନୁସାରେ ୯୭% ଭାରତୀୟଙ୍କ ଆୟ ୨୦୨୦ରେ ହ୍ରାସ ପାଇଛି। ଆଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ ସର୍ବନିମ୍ନ ମଜୁରି ଆଧାରରେ ପ୍ରାୟ ୨୩ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଗହ୍ୱରକୁ ଠେଲି ହୋଇ ଯାଇଛନ୍ତି। ସରକାର ସମ୍ବଳ ପାଇଁ ରାଷ୍ଟ୍ରାୟତ୍ତ ଶିଳ୍ପକୁ ଘରୋଇକରଣ କରିବା, ରାଷ୍ଟ୍ରର ସମ୍ପତ୍ତିକୁ ଲିଜ୍ ଦେବା ଦର୍ଶାଉଛି ଯେ, ପରିସ୍ଥିତି କେତେ ଭୟଙ୍କର। ପ୍ରଚାରରେ ଲିପ୍ତ ନ ରହି ସମସ୍ୟାର ସମାଧାନ ପାଇଁ ସରକାର ପ୍ରୟାସ କରିବା ଉଚିତ।

ମୋ:୯୪୩୭୨୦୮୭୬୨

# ଆନନ୍ଦ ପ୍ରାପ୍ତି



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ଜୀବିତ ରହିବା ଜୀବନର ଅନ୍ୟତମ ଧର୍ମ। ଏହି ଶରୀରରେ ଜୀବନ ଚିରକାଳ ରହିପାରେ ନାହିଁ, କାରଣ ଶରୀର କ୍ଷୟଶୀଳ। ଶରୀର ନଷ୍ଟ ହେବା ପୂର୍ବରୁ ଜୀବଠାରେ ନୂତନ ଜୀବ ସୃଷ୍ଟିର ପ୍ରବୃତ୍ତି ଦେଖାଦେଇଥାଏ। ଜ୍ଞାନୀଜନ ଏହା ଉପଲବ୍ଧି କରିଥା'ନ୍ତି। ତେଣୁ ନାଶଶୀଳ ଶରୀରର ସୁଖ ତଥା ଇନ୍ଦ୍ରିୟ ଲାଳସାକୁ ଅବଦମିତ କରିରଖିଥା'ନ୍ତି । ଶରୀର ବିନଷ୍ଟ ହେବା ପୂର୍ବରୁ ନୂତନ ସୃଷ୍ଟିର ଯେଉଁ ପ୍ରବୃତ୍ତି ଦେଖାଦେଇଥାଏ, ସେହି ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜୀବ ନୂତନ ଜୀବକୁ ଜନ୍ମ ଦେଇଥାଏ, କାରଣ ଏହାଦ୍ୱାରା ଜୀବନର ଧାରା ଅବ୍ୟାହତ ରହିବା ସମ୍ଭବ ହୋଇଥାଏ। ସୂକ୍ଷ୍ମ ଭାବରେ ବିଚାରକଲେ ଜଣାପଡ଼ିବ ଯେ ନୂତନ ଶରୀର ସିନା ସୃଷ୍ଟି ହୁଏ, କିନ୍ତୁ ନୂତନ ଜୀବନ ସୃଷ୍ଟି ହୁଏନାହିଁ। ସବୁ ଜୀବନ୍ତ ଶରୀର ମଧ୍ୟରେ ଏକ ଜୀବନ ସ୍ରୋତ ପ୍ରବାହିତ, ଯେପରି ଏକ ପ୍ରଦୀପରୁ ଅସଂଖ୍ୟ ପ୍ରଦୀପ ଜଳାଯାଇପାରେ। ପ୍ରଦୀପ ଭିନ୍ନ ଭିନ୍ନ ହେଲେ ମଧ୍ୟ ଅଗ୍ନି ଏକ। ପ୍ରତ୍ୟେକ ଜୀବନର ପୂର୍ବଜମାନଙ୍କଠାରେ ତା'ର ଅଂଶ ଥିଲା। ବଂଶଜମାନଙ୍କଠାରେ ତା'ର ଅଂଶ ଅଛି ଓ ପରବର୍ତ୍ତୀ ବଂଶଧରଙ୍କଠାରେ ତା'ର ଅଂଶ ରହିବ । ତା'ର ମୃତ୍ୟୁ ହେଲେ ସନ୍ତାନସନ୍ତିତଙ୍କ ମଧ୍ୟରେ ଓ ନିଃସନ୍ତାନ ହୋଇଥିଲେ ବଂଶଜ ମଧ୍ୟରେ ସେ ବଞ୍ଚିରହିବ। ପ୍ରତ୍ୟେକଙ୍କ ବଂଶ ବୃକ୍ଷର ମୂଳ ତଥା ବିସ୍ତାର ଖୋଜିଲେ ଜଣାପଡ଼ିବ ସେ ସମସ୍ତେ ନାନା ଭାବରେ ପରସ୍ପର ସହ ସମ୍ପର୍କ ସୂତ୍ରରେ ଆବଦ୍ଧ, ଯଦିବା ବାହାରକୁ ଏହା ଭିନ୍ନ ଜଣାପଡ଼ିଥାଏ। ଏହାଛଡ଼ା ମନୁଷ୍ୟ ସାମାଜିକ ପ୍ରାଣୀ ହୋଇଥିବାରୁ କୌଣସି ବ୍ୟକ୍ତି ସ୍ୱତନ୍ତ୍ର ନୁହନ୍ତି । କର୍ମ ବଣ୍ଟନ ଦ୍ୱାରା ଜଣେ ଚାଷ କରୁଛନ୍ତି, ଜଣେ ଲୁଗା ବୁଣୁଛନ୍ତି, ଜଣେ ରୋଗୀସେବା କରୁଛନ୍ତି ତ ଜଣେ ଶିକ୍ଷାଦାନ କରୁଛନ୍ତି। ଏହିପରି ପ୍ରତ୍ୟେକ ବ୍ୟକ୍ତି ବଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ। ସେଇଥିପାଇଁ କୁହାଯାଇଥାଏ 'ବସୁଧୈବ କୁଟୁମ୍ବକମ୍'– ସମଗ୍ର ବିଶ୍ୱ ଗୋଟିଏ ପରିବାର।

ମନୁଷ୍ୟ ଏ ଜଗତକୁ ଆସେ, ପୁଣି ଚାଲିଯାଏ। ଯେଉଁଥିରେ ତା'ର ବିକାଶ ହୋଇ ପରିଶେଷରେ ବିନାଶ ହୋଇଥାଏ । ଗୀତା ଅନୁସାରେ ମନୁଷ୍ୟର ଏହି ଶରୀର ଧାରଣ କରିବା ଓ ଶରୀର ନାଶଯିବା ପର୍ଯ୍ୟାୟକୁ କ୍ଷେତ୍ର ବୋଲି କୁହାଯାଏ। ତେଣୁ ଶରୀରକୁ ସିଧାସଳଖ ଭାବରେ ଭଗବାନ୍ ଏକ କ୍ଷେତ୍ର ସହିତ ତୁଳନା କରିଛନ୍ତି। ମନୁଷ୍ୟ ଶରୀର ପଞ୍ଚଭୂତରେ ତିଆରି। ହେଲେ ଆତ୍ମା ଏକ ଏବଂ ଏହାର ବିଚାରଧାରା ଭିନ୍ନ। ତା'ର ଚେତନାରେ ଗୋଟିଏ ବହିର୍ଜଗତ ପ୍ରତିଫଳିତ ହେଉଛି ଓ ତାକୁ ଅବଲମ୍ବନ କରି କେତେକ ଇଷ୍ଟାର୍ଥ ସୃଷ୍ଟି ହେଉଛି, ଯାହା ନିଜସ୍ୱ। ତେଣୁ ସେ ଇଷ୍ଟାର୍ଥଗୁଡ଼ିକୁ ସେ ପୁଷ୍ଟ କରି ଚାଲୁଛି । ସେଥିନିମିତ୍ତ ଅନ୍ୟର ସହଯୋଗିତା ଏବଂ ବିରୋଧ ଦୁଇଟା ତା'ର ପ୍ରୟୋଜନ ହୋଇଥାଏ । ଏହିଠାରେ କେଉଁଠି ଖାପଛଡ଼ାଭାବ ବା ମନକୁ ଚକ୍ଷୁଠାରି ଅନ୍ୟର ସହିତ ମିଳାମିଶା କରୁଛି। କେତେବେଳେ ଅନ୍ୟକୁ ପ୍ରଭାବିତ କରିବାର ଚେଷ୍ଟା କରୁଛି ତ ଅନ୍ୟ ସମୟରେ ଅନ୍ୟଦ୍ୱାରା ପ୍ରଭାବିତ ହେଉଛି । ମୋଟ କଥା ଏ ଜଗତଟା ଗୋଟିଏ କୁରୁକ୍ଷେତ୍ର । ଏ କୁରୁକ୍ଷେତ୍ର ମନୁଷ୍ୟ ଭିତରେ ଓ ବାହାରେ ମଧ୍ୟ କ୍ରିୟାଶୀଳ। ଅନିଶ୍ଚିତ ଭବିଷ୍ୟତ ଦିଗକୁ ମନୁଷ୍ୟ ଆପେ ଆପେ ଅଗ୍ରସର ହେଉଛି। ଏହିଭଳି ପରିସ୍ଥିତିରେ ସେ ଥାଇ ଗୁରୁଗ୍ରହଣ କରି ମଧ୍ୟ ତା'ର ଆଧାତ୍ମିକ ଉନ୍ନତି ହେଉନାହିଁ। ତେଣୁ ଆଦିଶଙ୍କରାଚାର୍ଯ୍ୟ କହିଛନ୍ତି– 'ଦୁର୍ଲଭ ତ୍ରୟମୈବତତ୍ ଦୈବାନୁଗ୍ରହ ହେତୁକମ୍ ମନୁଷ୍ୟତ୍ୱ ମୁମୁକ୍ଷୁତ୍ୱ ମହାପୁରୁଷ ସଂଶ୍ରୟମ୍' । ତେବେ ମନୁଷ୍ୟ ଆଜି ଉନ୍ନତିର ଶୀର୍ଷରେ ପହଞ୍ଚି ମଧ୍ୟ ସମାଜରେ ପ୍ରକୃତ ମନୁଷ୍ୟର ଅଭାବ ରହିବା ବାସ୍ତବରେ ଦୁରୂହ ବ୍ୟାପାର। ତେବେ ଆମ ଭିତରେ ଆମେ କାହାକୁ ମନୁଷ୍ୟ ବୋଲି ବୁଝିବା ? ଯେଉଁ ବ୍ୟକ୍ତି ନିଜ ଭିତରେ ଥିବା ଅନ୍ତର୍ଯ୍ୟାମୀଙ୍କ ପ୍ରେରଣା ବା ବିବେକ ଅନୁଗାମୀ ହୋଇ ପରିଚାଳିତ ହୋଇଥାଆନ୍ତି। ମନୁଷ୍ୟ ବିବେକୀ ହୋଇଗଲେ ତା'ର ଚିନ୍ତା, ବାଣୀ ଓ କାର୍ଯ୍ୟ ମଧ୍ୟରେ ସାମ୍ୟତା ପରିଲକ୍ଷିତ ହୋଇଥାଏ। ଏହି ଅବସ୍ଥାର ନାମ ହିଁ ମନୁଷ୍ୟତ୍ୱ। ଏହି ଅବସ୍ଥାରେ ମନୁଷ୍ୟ ଆଉ ବିଷୟ ଭୋଗ କରିବାକୁ ଚାହେଁନା। ସଂସାର ତାକୁ ବନ୍ଧନ ପରି ବୋଧହୁଏ। କିନ୍ତୁ ଯେଉଁମାନେ ମନ ଇନ୍ଦ୍ରିୟଙ୍କ ଦ୍ୱାରା ସଂସାରରେ ଜଡ଼ିତ ହୋଇଥାଆନ୍ତି, ସେମାନଙ୍କୁ ଏହି ବନ୍ଧନ ଆନନ୍ଦ ଲାଗେ।

ଛୋଟ ଉଦାହରଣଟିଏ। ଜଣେ ଲୋକ ଛୋଟ ଶୁଆଟିକୁ ଧରି ପଞ୍ଜୁରି ଭିତରେ ରଖିଲେ। ଅତି ଆଦରରେ ତାକୁ ପାଳନ କଲେ। ଶୁଆଟି ବାରଣ୍ଡାରେ ଟଙ୍ଗା ହୋଇଥିବା ପଞ୍ଜୁରି ଭିତରେ ଥାଏ । ନାନାଦି କଥା କହିଚାଲିଥାଏ । ଶୁଆଟି ଦେଖେ ତା' ପରି ଅନ୍ୟ ଶୁଆମାନେ ମଧ୍ୟ ବାହାରେ ମୁକ୍ତ ଆକାଶରେ ଉଡ଼ିବୁଲୁଛନ୍ତି। ହେଲେ ସେ ପଞ୍ଜୁରି ଭିତରେ କେବଳ ଫଡ଼ଫଡ଼ କରୁଥାଏ। ଦିନେ ଲୋକଟି ଶୁଆକୁ ଖାଦ୍ୟ ଦେଲାବେଳେ ପଞ୍ଜୁରି ମୁକୁଳା କରିଦେଇଥିଲେ ଆଉ ବନ୍ଦ କରିବାକୁ ମନେନଥିଲା । ଏହି ଅବସରରେ ଶୁଆଟି ଉଡ଼ି ଚାଲିଗଲା ଅନ୍ୟ ମୁକ୍ତ ସାଥୀ ଶୁଆମାନଙ୍କ ନିକଟକୁ । କିନ୍ତୁ ସଞ୍ଜ ନଇଁ ଆସିଲାବେଳକୁ ପୁଣି ଆପଣାଛାଏଁ ଶୁଆଟି ପଞ୍ଜୁରିରେ ପ୍ରବେଶକଲା। ସେହିପରି ମନୁଷ୍ୟ ଆଜି ଯେଉଁ ବନ୍ଧନରେ ବାନ୍ଧି ହୋଇଛି, ତାକୁ ତାହା ବନ୍ଧନ ପରି ବୋଧ ହେଉନାହିଁ । ଯେଉଁ ଚିରାଚରିତ ରୀତିରେ ମନୁଷ୍ୟ ଚଳିଆସିଛି ତାକୁ ତାହା ଆନନ୍ଦ ଦିଏ। ଦୁଃଖ ପାଇଲେ ମଧ୍ୟ ସେଥିପ୍ରତି ତା'ର ଶୋଚନା ନଥାଏ। ମନୁଷ୍ୟତ୍ୱ ଆସିବା ଏବଂ ଏହି ବନ୍ଧନରୁ ମୁକ୍ତ ହେବା ପାଇଁ ସେ କେବେବି ଚେଷ୍ଟା କରେନାହିଁ। ବନ୍ଧନରୁ ମୁକ୍ତି ପାଇଁ ସେହିପରି ଗୁରୁଙ୍କର ଆବଶ୍ୟକତା ଅଛି । ଆଜି ଗୁରୁଙ୍କ ନିକଟକୁ ଯାଇ ମଧ୍ୟ ଶିଷ୍ୟ ପୁଣି ବନ୍ଧନରେ ପଡ଼ିବାକୁ ଇଚ୍ଛା କରୁଛି। ହେଲେ ମନୁଷ୍ୟତ୍ୱ ଜାଗ୍ରତ ହେବା ଦ୍ୱାରା ହିଁ ମନୁଷ୍ୟ ଭିତରେ ମୁକ୍ତ ହେବା ପାଇଁ ତା'ର ପ୍ରବଳ ଇଚ୍ଛା ହୁଏ କିପରି ଏ ବନ୍ଧନରୁ ସେ ମୁକ୍ତ ହେବ, ସେଥିପାଇଁ ସେ ପ୍ରକୃତରେ ଗୁରୁଙ୍କୁ ଖୋଜିଥାଏ। ଆମ୍ଭେମାନେ ଅନ୍ୟ ଜଣକୁ ସାହାଯ୍ୟ କରି ନ ପାରିଲେ ବି ଅନ୍ତତଃ ତା'ର କ୍ଷତି କରିବା ବା ତାକୁ କଷ୍ଟ ଦେବାରୁ ନିବୃତ୍ତ ରହିବା। ଏହା ଏକ ବଡ଼ ସେବା। ଅନ୍ୟର ଦୋଷ ଦେଖିବା ବା ତା'ର ନିନ୍ଦା କରିବାର କି ଅଧିକାର ଆମର ଅଛି ? ତାଙ୍କ ଇଚ୍ଛା ବିନା ପୃଥିବୀରେ କଦାପି କିଛି ଘଟିପାରିବ ନାହିଁ ବୋଲି ଆମେ କହୁଥିବା ବେଳେ କାହିଁକି ବିରକ୍ତ ବା କ୍ରୋଧାନ୍ୱିତ ହେଉଛେ ? ଆମର କର୍ତ୍ତବ୍ୟ ହେଉଛି ନିଜକୁ ନିର୍ମଳ କରିବା ଏବଂ ଆମେ ନିଜର ଅନ୍ତଃଶୁଚିତାରେ ନିୟୋଜିତ ହେବା। ସେହି ପ୍ରୟାସ ଆମକୁ ସବୁ ସଜ୍ଜନମାନଙ୍କର ସହଯୋଗ ଆଣିଦେବ ଏବଂ ଆମ ଭିତରେ ଆମେ ଶାନ୍ତି ଓ ଆନନ୍ଦର ନିର୍ଝର ପାଇପାରିବା।

– ପାରାଦୀପ, ମୋ: ୯୪୩୭୦୨୨୦୬୧

## ଏଇ ଭାରତରେ

ତାମିଲନାଡୁର ଦିବ୍ୟାଙ୍ଗ ମହିଳା ଡି. ଇନ୍ଦ୍ରା। ଜୀବନର ପ୍ରତିକୂଳ ସ୍ଥିତିକୁ ସାମନା କରି ଦିବ୍ୟାଙ୍ଗ ଶିଶୁଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଯେଉଁ ନିଷ୍ଠାପର ପ୍ରୟାସ ଜାରି ରଖିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଇନ୍ଦ୍ରା ହ୍ୱିଲଚେୟାରରେ ଯିବାଆସିବା କରନ୍ତି। ରହନ୍ତି କାଞ୍ଚିପୁରମ ଜିଲା ସରୁନାଲୁର ଗାଁରେ। ସେଠାରେ 'ପ୍ରେମ୍‌ଇଲମ' ନାମକ ଆଶ୍ରୟସ୍ଥଳି ପ୍ରତିଷ୍ଠା କରି ୩୦୦ ଦିବ୍ୟାଙ୍ଗ ଶିଶୁକନ୍ୟାଙ୍କ ସାହାରା ପାଲଟିଛନ୍ତି। ସେଠାରେ ପିଲାଙ୍କର ଖାଇବା, ଚିକିତ୍ସା ଓ ଶିକ୍ଷା ଲାଗି ଆବଶ୍ୟକ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ବଡ଼ କଥା ହେଉଛି ପିଲାମାନେ କିଭଳି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପାଇଁ ସେ ଜୈବିକ ଚାଷ କରୁଛନ୍ତି। ଆଶ୍ରୟସ୍ଥଳୀର କର୍ମଚାରୀଙ୍କ ସହାୟତାରେ ଧାନ, ଫଳ ଓ ପନିପରିବା ଚାଷ କରି ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି। ଇନ୍ଦ୍ରା ସ୍ନାତ୍ତୋକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସ୍ୱାବଲମ୍ବୀ ହେବାକୁ ପ୍ରଥମେ ସେ ଚାକିରି କରିଥିଲେ। ହେଲେ ଦିବ୍ୟାଙ୍ଗ ପିଲାଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଚାକିରି ଛାଡ଼ି 'ପ୍ରେମ ଇଲମ' ପ୍ରତିଷ୍ଠା କରିଥିଲେ। ବ୍ୟକ୍ତିଗତ ଉଦ୍ୟମରେ ପାଣ୍ଠି ଯୋଗାଡ଼ କରି ଏହି ଆଶ୍ରୟସ୍ଥଳୀ ପରିଚାଳନା କରୁଛନ୍ତି। ସେ ଉତ୍ପାଦିତ ଖାଦ୍ୟଶସ୍ୟରେ ନିୟମିତ ଆଶ୍ରମର ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରି ନିକଟସ୍ଥ ଅସହାୟ ଲୋକଙ୍କୁ ଦେଉଛନ୍ତି। ୯୦ ପ୍ରତିଶତ ଦିବ୍ୟାଙ୍ଗ ଇନ୍ଦ୍ରାଙ୍କ ବୟସ ୩୬। ଜନ୍ମର ୫ ମାସ ବେଳକୁ ସେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ହେଲେ ସବୁପ୍ରକାର ଆହ୍ୱାନକୁ ସମ୍ମୁଖୀନ ହୋଇ ସଫଳତା ପାଇବାରେ ଜଣଙ୍କୁ ସାହାଯ୍ୟ କର ବୋଲି କହନ୍ତି ଇନ୍ଦ୍ରା।

## ଚିରନ୍ତନୀ

ଅସ୍ତ୍ର ଶକତି ଅସ୍ଥିର ଚିରଦିନ
କେବେ ସେ ଅଧିକ କେବେ ହୁଏ ଅବା ହୀନ
ମନର ଶକତି ପଡି ନାହିଁ ଭାଜି
ସେହି ଶକତିରେ ବଳୀୟାନ ଆଜି
ସେହି ସମ୍ପଦେ ଦୁର୍ଜୟ ଆଶା ଲଭି ଆଜି
ନୋହୁଁ ଦୀନ
ଅସ୍ତ୍ରର ବଳ ଅସ୍ଥିର ଚିରଦିନ।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୬

- ବ୍ରାଜିଲର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ବସ୍ତି ଅଞ୍ଚଳରେ ଖସିପଡ଼ିବା ଫଳରେ ଏଥିରେ ଥିବା ସମସ୍ତ ୯୫ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ରାଜ୍ୟ ଜନତା ଦଳର ପ୍ରାଥମିକ ସଭ୍ୟ ପଦରୁ ୩ ପୂର୍ବତନ ମନ୍ତ୍ରୀ ଓ ୨ ବିଧାୟକ ଇସ୍ତଫା ଦେଇଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 5 | | | 2 | | | |
| 9 | | 2 | 4 | | | | | |
| | 8 | 1 | | | | 7 | | |
| | | | 9 | 2 | | | | |
| | 1 | | | | | | 8 | |
| | 2 | | | | 4 | 6 | | |
| | | | | | 9 | 3 | | |
| | | | 7 | | | 4 | 5 | |
| 5 | | 6 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 2 | 3 | 5 | 6 | 1 | 4 |
| 2 | 4 | 3 | 1 | 8 | 6 | 7 | 9 | 5 |
| 1 | 5 | 6 | 9 | 4 | 7 | 3 | 2 | 8 |
| 7 | 9 | 8 | 5 | 6 | 4 | 1 | 3 | 2 |
| 6 | 3 | 1 | 8 | 9 | 2 | 4 | 5 | 7 |
| 4 | 2 | 5 | 3 | 7 | 1 | 8 | 6 | 9 |
| 3 | 8 | 7 | 6 | 5 | 9 | 2 | 4 | 1 |
| 5 | 6 | 2 | 4 | 1 | 8 | 9 | 7 | 3 |
| 9 | 1 | 4 | 7 | 2 | 3 | 5 | 8 | 6 |

ଗତକାଲିର ଉତ୍ତର

# ଭାଗ୍ୟ ବନାମ କର୍ମ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ମୁଁ ଯେତେବେଳେ ପିଲା ଥିଲି, ସେତେବେଳେ ଅଜା ଉପଦେଶ ଛଳରେ ମୋତେ କହିଥିଲେ– "ବାବୁରେ, ବାମ ହାତର ପାପ ଡାହାଣ ହାତକୁ ଯାଏନି।" ମୁଁ ସ୍ୱାଭାବିକ ଭାବେ ଅଜାଙ୍କୁ ପ୍ରଶ୍ନ କରିଥିଲି ଏହାର ଅର୍ଥ ମୋତେ ବୁଝାଇ କୁହ। ସେତେବେଳେ ମୋର ବୟସ ବୋଧହୁଏ ଛ'ବର୍ଷ କି ସାତ ବର୍ଷ ହୋଇଥିଲା। ଅଜା କଥା ଛଳରେ କହିଲେ– ତୁ ଯେଉଁ କର୍ମ କରିବୁ, ଭଲ ହେଉ ବା ମନ୍ଦ ହେଉ ନିଶ୍ଚୟ ଭୋଗ କରିବୁ। ଛ' ସାତ ବର୍ଷର ଛୋଟ ପିଲାର କେତେବା ଜ୍ଞାନ! ପରବର୍ତ୍ତୀ ସମୟରେ କଲେଜରେ ପଢୁଥିବା ସମୟରେ ମୋର ଜଣେ ଛାତ୍ରବନ୍ଧୁ ମୋତେ ଜଣେ ଜ୍ୟୋତିଷଙ୍କ ପାଖକୁ ନେଇଗଲେ। ସେତେବେଳେ ମୋର ଜ୍ୟୋତିଷ ଶାସ୍ତ୍ର ଉପରେ ଜ୍ଞାନ ନ ଥିଲା। ଛାଡ଼ନ୍ତୁ ସେକଥା। ମୋ ସାଙ୍ଗର ଜାତକ ଦେଖି ଜ୍ୟୋତିଷ କହିଲେ– "ବାବୁ! ତୁମର ଭାଗ୍ୟ ବହୁତ ଟାଣ। ତୁମେ ଜୀବନରେ ବହୁତ ସୁଖ ଅନୁଭବ କରିବ।" ମୁଁ ଦ୍ୱନ୍ଦ୍ୱରେ ପଡ଼ିଲି। ଘରେ ଯାଇ ବାପାଙ୍କୁ ପଚାରିଲି– "ବାପା ଭାଗ୍ୟ କ'ଣ ?" ବାପା କହିଲେ– "ଭାଗ୍ୟ ହେଉଛି ବିଗତ ଜନ୍ମର କର୍ମଫଳ। ଯଦି ତୁମେ ବିଗତ ଜନ୍ମରେ କିଛି ଭଲ କାମ କରିଛ ଏବଂ ତା'ର ସୁଫଳ ସେ ଜନ୍ମରେ ଭୋଗ କରିପାରି ନାହଁ, ତେବେ ପରବର୍ତ୍ତୀ ଜନ୍ମରେ ସେହି କର୍ମଫଳକୁ ଭୋଗ କରିବ। ଏହାକୁ କୁହନ୍ତି ଭାଗ୍ୟ। ଏହି ଭାଗ୍ୟ ଉପରେ କାହାର ନିୟନ୍ତ୍ରଣ ନ ଥାଏ।"

ବର୍ତ୍ତମାନ ମୁଁ ସରକାରୀ ଚାକିରିରୁ ଅବସର ନେଇ ସାରିଲିଣି। ଭାଗ୍ୟ ଓ କର୍ମ ଭିତରେ ଥିବା ପ୍ରଭେଦକୁ ସ୍ପଷ୍ଟରୂପେ ଅନୁଭବ କରିପାରୁଛି। ଶ୍ରୀମଦ୍‌ଭାଗବତରେ ଶ୍ରୀକୃଷ୍ଣ କହିଛନ୍ତି,

"କର୍ମ ତୋହର ନିଜ ଗୁରୁ/ ଉଦ୍ଧବ କେତେ ତୁ ପଚାରୁ।।" ହଁ! ଏହାହିଁ ବାସ୍ତବ ସତ୍ୟ। କାହାକୁ ସାକ୍ଷୀ ରଖିବା ଦରକାର ନାହିଁ। ମୁଁ ଦେଖିଛି ଏବଂ ଅନୁଭବ କରିଛି। କର୍ମଫଳଟି ସମ୍ପୂର୍ଣ୍ଣ ଭୋଗ ନ କଲେ ମଧ୍ୟ ଏହି ଜନ୍ମରେ ଆମେ ପ୍ରାୟ ଅଧିକାଂଶ କର୍ମଫଳକୁ ଭୋଗ କରିଥାଉ। ଅନ୍ତିମ ସମୟରେ ନିଜର କର୍ମଫଳକୁ ବିଚାର ନ କରି ଭାଗ୍ୟକୁ ଦୋଷ ଦେଇଥାଉ। ହେତୁବାଦୀମାନେ ଅବଶ୍ୟ ଏସବୁ କଥାକୁ ବିଶ୍ୱାସ କରନ୍ତିନାହିଁ। ସେମାନଙ୍କ କଥା ଭିନ୍ନ। କିନ୍ତୁ ସାଧାରଣ ଭାବେ ଏତିକି କୁହାଯାଇପାରେ ଯେ, କର୍ମଫଳକୁ ଆଜି ନ ହେଲେ ମଧ୍ୟ କାଲି ଭୋଗିବାକୁ ପଡ଼ିବ।

ଆମେ ଏଠାରେ ତିନୋଟି କଥା ଅବତାରଣା କରୁଛୁ। ଏ ସମସ୍ତ ବ୍ୟକ୍ତିବିଶେଷ ଆମ ସମୟର ଲୋକ । ଜଷ୍ଟିସ୍ ରଙ୍ଗନାଥ ମିଶ୍ରଙ୍କୁ କିଏ ବା ନ ଜାଣେ! ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହୋଇ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଆଉ ଧରାଧାମରେ ନାହାନ୍ତି। ସେଦିନ ପୁରୀ ଆଇନ ମହାବିଦ୍ୟାଳୟର ଏକ ଉତ୍ସବରେ ଯୋଗଦେବା ଅବସରରେ ମିଶ୍ର ଏକଥା କହିଥିଲେ ଯେ, ସେ କଲେଜକୁ ଯିବା ପୂର୍ବରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିଲେ। ବଡ଼ଦାଣ୍ଡରେ କିଏ ଜଣେ ତାଙ୍କୁ ଡାକିବାର ମନେ ହେଲା। ଏହି ସମୟରେ ସେଠି ବସିଥିବା ଜଣେ ଭିକାରି ବଡ଼ ପାଟିରେ କହିଲା– "ରଙ୍ଗନାଥ ବାବୁ! ମୋତେ କ'ଣ ଚିହ୍ନିପାରୁ ନାହାନ୍ତି? ମୁଁ ସେହି କୁଳିଆ ଡାକୁ ଅର୍ଥାତ୍ ଆପଣଙ୍କ ମହକିଲ କୁଳମଣି। ମୁଁ ଗୋଟିଏ ଘଟଣାରେ ଡକାୟତି କରିବା ସହ ପରିବାରର ସଦସ୍ୟଙ୍କୁ ମଧ୍ୟ ହତ୍ୟା କରିଥିଲି। ଆପଣଙ୍କ ଅକାଟ୍ୟ ଯୁକ୍ତି ବଳରେ ସେଦିନ ନ୍ୟାୟାଳୟରୁ ସେହି ମୋକଦ୍ଦମାରେ ମୁଁ ନିର୍ଦ୍ଦୋଷରେ ଖଲାସ ହେଲି। ଆଜ୍ଞା! ସେଦିନ ସିନା ଆପଣ ମୋତେ ଖଲାସ କରିଦେଲେ; କିନ୍ତୁ ବିଧାତା ମୋତେ ସହିଲାନି। ଅଳ୍ପ କିଛିଦିନ ପରେ ମୁଁ ବଡ଼ ରୋଗରେ ପୀଡ଼ିତ ହେଲି। ପୁଅ, ବୋହୂ ଏପରିକି ମୋ ହାତ ଧରିଥିବା ସ୍ତ୍ରୀ ମଧ୍ୟ ମୋତେ ଦେଖି ଘୃଣା କଲା। ସୁତରାଂ, ଅନୁଶୋଚନାରେ ଏ ବଡ଼ଦାଣ୍ଡକୁ ପଳେଇଆସିଲି ଏବଂ ଭିକ୍ଷାବୃତ୍ତି କରି ଯାହାକିଛି ପାଉଛି ସେଥିରେ ଚଳିଯାଉଛି।" ଏହି କଥାର ଅବତାରଣା କରି ରଙ୍ଗନାଥ ମିଶ୍ର ସେଦିନ ସଭାରେ କହିଥିଲେ, ଆମ ସମସ୍ତଙ୍କ ଉପରେ ଜଣେ ବିଚାରକ ଅଛନ୍ତି। ସେ ଆମ ପାପପୁଣ୍ୟକୁ ବିଚାର କରୁଛନ୍ତି, ସେ ହେଉଛନ୍ତି ଈଶ୍ୱର।

ଦ୍ୱିତୀୟ ଘଟଣାଟି ହେଉଛି ଏହିପରି– ଜଣେ ବିଚାରପତି ନିଜ କୋଠା ଉପରୁ ଥାଇ ଦେଖିଲେ ଯେ, ଜଣେ ଲୋକ ଅନ୍ୟ ଜଣେ ଲୋକକୁ ଛୁରିଭୁସି ହତ୍ୟା କଲା। ପରବର୍ତ୍ତୀ ସମୟରେ କେସ୍ ଚାଲିଲା। ବିଚାରପତି ସବୁ ଜାଣୁଥିଲେ ମଧ୍ୟ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେ ନିର୍ଦ୍ଦୋଷରେ ଖଲାସ ହେଲା। ପରବର୍ତ୍ତୀ ସମୟରେ ଏକ ହତ୍ୟା ମୋକଦ୍ଦମାରେ ସେହି ଲୋକକୁ ଜଡ଼ିତ କରାଯାଇ କୋର୍ଟରେ ମାମଲା ରୁଜୁ ହେଲା। ଦୀର୍ଘଦିନ ଧରି ଶୁଣାଣି ଚାଲିଲା। ଶୁଣାଣି ପରେ ସାକ୍ଷୀମାନଙ୍କ ବୟାନ ଓ ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ବିଚାରପତି ହତ୍ୟା କରିଥିବା ମୁଦାଲାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଲେ।

ରାୟ ଶୁଣାଣି ପରେ ଜନସାଧାରଣ ଭର୍ତ୍ତିଥିବା କୋର୍ଟରେ ଅପରାଧୀ ବିଚାରପତିଙ୍କୁ କହିଲା– "ହଜୁର! ଆପଣ ମୋତେ ପୂର୍ବ ମୋକଦ୍ଦମାରେ ନିର୍ଦ୍ଦୋଷରେ ଖଲାସ କରିଥିଲେ; ଯଦିଓ ମୁଁ ସ୍ୱୀକାର କରୁଛି ଯେ ମୁଁ ଅପରାଧ କରିଥିଲି। କିନ୍ତୁ ବର୍ତ୍ତମାନ ଆପଣଙ୍କ ଆଗରେ କହୁଛି ଯେ, ଏ ଘଟଣାରେ ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ମୋତେ ଫସାଇ ଦିଆଯାଇଛି।" ବିଚାରପତି କହିଲେ– "ହଁ, ମୁଁ ହେଉଛି ସେହି ବିଚାରପତି। ସେଦିନ ସାକ୍ଷ୍ୟପ୍ରମାଣ ଅଭାବରୁ ତୁମକୁ ନିର୍ଦ୍ଦୋଷରେ ଖଲାସ କରିଥିଲି; ଯଦିଓ ତୁମେ ସେ ଲୋକଟିକୁ ମାରିବାର ମୁଁ ଛାତ ଉପରେ ଥାଇ ଦେଖିଥିଲି। କିନ୍ତୁ ବିଚାରପତିର କାର୍ଯ୍ୟଶୈଳୀ ଭିତରେ ତୁମକୁ ଦୋଷୀ ସାବ୍ୟସ୍ତ କରିବା ମୋ ପକ୍ଷେ ସମ୍ଭବ ନଥିଲା। ତୁମେ ବର୍ତ୍ତମାନ କହୁଛି, ଏ ଘଟଣାରେ ତୁମେ ନିର୍ଦ୍ଦୋଷ। ମୁଁ ମଧ୍ୟ ସେହି ବିଚାରପତି ତୁମକୁ ଆଜି ଏହି ଘଟଣାରେ ଦଣ୍ଡାଦେଶ ଶୁଣାଉଛି। ତୁମର ମନେରଖିବା ଉଚିତ ଯେ, ଆମମାନଙ୍କ ସମସ୍ତଙ୍କ ଉପରେ ଐଶ୍ୱରିକ ଶକ୍ତି ଅଛି; ଯିଏ ଆମର ସମସ୍ତ କାର୍ଯ୍ୟାବଳୀକୁ ଅନୁଧ୍ୟାନ କରୁଛନ୍ତି। ଏହାକୁ କହନ୍ତି ଡିଭାଇନ୍ ଜଷ୍ଟିସ୍ ବା ଐଶ୍ୱରିକ ନ୍ୟାୟ। ସୁତରାଂ ତୁମର ପାପର ଫଳ ଆଜି ତୁମକୁ ଭୋଗିବାକୁ ପଡ଼ିଲା।"

ତୃତୀୟ ଘଟଣାଟି ହେଉଛି ଏହିପରି। ବ୍ୟକ୍ତି ଜଣକ ମୋର ଜଣେ ଚିହ୍ନାପରିଚିତ ବ୍ୟକ୍ତି । ଛାତ୍ର ଜୀବନରେ ସେ ଅତ୍ୟନ୍ତ ଉଚ୍ଛୃଙ୍ଖଳ ଥିଲେ । କିନ୍ତୁ ପ୍ରତ୍ୟେକ ଥର ସେ ଅଦାଲତରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭାଗ୍ୟ ବେଶିଦିନ ତାଙ୍କର ପକ୍ଷ ନେଲାନାହିଁ। ମୁଁ ଭଲ ଭାବେ ଜାଣେ, ଗୋଟିଏ ଘଟଣାରେ ସେ ଆଦୌ ସମ୍ପୃକ୍ତ ନ ଥିଲା ବେଳେ ତାଙ୍କୁ ଫସାଇ ଦିଆଗଲା ଏବଂ ସେ କିଛିଦିନ କାରାଦଣ୍ଡ ଭୋଗ କଲେ। ଏଇଟା ବଡ଼କଥା ନୁହେଁ।

ଯୌବନ ଆମମାନଙ୍କ ଚକ୍ଷୁ ସମ୍ମୁଖରେ ଏକ ମାୟାର ଅଞ୍ଜନ ଲେପି ଦେଇଥାଏ। ଏ ପୃଥିବୀ ଆମକୁ ଏକ ନାଟ୍ୟଶାଳା ପରି ମନେହୁଏ ଏବଂ ଆମେ ନିଜକୁ ଅପରାଜେୟ ବୋଲି ମନେକରୁ। କିନ୍ତୁ ଏକଥା ମନେରଖିବାକୁ ହେବ ଯେ, ଆଜି ନ ହେଲେ ମଧ୍ୟ କାଲି ଆମକୁ ନିଶ୍ଚିତ ଭାବେ ଆମର କର୍ମଫଳ ଭୋଗ କରିବାକୁ ପଡ଼ିବ। ଏ ଜନ୍ମରେ ନ ହେଲେ ମଧ୍ୟ ଆଗାମୀ ଜନ୍ମରେ ଆମକୁ ଆମର କର୍ମଫଳ ଭଲ ହେଉ ବା ମନ୍ଦ ହେଉ ଭୋଗିବାକୁ ନିଶ୍ଚୟ ପଡ଼ିବ। ଏହାର ରାଶି ରାଶି ଦୃଷ୍ଟାନ୍ତ ପୁରାଣ ଶାସ୍ତ୍ରମାନଙ୍କରେ ରହିଛି। ଆମେ ସବୁ ଜାଣୁଛେ; କିନ୍ତୁ ମାୟା ମୋହ ବଶତଃ ପୁଣି ସେହି ଅସତ୍ କର୍ମରେ ଲିପ୍ତ ରହୁଛେ। ନିଜ କୁକର୍ମ ପାଇଁ ପୁଣିଥରେ ଧରାପୃଷ୍ଠରେ ଜନ୍ମଗ୍ରହଣ କରି ଏହାକୁ ଭୋଗ କରୁଛେ। ଏହାହିଁ ତ ଜୀବନର ସତ୍ୟ।

– ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦

## ପାଠକ ଶ୍ରେଷ୍ଠ ବିଚାରକ

### ସାଇବର ଠକଙ୍କ ପ୍ରତି ସାବଧାନ

ମହାଶୟ,

ରାଜ୍ୟରେ ସାଇବର ଠକମାନେ ସର୍ବସାଧାରଣ ଲୋକଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ଉଠାଇ ନେଇଯାଆନ୍ତି। ଏପରି କି ପୁରସ୍କାର, ଲଟେରି କିମ୍ବା ଉପହାର ପାଇଁ ନିଜର ଓଟିପି ପାସୱାର୍ଡ କିମ୍ବା ଗୁପ୍ତତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ। ଅଜଣା କଲକୁ ଗ୍ରହଣ କରନ୍ତୁ ନାହିଁ। କେହି କଷ୍ଟମର କେୟାର ନମ୍ବର ପାଇବା ପାଇଁ ଗୁଗଲରେ ଖୋଜନ୍ତୁ ନାହିଁ; ଯାହା କି ଆକାଉଣ୍ଟରୁ ଟଙ୍କା ନେବାରେ ଠକମାନେ ସକ୍ଷମ ହୋଇପାରିବେ।

– ରେମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପେଟ୍ରୋଲିୟମ ଟିକସ ଆଦାୟ ୭୯% ବୃଦ୍ଧି

ନୂଆଦିଲ୍ଲୀ,୩୧।୧୦



ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ପେଟ୍ରୋଲିୟମ ସାମଗ୍ରୀ ଉପରେ ଲାଗୁ ହେଉଥିବା ଟିକସ ବାବଦ ସଂଗ୍ରହ ୩୩% ବଢ଼ିଛି। ସେହିଭଳି କୋଭିଡ ପୂର୍ବ ସ୍ଥିତି କଥା ବିଚାରକୁ ନେଲେ ଏହି ବାବଦକୁ ଟିକସ ଆଦାୟ ୭୯% ବଢ଼ିଥିବା ଜଣାପଡ଼ିଛି। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ ଡାଟା ମୁତାବକ, ୨୦୨୧ ଏପ୍ରିଲ-ସେପ୍ଟେମ୍ବର ସମୟରେ ପେଟ୍ରୋଲିୟମ ସାମଗ୍ରୀ ଉପରେ ଲାଗୁ ହେଉଥିବା ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଟିକସ ଆଦାୟ ୧.୭୧ ଲକ୍ଷ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷ ସମାନ ସମୟରେ ଏହା ୧.୨୮ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୧୯ ଏପ୍ରିଲ-ସେପ୍ଟେମ୍ବରରେ ଏହା ୯୫,୯୩୦ କୋଟି ଟଙ୍କା ଉତ୍ପାଦ ଟିକସ ଆଦାୟ ହୋଇଥିବା ବେଳେ ଏହା ଚଳିତ ବର୍ଷ ସମାନ ଅବଧିରେ ଏହା ୭୯% ବଢ଼ିଛି।

୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୩.୮୯ ଲକ୍ଷ କୋଟି ଟଙ୍କାର ଉତ୍ପାଦ ଟିକସ ଆଦାୟ କରିଛନ୍ତି। ଏହା ୨୦୧୯-୨୦ରେ ୨.୩୯ ଲକ୍ଷ କୋଟି ଟଙ୍କା ରହିଥିବା ସିଜିଏ ଡାଟାରୁ ସାମ୍ନାକୁ ଆସିଛି। ସାମଗ୍ରୀ ଓ ସେବା ଟିକସ ଲାଗୁ ହେବା ପରେ ପେଟ୍ରୋଲ,ଡିଜେଲ, ଏଟିଏଫ୍ ଏବଂ ପ୍ରାକୃତିକ ବାଷ୍ପ ଉପରେ ଉତ୍ପାଦ ଟିକସ ଲାଗୁ ହେଉଛି। ଏହି ପ୍ରଡକ୍ଟଗୁଡ଼ିକୁ ଛାଡ଼ି ଦେଲେ ବାକି ସବୁ ପ୍ରଡକ୍ଟ ଉପରେ ଜିଏସ୍‌ଟି ଲାଗୁଛି। ୨୦୧୮-୧୯ର ସଂଗୃହୀତ ୨.୩ ଲକ୍ଷ କୋଟି ମଧ୍ୟରୁ ୩୫,୮୩୪ କୋଟି ଟଙ୍କା ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଛି। ୨୦୧୭-୧୮ରେ ୨.୫୮ ଲକ୍ଷ କୋଟି ସଂଗୃହୀତ ହୋଇଥିବା ବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ୭୧,୭୫୯ କୋଟି ଟଙ୍କା ବଣ୍ଟନ କରାଯାଇଥିଲା।

୨୦୨୧-୨୨ର ପ୍ରଥମ ୬ ମାସରେ ୪୨,୯୩୧ କୋଟି ଅଧିକ ଟିକସ ଆଦାୟ ହୋଇଛି। ପୂର୍ବର ଉପା ସରକାରଙ୍କ ଅମଳରେ ହୋଇଥିବା ଅଏଲ ବଣ୍ଡ ପଇଠ ଜନୀତ ବାର୍ଷିକ ଦେୟ ତୁଳନାରେ ଏହା ୪ ଗୁଣା ଅଧିକ। ଚଳିତ ବର୍ଷ କେନ୍ଦ୍ର ସରକାର ଅଏଲ ବଣ୍ଡ ବାବଦକୁ ୧୦ ହଜାର କୋଟି ଟଙ୍କା ପଇଠ କରିବେ। ପେଟ୍ରୋଲ ଏବଂ ଡିଜେଲରୁ ଅଧିକ ଉତ୍ପାଦ ଟିକସ ଆସୁଛି। ପୂର୍ବବର୍ଷ ତୁଳନାରେ କେନ୍ଦ୍ର ସରକାର ଚଳିତ ବର୍ଷ ୧ ଲକ୍ଷ କୋଟି ଟଙ୍କା ଅଧିକ ଟିକସ ଆଦାୟ କରିବେ ବୋଲି ଆକଳନ କରାଯାଉଛି।

# ସ୍ମାର୍ଟ ୱାଚ୍‌ର ଚାହିଦା ଢେର ବଢ଼ିଛି

**ରମଣ ବାଗାଡିଆ। ଓଡ଼ିଶା ଏବଂ ପୂର୍ବାଞ୍ଚଳରେ ଟାଇଟାନ କମ୍ପାନୀର ପ୍ରଥମ ଫ୍ରାଞ୍ଚାଇଜ ଓନର। ପୂର୍ବ ପୁରୁଷ ରାଜସ୍ଥାନର ମୂଳ ବାସିନ୍ଦା ହୋଇଥିବା ବେଳେ କଟକରେ ତାଙ୍କ ଜନ୍ମ। ପୂର୍ବରୁ ଇଣ୍ଡେନ କୁକିଂ ଗ୍ୟାସ୍ ଏବଂ ହୋମ୍ ଫର୍ନିସି ଉତ୍ପାଦର ରିଟେଲ ବିଜ୍‌ନେସ କ୍ଷେତ୍ରରେ ଥିଲେ। ଦିନ ଥିଲା କେବଳ ଏଚ୍‌ଏମ୍‌ଟି ଘଣ୍ଟା ବଜାରରେ ଥିଲା। ଟାଟା ଘଣ୍ଟା କ୍ଷେତ୍ରକୁ ନୂଆ କରି ବଜାରକୁ ପ୍ରବେଶ ନେଇ ଘୋଷଣା ପରେ ବିଜ୍ଞାପନ ଦେଖି ଫ୍ରାଞ୍ଚାଇଜି ପାଇଁ ଆଗଭର ହେଲେ। ଆଉ ୩୨ ବର୍ଷ ତଳେ ଟାଇଟାନ୍ ସହ ସମ୍ପର୍କ ଯୋଡ଼ିଲେ। ୧୯୮୯-୯୦ରେ ଟାଇଟାନ୍‌ର ଓଡ଼ିଶା ତଥା ପୂର୍ବାଞ୍ଚଳରେ ପ୍ରଥମ ଏକ୍ସକ୍ଲୁସିଭ୍ ଶୋ'ରୁମ୍ କଟକରେ ଖୋଲିଥିଲେ। ଭଲ ବ୍ୟବସାୟ ଆଶା ନେଇ ଏହି କ୍ଷେତ୍ରକୁ ପ୍ରବେଶ କରିଥିବା ବାଗାଡିଆ ଅନୁଭୂତି ବଖାଣିଛନ୍ତି। ଦୀର୍ଘ ବର୍ଷର ବ୍ୟବସାୟ ଅଭିଜ୍ଞତା ନେଇ ବାଗାଡିଆଙ୍କ ସହ ଧରିତ୍ରୀର ସାକ୍ଷାତ୍‌କାର...**



ରମଣ ବାଗାଡିଆ

**ପ୍ରଶ୍ନ-କେଉଁ ପ୍ରସଙ୍ଗଗୁଡ଼ିକ ଗ୍ରାହକଙ୍କୁ ଟାଇଟନ ବ୍ରାଣ୍ଡ ପ୍ରତି ନିକଟତର କରିଛି?**

ଉତ୍ତର- ଟାଟାର ବିଶ୍ୱାସ ସହ ଟାଇଟାନ ଦୀର୍ଘ ବର୍ଷ ହେବ କେବଳ ଭାରତ ନୁହେଁ ବିଶ୍ୱ ବଜାରରେ ଏକ ପ୍ରମୁଖ ବ୍ରାଣ୍ଡ୍। ସର୍ବଦା ସ୍ୱତନ୍ତ୍ର ପ୍ରଡକ୍ଟ ସହ ପୂର୍ବ ଧାରାରେ କମ୍ପାନୀ ପରିବର୍ତ୍ତନ ଆଣିଛି। ପକେଟକୁ ସୁହାଇଲା ଭଳି କମ୍ପାନୀ ପୋର୍ଟଫୋଲିଓରେ ପ୍ରାୟ ୨ହଜାର ପ୍ରଡକ୍ଟ ଭେରାଇଟି ରହିଛି। ୧୫ଟି ବର୍ଗରେ ଆସେସୋରିଜ ଏବଂ ପ୍ରାୟ ୮ ରୁ ୧୦ ବିଦେଶୀ କମ୍ପାନୀର ପ୍ରଡକ୍ଟକୁ ମଧ୍ୟ ଟାଇଟାନ ରିଟେଲିଂ ଦାୟିତ୍ୱ ନେଇଛି।

**ପ୍ରଶ୍ନ- ବର୍ତ୍ତମାନ ସ୍ମାର୍ଟ ୱାଚ୍ ଚାହିଦାକୁ କିଭଳି ଦେଖୁଛନ୍ତି?**

ଉତ୍ତର- ସ୍ମାର୍ଟ ୱାଚ୍ ଚାହିଦା ଏବେ ଦ୍ରୁତ ଭାବେ ବୃଦ୍ଧି ପାଉଛି। ଯୁବବର୍ଗଙ୍କ ମଧ୍ୟରେ ଏହାର ଢେର ଚାହିଦା। ଫିଟ୍‌ନେସ୍, କନେକ୍ଟିଭିଟି, ଟେକ୍ନୋଲୋଜି ଏବଂ କଲିଂ ସମେତ ବିଭିନ୍ନ ଅତ୍ୟାଧୁନିକ ସୁବିଧା ଥିବାରୁ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ। ଏହାକୁ ଦେଖି କମ୍ପାନୀ ପ୍ରଡକ୍ଟ ଡିଜାଇନ କରିଛି।

**ପ୍ରଶ୍ନ- ବ୍ୟବସାୟରେ ସବୁଠାରୁ ଚ୍ୟାଲେଞ୍ଜ ସମୟ ନେଇ କିଛି ଅନୁଭୂତି କହିବେ?**

ଉତ୍ତର- ବ୍ୟବସାୟରେ ବିଭିନ୍ନ ସମୟରେ ଚ୍ୟାଲେଞ୍ଜିଂ ସ୍ଥିତି ରହିଆସିଛି। ଧୈର୍ଯ୍ୟ ଧରି ସବୁ କିଛିକୁ ସାମ୍ନା କରିବାକୁ ହେବ। ଦିନ ଥିଲା ଦିନକୁ ମାତ୍ର ୨ଟା ଘଣ୍ଟା ମଧ୍ୟ ବିକ୍ରି କରିବାକୁ ସକ୍ଷମ ହେଉ ନ ଥିଲୁ। ୪୦୦ ବର୍ଗଫୁଟରେ ଆରମ୍ଭ ହୋଇଥିବା କାରବାର ଏବେ କଟକ, ଭୁବନେଶ୍ୱର ଏବଂ ଯାଜପୁର ଭଳି ସ୍ଥାନରେ ୬ଟି ଷ୍ଟୋରରେ ପହଞ୍ଚିଛି। ୨୦୦୩ ବେଳକୁ କାରବାରରେ କଷ୍ଟକର ସମୟ ଆସିଥିଲା। ଘଣ୍ଟା ଏତେଟା ବିକ୍ରି ହେଲାନି। କମ୍ପାନୀ ଏକ୍ସଚେଞ୍ଜ ଅଫର ଦେଇଥିଲା। ଏହା ଦ୍ୱାରା ଘଣ୍ଟା କିଣିବାକୁ ଲମ୍ବାଲାଇନ ଲାଗିଲା।

**ପ୍ରଶ୍ନ- ମହାମାରୀରେ ବ୍ୟବସାୟ କ୍ଷେତ୍ରରେ କ'ଣ ଅସୁବିଧା ସାମ୍ନା କରିଥିଲେ? ଉନ୍ନତ ଗ୍ରାହକ ସେବା ସମ୍ପର୍କରେ ଆପଣଙ୍କ ମତ?**

ଉତ୍ତର- ମହାମାରୀ ଯୋଗୁ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ବେଳକୁ ପୁଣି ଥରେ ଏହା ଟ୍ରାକ୍‌କୁ ଫେରିବା ନେଇ ଆଶା। ସର୍ବୋତ୍ତମ କ୍ରୟ ଅନୁଭୂତି ଦେବା ଲକ୍ଷ୍ୟ ରହିଛି। ସମୟ ସମୟରେ ଅଫର ଦିଆଯାଉଛି। ଗ୍ରାହକ ଖୁସି ହେଲେ ହିଁ ଷ୍ଟୋରକୁ ଆସିବାକୁ ଅନ୍ୟକୁ ଉତ୍ସାହିତ କରିପାରିବେ।

**ପ୍ରଶ୍ନ - ଅବସର ସମୟରେ କ'ଣ କରନ୍ତି?**

ଉତ୍ତର- ଅବସର ସମୟରେ ସମାଜସେବାରେ ସମୟ ନିୟୋଜିତ କରେ। ପ୍ରଥମ ଲକ୍‌ଡାଉନରେ ରନ୍ଧା ଖାଦ୍ୟ ଏବଂ ଦ୍ୱିତୀୟ ଲକ୍‌ଡାଉନରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲୁ। ୩ଟି ଡିସ୍‌ପେନସାରି ଦ୍ୱାରା ଡାକ୍ତରୀ ପରାମର୍ଶ ଏବଂ ମାଗଣା ଔଷଧ ବଣ୍ଟନ ବ୍ୟବସ୍ଥା କରୁଛୁ।

**ପ୍ରଶ୍ନ- ଯୁବବର୍ଗଙ୍କୁ ପାଇଁ କ'ଣ ସନ୍ଦେଶ ଦେବେ?**

ଉତ୍ତର- ଧୈର୍ଯ୍ୟ ରଖିବାକୁ ହେବ। କଠିନ ପରିଶ୍ରମ, ନୀତିରେ ବିଶ୍ୱାସ ରଖିଲେ ସଫଳତା ନିଶ୍ଚୟ ମିଳିବ। ଲଗାଇଥିବା ପୁଞ୍ଜି କିଭଳି ଉଠିବ ତାକୁ ଧ୍ୟାନରେ ରଖିବାକୁ ପଡ଼ିବ। ନିଜ ଖୁସି ପାଇଁ ବ୍ୟବସାୟକୁ ପ୍ରଭାବିତ ନ କରି ଲାଭ ହେବା ଯାଏ ଯୁବବର୍ଗ ଅପେକ୍ଷା କରନ୍ତୁ।

**ପ୍ରଶ୍ନ- କ'ଣ ଖାଇବାକୁ ଭଲ ପାଆନ୍ତି?**

ଉତ୍ତର- ରାଜସ୍ଥାନୀ ହୋଇଥିଲେ ମଧ୍ୟ ଓଡ଼ିଆ ଖାଦ୍ୟ ପସନ୍ଦ। ଓଡ଼ିଶାରେ ଜନ୍ମ ହୋଇଥିବାରୁ ଏଠାକାର ଖାଦ୍ୟ ସଂସ୍କୃତି ସହ ଜଡ଼ିତ। ପଖାଳ ଭାତ, ଆଳୁ ଚଟଣି, କଲରା ଭଜା ଭଳି ନିରାମିଷ ଭୋଜନ ବେଶ୍ ପସନ୍ଦ। କଟକର ଦହିବରା ଖାଇବାକୁ ଭଲ ଲାଗେ।

## ଏଫ୍‌ବି ଗେମିଂ ପ୍ରେସ୍‌ଷ୍ଟାର୍ଟ ଆୟୋଜିତ

**ନୂଆଦିଲ୍ଲୀ,୩୧।୧୦:** ଫେସ୍‌ବୁକ୍ ପକ୍ଷରୁ ଭାରତରେ ଏହାର ପ୍ରଥମ ଗେମିଙ୍ଗ୍ ଇଭେଣ୍ଟ୍ ଏଫ୍‌ବି ଗେମିଙ୍ଗ୍ ପ୍ରେସ୍‌ଷ୍ଟାର୍ଟ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନର ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଫେସ୍‌ବୁକ୍ ପ୍ଲାଟଫର୍ମରେ ଗେମିଙ୍ଗ୍ ଉପସ୍ଥିତି ଦୃଢ଼ୀକରଣ ଏହାକୁ ବିକଶିତ କରିବା, ନୂତନ ଦର୍ଶକ ସନ୍ଧାନ ଓ ସେମାନଙ୍କ କମ୍ୟୁନିଟି ବୃଦ୍ଧି କରିବା ଉପରେ ଗେମ୍ ଡେଭଲପର୍, ପବ୍ଲିଶର୍ ଓ କ୍ରିଏଟର୍‌ମାନଙ୍କର ସୂଚନାପୂର୍ଣ୍ଣ ଅଧିବେଶନ ଦେଖିବାକୁ ମିଳିଛି। ଫେସ୍‌ବୁକର୍ ଗେମିଙ୍ଗ୍ ବିଜ୍‌ନେସ୍ ଓ ପରିଚାଳନା ବିଭାଗର ଭିପି ଜିଓ ହଣ୍ଟ, ଫେସ୍‌ବୁକ୍‌ର ଭାରତର ପରିଚାଳନା ନିର୍ଦ୍ଦେଶକ ଓ ଉପାଧ୍ୟକ୍ଷ ଅଜିତ ମୋହନ ଏବଂ ଫେସ୍‌ବୁକ୍‌ର ବଜ୍‌ନେସ୍ ଡେଭଲପ୍‌ମେଣ୍ଟ ଡାଇରେକ୍ଟର ମନୋହର ହଟଚନ୍ଦାନୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏଫ୍‌ବି ଗେମିଙ୍ଗ୍ ପ୍ରେସ୍‌ଷ୍ଟାର୍ଟ ଗେମିଙ୍ଗ୍ ପବ୍ଲିଶର ଓ ଡେଭଲପର୍‌ମାନଙ୍କୁ ସେମାନଙ୍କ ଗେମ୍‌ଗୁଡିକୁ ମୁଦ୍ରାକରଣ, ଅଗ୍‌ମେଣ୍ଟେଡ ରିଅଲିଟି ଓ ଫେସ୍‌ବୁକ୍‌ର ଇନ୍‌ଷ୍ଟାଣ୍ଟ୍ ଗେମ୍‌ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ସୁପରଚାର୍ଜ କରିବା ପାଇଁ ଫେସ୍‌ବୁକ୍‌ର ବ୍ୟବହାର ଏବଂ କ୍ରିଏଟର୍‌ମାନଙ୍କୁ ପ୍ଲାଟ୍‌ଫର୍ମରେ ସ୍ଥାୟୀ ରାଜସ୍ୱ ଆୟ କରିବାକୁ ସକ୍ଷମ କରିବା ଲାଗି ମନିଟାଇଜେଶନ ଟୁଲ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି।

## କଲ୍ୟାଣ ଜୁଏଲର୍ସର ୧୫୦ତମ ଶୋ'ରୁମ୍

ନୂଆଦିଲ୍ଲୀ,୩୧।୧୦



ଦିଲ୍ଲୀ ଏନ୍‌ସିଆର୍‌ରେ କଲ୍ୟାଣ ଜୁଏଲର୍ସର ୧୫୦ତମ ଶୋ'ରୁମ ଶୁଭାରମ୍ଭ ହୋଇଛି। ନଏଡା ଗ୍ରେଟ ଇଣ୍ଡିଆ ପ୍ଲେସର ଗ୍ରେଟ ଇଣ୍ଡିଆ ମଲ୍ ଏବଂ ଦ୍ୱାରକାର ଭେଗାସ ମଲରେ ଏହା ଅବସ୍ଥିତ। କଲ୍ୟାଣ ଜୁଏଲର୍ସର ଆଞ୍ଚଳିକ ବ୍ରାଣ୍ଡ ଆମ୍ବାସାଡର ୱାମିକା ଗାବି, ମଞ୍ଜୁ ୱାରିୟର ଏବଂ ରିତାଭାରି ଚକ୍ରବର୍ତ୍ତୀ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଏହି ନୂଆ ଶୋ'ରୁମ ସହ କମ୍ପାନୀ ଭାରତ, ମଧ୍ୟ ପ୍ରାଚ୍ୟ ଏବଂ ବିଶ୍ୱର ଅନ୍ୟ ସ୍ଥାନଗୁଡିକରେ ମଧ୍ୟ ଉପସ୍ଥିତି ଜାହିର କରିବାକୁ ସକ୍ଷମ ହୋଇଛି। ନେଟୱାର୍କରେ ୧୫୦ତମ ଶୋ'ରୁମ ଯୋଡ଼ି ଅତ୍ୟନ୍ତ ଖୁସି ବୋଲି କଲ୍ୟାଣ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଟି.ଏସ୍.କଲ୍ୟାଣ ରମଣ କହିଛନ୍ତି। ଗ୍ରାହକଙ୍କୁ ଗହଣା କ୍ରୟରେ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ନେଇ କଲ୍ୟାଣ ଲକ୍ଷ୍ୟ ରଖିଛି। ଶୋ'ରୁମରେ ଗ୍ରାହକଙ୍କ ଲାଗି ବିସ୍ତୃତ ରେଞ୍ଜ୍‌ର ପ୍ରଡକ୍ଟ ସାମିଲ ରହିଛି। ଆଗାମୀ ଦିନରେ ମଧ୍ୟ ଶୋ'ରୁମ ସମ୍ପ୍ରସାରଣ ଧାରା ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ସେନ୍‌କୋ ଗୋଲ୍ଡ ପକ୍ଷରୁ ଧନତେରସ ଅଫର

ଭୁବନେଶ୍ୱର,୩୧।୧୦

SENCO GOLD & DIAMONDS

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଧନତେରସ୍ ଲାଗି ଆକର୍ଷଣୀୟ ଅଫର୍ ଘୋଷଣା କରାଯାଇଛି। ଅଫର୍‌ର ଅଂଶ ସ୍ୱରୂପ ଗ୍ରାହକ ସୁନା, ହୀରା, ପ୍ଲାଟିନମ୍, ରୁପା ଏବଂ ଗସିପ୍ ଅଳଙ୍କାରର ସମସ୍ତ ବର୍ଗମାଳାର ଗଢ଼ା ମୂଲ୍ୟ ଉପରେ ଆକର୍ଷଣୀୟ ରିହାତି ପାଇପାରିବେ। କମ୍ପାନୀର ଅଫର୍ ନଭେମ୍ବର ୬ ପର୍ଯ୍ୟନ୍ତ ଜାରି ରହିବ। ଗ୍ରାହକମାନେ ଏହି ଅବସରରେ ସୁନା ଅଳଙ୍କାରର ପ୍ରତି ଗ୍ରାମ୍‌ରେ ୨୨୫ ଟଙ୍କା ସଞ୍ଚୟ କରିପାରିବେ। ପ୍ରତି ଗ୍ରାମ୍ ମୂଲ୍ୟରେ ୧୦୦ ଟଙ୍କାର ରିହାତି ଓ ୧୨୫ଟଙ୍କା ମୂଲ୍ୟର ଏକ ରୁପା କଏନ୍ ପାଇବେ। ହୀରା ଗହଣା ଉପରେ ମାଗଣା ସୁନା ଓ ଗଢ଼ା ମୂଲ୍ୟରେ ୭୫% ପର୍ଯ୍ୟନ୍ତ ରିହାତି ମିଳିବ। ପ୍ଲାଟିନମ୍ ଗହଣାର ଗଢ଼ା ମୂଲ୍ୟରେ ୨୫% ରିହାତି ମିଳିବ। ଗସିପ୍ ଗହଣା ଓ ରୁପାର ଗଢ଼ା ମୂଲ୍ୟ ଏମ୍‌ଆର୍‌ପି ଉପରେ ୧୫% ରିହାତି ମିଳିବ। ଏହି ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ସିଇଓ ଶୁଭଙ୍କର୍ ସେନ୍ କହିଛନ୍ତି, ଦୁଇ ବର୍ଷର ଚ୍ୟାଲେଞ୍ଜ ପରେ ଗ୍ରାହକମାନେ ଖୁସି ଓ ସମ୍ପତ୍ତି ଗଠନ କରିବା ଲାଗି ସୁନାରେ ନିବେଶ କରିବାକୁ ଚାହୁଁଛନ୍ତି।

ଫୁର୍‌ସତ୍

## ଭାସମାନ ଥିଏଟର



**ଶ୍ରୀନଗର:** ଖୋଲା ଆକାଶ ତଳେ, ନୀଳ ସାଗର କୋଳରେ ଭାସି ଭାସି ସିନେମା ଦେଖିବାର ମଜା ନିଆରା। ଏସବୁ ଏବେ ଆଉ ସ୍ୱପ୍ନ ରାଇଜର କଥା ନୁହେଁ। କଶ୍ମୀରର ଡାଲ୍ ହ୍ରଦରେ ଏବେ ପର୍ଯ୍ୟଟକମାନଙ୍କୁ ଭାସମାନ ଥିଏଟରରେ ସିନେମା ଦେଖିବାର ସ୍ୱତନ୍ତ୍ର ଅନୁଭୂତି ମିଳିପାରୁଛି।

ପ୍ରଥମ ଥର ପାଇଁ କଶ୍ମୀରର ଡାଲ୍ ହ୍ରଦ ଉପରେ କରାଯାଇଛି ଭାସମାନ ଥିଏଟର। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ଏକ ବ୍ୟବସ୍ଥା କରାଯାଇଛି। ଡାଲ୍ ହ୍ରଦରେ ବୁଲିବା ସହିତ ସିନେମାଦେଖାର ମଜା ନେବା ପାଇଁ ଏଠାରେ ୪ଟି ବଡ଼ ସ୍କ୍ରିନ୍ ମଧ୍ୟ ଲଗାଯାଇଛି। ରାତିର ଅନ୍ଧାରରେ ଆଲୋକ ସଜ୍ଜା ଭିତରେ ନୀଳ ଜଳରାଶି ଉପରେ ଆଉ ଖୋଲା ଥିଏଟରରେ ସିନେମା ଦେଖିବାର ଅନୁଭୂତି ସତରେ ଏକ ଭିନ୍ନ ପରିବେଶର ମଜା ଦେଇଥାଏ। ସେଥିପାଇଁ ଏବେ ଡାଲ୍ ହ୍ରଦ ପ୍ରତି ଲୋକଙ୍କ ଆକର୍ଷଣ ଆହୁରି ବଢ଼ିଯିବ ବୋଲି ଆଶା କରାଯାଉଛି। କେବଳ କଶ୍ମୀର ନୁହେଁ, ଏସିଆରେ ପ୍ରଥମ ଥର ପାଇଁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏଭଳି ଏକ ଭାସମାନ ଥିଏଟର କରାଯାଇଛି। ପ୍ରାକୃତିକ ପରିବେଶରେ ବୁଲିବାର ଅନୁଭୂତି ତ ନିଶ୍ଚିତଭାବେ ନିଆରା ହୋଇଥାଏ। କିନ୍ତୁ ହ୍ରଦ ଉପରେ ଥିଏଟରରେ ବସି ସିନେମା ଦେଖିବାର ଅନୁଭବ ଅଲଗା ହେବ ବୋଲି ଲୋକେ ଅନୁମାନ କରି ପାରୁଛନ୍ତି। ଡାଲ୍ ହ୍ରଦ ଉପରେ ଥିବା ଏହି ଥିଏଟରର ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହଜାର ହଜାର ଲୋକ ଏହି ଭିଡିଓ ଦେଖି ପସନ୍ଦ କରିବା ସହିତ ସୁନ୍ଦର କମେଣ୍ଟ ସବୁ ଦେଇଛନ୍ତି।

## କାଠ ଖାଉଛନ୍ତି ମହିଳା

**ୱାଶିଂଟନ:** ଦୁନିଆରେ ଅନେକ ବିଚିତ୍ର ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କର ଅଜବ କାରନାମାକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ସେମିତି ଜଣେ ମହିଳା ଅଛନ୍ତି, ଯିଏ କି ଘରର କାଠ ଖାଇ ଚର୍ଚ୍ଚାକୁ ଆସିଛନ୍ତି। ଏମିତି ମହିଳା ଆମେରିକାର ମିଚିଗାନରେ ରୁହନ୍ତି। ତାଙ୍କ ନାମ ନିକୋଲ। ସେ ପ୍ରଥମେ ଚକ୍ ଖାଉଥିଲେ। ଆଉ ଏବେ ନିଜର ଇଚ୍ଛା ଦୂର କରିବା ପାଇଁ ଘରର କାଠ ଖାଉଛନ୍ତି। ନିକୋଲ ନିଜେ ଏକ ଟିଭି କାର୍ଯ୍ୟକ୍ରମରେ ତାଙ୍କର ଏପରି ଅଦ୍ଭୁତ ନିଶା ବିଷୟରେ କହିଥିଲେ। ତାଙ୍କ କଥା ଶୁଣିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିକୋଲ କୁହନ୍ତି, ସେ ଘରର ଶୁଖିଲା କାଠର ଗନ୍ଧକୁ ଭଲ ପାଆନ୍ତି। ଏପରିକି ସେ ଗୋଟିଏ ସପ୍ତାହରେ ତିନି ବର୍ଗଫୁଟ କାଠ ଖାଇଦେଉଛନ୍ତି। ତାଙ୍କର ଏକ ସନ୍ତାନ ମଧ୍ୟ ଅଛି। ତାଙ୍କ ମା'ଙ୍କ ମୃତ୍ୟୁ ହେବା ପରେ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ସେବେଠାରୁ ସେ କାଠ ଖାଇବାରେ ଅଭ୍ୟସ୍ତ ହୋଇଗଲେ। ତାଙ୍କର ଏହି କୁଅଭ୍ୟାସ ହେତୁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିଛି ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କାଠ ଖାଇବା ଦ୍ୱାରା କର୍କଟ ଭଳି ମାରାତ୍ମକ ରୋଗ ହୋଇପାରେ, କାରଣ କାଠରେ ଥିବା ରଙ୍ଗରେ ରାସାୟନିକ ପଦାର୍ଥ ଥାଏ। ବହୁତ ଚେଷ୍ଟା କରିବା ପରେ ମଧ୍ୟ ସେ ଏହି ନିଶା ଛାଡ଼ି ପାରୁନାହାନ୍ତି ବୋଲି ନିକୋଲ କହିଛନ୍ତି।

## ସଲମାନଙ୍କୁ ଦଣ୍ଡ ଦେଲେ କାଟ୍ରିନା



**ମୁମ୍ବାଇ:** ଟିଭିର ସବୁଠାରୁ ବିବାଦୀୟ ଶୋ' ବିଗ୍ ବସ୍‌ରେ ଗୋଟିଏ ପରେ ଗୋଟିଏ ଟୁଇଷ୍ଟ ଦେଖିବାକୁ ମିଳୁଛି। ନିକଟରେ ଶୋ'ର ଏକ ଏପିସୋଡରେ କାଟ୍ରିନା କୈଫ ଏବଂ ରୋହିତ ଶେଟ୍ଟୀ ସେମାନଙ୍କ ଫିଲ୍ମ 'ସୂର୍ଯ୍ୟବଂଶୀ'ର ପ୍ରମୋଶନ ପାଇଁ ପହଞ୍ଚିଛନ୍ତି। ଏହି ଶୋ'ରେ କାଟ୍ରିନା ଶୋ'ର ହୋଷ୍ଟ ସଲମାନ ଖାନଙ୍କ ସହ ବହୁତ ମଜା କରୁଥିବା ଦେଖିବାକୁ ମିଳିଥିଲା। ଏପରିକି କାଟ୍ରିନା ସଲ୍ଲୁଙ୍କ କ୍ଲାସ ନେଇଥିଲେ। ଭିଡିଓରେ ଏହା ଦେଖାଯାଇଛି କାଟ୍ରିନା ଏବଂ ସଲମାନ ଖାନ ଟେବୁଲରେ ମୁହାଁମୁହିଁ ବସିଛନ୍ତି, ଯାହା ପରେ ଉଭୟଙ୍କ ମଧ୍ୟରେ ଥଟ୍ଟା ପରିହାସ ଆରମ୍ଭ ହୋଇଯାଏ। ସଲମାନଙ୍କ କିଛି ଭୁଲ ବାହାର କରି ତାଙ୍କୁ ଦଣ୍ଡ ମଧ୍ୟ ଦେଉଛନ୍ତି କାଟ୍ରିନା। ସଲମାନ ଶୁଟିଂକୁ ସବୁବେଳେ ବିଳମ୍ବ ଯାଉଥିବାରୁ କାଟ୍ରିନା ଦଣ୍ଡ ସ୍ୱରୂପ ସଲମାନଙ୍କୁ ଏକ ଗୀତ ଗାଇବାକୁ କହିଥିଲେ। ଗୀତ ଗାଇବା ସହିତ ସେ ଏକ ମଜାଳିଆ ନୃତ୍ୟ ମଧ୍ୟ କରିଥିଲେ। କାଟ୍ରିନା ଏବଂ ରୋହିତ ସେଟ୍ଟୀ ଫିଲ୍ମ 'ସୂର୍ଯ୍ୟବଂଶୀ'ର ପ୍ରମୋଶନ କରିଥିଲେ। ଦିପାବଳୀ ଅବସରରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। କାଟ୍ରିନା ଏବଂ ଅକ୍ଷୟ କୁମାରଙ୍କ ସହ ଅଜୟ ଦେବଗନ, ରଣବୀର ସିଂ, ଗୁଲଶାନ ଗ୍ରୋଭର, ଜାଭେଦ ଜାଫ୍ରି, ଜ୍ୟାକି ଶ୍ରଫ ଏବଂ ନିକିଟିନ ଧୀର ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମ ନଭେମ୍ବର ୨ ଦିୱାଲୀ ଅବସରରେ ରିଲିଜ ହେବାକୁ ଯାଉଛି।


ଜନ୍ମଦିନର ଶୁଭେଚ୍ଛା ଓଁ ମା' ଶାରଳା ସହାୟ



HAPPY Birthday

ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)
ଅଁଲୋ, କଟକ
ଆଜି ତୋର ୧୫ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଆଈ, ପିଉସା, ପିଉସୀ, ବାବା, ମାମା, ମାମୁ, ମାଈଁ, ଟୁଇଁ ଦିଦି, ଗୁଡୁଭାଇ, ଅମି ଅଙ୍କଲ, ବୁଲା ଅଙ୍କଲ ଏବଂ ସମସ୍ତ 'ନାଥ' ପରିବାରବର୍ଗ ।
ଧ-୨୨୧୨୮

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ୍ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି ।
୨% ସୁଧ, ୫୦% ଛାଡ ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
9432985505, 9471160476
Whatsapp: 8797985140

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। **କଟକ:** ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। **ଭୁବନେଶ୍ୱର:** ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଡେଣ୍ଟ, ଅଶୋକନଗର। **ପୁରୀ:** ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। **ବାରିପଦା:** ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ୍, ରେଲୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ନମିତା ପଟ୍ଟନାୟକ
ସ୍ଥାନ: ମହତାବ ନଗର, ଜଟଣୀ, ଖୋରଧା, ଓଡ଼ିଶା
ଆବିର୍ଭାବ-୦୨।୦୫।୧୯୪୨
ତିରୋଧାନ- ୨୨।୧୦।୨୦୨୧
ମାଆ, ତୋର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠାପରତା କର୍ମ ଜୀବନ ଆମ ଭିତରେ ଦୀପ୍ତିମନ୍ତ ତାରକା ସଦୃଶ ଝଲସି ଉଠୁ ମାଆ। ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: ସତ୍ୟନାରାୟଣ ପଟ୍ଟନାୟକ, ବଡ଼ପୁଅ- ଭୁବନମୋହନ, ମଦନମୋହନ, ରାଧାମୋହନ,ବୋହୂ- ରୋଜି, ମୁନୁ, ମିଲି, ଝିଅ: ଜ୍ୟୋତି, ଜ୍ୱାଇଁ: ଦେବ, ନାତି-ନାତୁଣୀ ଏବଂ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୨୨୧୨୯

ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ତୃତୀୟ ବର୍ଷ)



ସ୍ୱର୍ଗତା ସ୍ନେହଲତା ମହାନ୍ତି
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୨୪୮

# ହରମନପ୍ରୀତ, ଦୀପ୍ତିଙ୍କ ମ୍ୟାଚ ବିଜୟୀ ପ୍ରଦର୍ଶନ

**ପର୍ଥ, ୩୧।୧୦ (ପି.ଟି.)**

ମହିଳା ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ରେ ଭାରତ ଟି୨୦ ଅଧିନାୟିକା ହରମନପ୍ରୀତ୍ କୌର ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ରବିବାର ସେମାନଙ୍କ ଦଳ ତରଫରୁ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି। ହରମନପ୍ରୀତ ପ୍ରଥମେ ଚମତ୍କାର ଅଫ୍ ସ୍ପିନ ବୋଲିଂ କରି ୨ଟି ଉଇକେଟ ଅକ୍ତିଆର କରିଥିଲେ। ପରେ ୪୬ ବଲ୍‌ରୁ ୭୩ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ଚମତ୍କାର ପ୍ରଦର୍ଶନ ଯୋଗୁ ମେଲବୋର୍ନ ରେନିଗେଡ୍ସ ୬ ଉଇକେଟରେ ଆଡିଲେଡ୍ ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଛି। ଗତ ୧୨ମାସ ହେଲା ଫର୍ମ ଫେରି ପାଇବା ଲାଗି ସଂଘର୍ଷ ଚଳାଇଥିବା ହରମନପ୍ରୀତ


ଦୀପ୍ତି ଶର୍ମା

ଡବ୍ଲ୍ୟୁବିବିଏଲରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଲନ୍‌ସେଷ୍ଟନ୍‌ରେ ଦୀପ୍ତିଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ହୋବାର୍ଟ ହରିକେନ୍ସ ବିପକ୍ଷରେ ସିଡ୍‌ନୀ ଥଣ୍ଡର୍ସ ୭୭ରନରେ ବିଜୟ ଲାଭ କରିଛି। ମ୍ୟାଚରେ ସେ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୩ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ୧୫ବଲ୍‌ରେ ୨୦ରନ ସଂଗ୍ରହ କରିପାରିଛନ୍ତି। ଭାରତ ଓପନର

**ମହିଳା ବିଗ୍ ବାଶ୍ ଲିଗ୍**

ସ୍ମୃତି ମନ୍ଧାନା ମଧ୍ୟ ଏହି ମ୍ୟାଚରେ ଫର୍ମକୁ ଫେରିଛନ୍ତି। ସେ ଥଣ୍ଡର୍ସ ଦଳ ପାଇଁ ୫୦ବଲ୍‌ରୁ ୫୦ ରନ ସଂଗ୍ରହ କରିଛନ୍ତି। ହରିକେନ୍ସ ତରଫରୁ ଖେଳୁଥିବା ରିଚା ଘୋଷ ମାତ୍ର ୩ ରନ କରିପାରିଛନ୍ତି। ପର୍ଥ ସ୍କଚର୍ସ ଓ ସିଡ୍‌ନୀ ସିକ୍ସର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଶେଫାଳୀ ବର୍ମା ୪ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ୮ରନରେ ରନଆଉଟ ହୋଇଛନ୍ତି।

# ଆର୍ନା ରାଜ ଚାମ୍ପିୟନ


ପୁରସ୍କାର ସହ ଆର୍ନା ରାଜ।

**ଭୁବନେଶ୍ୱର, ୩୧।୧୦ (କ୍ରୀଡ଼ା ପ୍ରତିନିଧି):** ରାୟପୁରଠାରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆର୍ନା ରାଜ ଚାମ୍ପିୟନ ହୋଇଛନ୍ତି। ପ୍ରି- କ୍ୱାର୍ଟରରେ ଶ୍ରେୟା ଶାଦୁଆଙ୍କୁ ୮-୧ରେ ହରାଇଥିବା ଆର୍ନା କ୍ୱାର୍ଟର ଫାଇନାଲରେ ହେମିକା ଜିନ୍ଦଲ ଏବଂ ସେମିଫାଇନାଲରେ ପୂର୍ବୀ ସରଭାଇୟାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶାର ଏହି ଟେନିସ ପ୍ରତିଭା ଛତିଶଗଡ଼ର ନନ୍ଦିକା ଅଗ୍ରୱାଲଙ୍କୁ ୬-୩, ୭-୫ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ରାଜ୍ୟର ପ୍ରତିଷ୍ଠିତ ଟେନିସ କୋଚ୍ ଶୁଭ୍ରାଂଶୁ ଷଡ଼ଙ୍ଗୀଙ୍କଠାରୁ ଆର୍ନା ପ୍ରଶିକ୍ଷଣପ୍ରାପ୍ତ।

# ନୀରଜଙ୍କୁ ସମ୍ବର୍ଦ୍ଧିତ କଲା ସିଏସ୍‌କେ

**ନୂଆଦିଲ୍ଲୀ, ୩୧।୧୦ (ପି.ଟି.)**

ତିନିଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ରବିବାର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରାଙ୍କୁ ଟୋକିଓ ଗେମ୍ସରେ ଐତିହାସିକ ସଫଳତା ପାଇଁ ୧ କୋଟି ଟଙ୍କା ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛି। ସିଏସ୍‌କେ ତରଫରୁ ଆହୁରି ମଧ୍ୟ ତାଙ୍କୁ ୮୭୫୮ ନମ୍ବର ବିଶିଷ୍ଟ ଏକ ସ୍ୱତନ୍ତ୍ର ଜର୍ସି ପ୍ରଦାନ କରାଯାଇଛି। ନୀରଜ ୮୭.୫୮ମିଟର ଦୂର ଜାଭେଲିନ୍ ଫିଙ୍ଗି ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଅଙ୍କକୁ ସମ୍ମାନ ଜଣାଇ ଜର୍ସିର ନମ୍ବର ଏପରି କରାଯାଇଛି।

# ଭୁବନେଶ୍ୱରରେ ୧୦୦ କି.ମି. ସାଇକ୍ଲୋଥନ


ଭୁବନେଶ୍ୱରରେ ରବିବାର ଅନୁଷ୍ଠିତ ସାଇକ୍ଲୋଥନ୍‌ର ଶୁଭାରମ୍ଭ ଅବସରରେ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୩୧।୧୦ (କ୍ରୀଡ଼ା ପ୍ରତିନିଧି):** ଭାରତର ଅନ୍ୟତମ ଅଗ୍ରଣୀ ବ୍ୟାଙ୍କ୍ ଆରବିଏଲ୍ ପକ୍ଷରୁ ରବିବାର ଭୁବନେଶ୍ୱରରେ ୧୦୦ କିଲୋମିଟର ସାଇକ୍ଲୋଥନ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବର ୭୦ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଥିଲେ। ଏଥିରେ ବରିଷ୍ଠ ପ୍ରଶାସକ, ଆରବିଏଲ ବ୍ୟାଙ୍କର କର୍ମଚାରୀ, ଭାରତୀୟ ସ୍ଥଳ ସେନା ଓ ସୈନିକ ସ୍କୁଲର ସାଇକେଲ ଆରୋହୀ ସାମିଲ ଥିଲେ। ଭାରତୀୟ ସେନା ପକ୍ଷରୁ ଭୁବନେଶ୍ୱରରେ ଥିବା ତାଙ୍କ ସ୍ଥଳରୁ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଆରବିଏଲ ଆୟୋଜନ କରିଥିବା ସାଇକ୍ଲୋଥନ ପର୍ଯ୍ୟନ୍ତ ଅଣା ଯାଇଥିଲା। ଏହି ମଶାଲ ହେଉଛି ୧୯୭୧ ଯୁଦ୍ଧରେ ଭାରତୀୟ ବିଜୟର ପ୍ରତୀକ। ୨୦୨୦ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ପ୍ରଜ୍ୱଳିତ କରିବା ପରେ ଏହା ଦେଶର ବିଭିନ୍ନ ସ୍ଥାନ ପରିକ୍ରମା କରୁଛି। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ ୧୯୭୧ ଯୁଦ୍ଧର ହିରୋମାନଙ୍କୁ ମନେ ପକାଇବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆରବିଏଲ୍ ବ୍ୟାଙ୍କର ଭୁବନେଶ୍ୱର ଶାଖାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଆରବିଏଲ୍ ବ୍ୟାଙ୍କ୍‌ର ସିଏସ୍‌ଆର ଆଣ୍ଡ ଇଣ୍ଟରନାଲ ବ୍ରାଣ୍ଡିଂ ମାନବ ସମ୍ବଳ ମୁଖ୍ୟ ଶାନ୍ତା ୱାଲୁରି ଗାନ୍ଧୀ, ଛତିଶଗଡ଼, ଓଡ଼ିଶା ଓ ଉପ ଅଞ୍ଚଳର କମାଣ୍ଡିଂ ଅଫିସର ବ୍ରିଗେଡିୟର ପ୍ରଶାନ୍ତ ଚୌହାନ ପ୍ରମୁଖ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆରବିଏଲ ବ୍ୟାଙ୍କର ପ୍ରମୁଖ ସିଏସ୍‌ଆର ଅଭିଯାନ 'ଉମିଦ ୧୦୦୦ ସାଇକ୍ଲୋଥନ୍'ର ଏହା ଅଂଶବିଶେଷ ଥିଲା।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ ପାଇଁ କିଟ୍ ନୋଡାଲ୍ ସେଣ୍ଟର


ଅମୃତସରସ୍ଥିତ ଗୁରୁ ନାନକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୩୧।୧୦ (କ୍ରୀଡ଼ା ପ୍ରତିନିଧି):** ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ (ଡବ୍ଲ୍ୟୁୟୁଜି) ୨୦୨୨ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର ଭାବେ ମନୋନୀତ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ମାନର କ୍ରୀଡ଼ା ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ନୋଡାଲ୍ ସେଣ୍ଟର ଭାବେ ମନୋନୀତ ହୋଇଛି। ଅମୃତସରସ୍ଥିତ ଗୁରୁ ନାନକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ସ୍ପୋର୍ଟ୍ସ ବୋର୍ଡର ୩୧ତମ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୋଡାଲ୍ ସେଣ୍ଟର ମାଧ୍ୟମରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍‌ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ମନୋନୀତ କରାଯିବା ସହ ଚୟନ କ୍ୟାମ୍ପ ମଧ୍ୟ ଅନୁଷ୍ଠିତ ହେବ। ଏଆଇୟୁ ସ୍ପୋର୍ଟ୍ସ ବୋର୍ଡର ସାଧାରଣ ପରିଷଦ ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦିଗରେ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ୨୦୨୦ରେ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ କରାଇପାରିଥିବାରୁ ସଦସ୍ୟମାନେ କିଟ୍ ଓ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଥିଲେ। ୨୦୨୨ରେ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ସଂସ୍କରଣକୁ ଦୃଷ୍ଟିରେ ରଖି ଜାତୀୟ ଓ ଆଞ୍ଚଳିକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୧-୨୨ ଆରମ୍ଭ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୨୦ଟି ଏବଂ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍‌ର ୧୧ଟି କ୍ରୀଡ଼ା ପ୍ରତିଯୋଗିତା ଶେଷ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। କିଟ୍ ବିଶ୍ୱବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ନୋଡାଲ୍ ସେଣ୍ଟର ଭାବେ ମନୋନୀତ କରାଯାଇଥିବାରୁ ଅଚ୍ୟୁତ ଖୁସି ବ୍ୟକ୍ତ କରି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଏବଂ ଏହାର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ବୈଠକରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସଭାପତି ଡ. ଜି. ଥିରୁଭାସାଗମ, ମହାସଚିବ ପ୍ରଫେସର ପଙ୍କଜ ମିତ୍ତଲ, ଯୁଗ୍ମ ସଚିବ କ୍ରୀଡ଼ା ଡ. ବଲଜିତ ସିଂ ଶେଖୋଁ ଉପସ୍ଥିତ ଥିବା ବେଳେ ପୂର୍ବାଞ୍ଚଳରୁ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଯୋଗ ଦେଇଥିଲେ।








*ସର୍ତ୍ତାବଳୀ ଲାଗୁ ହେବ। **ସମସ୍ତ କର ଅନ୍ତର୍ଭୁକ୍ତ।** ଅଫର କେବଳ ଏମଆରପି ଉପରେ ଲାଗୁ। ଦୁଇଟି ଅଫରକୁ କ୍ଲବ୍ କରାଯାଇପାରିବ ନାହିଁ। ଷ୍ଟକ୍ ରହିଥିବା ଯାଏ ଅଫର ବଛାବଛା ମଡେଲ ଗୁଡ଼ିକ ଉପରେ ଲାଗୁ। କେବଳ ବଛାବଛା ଷ୍ଟୋରରେ ହିଁ ଅଫର ବୈଧ। ଟାଇଫୁନ 11 ଏବଂ ଟାଇଫୁନ 04 ତୁଳନାରେ ନିର୍ମିତ। ବିସ୍ତୃତ ସର୍ତ୍ତ ଓ ନିୟମାବଳୀ ପାଇଁ ଆପଣଙ୍କର ନିକଟତମ **ପ୍ରେଷ୍ଟିଜ ଏକ୍ସକ୍ଲୁସିଭ ଷ୍ଟୋର** ଅଥବା ଡିଲରଙ୍କର ଆଉଟଲେଟ୍‌ରେ ପଦାର୍ପଣ କରନ୍ତୁ। ମ୍ୟାଜିକ୍ ଗ୍ୟାସ ଷ୍ଟୋଭ ଓ ଅ-ସ୍ୱଚ୍ଛ ପ୍ରେସର କୁକର ଉପରେ ଏହି ଅଫର ଲାଗୁ ହେବ ନାହିଁ।

For Franchisee Enquiry:- Call +91 7838382225 * For Trade Enquiries, Call +91 7077721602 * For Clean Home Products Trade Enquiries, Call +91 8826102361

Prestige Xclusive

**BHUBANESWAR: Rabi Takies Chhak:** opposite to Kedar Gouri Resort, Mob: 7750925223; **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998. **Bapuji Nagar**: 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **RAGHUNATHPUR:** Shop No - S5, Manson Green, Raghunathpur, Nandankanan road ph-7205876694, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2411580; Mob: 9348222581, **Baxi Bazar:** Manisahoo Chhak, Mob: 6371736954; **CDA:** Plot No.CM/3 (In front of Police Station), Markat Nagar, Sector-7, Ph: 0671-2504833, Mob: 8917442506, **Rourkela:** Daily Market, Near Reliance Trend, Rourkela, Mob: 9777457774; **PURI**: Behind Gundicha Temple, Sarvodaya Nagar Road, Beside Suruchi Mandap, Ph-7978547991 **BALUGAON**: Chilika Road, Balugaon, Mob: 8984858783; **KENDRAPARA:** Kakat Chhak, Ph: 06727 221241; Mob: 9040562233; **DHENKANAL:** I.G. Super Market, near SBI ATM; Mob: 9337477279/ 9348178750, **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob: 9437331171, 9437241863 **SEMILIGUDA:** Infront of RAM Mandir Gate, Main Road, Mob: 8328800974; **BARGARH:** C/o: New Patra Needs, infront of Gopal Goshala, NH-6, Main Road, Mob: 9776323188; **SAMBALPUR Golbazaar**: Near Durga Temple Mob: 9338194750, **Rayagada:** Hotel Vansi Krishna Complex, Near Axis Bank, New Colony, Rayagada, Ph-8249517365 **JEYPORE:** Pani Nala Sahi Junction, Main Road, Opp. Mayuri Jewellers, Mob- 9437175029, **JAGATSINGHAPUR:** C/o: Orchid Mart, Central Market, Ph: 06724221090 / 06724221080, **ANGUL:** Near Havells Galaxy Store, Shankar Cinema Rd, Mob: 7608885430, **Opening Shortly- Jharsuguda:** Near khimji jewellers, Sarbahal Road, Jharsuguda, Mob- 7004518123.

**AUTHORISED DISTRIBUTORS:-** BHUBANESWAR-Manorama Trading Co.,Ph No.9437279239Saraswati Enterprises-8249250386 JATINI-Kanha Agencies, Ph. No.9437090516, CUTTACK-Mahavir Enterprise,Chauliganga, Ph. No.9937092599; Kendrapada: Nalini & Sons Ph No.9938175761 TALCHER- Sidharth Enterprises, Hatatota, Ph. No.9437003384 ROURKELA- Shah Distributor, Ph-0661-2506904, 9438712456 SAMBALPUR- Gayatri Traders-9437925273 Mayurbhanj- Shree Sai Mobiles-7008514533 BHADRAK- PP Traders -9937049149 GANJAM- Aditya Agencies Ph no 8249822902 BALANGIR - Ably Info Solutions, Ph No. 9437025475. KALAHANDI- R.K Agrawall & Sons-7008074518, JAJPUR- Excellent Engicon-9438866545, JEYPORE- Likhit Enterprises-9348430456, NAYAGARH- Ganapati Traders-9583281930, BARGARH- Sunergy Power-9937914756, SUNDERGARH- Vedvyas Technologies (Cleaning Solutions) -7894455846, Adventure-Bhadrak-7978403686, Durga Metal-9937009855-Malkangiri; **AUTHORISED DEALERS :-** BHUBANESWAR:- REETA- 06742597111, Spectra Vision, Ph.-9937722277, Pratap Sweing Machine-9937138544, Bharath Electronics & Home Appliances-9437506163, Utkal Light house-9937019272, Utkal Sales-9853150619,Palace-9348652955, Sai Traders-7008298692, Sarakar Electro Digital-9776457173, Anu Agency-Anu Agency,Tarini Aluminium Stores, SB Enterprises, Ph 9861155551, Crockery Plaza-9938399889, Kitchen King-9938475819, Prasad Kitchen-9437041063, Sivam Enterprises-7008565807, Shree Traders-9937131901, CUTTACK- Union Sales Emporium-9338461472, Janata General Store, Ph-2419948, AurobindaPlastic, Ph: 8763923528, Arbinda Home Appliances-9438480346; Puspak Agency-7205016581, Balaji Distributor-8763153928, Patra electronics (CDA)-9348863657, Sanjaya Electronics-9777777529-Salepur, Maapadmavati Bastralaya-8908194534-Rahama-Patra Electronics(Chauliganja) -9938941317 KENDRAPARA :- Purnamasi Electrical ,Ph. 9937070448. PARADEEP:- Krishna Enterprise, Ph. 9937451474. ROURKELA:- Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546. Kitchen Accessories-9437837833, RAJGANGPUR- Pradeep Store, Ph-9437244015; SUNDARGARH- Laxmi Steel, Ph-9776164771. BALASORE: United Sales Agency-9853519516, Rohit Sales-7978204587 RAHAMA- MAA PADMABATI ENTERPRISE:-9861202577, Sambalpur Bhatia Home Appliances-9556053558, Samuka Steel Center-9437331074, BOLANGIR- Bapi Steel-Akash Steel-9437331491,Suraj Steel-9437151437, BHADRAK- Sai Enterprises-9776701165, BARIPADA- Aerovision-9861828643, GAJAPATI- Panda General Store-8249162067, BARIPADA BAZAR- 9439298333, Dream Home-9437435010; Jaypore, Uma Electronics-9937076299, Chandenswar, Beauty Place-9777456655-Talcher, Bulu Electronics-9556209149-Dasapala


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, November 1/2021 | ପୃଷ୍ଠା-୧

# କେନ୍ଦ୍ରମନ୍ତ୍ରୀଙ୍କୁ ଅଣ୍ଡା ମାଡ଼

## ଲଖିମପୁର ଖେରି ଘଟଣାର ପ୍ରତିବାଦ ଜଣାଇଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଉତ୍ତରପ୍ରଦେଶ ଲଖିମପୁର ଖେରି ଅଞ୍ଚଳରେ ଚାଷୀ ଆନ୍ଦୋଳନ ସମୟରେ ୪ କୃଷକଙ୍କ ଉପରେ ଗାଡ଼ି ମଡ଼ାଇବା ଘଟଣାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ବିବାଦୀୟ ହୋଇପଡ଼ିଛନ୍ତି। ଏପରି କି ଏହି ଘଟଣାରେ ମନ୍ତ୍ରୀଙ୍କ ପୁଅଙ୍କ ସମ୍ପୃକ୍ତି ଥିବାରୁ ତାଙ୍କର ବହିଷ୍କାର ଦାବିରେ କେତେକ ରାଜ୍ୟରେ ବିକ୍ଷୋଭ ଜାରି ରହିଛି। ଏଭଳି ସ୍ଥିତିରେ ରବିବାର କେନ୍ଦ୍ରମନ୍ତ୍ରୀ ମିଶ୍ରା କଟକ ମୁଣ୍ଡଳୀ ନିକଟସ୍ଥ ସିଆଇଏସ୍ଏଫ୍ ବାରାକ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଗସ୍ତରେ ଆସିଥିବାବେଳେ ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ଜୋର୍‌ଦାର ବିରୋଧ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦର ଛକଠାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ କାର୍ ଉପରକୁ ଛାତ୍ର କଂଗ୍ରେସ କର୍ମୀମାନେ ଅଣ୍ଡା ଏବଂ କାଳିମାଡ଼ କରିଛନ୍ତି। ମନ୍ତ୍ରୀ ଓଡ଼ିଶା ଆସୁଥିବା ଖବର ପୂର୍ବରୁ କଂଗ୍ରେସ ନିକଟରେ ରହିଥିଲା। ତେଣୁ ପୂର୍ବରୁ ପ୍ରସ୍ତୁତ ଥିବା ଛାତ୍ର କଂଗ୍ରେସ କର୍ମୀମାନେ ୟାସିର ନୱାଜଙ୍କ ନେତୃତ୍ୱରେ ବିମାନବନ୍ଦର ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତି ନିକଟରେ ଏକାଠି ହୋଇ ମନ୍ତ୍ରୀ ମିଶ୍ରାଙ୍କ ବିରୋଧରେ ନାରାବାଜି କରିବା ସହ ପ୍ରତିବାଦ କରିଥିଲେ। ଏହି ସମୟରେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା। ୯ଟା ୧୫ ମିନିଟ୍‌ରେ ବିମାନବନ୍ଦରରୁ ମନ୍ତ୍ରୀଙ୍କ ଗାଡ଼ି ବାହାରକୁ ଆସିବା ପରେ ଛାତ୍ର କଂଗ୍ରେସ କର୍ମୀମାନେ ଦୌଡ଼ିଦୌଡ଼ି ଅଣ୍ଡା ଓ କାଳି ମାଡ଼ କରିଥିଲେ।



ଭୁବନେଶ୍ୱର ବିମାନବନ୍ଦର ବାହାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ କାର୍ ଉପରକୁ କଂଗ୍ରେସ କର୍ମୀମାନେ ଅଣ୍ଡା ମାଡ଼ କରୁଛନ୍ତି।

ଏହାପରେ ପୋଲିସ ୪୦ଜଣଙ୍କୁ ଉଠାଇ ନେଇଥିବା ବେଳେ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଯୁବ କଂଗ୍ରେସ କର୍ମୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ୟାସିର ନୱାଜ କହିଛନ୍ତି, ଲଖିମପୁର ଖେରି କୃଷକ ହତ୍ୟା ମାମଲାରେ ମନ୍ତ୍ରୀ ଅଜୟ ମିଶ୍ରା ହେଉଛନ୍ତି ମୁଖ୍ୟ ଅପରାଧୀ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମନ୍ତ୍ରୀଙ୍କ ଅପରାଧକୁ ଘଣ୍ଟ ଘୋଡ଼ାଉଛନ୍ତି। ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରା ଚାଷୀ ଆନ୍ଦୋଳନକୁ ଦମନ କରିବା ପାଇଁ ଆନ୍ଦୋଳନରତ ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ଏଥିରେ ୪ ଜଣ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ କେତେଜଣ ଅତି ଗୁରୁତର ଆଘାତପ୍ରାପ୍ତ ହୋଇଛନ୍ତି। ଏହି ସମଗ୍ର ମର୍ମନ୍ତୁଦ ଘଟଣାର ମନ୍ତ୍ରୀ ମିଶ୍ରା ହେଉଛନ୍ତି ଚକ୍ରାନ୍ତକାରୀ। ନରେନ୍ଦ୍ର ମୋଦି ଜଣେ ଚାଷୀ ବିରୋଧୀ ପ୍ରଧାନମନ୍ତ୍ରୀ ହୋଇଥିବାରୁ ଅଜୟ ମିଶ୍ରାଙ୍କୁ କୋଳାଗ୍ରତ କରିଛନ୍ତି। ମାତ୍ର କଂଗ୍ରେସ 'ଜୟ ଯବାନ ଓ ଜୟ କିଷାନ' ନୀତିରେ ବିଶ୍ୱାସ କରେ। ଓଡ଼ିଶା ଏକ କୃଷିପ୍ରଧାନ ଦେଶ ଏବଂ ଆମ୍ଭେମାନେ ସବୁ ଚାଷୀ ପରିବାରରୁ ଆସିଛୁ। ଜଣେ ଚାଷୀର ମୃତ୍ୟୁରେ ଦେଶର ଅମାପ କ୍ଷତି ହୁଏ। ସୁତରାଂ ମନ୍ତ୍ରୀ ଅଜୟ ମିଶ୍ରା ଏ ଦେଶର ଚାଷୀଙ୍କ ଶତ୍ରୁ। ଏହି ଚାଷୀ ହତ୍ୟାକାରୀ ମନ୍ତ୍ରୀଙ୍କୁ ଆମେ ଓଡ଼ିଶା ମାଟିରେ ପ୍ରତିବାଦ ଜଣାଇଛୁ ଏବଂ ତାଙ୍କର ବହିଷ୍କାର ଓ ଗିରଫ ଦାବି କରୁଛୁ ବୋଲି ସେ କହିଛନ୍ତି।

ଛାତ୍ର କଂଗ୍ରେସ ପ୍ରତିବାଦ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଇସାରିଛି। ଏଠାରେ ଆନ୍ଦୋଳନ କରିବାରେ କିଛି ଆବଶ୍ୟକତା ନ ଥିଲା। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘଟଣାରେ କଂଗ୍ରେସ ଯେମିତି ବିରୋଧ କରିବା କଥା ନ କରି ଏଠାରେ ଶସ୍ତା ରାଜନୀତି କରୁଛି। ଲଖିମପୁରରେ ତାହା ଏକ ଦୁର୍ଘଟଣା ଥିଲା ତଥାପି କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆତ୍ମସମର୍ପଣ କରିଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ୩ ତାରିଖରେ ଲଖିମପୁରର ଖେରି ଅଞ୍ଚଳରେ ଚାଷୀମାନେ ଆନ୍ଦୋଳନ କରୁଥିଲେ। ଏହି ସମୟରେ ଏକ ମହିନ୍ଦ୍ରା ଥର୍ ଜିପ୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏଥିରେ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାପରେ ହୋଇଥିବା ହିଂସାରେ ଆଉ ୪ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ନେଇ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଗିରଫ ହୋଇଛନ୍ତି। ତାଙ୍କ ସହିତ ଆହୁରି ୧୦ରୁ ଅଧିକ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଯେଉଁ ଜିପ୍ ଚାଷୀମାନଙ୍କ ଉପରେ ମାଡ଼ି ଯାଇଥିଲା ସେଥିରେ ଆଶିଷ ବସିଥିଲେ ବୋଲି ଅଭିଯୋଗ ହୋଇଛି।

# ଧାର୍ମିକ ନିଶା

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଅଗଷ୍ଟ ୫, ୨୦୧୯ରେ ବାଦ୍ ପଡ଼ିବା ପୂର୍ବରୁ ମଧ୍ୟ କଶ୍ମୀରର ଅନେକ ବାସିନ୍ଦା ଭାରତ ବିରୋଧୀ ପାଲଟି ଯାଇଥିଲେ। ତଥାପି ଯେଉଁମାନେ କଶ୍ମୀର ଭ୍ରମଣରେ ଯାଇଥିବେ ସେମାନେ ଜାଣିଥିବେ ଯେ ସେଠାକାର ନାଗରିକଙ୍କ ଏକ ବଡ଼ ଭାଗର ଭାରତ ପ୍ରତି ଶ୍ରଦ୍ଧା ଥିଲା। ଏବେ ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ କିମ୍ବା ଧୂଳିସାତ୍ ହୋଇଗଲାଣି। ଏଥିପାଇଁ ଆଜିକାର ରାଜନୀତି ଯେତିକି ଦାୟୀ, ସେତିକି ପରିମାଣର ଦୋଷ କଶ୍ମୀର ଜନସାଧାରଣଙ୍କର ମଧ୍ୟ ରହିଛି। ଏଭଳି ସ୍ଥିତିରେ ନିକଟରେ କଶ୍ମୀରର କିଛି ମେଡିକାଲ ଛାତ୍ର ଯେତେବେଳେ ପାକିସ୍ତାନର ଟି୨୦ ୱାର୍ଲ୍ଡକପ୍ କ୍ରିକେଟରେ ଭାରତ ଉପରେ ବିଜୟକୁ ନେଇ ଉତ୍‌ଫୁଲ୍ଲିତ ହୋଇଥିଲେ, ସେତେବେଳେ ସେମାନଙ୍କ ଉପରେ ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ଶନ୍ ଆକ୍ଟ (ୟୁଏପିଏ)ରେ ପୋଲିସ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ରାଜସ୍ଥାନରେ ଜଣେ ମୁସଲମାନ ମହିଳା ସୋସିଆଲ୍ ମିଡିଆରେ ଖୋଲାଖୋଲି ପାକିସ୍ତାନର ବିଜୟକୁ କହିଥିଲେ 'ଆମେ ଜିତିଲୁ'। ତାଙ୍କୁ ସେଠାକାର ପୋଲିସ ଗିରଫ କରି ପରବର୍ତ୍ତୀ ସମୟରେ ଜାମିନରେ ଛାଡ଼ିଥିଲା। ତେବେ ସେ ଯେଉଁଠାରେ ଚାକିରି କରିଥିଲେ ସେଠାରୁ ତାଙ୍କୁ ବହିଷ୍କାର କରାଯାଇଛି।

ଏଠାରେ ଟିମ୍ଇଣ୍ଡିଆ କ୍ୟାପ୍‌ଟେନ ବିରାଟ କୋହଲିଙ୍କ ମନ୍ତବ୍ୟକୁ ଦୋହରାଯାଇପାରେ। ଭାରତୀୟ ଦଳର ପେସ୍ ବୋଲର ତଥା ଦଳର ଏକମାତ୍ର ମୁସଲମାନ ଖେଳାଳି ମହମ୍ମଦ ସାମିଙ୍କ ବିରୋଧରେ ସୋସିଆଲ ମିଡିଆରେ ପ୍ରବଳମାତ୍ରାରେ ବିଷୋଦ୍‌ଗାର ହେଲା। ଏପରିକି ପାକିସ୍ତାନ ଫେରିଯାଅ ବୋଲି ମନ୍ତବ୍ୟ ପ୍ରକାଶ ପାଇଲା। କୋହଲି ଏଭଳି ପ୍ରତିକ୍ରିୟା ସମ୍ପର୍କରେ ମତ ରଖି ଯେଉଁ ବିରକ୍ତିଭାବ ପ୍ରକାଶ କରିଛନ୍ତି, ତାହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ଖେଳାଳିର ଏକମାତ୍ର ଧର୍ମ ହେଉଛି ଖେଳ।

**ତଥାଗତ ସତପଥୀ**

ସେଠାରେ ହିନ୍ଦୁ ଓ ମୁସଲମାନର ପ୍ରଭେଦ ରହିବା କଥା ନୁହେଁ। ବିଶେଷକରି ଭାରତରେ କ୍ରିକେଟ ଏକ ଧାର୍ମିକ ନିଶା ଭାବେ ଦୀର୍ଘ ବର୍ଷ ଧରି ଗଢ଼ିଉଠିଛି। ଏହି ଦଳର ଅଧିନାୟକ ଭାବେ ମନ୍‌ସୁର ଅଲ୍ଲୀ ଖାଁ ପଟୋଡି ଅତୀତରେ ଦେଶ ପାଇଁ ଅନେକ ଗୌରବ ଆଣିଥିଲେ। ସେହିଭଳି ମହମ୍ମଦ ଆଝାରୁଦ୍ଦିନ, ଇର୍ଫାନ୍ ପଠାନ୍, ୟୁସୁଫ୍ ପଠାନ୍, ମହମ୍ମଦ କୈଫ୍‌ଙ୍କ ଭଳି ଖେଳାଳି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଭାରତରେ ଲୋକପ୍ରିୟତା ହାସଲ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ମହମ୍ମଦ ସାମିଙ୍କୁ ଯେଉଁମାନେ ବିରୋଧ କରି ସୋସିଆଲ୍ ମିଡିଆରେ ଏଣୁତେଣୁ କଥା କହୁଛନ୍ତି, ସେମାନେ କେବେହେଲେ ବୋଲିଂ କରିପାରୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଘରେ ବସି ଚିନାବାଦାମ ଚୋବାଇ ଖେଳାଳିଙ୍କୁ କଠୋର ଭାଷାରେ ସମାଲୋଚନା କରିବା ଅତ୍ୟନ୍ତ ସହଜ। ସେଥିପାଇଁ କୋହଲି ଯାହା କହିଛନ୍ତି ଏହି ଟ୍ରୋଲ୍‌ମାନେ 'ମେରୁଦଣ୍ଡବିହୀନ', ତାହା ସମ୍ପୂର୍ଣ୍ଣ ସତ୍ୟ। ଅନ୍ୟପଟେ ସତ୍ୟର ଅନେକ ଅଙ୍ଗ ରହିଛି। କଶ୍ମୀର ଛାତ୍ର ହୁଅନ୍ତୁ ବା ରାଜସ୍ଥାନର ମହିଳା, ଏହିଭଳି ବ୍ୟକ୍ତିମାନେ ଭାରତୀୟ ମୁସଲମାନ ସମ୍ପ୍ରଦାୟକୁ ଗୋଟିଏ ତୂଳୀରେ ରଙ୍ଗ ବୋଳି ଦେଉଛନ୍ତି। ଦୁଃଖର ବିଷୟ ହେଉଛି ଭାରତୀୟ ପାଣିପବନରେ ବଢ଼ିଥିବା ଏହି ମୁସଲମାନମାନେ ନିଜ ଚରିତ୍ର ସମ୍ପର୍କରେ କେବେ ହେଲେ ଅନୁଧ୍ୟାନ କରୁନାହାନ୍ତି। ଏହାଠାରୁ ଅଧିକ ଦୁଃଖଦାୟକ ହେଉଛି ଯେ, ସବୁ ଅଭିଜ୍ଞତା ପାଇସାରିବା ପରେ ଏବଂ ଚତୁଃପାର୍ଶ୍ୱରେ ପରିସ୍ଥିତି ବୁଝିବା ପରେ ଭାରତୀୟ ମୁସଲମାନମାନେ, ଏକ ସମ୍ପ୍ରଦାୟ ଭାବରେ, ଏଭଳି ଭୁଲ୍ କାର୍ଯ୍ୟକୁ ଖଣ୍ଡନ କରିବା ପାଇଁ ବାହାରୁନାହାନ୍ତି। ବିରାଟ କୋହଲି ଜଣେ ହିନ୍ଦୁ ହୋଇ ମହମ୍ମଦ ସାମିଙ୍କ ବିରୋଧରେ ପ୍ରକାଶ ପାଉଥିବା ମତକୁ ଖଣ୍ଡନ କରିପାରୁଛନ୍ତି। କୋହଲି ଜାଣିଥିବେ ଯେ, ତାଙ୍କ ମନ୍ତବ୍ୟ ଆଜିର ସରକାରରେ ଥିବା ଦଳକୁ କ୍ରୋଧିତ କରିପାରେ। ଏପରିକି ଆଗାମୀ ଦିନରେ ତାଙ୍କ ଉପରେ କେବେ ନା କେବେ, ଏକ ମିଥ୍ୟା ଅଭିଯୋଗର ଚଡ଼କ ପଡ଼ିପାରେ। ତଥାପି କୋହଲିଙ୍କ ସେହି ସତ୍‌ସାହସକୁ ପ୍ରଶଂସା କଲାବେଳକୁ ମୁସଲମାନ ସମ୍ପ୍ରଦାୟର ଭାରତ ବିରୋଧୀ କାର୍ଯ୍ୟରେ ନୀରବତା ସୁନିଶ୍ଚିତ ନିନ୍ଦନୀୟ। ହେଲେ ସିନେ ତାରକା ନାସିରୁଦ୍ଦିନ ଶାହା ଭାରତୀୟ ମୁସଲମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମ ଭାବେ ଉଭା ହୋଇଛନ୍ତି। ତାଙ୍କ ମନ୍ତବ୍ୟ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି। ଆଫଗାନିସ୍ତାନରେ ତାଲିବାନ୍‌ର ପୁନଃ କ୍ଷମତା ଦଖଲ ପରେ ଭାରତର ଅନେକ ମୁସଲମାନ ସେଥିରେ ଉତ୍‌ଫୁଲ୍ଲିତ ହୋଇ ଯେତେବେଳେ ଖୁସି ବ୍ୟକ୍ତକଲେ, ସେତେବେଳେ ନାସିରୁଦ୍ଦିନ ସେହି ମାନସିକତାକୁ ଖଣ୍ଡନ କରିଥିଲେ। ତାଙ୍କ କହିବା ଅନୁଯାୟୀ ଭାରତୀୟ ମୁସଲମାନମାନେ ଭିନ୍ନ ଓ ସେଥିପାଇଁ ସେମାନେ ହିଂସାଠାରୁ ଦୂରେଇ ରହିବା ସହିତ ସେମାନଙ୍କ ଭିତରେ ଯେଉଁ ବର୍ବରତା ମୁଣ୍ଡ ଟେକୁଛି ତାହାକୁ ସମର୍ଥନ କରିବା ଉଚିତ ନୁହେଁ। ତାଙ୍କର ଏହି ମନ୍ତବ୍ୟ ଅନେକ ଭାରତୀୟ ମୁସଲମାନଙ୍କୁ କ୍ଷୁବ୍ଧ କରିଥିଲା। ସୋସିଆଲ ମିଡିଆରେ ତାଙ୍କ ଉପରେ ପ୍ରବଳ କ୍ରୋଧ ପ୍ରକାଶ ପାଇଥିଲା।

ମୁସଲମାନଙ୍କ ଉପରେ ଅତ୍ୟାଚାର କେବେହେଲେ ଗ୍ରହଣୀୟ ହେବା କଥା ନୁହେଁ। ଅନ୍ୟପଟେ ସଂଖ୍ୟାଲଘୁ ମଧ୍ୟ ସେମାନଙ୍କ ଦେଶପ୍ରେମରେ ପ୍ରଶ୍ନବାଚୀ ଲଗାଇବାର ସୁଯୋଗ ଦେବା ଉଚିତ ନୁହେଁ। ଭାରତର ହିନ୍ଦୁମାନେ ଯେଉଁଭଳି ସତ୍‌ସାହସ ପ୍ରଦର୍ଶନ କରି ଧାର୍ମିକ କଟ୍ଟରବାଦୀଙ୍କୁ ବିରୋଧ କରୁଛନ୍ତି, ସେହିଭଳି ମୁସଲମାନମାନେ ମଧ୍ୟ ତାଙ୍କ ଧର୍ମ ଭିତରେ ଥିବା ଅବାଞ୍ଛିତ ଗୋଷ୍ଠୀଙ୍କୁ ଏକଘରକିଆ କରି ନିନ୍ଦା କରିବା ଦରକାର।

# ବାଣ ବିକ୍ରି, ଫୁଟାଇବା ଉପରେ ଲାଗିପାରେ କଟକଣା

## ଆଜି ହାଇକୋର୍ଟଙ୍କୁ ଅବଗତ କରାଇବେ ଏସ୍ଆର୍‌ସି

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଆଗକୁ ଦୀପାବଳି ଆସୁଥିବା ବେଳେ ସରକାର ବାଣ ବିକ୍ରି ଓ ଫୁଟାଇବା ଉପରେ ରାଜ୍ୟବ୍ୟାପୀ କଟକଣା ଜାରି କରିଛନ୍ତି। ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ସୋମବାର ଏହାର ଚୂଡ଼ାନ୍ତ ଶୁଣାଣି ହେବ। କୋର୍ଟ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଏହାକୁ ଛାଡ଼ିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର ଏନେଇ ହାଇକୋର୍ଟରେ ସରକାରଙ୍କ ନିଷ୍ପତ୍ତି ଦାଖଲ କରିବେ। ଏହା ପରେ ହାଇକୋର୍ଟ ରାୟ ପ୍ରକାଶ କରିବେ। କରୋନା ସଂକ୍ରମଣ ଏବେ ବି ଜାରି ରହିଥିବାରୁ ରାଜ୍ୟ ସରକାର ରିସ୍କ ନେବାକୁ ଚାହୁଁନାହାନ୍ତି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଣ ବିକ୍ରି ଓ ଫୁଟାଇବା ଉପରେ ସରକାର କଟକଣା ଲଗାଇଛନ୍ତି। ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ତେବେ ମିଳିଥିବା ସୂଚନା ମୁତାବକ ☞ ପୃଷ୍ଠା-୬

# ସହରରେ ରାତ୍ରି କର୍ଫ୍ୟୁ ବଳବତ୍ତର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ହେଲେ ମହାମାରୀର ପ୍ରକୋପ ସମ୍ପୂର୍ଣ୍ଣ ଥମିନାହିଁ। ତେଣୁ ସମସ୍ତ ସହରାଞ୍ଚଳରେ ପୂର୍ବଭଳି ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ଏହି ସମୟରେ ସମସ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସହ ବୁଲାବୁଲି ଉପରେ କଟକଣା ଜାରି କରାଯାଇଛି। ରବିବାର ନଭେମ୍ବର ମାସ ସକାଶେ କୋଭିଡ୍ ଗାଇଡ୍‌ଲାଇନ ଜାରି କରି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି।

ପାର୍ବଣ ଲାଗି ରାଜ୍ୟ ସରକାର ୨୦୨୧ ଅଗଷ୍ଟ ୯ ରେ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିଥିଲେ। ସେହି ଗାଇଡ୍‌ଲାଇନ ଅନୁସାରେ ପୂଜା ରୀତିନୀତି ପାଳନ କରାଯିବ ବୋଲି ଏସ୍ଆରସି କହିଛନ୍ତି। ଶୁଦ୍ଧି କାର୍ଯ୍ୟରେ ସର୍ବାଧିକ ୨୫୦ଜଣ ଯୋଗ ଦେଇପାରିବେ। ବାହାଘର ରୋଶଣି ବା ବର ଶୋଭାଯାତ୍ରାରେ ସର୍ବାଧିକ ୨୫୦ଜଣ ଲୋକ ବ୍ୟାଣ୍ଡବାଜା ବଜାଇ ଯାଇପାରିବେ। ଏହି ନୂତନ ଗାଇଡ୍‌ଲାଇନ ନଭେମ୍ବର ୧ ସକାଳ ୫ଟାରୁ ଡିସେମ୍ବର ୧ ସକାଳ ୫ଟା ଯାଏ ବଳବତ୍ତର ରହିବ। ସକାଳ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ବଜାର, ଶପିଂମଲ୍ ଖୋଲା ରହିବ। ରାଜ୍ୟର କୌଣସି ସ୍ଥାନରେ ସପ୍ତାହାନ୍ତ ଶଟ୍‌ଡାଉନ ରହିବ ନାହିଁ। ହେଲେ ବାଣ ବିକ୍ରି ଓ ଫୁଟାଇବା ନେଇ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ପରବର୍ତ୍ତୀ ସମୟରେ ଏଥିପାଇଁ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯିବ ବୋଲି ଏସ୍ଆରସି କହିଛନ୍ତି।

ଏସ୍ଆରସି କହିଛନ୍ତି ଯେ ରାତ୍ରିକାଳୀନ କର୍ଫ୍ୟୁ ସମୟରେ ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟ ସେବା, ଜଳ ଯୋଗାଣ, ବିଦ୍ୟୁତ୍, ନିର୍ମାଣ କାର୍ଯ୍ୟ, କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁ ରହିବ। ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ☞ ପୃଷ୍ଠା-୬

## ନଭେମ୍ବର କୋଭିଡ୍ ଗାଇଡ୍‌ଲାଇନ

- ସଭା, ମେଳା, ପ୍ରଦର୍ଶନୀକୁ ଅନୁମତି ନାହିଁ
- ବାଣ ପାଇଁ ଆସିବ ସ୍ୱତନ୍ତ୍ର ଗାଇଡ୍‌ଲାଇନ





# ଦରଦାମ୍ ବୃଦ୍ଧି: ବିଜେଡିର ପ୍ରତିବାଦ

■ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

■ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଘଣ୍ଟ ଘୋଡ଼ାଇବା ଉଦ୍ଦେଶ୍ୟ: ଭାଜପା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଦରଦାମ୍ ବୃଦ୍ଧି ବର୍ତ୍ତମାନ କେବଳ ରାଜନୈତିକ ପ୍ରସଙ୍ଗ ହୋଇ ନାହିଁ ବରଂ ଏହା ସାଧାରଣ ଜନତାଙ୍କ ସମସ୍ୟା ହୋଇ ଉଭା ହୋଇଛି। ତୈଳଦର, ଗ୍ୟାସ୍ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଜନତାଙ୍କୁ ଭାରି ବାଧୁଛି। କେନ୍ଦ୍ର ସରକାରଙ୍କ ଭୁଲ୍ ଆର୍ଥିକ ପରିଚାଳନା ନୀତି ଯୋଗୁ ଦରଦାମ୍ ବଢ଼ି ଚାଲିଛି। ଏହାକୁ ବିରୋଧ କରି ରବିବାର ବିଜେଡି ରାଜଭବନ ସମ୍ମୁଖରେ ପ୍ରତିବାଦ ସଭା କରିବା ସହ କେନ୍ଦ୍ର ବିରୋଧରେ ପ୍ରବଳ ବର୍ଷିଛି। ଅନ୍ୟପଟେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ଉଠୁଥିବା ଅଭିଯୋଗ କଥା ଉପରୁ ଦୃଷ୍ଟି ହଟାଇବା ପାଇଁ ବିଜେଡିର ଦରବୃଦ୍ଧି ପ୍ରତିବାଦ ଏକ ନାଟକବାଜି ବୋଲି ଭାଜପା ଅଭିଯୋଗ କରିଛି।

ବିଜେଡି ପକ୍ଷରୁ ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜଭବନ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ସଂଖ୍ୟାଧିକ ମହିଳା ସାମିଲ୍ ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ମହିଳା ବିଜେଡି କର୍ମୀମାନେ ମଧ୍ୟ ଦରଦାମ୍ ବୃଦ୍ଧିର ତୀବ୍ର ବିରୋଧ କରିଛନ୍ତି। ଗ୍ୟାସ୍ ସିଲିଣ୍ଡର ମୁଣ୍ଡାଇବା ସହ ରାସ୍ତାରେ ଚୁଲି ଜାଳି ମହିଳା କର୍ମୀ ପ୍ରତିବାଦ କରିଛନ୍ତି। ଯୁବ ଓ ଛାତ୍ର ବିଜେଡି କର୍ମୀମାନେ କେଶରୀ ହଲ୍ ଛକଠାରୁ ସାଇକେଲ ରାଲିରେ ବାହାରି ଆସି ରାଜଭବନ ସମ୍ମୁଖ ପ୍ରତିବାଦ ସଭାରେ ଯୋଗଦେଇଥିଲେ। ଏଥିରେ ବିଜେଡି ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଆଗକୁ ଆନ୍ଦୋଳନ ଆହୁରି ଜୋର୍‌ଦାର୍ ହେବ ବୋଲି ନାରା ଦେଇଥିଲେ। ଏହାପରେ ଆନ୍ଦୋଳନ ସ୍ଥଳରୁ ବିଜେଡି ନେତାମାନେ ଏକ ବିଶାଳ ଶୋଭାଯାତ୍ରାରେ ରାଜଭବନ ଅଭିମୁଖେ ଗସ୍ତ କରିଥିଲେ। ଏହି ଅବସରରେ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ କରି ଫେରିବା ପରେ ବିଜେଡି ନେତା ଦେବୀ ମିଶ୍ର କହିଛନ୍ତି, ଦରଦାମ୍ ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଗରିବ ଲୋକଙ୍କ କଥା କହିଲେ ନ ସରେ। ସେମାନଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ଯେତେବେଳେ ତେଲ ଉପରେ ବର୍ଷକୁ ତିନି ଲକ୍ଷ ଏକସ୍ତରି ହଜାର କୋଟି ଟଙ୍କାର ଟ୍ୟାକ୍ସ ଆଦାୟ ହେଉଛି ସେତେବେଳେ ଦର ୧୨୦ ଟଙ୍କାରେ ପହଞ୍ଚିଲାଣି। ଏଥିଯୋଗୁ ସବୁ ଜିନିଷର ଦରବୃଦ୍ଧି ହେଉଛି। ତେଣୁ ବିଜେଡି ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇଛି ବୋଲି ସେ କହିଛନ୍ତି। ତେବେ ନଭେମ୍ବର ପହିଲାରୁ ଦରଦାମ୍ ବୃଦ୍ଧିକୁ ବିରୋଧ କରି ୧୪୭ ନିର୍ବାଚନମଣ୍ଡଳୀରେ ମହିଳା ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯିବ। ୫ ତାରିଖରୁ ୭ ତାରିଖ ଯାଏ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବ।

ବିଜେଡି ପ୍ରତିବାଦକୁ ନେଇ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଦରଦାମ୍ ବୃଦ୍ଧି ବିଜେଡି ପ୍ରସଙ୍ଗ ନହେଁ। ଏହା ସେମାନଙ୍କ ପ୍ରସଙ୍ଗ ହୋଇଥିଲେ ସେମାନେ ତୈଳଦର ଉପରେ ଯେଉଁ ୪୦ ଟଙ୍କା ଟ୍ୟାକ୍ସ ନେଉଛନ୍ତି ତାକୁ କମାଇ ଦେଇଥାଆନ୍ତେ। ତାକୁ କମାଇ ଦେଲେ ତେଲ ଲିଟର ୭୦ ଟଙ୍କା ହେବ। ଏଠି ଆଳୁ ମିଶନ ଫେଲ, ଶୀତଳଭଣ୍ଡାର ନାହିଁ ସବୁ ବାହାରୁ କିଣାଯାଉଛି। ତେଣୁ ଦରବୃଦ୍ଧି ଘଟୁଛି। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଘଣ୍ଟ ଘୋଡ଼ାଇ ରଖିବା ହେଉଛି ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ବୋଲି ଗୋଲକ କହିଛନ୍ତି।



ଦରଦାମ ବୃଦ୍ଧି ପ୍ରତିବାଦରେ ରବିବାର ବିଜେଡି ପକ୍ଷରୁ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ବିରୋଧୀଙ୍କୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମାଲୋଚନା



ମହିଚଲାରେ ଅନୁଷ୍ଠିତ ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

■ କ୍ୟାମେରା ଆଗରେ ମୁହଁ ଖୋଲିଲେ ମନ୍ତ୍ରୀ

■ ମହିଚଲାରେ ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ

ଜୁନାଗଡ଼,୩୧।୧୦(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାରେ ପ୍ରଥମ ଥର ପାଇଁ କ୍ୟାମେରା ଆଗରେ ମୁହଁ ଖୋଲିଛନ୍ତି ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଷଡ଼ଯନ୍ତ୍ର କରୁଥିବାରୁ ସେ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମହିଚଲାଠାରେ ରବିବାର ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମିଶ୍ର ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସେ ଉପଢୌକନ ଦେଇ ସମ୍ମାନିତ କରିବା ସହ ସମସ୍ତଙ୍କୁ ଜଗନ୍ନାଥ ଫଟୋ ଚିତ୍ର ପ୍ରଦାନ କରିଥିଲେ। ଜୁନାଗଡ ନିର୍ବାଚନମଣ୍ଡଳୀରେ ମହିଳାଙ୍କ ଉନ୍ନତି ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ମଧ୍ୟ କହିଥିଲେ। ଜୁନାଗଡ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ସୁଧାଂଶୁ ବରାଡ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବର୍ଗତି, ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରା, ପ୍ରଦ୍ୟୁମ୍ନ ରାଉତ, କାମାକ୍ଷା ପ୍ରସାଦ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହିଚଲା ସରପଞ୍ଚ ଅଜୟ ବେହେରା ପରିଚାଳନା କରିଥିଲେ।

## ମମିତାଙ୍କ ପାଇଁ ଦିଲ୍ଲୀରେ ଲଢ଼ିବ ଯୁବ କଂଗ୍ରେସ

■ ୬ ଓ ୭ରେ ରାଜଭବନ ଆଗରେ ଅହୋରାତ୍ର ଧାରଣା

■ ୧୦ରେ ଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ

■ ୧୧ରେ ଯନ୍ତରମନ୍ତରରେ ବିକ୍ଷୋଭ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ଏହି ଲୋମଟାଙ୍କୁରା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସମ୍ପୃକ୍ତି ଥିବା ଦର୍ଶାଇ କଂଗ୍ରେସ ସମେତ ବିଭିନ୍ନ ଦଳ ଓ ସଙ୍ଗଠନ ତାଙ୍କର ବହିଷ୍କାର ଓ ଗିରଫ ଦାବି କରି ଆସୁଛି। ତେବେ ଜୋର୍‌ଦାର ଆନ୍ଦୋଳନ ଚଳାଇଥିବା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ମମିତାଙ୍କୁ ନ୍ୟାୟ ପାଇଁ ଆଗାମୀ ଦିନରେ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ କରିବ ବୋଲି ଚେତାବନୀ ଦେଇଛି।

ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି, ମମିତା ହତ୍ୟା ମାମଲାରେ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଫଳ ହୋଇଛନ୍ତି। ମନ୍ତ୍ରୀଙ୍କ ପ୍ରରୋଚନାରେ ଅଭିଯୁକ୍ତ ଘରୋଇ ସ୍କୁଲ ସଭାପତି ଗୋବିନ୍ଦ ସାହୁ ପ୍ରଥମେ ଅପହରଣ ଓ ପରେ ହତ୍ୟା କରିଥିବା ତଥ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ସରକାର ସବୁ ଜାଣି ଘଟଣାରେ ନୀରବଦ୍ରଷ୍ଟା ହୋଇ ରହିଛନ୍ତି। ଏଣୁ ଆସନ୍ତା ୬ ଓ ୭ରେ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ରାଜଭବନ ଆଗରେ ଅହୋରାତ୍ର ଧାରଣା ଦିଆଯିବ। ୮ ତାରିଖରେ ରାଜ୍ୟପାଳଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଏହାସତ୍ତ୍ୱେ ମନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ୯ ତାରିଖରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ୧୦ରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯିବ। ୧୧ ତାରିଖରେ ଯନ୍ତରମନ୍ତରଠାରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ଜାତୀୟ ଆନ୍ଦୋଳନରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତିଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ରାଷ୍ଟ୍ରପତିଙ୍କୁ ଭେଟି ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ସହ ତଦନ୍ତ ପରିସରଭୁକ୍ତ କରିବା ନିମନ୍ତେ ଦାବି ଉପସ୍ଥାପନ କରାଯିବ ବୋଲି ଲେଙ୍କା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ଅଲିମ, ବୀରେନ ଦଳେଇ, ଜ୍ଞାନରଞ୍ଜନ ରାଉତ, ସ୍ମୃତିରଞ୍ଜନ ମନ୍ତ୍ରୀ, ଆର୍ଯ୍ୟବୀର ଲେଙ୍କା ଓ ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମାଣିକେଶ୍ୱରୀଙ୍କଠାରେ ଦୀପ ଜଳାଇଲା ଭାଜପା ମହିଳା ମୋର୍ଚ୍ଚା



ମା' ମାଣିକେଶ୍ୱରୀ ମନ୍ଦିର ନିକଟରେ ଦୀପ ଜାଳିବା ପାଇଁ ଭାଜପା ମହିଳା ମୋର୍ଚ୍ଚା ଏକତ୍ର ହୋଇଛନ୍ତି।

ମମିତା ଓ ତାଙ୍କ ପରିବାରକୁ ନ୍ୟାୟ ଦାବି

ଭବାନୀପାଟଣା,୩୧।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଓ ତାଙ୍କ ପରିବାରକୁ ନ୍ୟାୟ ଦାବିରେ ରବିବାର ଭବାନୀପାଟଣାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମା' ମାଣିକେଶ୍ୱରୀଙ୍କଠାରେ ଦୀପ ଜଳାଯାଇଛି। ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଶନିବାର ପ୍ରେସ ବିବୃତିରେ ମା' ମାଣିକେଶ୍ୱରୀଙ୍କ ରାଣ ପକାଇଥିବା କଥାକୁ ମିଛ ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଦୋଷୀଙ୍କୁ ସହଯୋଗ କରିଥିବା ମନ୍ତ୍ରୀ ମିଶ୍ରଙ୍କ ବହିଷ୍କାର ସହ ଗିରଫ ଦାବି କରାଯାଇଥିଲା। ଘଟଣାର ସିବିଆଇ ତଦନ୍ତ ମଧ୍ୟ ଦାବି କରାଯାଇଥିଲା। ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ମହିଳା ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଆରମ୍ଭରେ ଗାନ୍ଧୀ ଛକଠାରୁ ମା' ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାଶ, ଜିଲା ସଭାନେତ୍ରୀ ନିରୁପମା ନାଏକ, ପୂର୍ବତନ ଜିଲା ସଭାନେତ୍ରୀ କୁନ୍ତି ପାଲ, ଜିଲା ଉପସଭାନେତ୍ରୀ ବିନିତା ଦାଶ, ଜିଲା ସାଧାରଣ ସମ୍ପାଦିକା ହେମାଙ୍ଗିନୀ ହଂସ, ସୌଭାଗିନୀ ପାତ୍ର, ନଗର ସଭାନେତ୍ରୀ ଗୀତାଞ୍ଜଳୀ ସାହୁ, ଜିଲା ପରିଷଦ ସଭ୍ୟା ପିଙ୍କି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆଦିଲ୍ଲୀରେ ଭାଜପାର ବିକ୍ଷୋଭ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଭାଜପା ରବିବାର ନୂଆଦିଲ୍ଲୀଠାରେ ପ୍ରତିବାଦ କରିଛି। ଏହି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର, ଗିରଫ ଓ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବିରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ରସମ୍ବିତ ପାତ୍ରଙ୍କ ନେତୃତ୍ୱରେ ପ୍ରବାସୀ ଓଡିଶାବାସୀ ନୂଆଦିଲ୍ଲୀସ୍ଥିତ ପଟେଲ ଛକଠାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନୀରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ପ୍ରବାଶୀ ଓଡିଆ ଯୋଗ ଦେଇଥିଲେ। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଗୋବିନ୍ଦ ସାହୁଙ୍କର ସବୁପ୍ରକାର ଅପରାଧିକ କାର୍ଯ୍ୟ, ରାଜନୈତିକ ଭାବେ ସରକାରୀ ଅର୍ଥ ଆତ୍ମସାତ୍ ଓ ଯୌନ କେଳେଙ୍କାରୀର ସମସ୍ତ ପ୍ରମାଣ ସହ ତଥ୍ୟ ମମିତା ମେହେର ଜାଣିପାରିଥିଲେ। ତେଣୁ ମମିତା ଏହାର ବିରୋଧ କରିଆସୁଥିଲେ। ଭବିଷ୍ୟତରେ ସେ ଏହାକୁ ପ୍ରକାଶ କରିଦେବାର ସମ୍ଭାବନା ଆଶଙ୍କା ଥିଲା, ତେଣୁ ସୁଚିନ୍ତିତ ଭାବେ ତାଙ୍କୁ ହତ୍ୟା କରିବା ପାଇଁ ମନ୍ତ୍ରୀ ମିଶ୍ର ଗୋବିନ୍ଦ ସାହୁଙ୍କ ସହିତ ଷଡଯନ୍ତ୍ର ରଚନା କରିଥିଲେ ବୋଲି ଭାଜପା ଅଭିଯୋଗ କରିଛି। ଗୃହ ବିଭାଗ ଅଧିନରେ ଥିବା ପୋଲିସ ନିଜ ବିଭାଗର ମୁଖିଆଙ୍କୁ କିପରି ଜେରା କରିବା ସହ ତଦନ୍ତ ପରିସରଭୁକ୍ତ କରିବ ବୋଲି ଭାଜପା ପ୍ରଶ୍ନ ଉଠାଇଛି। ମନ୍ତ୍ରୀ ପଦରେ ରହି ଦିବ୍ୟଶଙ୍କର ମିଶ୍ର ଏଭଳି ଜଘନ୍ୟ ହତ୍ୟାକାଣ୍ଡର ତଦନ୍ତକୁ ସମ୍ପୂର୍ଣ୍ଣ ପ୍ରଭାବିତ କରୁଛନ୍ତି। ତେଣୁ ମନ୍ତ୍ରୀ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇ ଘଟଣାର ତଦନ୍ତ ଭାର ସିବିଆଇକୁ ନ୍ୟାସ୍ତ କରାଯାଉ ବୋଲି ସମ୍ବିତ ଦାବୀ କରିଛନ୍ତି।

## କ୍ଷମତା ନିଶାରେ ଚୁର୍ ଶାସକ ବିଜେଡି: ଭାଜପା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ରବିବାର ରାଜ୍ୟ କାର୍ଯ୍ୟାଳୟରେ ପାଳନ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜ୍ୟ ବୁଦ୍ଧିଜୀବୀ ପ୍ରକୋଷ୍ଠର ପ୍ରମୁଖ ସଦସ୍ୟମାନଙ୍କ ସହିତ ଜିଲାସ୍ତରୀୟ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୁଦ୍ଧିଜୀବୀ ଆଲୋଚନାଚକ୍ରରେ ସମାଜର ବିଭିନ୍ନ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ବହୁ ବିଶିଷ୍ଟ ବ୍ୟକ୍ତିମାନେ ଭାଗ ନେଇଥିଲେ। ଏକଦା କ୍ଷମତା ନିଶାରେ ଅନ୍ଧ ସାଜିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ। ରାଜ୍ୟରେ କ୍ଷମତା ନିଶାରେ ଚୁର୍ ହୋଇ ଶାସକ ବିଜେଡି ମହିଳା ହିଂସା, ନିର୍ଯ୍ୟାତନା ଓ ଅପରାଧକୁ ପ୍ରୋତ୍ସାହିତ କରୁଛି। ରାଜ୍ୟରେ ବଢିଚାଲୁଥିବା ଅପରାଧ ଓ ମହିଳା ହିଂସାକୁ ରୋକିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଉପସ୍ଥିତ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ମନ୍ତ୍ରୀଙ୍କୁ ଗିରଫ ଦାବିରେ ଭାଜପାର ଏତଲା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିକୁ ନେଇ ରବିବାର ଜିଲା ଭାଜପା ତରଫରୁ ମାମଲା ରୁଜୁ କରାଯାଇଛି। ମମିତା ହତ୍ୟା ଘଟଣାରେ ପରିବାରର ଅଭିଯୋଗ ଅନୁସାରେ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ ଓ ଗିରଫ ଦାବୀରେ ଭୂବନେଶ୍ୱର ସାଙ୍ଗଠନିକ ଜିଲା କର୍ମୀ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାକୁ ଯାଇ ଏତଲା ଦେଇଛନ୍ତି। ଯେହେତୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଗୋବିନ୍ଦ ସାହୁଙ୍କର ସବୁପ୍ରକାର ଅପରାଧିକ କାର୍ଯ୍ୟ, ରାଜନୈତିକ ଭାବେ ସରକାରୀ ଅର୍ଥ ଆତ୍ମସାତ୍ ଓ ଯୌନ କେଳେଙ୍କାରୀର ସମସ୍ତ ତଥ୍ୟ ପ୍ରମାଣ ମମିତା ମେହେର ଜାଣି ପାରିଥିଲେ ତେଣୁ ସୁଚିନ୍ତିତ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ଭାଜପା ଅଭଇଯୋଗ କରିଛି। ମନ୍ତ୍ରୀ ଏହି ଘଟଣାରେ ଗୋବିନ୍ଦ ସାହୁଙ୍କ ସହିତ ଷଡଯନ୍ତ୍ର ରଚନା କରିଥିଲେ। ତେଣୁ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଯିବା ସହିତ, ପୋଲିସ ହେପାଜତକୁ ଆଣି ଜେରା କରାଯିବା ଉଚିତ୍ ବାବୁ କହିଛନ୍ତି। ମନ୍ତ୍ରୀଙ୍କ ରାୟପୁରସ୍ଥିତ ବାସଭବନରେ ଗୋବିନ୍ଦ ସାହୁ ଓ ମମିତାଙ୍କ ସହ ବୈଠକ ଓ ଆଲୋଚନା କରାଯିବା ଘଟଣାରୁ ମନ୍ତ୍ରୀ ଏଥିରେ ସମ୍ପୃକ୍ତ ଥିବା ପ୍ରମାଣିତ ହେଉଛି ବୋଲି ଭାଜପା ଅଭିଯୋଗ କରିଛି।



ଏତଲା ଦେବାକୁ ଯାଇଥିବା ଭାଜପା କର୍ମକର୍ତ୍ତା କ୍ୟାପିଟାଲ ଥାନା ଆଗରେ।

# ନବରଙ୍ଗପୁରରେ କଂଗ୍ରେସର ଶକ୍ତି ପ୍ରଦର୍ଶନ


କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ଓ ଦଳୀୟ ନେତୃବୃନ୍ଦ।

■ ଆଦିବାସୀ, କୃଷକଙ୍କ ପାଇଁ ଚିନ୍ତା କରୁଥିବା ଦଳ କଂଗ୍ରେସ: ଚେଲ୍ଲାକୁମାର

■ ଦଳରୁ ରାହୁ, କେତୁ, ଶନି ଚାଲିଗଲେ: ତାରା

ନବରଙ୍ଗପୁର/ପାପଡ଼ାହାଣ୍ଡି, ୩୧।୧୦(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ହାଇସ୍କୁଲ ପଡ଼ିଆରେ ରବିବାର କଂଗ୍ରେସର ଏକ ବିରାଟ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହୋଇଥିବା ଜିଲା କଂଗ୍ରେସ ପକ୍ଷରୁ କୁହାଯାଉଛି। କିନ୍ତୁ ଟାଣୁଆ ନେତା ଚନ୍ଦ୍ରଶେଖର ମାଝି, କୈଳାସ କୁଲେସିକା ଏବଂ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଦଳ ଛାଡ଼ିବା ପରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଦକ୍ଷିଣ ଓଡ଼ିଶାରେ ଶକ୍ତି ପ୍ରଦର୍ଶନ କରିଥିବା ଚର୍ଚ୍ଚା ହେଉଛି।

କାର୍ଯ୍ୟକ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ସାଧାରଣ ସମ୍ପାଦକ ତଥା ଦଳର ଓଡ଼ିଶା ପ୍ରଭାରି ଏ. ଚେଲ୍ଲାକୁମାର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କର୍ମୀ ଓ ସମର୍ଥକଙ୍କ ଭିଡ଼ ଦେଖି ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏଭଳି ଢଙ୍ଗରେ ପାଳିବା ଦେଖି ନ ଥିଲି ବୋଲି ଚେଲ୍ଲାକୁମାର କହିଥିଲେ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ସାଧାରଣ ଲୋକଙ୍କ ପାଇଁ ଯେଉଁ ସବୁ ଯୋଜନା କରାଯାଇଥିଲା ତାହା ଏବେ ଭାଜପା ସରକାର କାଟି ଚାଲିଛି। କଂଗ୍ରେସ ସରକାର ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ପାଇଁ ଚିନ୍ତା କରୁଥିଲା। ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ କଂଗ୍ରେସ ସରକାର କମିଶନ କରିଥିଲା। ଆଦିବାସୀ ଓ କୃଷକଙ୍କ ପାଇଁ ଯେଉଁ ଦଳ ଚିନ୍ତା କରୁଛି ତାହା ହେଉଛି ଏକମାତ୍ର କଂଗ୍ରେସ ବୋଲି ଚେଲ୍ଲାକୁମାର କହିଥିଲେ। ଯେଉଁମାନେ ଏବେ ଦିଲ୍ଲୀରେ ଶାସନ କରୁଛନ୍ତି ସେମାନଙ୍କ ଚିନ୍ତାଧାରା ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରିଥିଲା ବୋଲି ବରିଷ୍ଠ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଥିଲେ। ରାଜ୍ୟରେ ଏବେ ବହୁ ଚର୍ଚ୍ଚାରେ ଥିବା ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି, ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ନରସିଂହ ଦାବି କରିଥିଲେ। ଓଡ଼ିଶାରେ ହତ୍ୟା, ବଳାତ୍କାର ବଢ଼ୁଛି ଏବଂ ସରକାର ପୁଞ୍ଜିପତିଙ୍କ ପାଇଁ ଚିନ୍ତା କରୁଛନ୍ତି ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଥିଲେ। ଭୁଜବଳ ମାଝି ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହେବେ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏଠାରେ ଘୋଷଣା କରିଥିଲେ। ଏଥିସହ ଅବିଭକ୍ତ କୋରାପୁଟ ଜିଲାରୁ ଶନି, ରାହୁ, କେତୁ ଚାଲିଗଲେ ବୋଲି କହି କଟାକ୍ଷ କରିଥିଲେ। ନିଜର ସ୍ୱାର୍ଥ ଖୋଜୁଥିବା ନେତା ଦଳ ଛାଡ଼ି ଚାଲିଯାଇଛନ୍ତି ବୋଲି ବାହିନୀପତି କହିଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାର ବହୁ ନେତା କଂଗ୍ରେସରେ ସାମିଲ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପ୍ରବକ୍ତା ମୋହନ ପ୍ରକାଶ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ନୂଆପଡ଼ା ବିଧାୟକ ଅଧିରାଜ ପାଣିଗ୍ରାହୀ, କନ୍ଧମାଳର ପୂର୍ବତନ ଏମ୍‌ପି ନକୁଳ ନାୟକ, ପୂର୍ବତନ ବିଧାୟକ ସଦନ ନାୟକ, ଭୁଜବଳ ମାଝି, ନିମାଇଁ ସରକାର, ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟିକା ମମତା ମାଢ଼ୀ, ଗଣେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଜଳଜୀବନକୁ ବିପଦ 'ଟିଡିଏସ୍'

**ପିଇବା ପାଣିରେ ନିର୍ଦ୍ଦିଷ୍ଟ ପରିମାଣର ସମ୍ପୂର୍ଣ୍ଣ ଦ୍ରବୀଭୂତ ପଦାର୍ଥ ବା ଟୋଟାଲ ଡିଜଲଭଡ୍ ସଲିଡ୍ (ଟିଡିଏସ୍) ଶରୀର ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ତେବେ ଏହା ମାତ୍ରାଧିକ ହେଲେ ସ୍ୱାସ୍ଥ୍ୟପ୍ରତି ସୃଷ୍ଟି କରିଥାଏ ବିପଦ। ଗତ କିଛିବର୍ଷ ମଧ୍ୟରେ ଭାରତର ଭୂତଳ ଜଳ ସମେତ ନଦୀ ପାଣିରେ ଟିଡିଏସ୍ ମାତ୍ରା ବଢ଼ିବାରେ ଲାଗିଛି। ଏହାର ସାଂଘାତିକ ପରିଣାମ ନଈକୂଳିଆ ଅଞ୍ଚଳବାସୀ ଭୋଗୁଥିବାବେଳେ ଏଥିରୁ ବାଦ୍ ପଡୁନି ଜୈବ ବିବିଧତା। ପ୍ରଦୂଷଣ ଏବଂ ଟିଡିଏସ୍ ବୃଦ୍ଧି କାରଣରୁ ଦେଶର ୫ ପ୍ରମୁଖ ନଦୀ ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ଦାମୋଦର, ବାଗମତୀ ଆଗାମୀ ଦଶନ୍ଧି ମଧ୍ୟରେ ପରିତ୍ୟକ୍ତ ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।**



**ନୂଆଦିଲ୍ଲୀ, ୩୧।୧୦**

ପୂର୍ବ ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶର କାମେଙ୍ଗ୍ ନଦୀ ଜଳ ମାତ୍ର କେଇ ଘଣ୍ଟା ଭିତରେ ହୋଇଯାଇଛି ବିଷାକ୍ତ। ପାଣିରେ ସମ୍ପୂର୍ଣ୍ଣ ଦ୍ରବୀଭୂତ ପଦାର୍ଥ (ଟିଡିଏସ୍)ର ପରିମାଣ ହଠାତ୍ ବଢ଼ିଯିବା ଫଳରେ ଅମ୍ଳଜାନ ସ୍ତର ଆଶାତୀତ ଭାବେ କମିଯାଇଛି। ହଜାର ହଜାର ସଂଖ୍ୟାରେ ମାଛ ସମେତ ଅନ୍ୟ ଜଳଚରଜୀବ ମରି ଭାସୁଛନ୍ତି। ଚାଇନାର ମନୁଷ୍ୟକୃତ କାର୍ଯ୍ୟକଳାପ ପାଇଁ କାମେଙ୍ଗ୍ ନଦୀର ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିବାବେଳେ ସ୍ଥାନୀୟ ପ୍ରଶାସନ ନଦୀପାଣି ବ୍ୟବହାର ଏବଂ ମଲା ମାଛ ନ ଖାଇବା ପାଇଁ ସତର୍କ କରାଇଛି। ଏହି ଘଟଣା ଜାତୀୟସ୍ତରରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ)ର ତଥ୍ୟ ଅନୁଯାୟୀ, ପ୍ରତି ଦଶ ଲକ୍ଷ କଣିକାରେ ଟିଡିଏସ୍ର ମାତ୍ରା ୩୦୦ ରହିଲେ, ତାହା ପାନୀୟ ଯୋଗ୍ୟ ବୋଲି ବିବେଚନା କରାଯାଏ। ପିଏମ୍ପି ହେଉଛି ଟିଡିଏସ୍ର ମାପକ। ୩୦୦ ପିଏମ୍ପିରୁ ଅଧିକ ଟିଡିଏସ୍ ଥିବା ପାଣି କ୍ଷାରଯୁକ୍ତ। ମିନେରାଲ୍ସ ମାତ୍ରା ଅଧିକ ହେଲେ ତାହା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ସେହିପରି ପାଣିରେ ଟିଡିଏସ୍ ଶୂନ୍ୟସ୍ତରରେ ରହିଲେ ମଧ୍ୟ ତାହା ଶୁଭଙ୍କରୀ ନୁହେଁ। କାରଣ ମଣିଷ ଶରୀର ଆବଶ୍ୟକ କରୁଥିବା ଅନେକ ଧାତବଲବଣ ପାଣିରୁ ମିଳିଥାଏ। ତେଣୁ ପିଇବା ପାଣିରେ ପିଏମ୍ପିସ୍ତର ୧୦୦୦ ଉପରକୁ ଉଠିଲେ ତାହା କ୍ଷତିକାରକ ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଭୂତଳ ଜଳରେ ଟିଡିଏସ୍ ତାରତମ୍ୟ ରହିବା ସ୍ୱାଭାବିକ। ଏହା ମାଟିର ଗଭୀରତା, ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥା, ନିକଟବର୍ତ୍ତୀ ଜଳଉତ୍ସ, ଜଳ ଅବଶୋଷଣ କ୍ଷମତା ଉପରେ ନିର୍ଭରଶୀଳ। ତେବେ ପ୍ରବାହିତ ନଦୀରେ ଟିଡିଏସ୍ର ପରିମାଣ ବଢ଼ିଲେ ଏହା ଜଳଜୀବନ, ପରିସଂସ୍ଥା ଏବଂ ଜୈବ ବିବିଧତାକୁ ବହୁଳମାତ୍ରାରେ ପ୍ରଭାବିତ କରେ।

ବିଶ୍ୱ ଜଳ ସପ୍ତାହ-୨୦୨୧ ଅବସରରେ ପ୍ରକାଶିତ ଗୁଣାତ୍ମକ ଜଳ ସୂଚକାଙ୍କ ଅନୁଯାୟୀ, ବିଶ୍ୱର ୧୨୨ ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୦। ଏଥିରୁ ଦେଶରେ ଜଳ ପ୍ରଦୂଷଣଜନିତ ସମସ୍ୟା ଜଳଜଳ। ୨୫୨୫ କିଲୋମିଟର ଦୀର୍ଘ ଭାରତର ବୃହତ୍ତମ ନଦୀ ଗଙ୍ଗା ତଟବର୍ତ୍ତୀ ଅଞ୍ଚଳରେ ୧୧୦୦ରୁ ଅଧିକ କମ୍ପାନୀ ଗଢ଼ିଉଠିଛି। ଏଥିରୁ ବାହାରୁଥିବା ବର୍ଜ୍ୟବସ୍ତୁ ନଦୀଜଳକୁ ସାଂଘାତିକ ସ୍ଥିତିରେ ପହଞ୍ଚାଇଛି। ନିକଟରେ କେନ୍ଦ୍ର ସରକାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗଙ୍ଗା ସଫେଇ ଅଭିଯାନ ଆରମ୍ଭ ହୋଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। କେବଳ ଗଙ୍ଗା ନୁହେଁ, ଅନ୍ୟତମ ପ୍ରମୁଖ ନଦୀ ଯମୁନା, ବ୍ରହ୍ମପୁତ୍ର, ବାଗମତୀ, ଦାମୋଦର, ଗୋଦାବରୀ, ତାପ୍ତି, ଓଡ଼ିଶାର ପ୍ରମୁଖ ନଦୀ ମହାନଦୀ, ବ୍ରାହ୍ମଣୀ ମଧ୍ୟ ପ୍ରଦୂଷଣ ସମସ୍ୟାରେ ଘାଣ୍ଟି ହେଉଛି। ଏହା ଯେ କେବଳ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ପ୍ରଭାବିତ କରୁନାହିଁ, ଅଧିକନ୍ତୁ ଏହା ଉପରେ ନିର୍ଭରଶୀଳ ଜୈବ ବିବିଧତାକୁ ମଧ୍ୟ ବିପଦରେ ପକାଉଛି। ଏଥିପ୍ରତି ଆଗୁଆ ସତର୍କତାମୂଳକ ପଦକ୍ଷେପ ନ ନିଆଗଲେ ମାତ୍ର କେଇ ଦଶନ୍ଧି ମଧ୍ୟରେ ଦେଶର ଅଧିକାଂଶ ନଦୀ ବ୍ୟବହାର ଅନୁପଯୋଗୀ ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### କ'ଣ ଏହି ଟିଡିଏସ୍

ପାଣିରେ ଘୋଳି ହୋଇରହିଥିବା ଧାତବ କଣିକାର ସାନ୍ଦ୍ରତା ହେଉଛି ଟିଡିଏସ୍। ସାଧାରଣତଃ ଜଳରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, କ୍ଲୋରାଇଡ୍, ସଲ୍ଫେଟ୍, ବାଇକାର୍ବୋନେଟ୍ ଆଦି ପଦାର୍ଥ ସୂକ୍ଷ୍ମ ରୂପରେ ରହିଥାଏ। ଏହାକୁ ବାଦ୍ ଦେଲେ ଅନ୍ୟ ପଦାର୍ଥ ମଧ୍ୟ ଦ୍ରବୀଭୂତ ଆକାରରେ ଥାଏ। ଟିଡିଏସ୍ ପରିମାଣରୁ ପାଣିର ମାନ ଜଣାପଡ଼ିଥାଏ। ଅଧିକ ଟିଡିଏସ୍ ପାଣିର ସ୍ୱାଦକୁ କ୍ଷାରଯୁକ୍ତ କରୁଥିବାବେଳେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଅମୁଲ ପକ୍ଷରୁ ସାଇକେଲ ଶୋଭାଯାତ୍ରା



ଉପଜିଲାପାଳ ଭବତାରଣ ସାହୁ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ପୁରୀ ଅଫିସ, ୩୧।୧୦**

ମିଲ୍କମ୍ୟାନ ଅଫ୍ ଇଣ୍ଡିଆ ଭାବେ ପରିଚିତ ଅମୁଲ କମ୍ପାନୀର ପ୍ରତିଷ୍ଠାତା ଡ. ଭର୍ଗିଜ୍ କୁରିଏନଙ୍କ ୧୦୦ତମ ଜନ୍ମବାର୍ଷିକ ଉତ୍ସବ ଏବଂ ଅମୁଲ କମ୍ପାନୀର ୭୫ବର୍ଷ ପୂର୍ତ୍ତି ଅବସରରେ ରବିବାର ପୁରୀଠାରେ କମ୍ପାନୀ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସକାଳ ୬ଟାରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରା ବାହାରି ଭିଆଇପି ରୋଡ୍, ଚୈତନ୍ୟ ଛକ ଦେଇ ଚକ୍ରତୀର୍ଥ ରୋଡସ୍ଥିତ ହୋଟେଲ ହଲି ଡେ ରିସୋର୍ଟ ନିକଟରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୭୦ଜଣ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ ଲିମିଟେଡ୍, ଭୁବନେଶ୍ୱର ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅମୁଲ କମ୍ପାନୀର ଭୁବନେଶ୍ୱର ଶାଖା ସଞ୍ଚାଳକ ଶୁଭାଶିଷ ରାଉତ, ପୁରୀ ଡିଷ୍ଟ୍ରିବ୍ୟୁଟର ବିଜୟ କୁମାର ସୁବୁଦ୍ଧି ଏବଂ ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ।


**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ ଶରତ କୁମାରୀ ଷଡ଼ଙ୍ଗୀ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ବିଶିଷ୍ଟ ସାହିତ୍ୟିକା, ନରିଶୋ ଶାସନ, ନିଆଳି, ଖୋର୍ଦ୍ଧା - ୭୫୪୦୦୪
ଆବିର୍ଭାବ: ୨୭।୧୧।୧୯୪୭
ତିରୋଧାନ: ୧୨।୧୧।୨୦୨୦

ହେ ଦିବ୍ୟଚେତା ପୁଣ୍ୟମୟୀ ଦେବୀ ପ୍ରତିମା ! ତୁମର ଅନାବିଳ ସ୍ନେହମମତା, ତ୍ୟାଗନିଷ୍ଠ, ସତ୍ୟନିଷ୍ଠ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଆମ ପାଇଁ ସଦା ଅନୁସରଣୀୟ । ଆମକୁ ଶୋକସାଗରରେ ଭସାଇ ତୁମେ ଆରପାରିକୁ ଚାଲିଗଲ, କିନ୍ତୁ ସବୁଦିନ ପାଇଁ ତୁମେ ଆମ ଶ୍ୱାସକ୍ରିୟାରେ, ହୃଦୟରେ ଜୀବିତ ରହିଛ ଓ ରହିଥିବ । ପରଲୋକରେ ଥାଇ ସବୁଦିନପରି ଆମ ପାଇଁ ଶୁଭ ମନାସୁଥାଅ । ତୁମର ସତ୍ କର୍ମ ତଥା ପୁଣ୍ୟ କର୍ମର ମହାଯାତ୍ରାରେ ପରମେଶ୍ୱର ତୁମ ଅମର ଆତ୍ମାର ସଦ୍‌ଗତି କରାନ୍ତୁ, ଅଶ୍ରୁଳ ପ୍ରାର୍ଥନା ଆମର ।

**ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ**
ସ୍ୱାମୀ- ଶ୍ରୀ ହରିହର ଷଡ଼ଙ୍ଗୀ, କନ୍ୟା- ସୁଶ୍ରୀତା, ସସ୍ମିତା, ଜ୍ୱାଇଁ- ପୂର୍ଣ୍ଣଚନ୍ଦ୍ର, ପୁତ୍ର- ଶୁଭେନ୍ଦୁ, ସ୍ୱପ୍ନେନ୍ଦୁ, ପୁତ୍ରବଧୂ- ମୀନା, ମନି, ନାତୁଣୀନାତି- ଶ୍ରୀନୁ, ଗୁଡୁଲି, ଗୁଗୁ, ଆର୍ଯ୍ୟନ୍, ଆଦିତ୍ୟ ।


## ଉତ୍ତର ପ୍ରଦେଶ ଲୁଟେରା ଗ୍ୟାଙ୍ଗର ୨ ଗିରଫ

**ବିପୁଳ ପରିମାଣର ଟାୱାର୍ ବ୍ୟାଟେରି ଜବତ**

**ଉମରକୋଟ, ୩୧।୧୦(ସ୍ୱ.ପ୍ର.):** ଉତ୍ତର ପ୍ରଦେଶରୁ ଆସି ନବରଙ୍ଗପୁର ଜିଲା ଉମରକୋଟରେ ରହି ମୋବାଇଲ୍ ଟାୱାରରୁ ବ୍ୟାଟେରି ଚୋରି କରୁଥିବା ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୨ ଜଣଙ୍କୁ ଉମରକୋଟ ପୋଲିସ ଗିରଫ କରିଛି। ଦୁହେଁ ହେଲେ ଉତ୍ତର ପ୍ରଦେଶ ରାଜ୍ୟ ମିରଟ୍ ଜିଲାର ଅକ୍ଷୟ(୨୨) ଏବଂ ଅଙ୍କିତ୍(୨୨)। ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶର ମିରଟ୍ ଜିଲା ମହଲୱାଲା ଗ୍ରାମରୁ କେତେଜଣ ଲୁଟେରା ଉମରକୋଟ ଆସି ବ୍ୟବସାୟ ବାହାନାରେ ଲୋକଙ୍କ ଘରେ ଭଡ଼ାରେ ରହୁଥିଲେ। ସନ୍ତୋଷୀ ନଗରରୁ କେନାଲ ସାହିକୁ ଯିବା ରାସ୍ତାରେ ଗ୍ରାମାଞ୍ଚଳରେ ଲାଗିଥିବା ମୋବାଇଲ ଟାୱାରଗୁଡ଼ିକରୁ ଏମାନେ କୌଶଳରେ ବ୍ୟାଟେରି ଚୋରିକରି ପଡ଼ୋଶୀ ରାଜ୍ୟ ଛତିଶଗଡ଼ର କୋଣ୍ଡାଗାଁ ସହରରେ କମ୍ ମୂଲ୍ୟରେ ବିକ୍ରି କରୁଥିଲେ। ଏହି ଲୁଟେରା ଗ୍ୟାଙ୍ଗରେ ଅଧିକ ସଦସ୍ୟ ରହିଥିବା ଜଣାପଡ଼ିଛି। ଉମରକୋଟ ଏବଂ କୋଣ୍ଡାଗାଁରେ ରହି ଏମାନେ ବ୍ୟାଟେରି ଲୁଟ୍ ଏବଂ ବିକ୍ରି କାରବାର ଚଳାଇଥିଲେ। ଉମରକୋଟ ପୋଲିସ ଖବର ପାଇ ପ୍ରଥମେ ଉମରକୋଟସ୍ଥିତ ଭଡ଼ାଘରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଛତିଶଗଡ଼ର କୋଣ୍ଡାଗାଁରେ ଏହି ଲୁଟେରା ଗ୍ୟାଙ୍ଗର ମୁଖ୍ୟ ଆଡ୍ଡା ରହିଥିବା ଜଣାପଡ଼ିବା ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଛତିଶଗଡ଼ ଯାଇ ସେଠାକାର ପୋଲିସ ସହାୟତାରେ ୩ ସ୍ଥାନରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣରେ ବ୍ୟାଟେରି ଜବତ କରାଯାଇଥିଲା। ସେଥିରେ ଉମରକୋଟ ଅଞ୍ଚଳରୁ ଚୋରି ବ୍ୟାଟେରି ମଧ୍ୟ ରହିଥିବା ଜଣାପଡ଼ିଛି। ସ୍ୱତନ୍ତ୍ର ଟିମ୍‌ରେ ଉମରକୋଟ ପୋଲିସ ଏସ୍ଆଇ ରାଧାକାନ୍ତ ବାରିକ, ଶରତ ଚନ୍ଦ୍ର କୁଟରୁକା ଏବଂ ନୀଳିମା ପାଣିଗ୍ରାହୀ ରହିଥିଲେ। ଉମରକୋଟ ପୋଲିସ ମାମଲା ନଂ. ୪୨୫/୨୧ ରୁଜୁ କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଡିଏମ୍ଇଟି ଦାୟିତ୍ୱ ନେଲେ ରମାରମଣ ମହାନ୍ତି

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**



ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ୍ ଆଣ୍ଡ୍ ଟ୍ରେନିଂ(ଡିଏମ୍ଇଟି) ଭାବେ ଡା. ରମାରମଣ ମହାନ୍ତି ଦାୟିତ୍ୱ ନେଇଛନ୍ତି। ଡିଏମ୍ଇଟି ଡା. ସିବିକେ ମହାନ୍ତିଙ୍କ କାର୍ଯ୍ୟକାଳ ରବିବାର ଶେଷ ହୋଇଥିବାବେଳେ ଡା. ରମାରମଣ ନୂଆ ଡିଏମ୍ଇଟି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାରିପଦାସ୍ଥିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଡିନ୍ ଓ ଅଧକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ୨୦୧୯ ନଭେମ୍ବରରେ ଡିଏମ୍ଇଟି ଭାବେ ଦାୟିତ୍ୱ ନେଇଥିବା ଡା. ସିବିକେ ମହାନ୍ତିଙ୍କ କାର୍ଯ୍ୟକାଳ ଗତ ଏପ୍ରିଲ ୩୦ରେ ଶେଷ ହେବାର ଥିଲା। କିନ୍ତୁ କରୋନା ସ୍ଥିତିକୁ ଦେଖି ସରକାର ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଥିଲେ। କରୋନା ମାହାମାରୀକୁ ମୁକାବିଲା କରିବା ପାଇଁ ସେ ସରକାରଙ୍କ ମାର୍ଗଦର୍ଶନ କରୁଥିଲେ।

## ୬ଯାଏ ରାଜ୍ୟ ଗ୍ରନ୍ଥାଗାର ବନ୍ଦ

**ଆଉ ଦୁଇ କର୍ମଚାରୀଙ୍କୁ କରୋନା**

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ):** ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଗ୍ରନ୍ଥାଗାରର ଆଉ ଦୁଇଜଣ କର୍ମଚାରୀ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଏପରି ନିଷ୍ପତ୍ତି ନିଆଯାଇଛି। ଗତ ବୁଧବାର ଏଠାରୁ ଜଣେ କର୍ମଚାରୀ ପଜିଟିଭ୍ ବାହାରିବା ପରେ ପାଠକ ଓ ଅନ୍ୟ କର୍ମଚାରୀଙ୍କ ନିରାପତ୍ତା ଦୃଷ୍ଟିରୁ ୩୧ ତାରିଖ ପର୍ଯ୍ୟନ୍ତ ଗ୍ରନ୍ଥାଗାରକୁ ବନ୍ଦ ରଖାଯାଇଥିଲା। ତେବେ ଆଉ ଦୁଇଜଣ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଏହାକୁ ଆଉ ୬ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏହି ଦିନ ମଧ୍ୟରେ କୌଣସି ପାଠକ ପାଠାଗାରକୁ ନ ଆସିବାକୁ ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି।

## ପାଣିରେ ଭାସିଗଲେ ୩ ଛାତ୍ର

**୨ ମୃତ, ଜଣେ ନିଖୋଜ**

**ହାଟଡ଼ିହୀ(ଡି.ଏନ୍.ଏ.)/ ରାଉରକେଲା ଅଫିସ୍, ୩୧।୧୦**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡ଼ୋ ନିକଟ ବିଦ୍ୟାଧରପୁର-ଆନନ୍ଦପୁର ମୁଖ୍ୟ କେନାଲରେ ଗାଧୋଉଥିବାବେଳେ ବୁଡ଼ିଯାଇ ରବିବାର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଦ୍ମନାଭ ଦାସଙ୍କ ପୁଅ ମାନସ ଏବଂ ପଦାରୁଖା ଗ୍ରାମର ବିଶ୍ୱନାଥ ରାଉତଙ୍କ ପୁଅ ହିମାଂଶୁ। ନବମ ଶ୍ରେଣୀରେ ପଢୁଥିବା ହିମାଂଶୁ ନିଜ ବନ୍ଧୁ ଘର ପନ୍ଦାଡ଼ୋକୁ ବୁଲିବାକୁ ଆସିଥିଲେ। କେନାଲକୁ ମିଳିମିଶି ୫ ଜଣ ଛାତ୍ର ଗାଧୋଇବାକୁ ଯାଇଥିବାବେଳେ ହିମାଂଶୁ, ମାନସଙ୍କ ସମେତ ୩ ଜଣ ବୁଡ଼ି ଯାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଶାସଙ୍ଗ ହାଇସ୍କୁଲ ଶିକ୍ଷକ ଶାନ୍ତନୁ ରାଉତ ଉପସ୍ଥିତ ବୁଦ୍ଧି ଖଟାଇ ଦଉଡ଼ି ଫିଙ୍ଗିବାରୁ ଦେବଜ୍ୟୋତି ଭୂୟାଁ କୂଳକୁ ଆସିଥିଲେ। ହାଟଡ଼ିହୀ ଓ ଆନନ୍ଦପୁରରୁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ହିମାଂଶୁଙ୍କ ମୃତଦେହ ମିଳିଥିଲା। ମାନସଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସେହିପରି ରାଉରକେଲା କୋଏଲ ନଦୀରେ ଗାଧୋଉଥିବା ବେଳେ ସେକ୍ଟର-୬ର ବିବେକ ସିଂ (୧୪) ନିଖୋଜ ହୋଇଯାଇଛନ୍ତି। ରବିବାର ସକାଳେ ବିବେକ ୬ଜଣ ସାଙ୍ଗଙ୍କ ସହିତ ହମୀରପୁର ନିକଟ କୋଏଲ ନଦୀରେ ଗାଧୋଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିବାକୁ ଯାଇ ବିଫଳ ହେବା ପରେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି ଚଳାଇଛନ୍ତି। ବିବେକ ସେକ୍ଟର-୫ ସ୍ଥିତ ଏକ ଘରୋଇ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର।



ବିଦ୍ୟାଧରପୁର-ଆନନ୍ଦପୁର ମୁଖ୍ୟ କେନାଲରେ ଅଗ୍ନିଶମ ବାହିନୀ ଖୋଜାଖୋଜି କରୁଛନ୍ତି।

# ଆଜିଠୁ ପଶ୍ଚିମଦ୍ୱାର ଦେଇ ଦର୍ଶନ

**ପୁରୀ ସହରବାସୀଙ୍କ ପାଇଁ ନୂତନ ବ୍ୟବସ୍ଥା**

**ପୁରୀ ଅଫିସ,୩୧।୧୦**

ନୂତନ ଏସ୍ଓପି ଅନୁଯାୟୀ ସୋମବାରଠାରୁ ପୁରୀ ସହରବାସୀ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ଦେଇ ପ୍ରବେଶକରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏଥିପାଇଁ କୋଭିଡ୍ କଟକଣା ପାଳନ ସହ ଆବଶ୍ୟକ ପରିଚୟପତ୍ର ଓ କୋଭିଡ୍ ନେଗେଟିଭ୍ ରିପୋର୍ଟ କିମ୍ବା ଦୁଇଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ସୂଚନାଯୋଗ୍ୟ, ପୂର୍ବରୁ ପୁରୀ ସହରବାସୀ କେବଳ ସିଂହଦ୍ୱାର ଦେଇ ଦର୍ଶନ ସୁଯୋଗ ପାଉଥିଲେ।

ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପଶ୍ଚିମଦ୍ୱାର ନିକଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମେଟାଲ ଡିଟେକ୍ଟର ସମେତ ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ଭଳି ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପୁରୀ ସହରର ଅଧିକାଂଶ ଲୋକ ସରଳ ଦର୍ଶନ ବ୍ୟବସ୍ଥାର ସୁଯୋଗ ପାଇବେ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ନିତିଦିନିଆ ଦର୍ଶନ କରୁଥିବା ପୁରୀର ସାହି ବାସିନ୍ଦାମାନେ ସିଂହଦ୍ୱାରରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରି ରହୁଥିଲେ। ଏବେ ଏହି ସମସ୍ୟା ଦୂର ହୋଇପାରିବ। ତେବେ ପଶ୍ଚିମଦ୍ୱାର ଦେଇ ପ୍ରବେଶ କରୁଥିବା ଲୋକେ ପଶ୍ଚିମଦ୍ୱାରରେ ପ୍ରସ୍ଥାନ କରିପାରିବେ ନାହିଁ, ସେମାନଙ୍କୁ ମଧ୍ୟ ଉତ୍ତରଦ୍ୱାର ଦେଇ ବାହାରିବାକୁ ପଡ଼ିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଏଭଳି ଏସ୍ଓପିକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଶ୍ଚିମଦ୍ୱାରରେ ପ୍ରସ୍ଥାନ ହୋଇପାରିଲେ ଦର୍ଶନ ବ୍ୟବସ୍ଥା ସରଳ ହେବା ସହ ଗହଳି କମିପାରନ୍ତା ବୋଲି ସହର ବାସିନ୍ଦା ଚିରଞ୍ଜୀବୀ ବିଶ୍ୱାଳ କହିଛନ୍ତି। ଚାରିଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ ଅନୁମତି ପାଇଁ ପୁରୀ ଓକିଲ ସଂଘ ଏବଂ ଶ୍ରୀଜଗନ୍ନାଥ ସେନା ସମେତ ବିଭିନ୍ନ ମହଲରେ ଦାବି ହେଉଛି।



ଶ୍ରୀମନ୍ଦିର ପଶ୍ଚିମଦ୍ୱାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ଶେଡ୍ ନିର୍ମାଣ କରାଯାଉଛି।




**କାଳୀପୂଜାରେ ଶ୍ରଦ୍ଧାଳୁଙ୍କୁ ଦକ୍ଷିଣକାଳୀ ପୀଠ ମନା**

ପୁରୀ ଅଫିସ/ସାକ୍ଷୀଗୋପାଳ, (ଡି.ଏନ୍.ଏ): କାଳୀପୂଜା ଅବସରରେ ଆସନ୍ତା ୪ ଓ ୫ତାରିଖରେ ପୁରୀ ଜିଲା ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀଙ୍କ ପୀଠରେ ୧୪୪ ଧାରା ଜାରି କରାଯିବ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରବିବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ଦକ୍ଷିଣକାଳୀ ପୀଠରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କରୋନାକୁ ଦୃଷ୍ଟିରେ ରଖି ଚଳିତବର୍ଷ କାଳୀପୂଜାରେ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯିବା ସହ ୪ ଓ ୫ତାରିଖରେ ୧୪୪ ଧାରା ଜାରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ସମସ୍ତ ବିଧିବିଧାନ ଅନୁଯାୟୀ ନୀତିକାନ୍ତି ହେବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକାଦଶ ପ୍ରତିଷ୍ଠା ଦିବସ, କିଟ୍ କ୍ୟାମ୍ପସ-୭, ପୂର୍ବାହ୍ନ ୧୦ଟା ୩୦,
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ୍ରେସନ(ଶିକ୍ଷକ ଭବନ), ଖାରବେଳନଗର, ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ସାର୍ଥକ ଗଳ୍ପରେ ପାଠକ ନିବିଡ଼ ଭାବେ ଯୋଡ଼ି ହୋଇଥାଏ

**ଭୁବନେଶ୍ୱର,୩୧।୧୦:** ଭାରତ ଯୁଗେ ଯୁଗେ ଗଳ୍ପ ଜରିଆରେ ବିଶ୍ୱକୁ ଜ୍ଞାନ ବିତରଣ କରିଆସିଛି। ସାର୍ଥକ ଗଳ୍ପ ସହ ପାଠକ ନିବିଡ ଭାବେ ଯୋଡି ହୋଇପାରେ ବୋଲି ଅତିଥିମାନେ ପୁସ୍ତକ ସମୀକ୍ଷାରେ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୁଲ୍ୟରେ ସାରସ୍ୱତ କାର୍ଯ୍ୟକ୍ରମରେ ତରୁଣ କଳାକାର ଶୈଳେନ୍ଦ୍ର କୁମାର ଜେନାଙ୍କ ଗଳ୍ପ ପୁସ୍ତକ 'ଛତା' ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରସିଦ୍ଧ ଲେଖକ ଦାସ ବେନ୍‌ହୁର୍, କଥାଶିଳ୍ପୀ ଅଧାପିକା ଡଃ ହିରଣ୍ମୟୀ ମିଶ୍ର ଓ ଅଧାପକ ନେତାଜୀ ଅଭିନନ୍ଦନ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ତରୁଣ କବି ଶକ୍ତି ମହାନ୍ତି 'ଏ ମାସର କବି' ଭଳି ୩ଟି କବିତା ଆବୃତ୍ତି କରିଥିଲେ। ବିଜନବାଳା ପାଢୀଯୋଶୀ ଏହାର ସଂଯୋଜନା କରିଥିଲେ। ଡଃ ଅଭୟ ନାରାୟମ ନାୟକ, ମିହିରକାନ୍ତ ଦାଶ, ବିଜୟଲକ୍ଷ୍ମୀ ସାହୁ, ଡଃ ପ୍ରମୋଦ କୁମାର ପଣ୍ଡା, ପବିତ୍ର ମୋହନ କର, ପିତାମ୍ବର ଭୋଇ, ପ୍ରିୟରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବତଟ ରେଳପଥ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର,୩୧।୧୦:** ପୂର୍ବତଟ ରେଳପଥ ପକ୍ଷରୁ ରବିବାର ସ୍ଥାନୀୟ ରେଳ ସଦନ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ପୂର୍ବତଟ ରେଳପଥର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଜାତିର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ହେବା ସହିତ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦର୍ଶନ ଏବଂ କର୍ମ ଉପରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ ରେଳପଥର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ଆୟୋଜିତ ଏକ ସାଇକେଲ ଓ ମୋଟର ସାଇକେଲ ରାଲି 'ରନ୍ ଫର୍ ୟୁନିଟି' କୁ ବିଦ୍ୟାଭୂଷଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ ଅଂଶଗ୍ରହଣ କରିଥିଲେ। ମହାପ୍ରବନ୍ଧକଙ୍କ ନେତୃତ୍ୱରେ ପୂର୍ବତଟ ରେଳପଥର ଅଧିକାରୀ ଏବଂ କର୍ମଚାରୀମାନେ ରେଳପଥର ମୁଖ୍ୟାଳୟଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକତା ଦିବସ ସମାରୋହକୁ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ତୁଷାରକାନ୍ତି ମଣ୍ଡଳ ସଂଯୋଜନା କରିଥିଲେ।

# ଅଣମୋଟର ଚାଳିତ ପରିବହନକୁ ପ୍ରୋତ୍ସାହନ

## ସାଇକ୍ଲୋଥନ୍‌ରେ ବାର୍ତ୍ତା ଦେଲେ କିନ୍ନର

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ସ୍ମାର୍ଟ ସିଟି ଭୁବନେଶ୍ୱରରେ ଅଣମୋଟର ଚାଳିତ ପରିବହନ ଏବଂ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଏକ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଛି। ମୀରା ପରିଡାଙ୍କ ନେତୃତ୍ୱରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କିନ୍ନର ଏଥିରେ ଅଂଶ ଗ୍ରହଣ କରିଥିଲେ। ଅଭିନେତା ତଥା ସାମାଜିକ କର୍ମୀ ରୁଷୀ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ସାଇକ୍ଲୋଥନ୍ ଶିଶୁ ଭବନ ଛକ ନିକଟ ଏକାମ୍ର କ୍ଷେତ୍ର ପ୍ଲାଜାରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଏସ୍‌ସିଏଲ୍ ସିଇଓ ସଞ୍ଜୟ କୁମାର ସିଂହ କହିଛନ୍ତି, ଏକ ଉନ୍ନତ ସହର ପାଇଁ ଆମେ ସମସ୍ତ ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ଅନ୍ତର୍ଭୁକ୍ତ କରୁଛୁ। କିନ୍ନର ସମ୍ପ୍ରଦାୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପାର୍କିଂ ସ୍ଥାନ ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ ସାଇକ୍ଲୋଥନରେ ସେମାନଙ୍କର ଅଂଶ ଗ୍ରହଣ ପୁଣିଥରେ ପ୍ରମାଣିତ କରିଛି ଯେ ଆମେ ଆମର ନାଗରିକ-କୈନ୍ଦ୍ରିକ କାର୍ଯ୍ୟକଳାପ ଓ ଯୋଜନାରେ ସମସ୍ତ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବାକୁ ଯାଉଛୁ। ସ୍ମାର୍ଟ ସିଟି ଯୋଜନାରେ ମନ୍ଦିରମାଳିନୀ ସହରକୁ ନାଗରିକ କୈନ୍ଦ୍ରିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପଥଚାରୀ ଓ ସାଇକେଲ ଆରୋହୀମାନେ କିପରି ସୁବିଧାରେ ଯାତାୟାତ କରିବା ସହିତ ସୁସ୍ଥ ପରିବେଶ ଉପଭୋଗ କରିପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ଇଣ୍ଡିଆ ସାଇକେଲ୍ ଫର୍ ଚେଞ୍ଜ୍ ଚ୍ୟାଲେଞ୍ଜ ଅଧୀନରେ ଭୁବନେଶ୍ୱର ସ୍ମାର୍ଟ ସିଟି ପକ୍ଷରୁ ଆଗାମୀ ଦିନରେ ସମସ୍ତ ବୟସ ବର୍ଗ ଓ ସମ୍ପ୍ରଦାୟ ମଧ୍ୟରେ ସାଇକେଲ ଚଲାଇବା ପାଇଁ ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ଗତ ଜୁଲାଇ ମାସରେ ଭୁବନେଶ୍ୱର ସାଇକେଲ ୪ ଚେଞ୍ଜ ଚ୍ୟାଲେଞ୍ଜ ଷ୍ଟେଜ-୧ ପୁରସ୍କାର ପାଇଛି। ଏବାବଦରେ ମିଳିବାକୁ ଥିବା ୧ କୋଟି ଟଙ୍କାରେ ସାଇକେଲ ଚାଳନା ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ୨୦୨୦ ସିଟିଜେନ୍ ପରସେପ୍‌ସନ୍ ସର୍ଭେରେ ଭୁବନେଶ୍ୱର ୧୦୦ରୁ ୯୪.୮ ନମ୍ବର ପାଇଥିଲା। ସେହିପରି ଭାରତର ଶ୍ରେଷ୍ଠ ୧୦ଟି ରହଣୀୟ ରାଜଧାନୀ ମଧ୍ୟରେ ଭୁବନେଶ୍ୱର ଚତୁର୍ଥ ସ୍ଥାନ ହାସଲ କରିଛି।



ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଭୁବନେଶ୍ୱର ଶିଶୁ ଭବନ ଛକରୁ କିନ୍ନରଙ୍କୁ ନେଇ ବାହାରିଥିବା ସାଇକ୍ଲୋଥନ୍।

# ସରିଲା ଦୀପ, ଟେରାକୋଟା ମେଳା

## ଶେଷ ଦିନରେ ପ୍ରବଳ ଗହଳି

**ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଦ୍ୱାରା ପରିଚାଳିତ ୟୁନିଟ୍-୩ସ୍ଥିତ ଏକାମ୍ର ହାଟରେ ଚାଲିଥିବା ଦୀପ ଓ ଟେରାକୋଟା ମେଳା ରବିବାର ଉଦ୍‌ଯାପିତ ହୋଇଛି। ଦୀପାବଳୀକୁ ଦୃଷ୍ଟିରେ ରଖି ଗତ ୧୬ ତାରିଖରୁ ଦୀପ ଓ ଟେରାକୋଟା ସାମଗ୍ରୀ ବିକ୍ରି ସହ ପ୍ରଦର୍ଶନ ପାଇଁ ଏହି ମେଳାର ଆୟୋଜନ କରାଯାଇଥିଲା। ତେବେ ଶେଷଦିନ ସହ ଛୁଟିଦିନ ହୋଇଥିବାରୁ ମେଳାରେ ଲୋକଙ୍କ ଭିଡ଼ ଜମିଥିଲା। ଦୀପର ସର୍ବାଧିକ ଚାହିଦା ମଧ ଦେଖିବାକୁ ମିଳିଥିଲା। ପ୍ରକାର ଅନୁସାରେ ଛୋଟ ବଡ଼ ଦୀପର ଦାମ ଭିନ୍ନ ଭିନ୍ନ ରହିଥିଲା। ନଡ଼ିଆ ଦୀପ, ମହମବତୀ ଆକୃତିର ଦୀପ, ମ୍ୟାଜିକ୍ ଦୀପ, ବୋହୁରାଣୀ ଦୀପ, ଗଣେଷ ଦୀପ, ସାତ ଦୀପ ଆଦି ଅଧିକ ବିକ୍ରି ହୋଇଥିଲା। ଧ୍ୟାନ ମୁଦ୍ରାରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ପ୍ରତି ଲୋକ ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ଧନତେରସ୍ ପୂର୍ବରୁ ମାଟି ନିର୍ମିତ ଲକ୍ଷ୍ମୀ ଓ ଗଣେଶଙ୍କ ମୂର୍ତ୍ତି କିଣିନେଇଥିଲେ ଗ୍ରାହକ। ଟେରାକୋଟା ହସ୍ତଶିଳ୍ପ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ହୋଇଥିବାବେଳେ ଏହାର ସାମଗ୍ରୀ ପ୍ରାୟ ପ୍ରତି ଜିଲାରେ ପାରମ୍ପରିକ କୁମ୍ଭକାର ଏବଂ ପ୍ରଶିକ୍ଷଣପ୍ରାପ୍ତ କାରିଗରଙ୍କ ଦ୍ୱାରା ଉତ୍ପାଦିତ ହେଉଛି। ଫୁଲକୁଣ୍ଡ, ବିଭିନ୍ନ ମୂର୍ତ୍ତି, ଘରସଜ୍ଜା ଅଳଙ୍କାର, ମାଟି ତିଆରି ପଶୁପକ୍ଷୀ, କୁମ୍ଭି, ଘଡ଼ି, ମାଟି କଣ୍ଢେଇ ସହିତ ଫାଇଭରରେ ତିଆରି ମାଛ, ଚିଙ୍ଗୁଡ଼ି ମଧ ଭଲ ବିକ୍ରି ହୋଇଥିଲା। ଅନ୍ୟପଟେ ମଟନ ରନ୍ଧା ମାଟି ହାଣ୍ଡିଠାରୁ ଆରମ୍ଭ କରି ମାଟି ତିଆରି ପାଣି ଫିଲ୍ଟର୍, କଢ଼େଇ, ତାୱା, ପଲାଉ ହାଣ୍ଡି, ଗିନା, ଗ୍ଲାସ୍, କପ୍ ଆଦିକୁ ମଧ ଗ୍ରାହକ ପସନ୍ଦ କରିଥିଲେ। ମେଳାରେ ୨୨ ଜିଲାରୁ ପ୍ରାୟ ୧୧୦ଜଣ ଟେରାକୋଟା କାରିଗର ଅଂଶ ଗ୍ରହଣ କରିଥିଲେ। ମୋଟ ୮୩ ଷ୍ଟଲରେ ଉଭୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ରାଜ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ କାରିଗର ଟେରାକୋଟା କାମ କରି ବିଭିନ୍ନ ପାରମ୍ପରିକ ଗୃହସଜ୍ଜା ଉପକରଣ ଓ ବ୍ୟବହାର ସାମଗ୍ରୀ ପ୍ରସ୍ତୁତ କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲାଇସେନ୍ସ ନ କଲେ ପାଉଁରୁଟି ଫ୍ୟାକ୍ଟ୍ରି ବନ୍ଦ

**କଟକ ଅଫିସ, ୩୧।୧୦**

ସହରରେ କେତେକ ପାଉଁରୁଟି ଫ୍ୟାକ୍ଟ୍ରି ବିନା ଲାଇସେନ୍ସ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଛି। ଗତ ଦିନରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କେତେକ ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇଥିଲା। ଏଥିସହ ସହରର ୬ଟି ପାଉଁରୁଟି ଫ୍ୟାକ୍ଟ୍ରିକୁ ନୋଟିସ୍ ଜାରି କରାଯାଇଛି। ଯଦି ଉକ୍ତ ଫ୍ୟାକ୍ଟ୍ରି ମାଲିକ ଆସନ୍ତା ୮ ଦିନ ମଧ୍ୟରେ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ କରନ୍ତି ତେବେ ଫ୍ୟାକ୍ଟ୍ରିକୁ ବନ୍ଦ କରିଦିଆଯିବ। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ୩ଟି ଫ୍ୟାକ୍ଟ୍ରି ପକ୍ଷରୁ ଲାଇସେନ୍ସ ପାଇଁ ଆବେଦନ କରାଯାଇଛି। ଅନ୍ୟଗୁଡିକୁ ନୋଟିସ୍ ଜାରି କରାଯାଇଛି ।

# ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ହିଁ ତାଙ୍କ ଦକ୍ଷତାର ପ୍ରମାଣ ଦିଏ

**ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)**

ଭାରତବର୍ଷରେ ନାରୀ ଜାଗରଣ ସହିତ ଐତିହାସିକ ୧୯୭୧ ଯୁଦ୍ଧରେ ଭାରତର ବିଜୟ ଓ ସ୍ୱାଧୀନ ବାଂଲାଦେଶ ଗଠନରେ ଇନ୍ଦିରା ଗାନ୍ଧୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ହିଁ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥାଏ। ପ୍ରତି କ୍ଷେତ୍ରରେ ତାଙ୍କର ସହଯୋଗ ଅତୁଳନୀୟ ବୋଲି ବକ୍ତାମାନେ ମତ ଦେଇଛନ୍ତି। ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୩୭ତମ ଶ୍ରାଦ୍ଧୋତ୍ସବ ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଇଜି ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅମୀୟ ପଟ୍ଟନାୟକ, ମନୋରଞ୍ଜନ ଦାସ, ଜ୍ଞାନପ୍ରିୟ କାନୁନ୍‌ଗୋ, ଅନିରୁଦ୍ଧ ସାମଲ ଓ ମସେସ୍ ପ୍ରଧାନଙ୍କୁ ଇନ୍ଦିରାଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦର ଆବାହକ ପାଲାଗାୟକ ଜ୍ଞାନପ୍ରିୟ କାନନ୍‌ଗୋ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂକୀର୍ତ୍ତନ ମହାମଣ୍ଡଳୀ ତରଫରୁ ସଂକୀର୍ତ୍ତନ ପରିବେଷଣ ସହିତ ଆଧାତ୍ମିକ ଭଜନ ପରିବେଷଣ କରାଯାଇଥିଲା। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ରାହ୍ମଣ କଲ୍ୟାଣ ନିଗମ ପ୍ରତିଷ୍ଠା କରିବାକୁ ଦାବି

**ଭୁବନେଶ୍ୱର,୩୧।୧୦**

ବୁଦ୍ଧ ବିହାରଠାରେ ଓଡିଶା ବ୍ରାହ୍ମଣ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ବିଶିଷ୍ଟ ଚିକିତ୍ସାବିତ୍ ପ୍ରଫେସର ବିଷ୍ଣୁ ଚରଣ ମିଶ୍ର ଉଦ୍‌ଘାଟିତ କରିଥିଲେ। ସଂସ୍କୃତ ବିଦ୍ୱାନ ଡ.ସଦାନନ୍ଦ ଦୀକ୍ଷିତ ସଭାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ଯୋଗଦେଇ କହିଲେ, ବ୍ରାହ୍ମଣ ସମାଜ ପୁରୋହିତ ସମାଜ ଓ ସଂସାରର ମଙ୍ଗଳ କାମନା କରୁଥିବାବେଳେ ନିଜର ସ୍ୱାଭିମାନକୁ ରକ୍ଷା କରି ଏକ ବଳିଷ୍ଠ ସଙ୍ଗଠନରେ ପରିଣତ ହେବା ଆବଶ୍ୟକ। ବିଶିଷ୍ଟ ଅତିଥି ଇଂ .ସୀମାଞ୍ଚଳ ମହାପାତ୍ର ତେଲଙ୍ଗାନା, ଆନ୍ଧ୍ର ଓ କର୍ନାଟକ ଭଳି ଓଡିଶା ସରକାର ବ୍ରାହ୍ମଣ କଲ୍ୟାଣ ନିଗମ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ମହାସଂଘର ରାଜ୍ୟ ସମ୍ପାଦକ ରାମ ପ୍ରସାଦ ଦାଶ ବିବରଣୀ ପାଠ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଜଗନ୍ନାଥ ପାଢୀ ଆଗାମୀ ବର୍ଷରେ ୧ ଲକ୍ଷ ବ୍ରାହ୍ମଣ ବନ୍ଧୁଙ୍କୁ ଆଜୀବନ ସଦସ୍ୟ କରାଇବା, ପୁରୀ ଓ ଭୁବନେଶ୍ୱରରେ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ଏବଂ ରାଜ୍ୟର ସମସ୍ତ ବ୍ରାହ୍ମଣ ସଙ୍ଗଠନକୁ ଏକତ୍ରିତ କରି ମହାସଂଘକୁ ସୁଦୃଢ କରିବାକୁ ପ୍ରସ୍ତାବ ଦେଇଥିଲେ। ମାର୍ଗଦର୍ଶକ ବିଚିତ୍ରାନନ୍ଦ ମିଶ୍ର ସଭା ପରିଚାଳନା କରିଥିଲେ। ଆଲୋଚନାରେ କ୍ଷେତ୍ରୀୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତି, ଅଶୋକ ମିଶ୍ର, ବାଣେଶ୍ୱର ଦାଶ, ଅଧାପକ ଦ୍ୱାରିକାନାଥ ଶତପଥୀ, ନବକୃଷ୍ଣ ରଥପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତ୍ରୈମାସିକ ପତ୍ରିକା 'ବ୍ରହ୍ମ ସନ୍ଦେଶ' ଓ କେନ୍ଦ୍ରପଡା ଶାଖା ପକ୍ଷରୁ 'ବହ୍ମାବର୍ତ୍ତ' ପତ୍ରିକା ଉନ୍ମୋଚିତ ହୋଇଥିଲା। କଟକ ଜିଲା ସଭାପତି ଶିକ୍ଷାବିତ୍ ପ୍ରମୋଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଓ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ପିସିସି ପକ୍ଷରୁ ପାଳିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଅଧକ୍ଷ ସୁରେଶ ରାଉତରାୟ ଅଧକ୍ଷତା କରିଥିଲେ। ପିସିସି ସଭାପତି ଦଳୀୟ କର୍ମୀଙ୍କୁ ଦେଶର ସଂହତି ଓ ଅଖଣ୍ଡତା ପାଇଁ କାର୍ଯ୍ୟକରିବାକୁ ଶପଥ କରାଇଥିଲେ। ସ୍ମୃତି ସମିତି ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁରଜିତ୍



@ ନୂପୁର



@ ରଶ୍ମି



@ ଟିକି



@ ବିକାଶ



@ ବିଷ୍ଣୁ

## ବିଜୟ ଉତ୍ସବରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୩୧।୧୦**

୧୯୭୧ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ଐତିହାସିକ ବିଜୟକୁ ଚଳିତ ବର୍ଷ 'ସ୍ୱର୍ଣ୍ଣିମ ବିଜୟ ବର୍ଷ' ଭାବେ ପାଳନ କରାଯାଉଛି। ଏହି ଅବସରରେ ରବିବାର ରାଜ୍ୟ ସରକାର ଓ ବରିଷ୍ଠ ସୈନିକଙ୍କ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୈନିକଙ୍କୁ କୃତଜ୍ଞତା ଜଣାଇଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଅଗଷ୍ଟ ସମାବେଶକୁ ସମ୍ବୋଧିତ କରିବା ସହ ବାଂଲାଦେଶର ସୃଷ୍ଟି ସମ୍ପର୍କରେ କହିଥିଲେ। ଅତିଥି ଭାବେ ଲେଫ୍ଟନାଣ୍ଟ ଜେନେରାଲ ଏସ୍. ମୋହନ ଯୋଗଦେଇ ଜାତିର ସେବାରେ ନିୟୋଜିତ ଭାରତୀୟ ସଶସ୍ତ୍ର ବାହିନୀର ଦେଶଭକ୍ତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉନ୍ନୟନ କମିଶନର ତଥା ଏସ୍‌ସିଏସ୍ ପି.କେ. ଜେନା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ମଧ ୧୯୭୧ର ଶହୀଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଓ ସଂସ୍କୃତି ବିଭାଗ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଉପସ୍ଥିତ ଥିଲେ। ଏହି ଅବସରରେ କଳାକାରମାନେ ପାଇକା ଆଖଡା ଓ ଛଉ ନୃତ୍ୟ ପରିବେଷଣ କରି ସାହସର ବାର୍ତ୍ତା ଦେଇଥିଲେ। ଏଥିସହ ଆରବିଏଲ ବ୍ୟାଙ୍କ ଭୁବନେଶ୍ୱର ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବ୍ୟାଙ୍କରୁ ବାହାରି କିଟ୍ ପର୍ଯ୍ୟନ୍ତ ଯାଇଥିଲା।



ନିମାପଡ଼ା ଲିଟିଲ୍ ଷ୍ଟାର୍ ପକ୍ଷରୁ ରବିବାର ଆୟୋଜିତ କୁମାର ଉତ୍ସବ, ଫୁଲବଉଳବେଣୀ ସାଂସ୍କୃତିକ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରବିବାର ଓଡ଼ିଶା ପିସିସି ପକ୍ଷରୁ ଭୁବନେଶ୍ୱର ଆଇଜି ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



କଟକ ଶତାବ୍ଦୀ ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ,(ଡି.ଏନ୍.ଏ):** ମୁଣ୍ଡଳୀ ନିକଟ ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ପୂର୍ବାହ୍ନରେ ମଞ୍ଚେଶ୍ୱର ପଞ୍ଚାୟତ ନୂଆଡ଼ିହ ଗ୍ରାମ ନିକଟରୁ ଜବତ କରିଛି। ସେ ହେଲେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ଏଫ୍-୫ ଅଞ୍ଚଳର ଚନ୍ଦ୍ରମଣୀ ତ୍ରିପାଠୀ। ସେ ଗତ ୨୮ ତାରିଖରେ ମହାଦୀକୁ ଡେଇଁ ପଡିଥିଲେ। ବହୁ ଖୋଜାଖୋଜି କରାଯାଇଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ନୂଆଡ଼ିହ ଗ୍ରାମ ନିକଟ ମହାନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ।



## ସଂକ୍ଷେପରେ

### ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

**ଭୁବନେଶ୍ୱର,୩୧।୧୦:** ସ୍ଥାନୀୟ ଲୋହିଆ ଏକାଡେମୀଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ 'ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା'କୁ ନେଇ ଜାତୀୟ ସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟ ଉତ୍କଳର ପୂଜ୍ୟପୂଜା ସଂସଦ ଓ କଳିଙ୍ଗ ଏଜୁକେଶନାଲ ଏଣ୍ଡ୍ ସୋସିଆଲ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ମୁଖ୍ୟବକ୍ତା ପୁଣ୍ୟ ଉତ୍କଳ ଓଡିଶାର ଅଧକ୍ଷ ମନୋରଞ୍ଜନ ମହାପାତ୍ର, ବିଶିଷ୍ଟ ଅତିଥି ଅନ୍ୟାନ୍ୟ ପଛୁଆ ବର୍ଗର ନିର୍ଦ୍ଦେଶକ ସୀତାଂଶୁ ରାଉତ, ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ପ୍ରଶାସକ ଡ. କୃପାସିନ୍ଧୁ ମିଶ୍ର ଏବଂ ବରିଷ୍ଠ ଗ୍ରନ୍ଥକାର ଶ୍ରୀରାମ ଦାସ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମାଜର ଉଲ୍ଲେଖନୀୟ ଅବଦାନ ପାଇଁ ଉପାସନା ରାଓ, ପଦ୍ମାଳୟା ମହାପାତ୍ର, ମିତାଲି ସାମନ୍ତରାୟ, ମୁରଲୀଧର ପରିଡାଙ୍କ ସମେତ ୧୦ଜଣ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା।

### ଅଶ୍ଳୀଳ ଭିଡିଓ କରି ବ୍ଲାକମେଲିଂ
### ବିହାରୀ ଯୁବକ ସୁରଟରୁ ଗିରଫ

**କଟକ ଅଫିସ,୩୧।୧୦:** ନାବାଳିକାଙ୍କ ଅଶ୍ଳୀଳ ଭିଡିଓକରି ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ସିଡିଏ ଫେଜ-୨ ଥାନା ପୋଲିସ ଜଣେ ଯୁବକଙ୍କୁ ଗୁଜରାଟର ସୁରଟରୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବିହାର ମୁଜାଫରପୁର ଅଞ୍ଚଳର ପ୍ରକାଶ କୁମାର(୨୦)। ସେ ସୁରଟର ଏକ ସୂତା ମିଲ୍‌ରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ରବିବାର ଏସିପି ତାପସ ପ୍ରଧାନ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସିପିଙ୍କ ସୂଚନା ଅନୁଯାୟୀ, ସିଡିଏ ଅଞ୍ଚଳର ଜଣେ ନାବାଳିକା ଦଶମ ଶ୍ରେଣୀରେ ପଢୁଥିବାବେଳେ ଲାଇକ୍ ଆପ ଯୋଗେ ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ। ଧୀରେ ଧୀରେ ଉଭୟଙ୍କ ମଧରେ ବନ୍ଧୁତା ବଢିଥିଲା। ପରେ ଅଭିଯୁକ୍ତ ପ୍ରେମରେ ଫଶାଇ ନାବାଳିକାଙ୍କୁ ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଇବାକୁ ଚାପ ପକାଇଥିଲେ। ହ୍ୱାଟ୍ସଆପ୍‌ରେ ଭିଡିଓ କଲିଂ କରିବା ସମୟରେ ପ୍ରକାଶ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରିନେଇଥିଲେ। ଏ ସମ୍ପର୍କରେ ପୀଡିତା ଜାଣି ନ ଥିଲେ। ପରେ ଅଭିଯୁକ୍ତ ପୀଡିତାଙ୍କୁ କଲ୍ କରିବାବେଳେ ସେ ପାଠପଢାରେ ବ୍ୟସ୍ତ ରହିବା ସହ ଏଡାଇ ଯାଉଥିଲେ। ସେତେବେଳେ ଅଭିଯୁକ୍ତ ଜଣକ ରାଗିଯାଇ ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ଅଶ୍ଳୀଳ ଭିଡିଓ ଓ ଫଟୋକୁ ତାଙ୍କ ଅଭିଭାବକ ଓ ସମ୍ପର୍କୀୟଙ୍କୁ ଶେୟାର କରିଥିଲେ। ଏଥିସହ ଫେସବୁକ୍ ଓ ସୋସିଆଲ ମେଡିଆରେ ମଧ ଉକ୍ତ ଭିଡିଓ ଓ ଫଟୋ ଅପ୍‌ଲୋଡ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୬୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

# ଠକେଇ ପାଇଁ ଜାଲ୍ କମ୍ପାନୀ

■ଜାଲ୍ କାଗଜପତ୍ରରେ ୧୦ଲକ୍ଷ ଠକେଇ

■୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଠକେଇ ପାଇଁ ଜାଲ୍ କମ୍ପାନୀ ଖୋଲିଥିଲେ। ଜାଲ୍ କର୍ମଚାରୀଙ୍କ ନାଁରେ ଜାଲ୍ କାଗଜପତ୍ର ତିଆରି କରି ଏକ ଅର୍ଥ ଲଗାଣକାରୀ ସଂସ୍ଥାରୁ ୧୦ଲକ୍ଷ ଋଣ ନେଇଥିଲେ। ଆଉ ୨୦ ଲକ୍ଷ ଋଣ ନେବା ପୂର୍ବରୁ ଧରାପଡିଯାଇଥିଲେ। ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ୪ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ରହୁଥିବା ଗଞ୍ଜାମ ଜିଲା ସଦର ଥାନାଞ୍ଚଳର ମମତା ପାତ୍ର(୪୭), ଅନୁଗୋଳ ଜିଲା ତାଳଚେର ଅଞ୍ଚଳର ସୁନନ୍ଦ କୁମାର ସାମଲ(୨୯), କଟକ ଆଠଗଡ ଅଞ୍ଚଳର ସନ୍ତୋଷ କୁମାର ସାମଲ(୨୬) ଓ ଚୌଦ୍ୱାର କପିଳେଶ୍ୱର ଗ୍ରାମର ଭରତ କୁମାର ଲେଙ୍କା(୩୭)। ଏମାନଙ୍କଠୁ ପୋଲିସ ୨ ଲକ୍ଷ ୧୭ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ତଥା ଜାଲ୍ କମ୍ପାନୀର ମାଲିକ ସନ୍ତୋଷ କୁମାର ଜେନା ଫେରାର ଥିବାରୁ ତାଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଏମାନେ ଏପରି ଜାଲ୍ କାଗଜପତ୍ର ଦେଇ ଏକାଧିକ ଅର୍ଥଲଗାଣକାରୀ ସଂସ୍ଥାକୁ ଠକିଥିବା ପୋଲିସ ସନ୍ଦେହ କରି ଖୋଳତାଡ଼ କରୁଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସନ୍ତୋଷ କୁମାର ଜେନା ୨୦୧୭ରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଏକ ଘର ଭଡା ନେଇ ଉକ୍ତ ଠିକଣାରେ ନ୍ୟାଶନାଲ ସେଣ୍ଟର ଫର୍ ଏନର୍ଜି ମାନେଜମେଣ୍ଟ (ଏନ୍‌ସିଇମ୍) ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଏକ ଜାଲ୍ କମ୍ପାନୀ ଖୋଲିଥିଲେ। ଉକ୍ତ କମ୍ପାନୀରେ ସେ ୯ରୁ ୧୦ଜଣ କର୍ମଚାରୀ ରଖି ସୋଲାର୍ ଉପକରଣ ବିକ୍ରି କରୁଥିବାର କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏପରିକି ସୁନନ୍ଦ ଓ ସନ୍ତୋଷ ସହସହନିର୍ଦ୍ଦେଶକ ଥିବା କାଗଜପତ୍ରରେ ଉଲ୍ଲେଖ କରୁଥିଲେ। ଅକ୍ଟୋବର ୧୦ରେ ସେ ଭରତ କୁମାର ଲେଙ୍କାଙ୍କୁ ନିଜ କମ୍ପାନୀର କର୍ମଚାରୀ ଦର୍ଶାଇ ତାଙ୍କ ନାମରେ ଅର୍ଥ ଲଗାଣକାରୀ ସଂସ୍ଥା ବଜାଜ୍ ଫାଇନାନ୍ସ ସର୍ଭିସେସ୍‌ରୁ ୧୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ଏଥିପାଇଁ ସେ ଭରତଙ୍କ ନାମରେ ୧ ଲକ୍ଷ ୩୨ ହଜାର ଟଙ୍କାର ଏକ ଜାଲ୍ ସାଲାରି ସ୍ଲିପ୍ ତିଆରି କରି ଉକ୍ତ ସଂସ୍ଥାରେ ଦାଖଲ କରିଥିଲେ। ତେବେ ଋଣ ମିଳିସାରିବା ପରେ ସେ ସନ୍ତୋଷ ତାଙ୍କ ସ୍ତ୍ରୀ ମମତା ଓ ପ୍ରକାଶ ପ୍ରଧାନଙ୍କ ନାମରେ ୨୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ମମତାଙ୍କୁ ତାଙ୍କ କମ୍ପାନୀର ଏଜିଏମ୍ ଦର୍ଶାଇ ଦରମା ୨ ଲକ୍ଷ ୨୫ ହଜାର ଟଙ୍କା ବୋଲି ଦାଖଲ କରିଥିବା ନକଲି ସାଲାରି ସ୍ଲିପ୍‌ରେ ଦର୍ଶାଇଥିଲେ। ତେବେ ବଜାଜ ଫାଇନାନ୍ସର ମ୍ୟାନେଜର ବିଭୁକଲ୍ୟାଣ ଶତପଥୀଙ୍କ ସନ୍ଦେହ ହେବାରୁ ସେ ସବୁକିଛି ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମାମଲା (ନଂ.୫୦୪/୨୧) ରୁଜୁ କରିବା ସହ ପଦକ୍ଷେପ ଗ୍ରହଣ କରିଛି।

## ଶିକ୍ଷକଙ୍କୁ କଚାଡ଼ି ମାରିଲା ହାତୀ

**ନିରାକାରପୁର,୩୧।୧୦ (ଡି.ଏନ୍.ଏ.)**

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ବିଜୟ କୁମାର ପଟ୍ଟନାୟକ(୫୯)। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଶିକ୍ଷକ ପଟ୍ଟନାୟକ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ହଠାତ ନିକଟ ଜଙ୍ଗଲରେ ଥିବା ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଚିତ୍କାର ଶୁଣି ସେଠାରେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ଆସିବାରୁ ଏକ ବୁଦା ମୂଳରେ ବିଜୟଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ତାଙ୍କ ଝିଅଙ୍କୁ ଚାକିରି ପ୍ରଦାନ ଦାବିରେ ମୃତଦେହ ଅଟକ ରଖିଥିଲେ।

## ସାହିତ୍ୟିକା ଶରତ କୁମାରୀ ଷଡ଼ଙ୍ଗୀଙ୍କ ସ୍ମୃତିରେ

**ଭୁବନେଶ୍ୱର,୩୧।୧୦**

ବିଶିଷ୍ଟ ସାହିତ୍ୟିକା ଶରତ କୁମାରୀ ଷଡ଼ଙ୍ଗୀଙ୍କ ପରଲୋକକୁ ଇତି ମଧ୍ୟରେ ୧ବର୍ଷ ହୋଇଛି। ତାଙ୍କର ଅବର୍ତ୍ତମାନ ତାଙ୍କୁ ଭଲପାଉଥିବା ପ୍ରତ୍ୟେକଙ୍କୁ ବ୍ୟଥିତ କରୁଛି। ଏବେବି ଝୁରି ହେଉଛନ୍ତି ଶୋକସନ୍ତପ୍ତ ପରିବାରବର୍ଗ। ତୁମେ ଯେ ଶାରୀରିକ ଭାବରେ ଆମ ପାଖରେ ନାହଁ ଏକଥା ଆମେ ଆଦୌ ବିଶ୍ୱାସ କରିପାରୁନାହୁଁ। କେତେ ଶୀଘ୍ର ଏକ ବର୍ଷ ଅତିକ୍ରାନ୍ତ ହୋଇଗଲା। ହେଲେ ତୁମର ଅନାବିଳ ସ୍ନେହମମତା, ତ୍ୟାଗନିଷ୍ଠ, ନୀତିନିଷ୍ଠ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଆମ ପାଇଁ ସଦା ଅନୁସରଣୀୟ ହୋଇ ରହିବ। ଅବିନଶ୍ୱରଙ୍କ ଏ ନିର୍ମମ ଲୀଳା ବୈଚିତ୍ର୍ୟ ଆମପରି ନଶ୍ୱର ଶରୀରଧାରୀଙ୍କ ପାଇଁ ସତରେ ବଡ଼ ଦୁର୍ବିଶହ ବୋଲି ସ୍ୱାମୀ ହରିହର ଷଡ଼ଙ୍ଗୀ କହିଛନ୍ତି। ତୁମ ଶାରୀରିକ ଅନୁପସ୍ଥିତିରେ ଆମ ମନ ଅଗଣା, ଘର ଅଗଣା, ପୂଜା ଘର, ତୁଳସୀ ଚଉରା, ତୁମ ସୃଜନକକ୍ଷ ସବୁଠି ଗୋଟେ ଗୋଟେ ଅପୂରଣୀୟ ବିରାଟ ଶୂନ୍ୟତା, ଆଉ କେବଳ ଖାଲି ଖାଲି ପଣ। ଆମ ମନୋଭୂମି, ଭାବଭୂମି ଓ କର୍ମଭୂମିରେ କିନ୍ତୁ ତୁମେ ଚିର ଭାସ୍ୱର। ତୁମପରି ଜଣେ ପରୋପକାରାୟ ଜୀବନ ନେଇ ବଞ୍ଚିବାକୁ ଭଲ ପାଉଥିବା ସତ୍ୟ ପଥଆଶ୍ରୟୀ, ତ୍ୟାଗର ଜୀବନ୍ତ ପ୍ରତିମା, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷୟିତ୍ରୀ, ସୁଗୃହିଣୀ, ସ୍ୱନାମଧନ୍ୟା ସାହିତ୍ୟିକା ଭଳି ବହୁମୁଖୀ ପ୍ରତିଭା ସମ୍ପନ୍ନ ସର୍ବୋପରି ଜଣେ ଅମୃତ ହୃଦୟଧାରୀ ଦେବୀ ପ୍ରତିମାଙ୍କ ଯେ ଆମେ ଅଂଶ, ଏହା ଆମ ପାଇଁ ପରମ ସୌଭାଗ୍ୟ ବୋଲି ହରିହର କହିଛନ୍ତି।




୧୯୭୧ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ଭାରତର ଐତିହାସିକ ବିଜୟପ୍ରାପ୍ତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣିମ ବିଜୟ ବର୍ଷ-୨୦୨୧କୁ ସ୍ୱାଗତ ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ମୁଖ୍ୟ ଅଭିଯୁକ୍ତ ସିଏଫ୍‌ଓ କୋଲକାତାରୁ ଗିରଫ

**ଜଟଣୀ,୩୧।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଟଙ୍କା ହେରଫେର ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଜଟଣୀ ପୋଲିସର ଏକ ଟିମ୍ କୋଲକାତାରୁ ଗିରଫ କରିଛି। ସେ ହେଲେ ଉକ୍ତ ବିଶ୍ୱବିଦ୍ୟାଳୟର ଚିଫ୍ ଫାଇନାନ୍ସିଆଲ ଅଫିସର(ସିଏଫ୍‌ଓ) ହିମାଂଶୁ ଶେଖର କବି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଏହି ବିଶ୍ୱବିଦ୍ୟାଳୟର ସିଏଫ୍‌ଓ ହିମାଂଶୁ ଶେଖର ୩ଜଣ ସହଯୋଗୀଙ୍କ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରୁ ବିଭିନ୍ନ ସମୟରେ ୧କୋଟି ୩ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲେ। ଗତ ଜାନୁୟାରୀରେ ଅଡିଟ୍ ସମୟରେ ବିଶ୍ୱବିଦ୍ୟାଳୟର ଟଙ୍କା ହେରଫେର ହୋଇଥିବା ନେଇ ଜଣାପଡ଼ିଥିଲା। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଜଟଣୀ ପୋଲିସ ଏକ ମାମଲା ରୁଜୁକରି ଉକ୍ତ ସମୟରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଟଙ୍କା ହେରଫେର ମାମଲା**

## ନିୟମିତ ଦାବି କଲେ କଳା, କ୍ରୀଡ଼ା ଶିକ୍ଷକ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ବାରମ୍ବାର ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଛି। ରାଜ୍ୟ ସରକାର ବିଭିନ୍ନ ସମୟରେ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ଦାବିକୁ ସହୃଦୟତାର ସହ ବିଚାର କରି ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ସମେତ ପାରିଶ୍ରମିକ ମଧ ବୃଦ୍ଧି କରି ଆସିଛନ୍ତି। ଗତ କିଛିଦିନ ତଳେ ରାଜ୍ୟ ସରକାର ରାଜ୍ୟରେ ନିଯୁକ୍ତିପ୍ରାପ୍ତ ଠିକା ପଦବୀକୁ ଉଚ୍ଛେଦ କରି ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀ ଭାବରେ ଗ୍ରହଣ କରିବା ପାଇଁ ଘୋଷଣା କରିଛନ୍ତି। ଯାହା ଫଳରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ କାର୍ଯ୍ୟରତ ହଜାର ହଜାର ଠିକା କର୍ମଚାରୀ ଉପକୃତ ହେବେ। କିନ୍ତୁ ଏହି ପ୍ରକ୍ରିୟାରେ ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ କାର୍ଯ୍ୟ କରୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମସ୍ୟାକୁ ବିଚାର କରାଯାଇ ନାହିଁ। ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବରେ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକ ୫,୪୫୨ଟଙ୍କାରେ ଶିକ୍ଷାଦାନ କରି ଆସୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ ହତାଶାର ଭାବ ସୃଷ୍ଟି କରିଛି। ରାଜ୍ୟରେ ପ୍ରାଥମିକସ୍ତରରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ କରୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଦାବିକୁ ବିଚାରକୁ ନେଇ ଓ ସେମାନଙ୍କୁ ଅସ୍ଥାୟୀ ଶିକ୍ଷକ ପରିବର୍ତ୍ତେ ସ୍ଥାୟୀ କଳା ଓ କ୍ରୀଡ଼ା ଶିକ୍ଷକ ଭାବରେ ନିୟମିତ କରିବା ପାଇଁ ମଧ ମହାସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଦାବି ପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ମହାସଂଘର ଆବାହକ ଚନ୍ଦ୍ରଶେଖର ପାଢ଼ୀ ଏବଂ ପ୍ରଦୀପ କୁମାର ଦାସଙ୍କ ସମେତ ଜ୍ଞାନରଞ୍ଜନ ମହାନ୍ତି, ରଶ୍ମୀରଞ୍ଜନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ସାଁପୁର ପଣ୍ଡାକୁଦିଆ ବସ୍ତିର ପ୍ରଫୁଲ୍ଲ ଦାସ(୩୦)। ସୂଚନା ଅନୁଯାୟୀ, ନାବାଳିକା ଜଣକ ଶନିବାର ଦିନ ପ୍ରାୟ ୧ଟାବେଳେ ସ୍କୁଲରୁ ଫେରୁଥିଲେ। ସାଁପୁର ଛକ ନିକଟରେ ଅଭିଯୁକ୍ତ ପ୍ରଫୁଲ୍ଲ ତାଙ୍କୁ ଅଟକାଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଜିମା ଦେଇଥିଲେ। ପୋଲିସ ଏନେଇ ମାମଲା (ନଂ.୩୭୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସିଆଇଏସ୍‌ଏଫ୍‌ର ନୂଆ ବାରାକ, ହଷ୍ଟେଲ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଓଡ଼ିଶା ଗସ୍ତରେ ଆସି ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ କେଆର୍‌ଟିସିକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ସହ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନବନିର୍ମିତ ୧୮୦ ପୁରୁଷ ବାରାକ, ୩୨ ପୁରୁଷ ସବ୍ ଅଫିସ୍‌ର ହଷ୍ଟେଲ ଓ ଟ୍ରେନିଂ କୋଠାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସେରିମନିଆଲ ଗ୍ରାଉଣ୍ଡ୍ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ଯୋଗ ଏବଂ ଶାରୀରିକ ପ୍ରଶିକ୍ଷଣ ପ୍ରଦର୍ଶନ ଶିବିରରେ ମଧ ସେ ଯୋଗ ଦେଇଥିଲେ। ସିଆଇଏସ୍‌ଏଫ୍ ଏଡିଜି ଅରବିନ୍ଦ ଦୀପ୍, ଆଇଜି ସୁଧିର କୁମାର ଓ ସିଆଇଏସ୍‌ଏଫ୍ କେଆର୍‌ଟିସିର ପ୍ରିନ୍ସିପାଲ ମାମୁନ ଅର୍ ରଶିଦ ଉପସ୍ଥିତ ଥିଲେ।

## ଟ୍ରକ୍ ଚକାତଳେ ୨ ମହିଳାଙ୍କ ଜୀବନଗଲା

**ବୋଲଗଡ଼,୩୧।୧୦ (ଡି.ଏନ୍.ଏ.)**

**କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ**

ଶୌଚ ପାଇଁ ଯିବା ସମୟରେ ଏକ ମିନିଟ୍ରକ୍ ଧକ୍କାରେ ରବିବାର ଭୋରରୁ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ କପାସିଆ ଗ୍ରାମର ପର୍ଶୁରାମ ପ୍ରଧାନଙ୍କ ସ୍ତ୍ରୀ ସଞ୍ଜୁବାଳା(୪୫) ଓ ସ୍ୱର୍ଗତ ସନ୍ତୋଷ ମହାପାତ୍ରଙ୍କ ସ୍ତ୍ରୀ ସାବିତ୍ରୀ(୪୪)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ଭୋର୍ ୫ଟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର କପାସିଆ ଠାରେ ୨ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବୋଲଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏନେଇ ଥାନା ଅଧିକାରୀ ବିଦିତା ନାୟକ ଘଟଣା ସମ୍ପର୍କରେ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ସସ୍ମିତା ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ହଜାର ଲେଖାଏ ଦିଆଯିବ ବୋଲି ଘୋଷଣା କରିବା ପରେ ସକାଳ ୭ଟାରେ ରାସ୍ତା ଅବରୋଧ ହଟିଥିଲା। ତେବେ ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ି(ଓଡି ୦୨ ଏବି ୮୪୫୪)ର ଚାଳକ ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।




କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ କେଆର୍‌ଟିସିରେ ବାରାକ ଓ ନୂଆ ହଷ୍ଟେଲ ବିଲ୍ଡିଂକୁ ଉଦ୍‌ଘାଟନ କରୁଛନ୍ତି।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-1662:-

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
**Tender Call Notice No. HO/P&C/ EST/E-1517/01/2020/18275/Dated 28.10.2021**
**NOTICE INVITING TENDER THROUGH e-Procurement**

| | | |
|---|---|---|
| Name of the work | : | Providing & laying of D.I. S/S Pipe of 250 mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the district of Nawarangpur. |
| Estimated cost | : | Rs.197.10 lakh (Appx.) |
| Period of completion | : | 4 (Four) months |

Further details can be seen from the e-Procurement Portal- www.tendersodisha.govt.in and Corrigendum, if any, will not be published in newspaper and can only be seen in the e-Procurement Portal- www.tendersodisha.govt.in and IDCO Website- www.idco.in.

Sd./- Chief General Manager (P&C), IDCO, Bhubaneswar
OIPR-14003/11/0095/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KORAPUT**
**Email: eerwkoraput@yahoo.com, Phone: 06852-251263**
No.O-882:- **e-Procurement for Road works**
**Bid Identification No. SERWKPT-Online-13/2021-22**
Letter No.5659 Date: 28.10.2021

| | | | |
|---|---|---|---|
| 01 | Name of the work | : | Roads works in the Dist. of Koraput for the year 2021-22 |
| 02 | Total number of works | : | 04 (Four) Nos. |
| 03 | Approximate estimated cost | : | Rs.11.47 lakhs to Rs.74.44 lakhs (approximately) |
| 04 | Class of contractor | : | 'A', 'B' & 'C', 'D' class |
| 05 | Period of completion | : | Within 3 months |
| 06 | Other details | : | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Koraput | Online Tender / 13/RWD-KPT/2021-22 | 01.11.2021 at 11.00 A.M. | 07.11.2021 upto 5.00 P.M. |

**Further details can be seen from the website www.tendersodisha.gov.in/ nicgep/app**

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B.- Any addendum or corrigendum will be available in the website only.

Sd./- Superintending Engineer, Rural Works Division, Koraput
OIPR-25088/11/0010/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W. (P.H.) DIVISION, BHUBANESWAR**
**PLOT NO. E3/A & E3/M, NEAR NALCO BHAWAN**
**P.O.: RRL, CHANDRASEKHARPUR, BHUBANESWAR-13**
**TEL.- (0674) 2301801, E-MAIL: EERWPHDIVN_BBSR@REDIFFMAIL.COM**
**e-Procurement Notice for S/I, S/D & W/S to Building works**
**NOTIFICATION NO. RW PH./Online-59/2021-22**

No.O-869:- The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted online in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways/ CPWD/ MES. The bidders should have the necessary Portal Enrolment (With his own Digital Signature Certificate).

| | |
|---|---|
| Name of the work | S/I, S/D & W/S to Building Works (As per Annexure-1) |
| Estimated cost | Rs.5.66 lakhs to 9.89 lakhs (approximately) |
| No. of works | 03 Nos. (Three) |
| Tender paper cost | Rs.4000.00/- each (Non-refundable) |
| Class of contractors | 'D' & 'C' |
| Date & time of availability of bid document in portal | Dt.08.11.2021 from 11.00 A.M. |
| Date of seeking clarification | During office hours from dt.08.11.2021 to 15.11.2021 |
| Last date & time of receipt of bids through online | Dt.17.11.2021 upto 05.00 P.M. |
| Opening of bid document | Dt.18.11.2021 at 11.00 A.M. |
| Digital Signature Certificate | The bidder must possess compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- (Er. Arabinda Jena), Superintending Engineer, R.W. (P.H.) Division, Bhubaneswar
OIPR-13051/11/0004/2122

**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**
**TCN NO. TENDER ONLINE - 08 OF 2021-22.**
No.O-879:- **No. 7566 /Dt.21.10.2021**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2021-22 in the district of Puri. 1. Total No. of works: 1 No. 2 .Tender cost of package: Rs. 51.42 lakhs. 3. Class of contractor: As per DTCN. 4.Period of completion: 2 (Two) calendar months. 5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 01.11.2021 at 11.00 A.M. | 15.11.2021 upto 3.00 P.M. | 12.11.2021 upto 1.00 P.M. | 16.11.2021 at 11.00 A.M. Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

OIPR-25065/11/0020/2122 Superintending Engineer, R.W. Division, Puri

**ସଂକ୍ଷେପରେ**

## କୂଅରୁ ବଜ୍ରକାପ୍ତା ଉଦ୍ଧାର



**ବାଙ୍କୀ,୩୧।୧୦(ସ୍ୱ.ପ୍ର.):** କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ରଶ୍ମିରଞ୍ଜନ ମହରଣାଙ୍କ କୂଅରେ ରବିବାର ଗୋଟିଏ ବଜ୍ରକାପ୍ତା ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଏହାଦେଖି ବୈଦେଶ୍ୱର ବନବିଭାଗକୁ ଜଣାଇଥିଲେ। ଖବରପାଇ ବନବିଭାଗ ଅଧିକାରୀ ରାକେଶ କୁମାର ପଣ୍ଡା ଘଟଣାସ୍ଥଳରେ କର୍ମଚାରୀଙ୍କ ସହ ପହଞ୍ଚି ଉକ୍ତ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏବେ ତାକୁ ବୈଦେଶ୍ୱର ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ ଓୟୁଏଟିରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚନ୍ଦକା ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଫରେଷ୍ଟର ପଣ୍ଡା ପ୍ରକାଶ କରିଛନ୍ତି।

# ଏକାଡେମୀ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଭାଷାକୁ ସମୃଦ୍ଧ କରୁ

**ବଲାଙ୍ଗୀର ଅଫିସ, ୩୧।୧୦**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ରବିବାର ଉତ୍ସବ ବର୍ଷା ସୃଜନୀର ତିନୋଟି ଅଧିବେଶନରେ ସାହିତ୍ୟ ସମାରୋହ, ଆଲୋଚନାଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥିଭାବେ ପ୍ରଫେସର ଡ. ମଧୁସୂଦନ ପତି, ବିଶିଷ୍ଟ ଅତିଥିଭାବେ ଏକାଡେମୀ ପୂର୍ବତନ ଉପସଭାପତି ଗାଳ୍ପିକା ଗାୟତ୍ରୀ ସରାଫ୍ ଓ ମୁଖ୍ୟବକ୍ତାଭାବେ ପ୍ରଫେସର ଡ. ସନ୍ତୋଷ କୁମାର ରଥ ଯୋଗଦେଇଥିଲେ।

ମୁଖ୍ୟଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସାହିତ୍ୟ ଏକାଡେମୀ ନୂତନ ପିଢ଼ିକୁ ସଂଯୁକ୍ତ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଭାଷାକୁ ସମୃଦ୍ଧ କରିବାକୁ ଉଦ୍ୟମ କରୁ। ଓଡ଼ିଆ ଭଳି କୋଶଳୀ ସାହିତ୍ୟରେ ମଧ୍ୟ ଚମତ୍କାର କବିତା ଲେଖା ହେଉଛି। ସେସବୁକୁ ସଙ୍କଳିତ କରିବା ଏକାଡେମୀର କାମ ବୋଲି କହିଥିଲେ। ଗାଳ୍ପିକା ସରାଫ୍ ବଲାଙ୍ଗୀରର କଳା ସଂସ୍କୃତି ଓ ସାହିତ୍ୟ ସବୁବେଳେ ଉନ୍ନତ ଓ ସେଇ ମାଟିର ସନ୍ତାନ ଭାବରେ ଲୋକଜୀବନର



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବଲାଙ୍ଗୀରରେ ଅନୁଷ୍ଠିତ ଉତ୍ସବ ବର୍ଷା ସୃଜନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉତ୍ସବ ବର୍ଷା ସୃଜନୀ

ଅନୁଭବକୁ ନେଇ ସାହିତ୍ୟ ସୃଷ୍ଟି କରିବା ତଥା ଛଳନା ଓ କୃତ୍ରିମତାକୁ ଏଡେଇ ଉନ୍ମୁକ୍ତ ଜୀବନ କାମନା କରିବାକୁ ଲେଖକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଡ. ରଥ ସାହିତ୍ୟ କଳୁଷିତ ହେଲେ ସମାଜ କଳୁଷିତ ହେବା ସ୍ୱାଭାବିକ ବୋଲି କହିଥିଲେ।

ସଭାପତି ଡ. ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଶବ୍ଦ ଭଣ୍ଡାରର ବିପୁଳତା ଏ ଅଞ୍ଚଳର ସାହିତ୍ୟରେ ରୂପ ପାଇବାକୁ ବ୍ୟଗ୍ର। ତେଣୁ ଯୁବପିଢ଼ି ନିଜ ଅଞ୍ଚଳର ଭାଷା ଭାବକୁ ରସସିକ୍ତ କରି ସାହିତ୍ୟ ସୃଷ୍ଟି କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନ ପରିଚାଳିତ ହୋଇଥିଲା। ଏହି ଅବସରରେ ଡା. ଜ୍ୟୋତି ସାହୁଙ୍କ ଚତୁର୍ଥ କବିତା ସଙ୍କଳନ ଅନାହତ, ସ୍ୱର୍ଗତ କୁଳମଣି ମିଶ୍ରଙ୍କ କବିତା ସଙ୍କଳନ ଅମୃତାୟନ ଏବଂ ଗାଳ୍ପିକା ଅମୂଲ୍ୟମଣି ମିଶ୍ରଙ୍କ ଦେହୀ ଓ ଅନ୍ୟାନ୍ୟ ଗଳ୍ପ ସଙ୍କଳନ ଲୋକାର୍ପିତ ହୋଇଥିଲା।

ଦ୍ୱିତୀୟ ଅଧିବେଶନରେ କବି ଭାଗୀରଥି ମିଶ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ସାହିତ୍ୟରେ ବର୍ଷା ଭାବନା: କବି ଓ ବର୍ଷା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର ଆଲୋଚକଭାବେ ଯୋଗଦେଇ ଓଡ଼ିଶାର ବିଭିନ୍ନ କବିଙ୍କ କବିତାରେ ବର୍ଷା ସହ ଜଡିତ ଜୀବନ କିପରି ରୂପାୟିତ ତାହା ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ପ୍ରହ୍ଲାଦ ଶତପଥୀଙ୍କ ସଭାପତିତ୍ୱରେ ଏକାଡେମୀ ସଦସ୍ୟ ଡ. ଦେବାଶିଷ ପାଣିଆ, ସଞ୍ଜୟ ପଣ୍ଡା ଓ ସତ୍ୟନାରାୟଣ ମହାପାତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। କବି ଆନନ୍ଦ ଚନ୍ଦ୍ର ସାହୁ ସଭା ସଂଯୋଜନା କରିଥିଲେ।

## ପୂର୍ବତନ ସିଏଜି ବିନୋଦ ରାୟ, ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ: କଂଗ୍ରେସ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଦେଶରେ ଭାଜପା ସରକାରରେ ମିଛ ଆଉ ଲୁଟର ଶାସନ ଚାଲିଛି। ଦେଶର ଅର୍ଥନୀତି ବର୍ତ୍ତମାନ ତଳ ଆଡକୁ ଗତି କରୁଛି। ଉପା ସରକାର ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିରୋଧରେ ଭାଜପା ପ୍ରରୋଚନାରେ ଯେଉଁ ଷଡଯନ୍ତ୍ର କରିଥିଲେ ତାହାର ସତ୍ୟତା କୋର୍ଟରେ ନିଜେ ପୂର୍ବତନ ସିଏଜି ବିନୋଦ ରାୟ ସ୍ୱୀକାର କରିଛନ୍ତି। ଭାରତର ଅର୍ଥନୀତିର ପ୍ରଗତିକୁ ବାଧାପ୍ରାପ୍ତ କରିବା ଓ ବ୍ୟାଙ୍କ ସେକ୍ଟରରେ ପ୍ରଭୂତ କ୍ଷତି ଘଟାଇବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ଏହାକୁ ନେଇ ପୂର୍ବତନ ସିଏଜି ରାୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀ, ଗଣମାଧ୍ୟମ ଏବଂ ଅଦାଲତଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ରବିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଓ ବରିଷ୍ଠ ପ୍ରବକ୍ତା ମୋହନ ପ୍ରକାଶ କହିଛନ୍ତି, ଭାରତ ସରକାରଙ୍କ ପୂର୍ବତନ ସିଏଜି ରାୟ କଂଗ୍ରେସର ପୂର୍ବତନ ଏମ୍‌ପି ସଞ୍ଜୟ ନିରୁପମଙ୍କୁ ଦିଲ୍ଲୀ ପଟିଆଲା ହାଉସ ଡିଷ୍ଟ୍ରିକ୍ଟ କୋର୍ଟରେ ଏକ ମାନହାନି ମକଦ୍ଦମାରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। ୨୦୧୪ରେ ଯେତେବେଳେ ରାୟ ଦେଶରେ ସିଏଜି ଥିଲେ ସେହି ସମୟରେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଥିଲେ, ନିରୁପମ ତାଙ୍କୁ ଚାପ ପକାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନାମ ୨ଜି-ସ୍ପେକ୍ଟ୍ରମ ଓ କୋଇଲା ଆବଣ୍ଟନର ସିଏଜି ରିପୋର୍ଟରେ ଉଲ୍ଲେଖ ନ କରିବା ପାଇଁ କହିଥିଲେ। ସେତେବେଳେ ଏହି ସାକ୍ଷାତ୍‌କାର ସାରା ଦେଶର ସମସ୍ତ ଖବରକାଗଜରେ ପ୍ରକାଶିତ ହେବା ସହ ତତ୍କାଳୀନ ସରକାର ଓ ପ୍ରଧାନମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ବୋଲି ପ୍ରଚାର କରାଯାଇଥିଲା। ଏହାକୁ ନେଇ ବିରୋଧୀ ଭାଜପା ଅପପ୍ରଚାର କରିଥିଲା, ଯାହାର ସତ୍ୟତା ଏବେ ସ୍ପଷ୍ଟ ହୋଇଛି ବୋଲି ମୋହନ ପ୍ରକାଶ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ପ୍ରଭାରୀ ଏ ଚେଲ୍ଲାକୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ଜି ରୁଦ୍ର ରାଜୁ, ବରିଷ୍ଠ କଂଗ୍ରେସ ନେତା ଓ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଉପସ୍ଥିତ ଥିଲେ।

## ଗରିବ ଲୋକଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଗରିବ ଲୋକଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସବୁଠୁ ଅଧିକ ଲାଭ ଗରିବ ଲୋକଙ୍କୁ ମିଳିଛି ବୋଲି ରବିବାର ଉତରପ୍ରଦେଶର ହାଥରସ ଠାରେ ବୃଜ କ୍ଷେତ୍ରର ମଣ୍ଡଳ ଅଧ୍ୟକ୍ଷ ଏବଂ ମଣ୍ଡଳ ପ୍ରଭାରୀ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ସବୁ ଜନକଲ୍ୟାଣକାରୀ ଯୋଜନାର ଲାଭ ସବୁଠ ଅଧିକ ଗରିବ ଲୋକଙ୍କୁ ମିଳିଛି। କରୋନା ସମୟରେ ଲୋକମାନଙ୍କୁ ଆବଶ୍ୟକ ଖାଦ୍ୟ ପ୍ରଦାନ କରାଯିବା ସହ ଆର୍ଥିକ ସୁବିଧା ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତରପ୍ରଦେଶର ଜନତା ଏକ ସଚ୍ଚୋଟ ଚିନ୍ତନଶୀଳ ସରକାରର ଦମଦାର୍ କାମକୁ ଅନୁଭବ କରିଛନ୍ତି। ସେହିପରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ଉତରପ୍ରଦେଶରେ ଡ଼ିଏପ୍ ସାରର ଅଭାବ ନାହିଁ। ଏହି ପ୍ରସଙ୍ଗ ନେଇ ସେ କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ସହ ଆଲୋଚନା କରିଛନ୍ତି। ଏବେ ଦେଶରେ ଡ଼ିଏପ୍ ସାରର ଅଭାବ ନାହିଁ ଏବଂ ଉତରପ୍ରଦେଶରେ ମଧ୍ୟ ସାରର ଅଭାବ ହେବାକୁ ଦିଆଯିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ଆଶ୍ୱାସନା ଦେଇଥିବା ସେ କହିଛନ୍ତି।


ମା'ଙ୍କୁ ଟ୍ରଲିରେ ପକାଇ ନେଉଛନ୍ତି ଦୀପକ।

## ବିଦ୍ୟୁତ୍ କାଟ୍ ପ୍ରତିବାଦରେ ରୋଗଣା ମା'ଙ୍କୁ ଟ୍ରଲିରେ ନେଲେ ପୁଅ

**ମାଲକାନଗିରି, ୩୧।୧୦(ଡି.ଏନ୍.ଏ.)**

ବିଦ୍ୟୁତ୍ ବିଲ୍ ପୈଠ ସତ୍ତ୍ୱେ ଟାଟା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟୁଛି। ଘରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେତୁ ଘରେ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପ୍ରତିବାଦ ସ୍ୱରୂପ ତାଙ୍କ ପୁଅ ଏକ ଟ୍ରଲିରେ ମା'ଙ୍କୁ ବୋହି ଆଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଅଭାବନୀୟ ଦୃଶ୍ୟ ରବିବାର ଦେଖିବାକୁ ମିଳିଛି ମାଲକାନଗିରି ଜିଲାର ଏମ୍‌ଭି-୪୧ ଗ୍ରାମରେ।

ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ଏମ୍.ଭି.-୪୧ ଗ୍ରାମର ଚାଷୀ ଦୀପକ ଦେ ସପ୍ତାହେ ତଳେ ବିଦ୍ୟୁତ ଦେୟ ପଇଠ କରିବା ସତ୍ତ୍ୱେ କର୍ମଚାରୀମାନେ ତାଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ତାଙ୍କ ମା'ଙ୍କ ଶରୀର ଅସୁସ୍ଥ ଥିବାରୁ ଡାକ୍ତର ଅକ୍ସିଜେନ ଦେଇ ଘରେ ଚିକିତ୍ସା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ହେଲେ ବିଦ୍ୟୁତ୍ କଟିବାରୁ ତାଙ୍କ ମା'ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ସେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ପ୍ରତାପ କେଶରୀ ନାୟକଙ୍କୁ ଜଣାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ ବୋଲି ଦୀପକ ଅଭିଯୋଗ କରିଛନ୍ତି।

## ଗୁଳି ମାରି ଯୁବକଙ୍କୁ ଭୁଜାଲିରେ ହାଣିଲେ

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ା ଛକରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଜଣେ ଯୁବକଙ୍କ ମୁଣ୍ଡକୁ ଗୁଳି ମାରିବା ପରେ ବେକକୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଜଗନ୍ନାଥପାଟଣା ଅଞ୍ଚଳର ବିନୋଦ ବିହାରୀ ଦାସ (୩୩)। ବିନୋଦଙ୍କ ବାପା ରବୀନ୍ଦ୍ର ମୋହନ ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୫୪/୨୧)ରୁଜୁ କରି ତଦନ୍ତ ଜାରି ରଖିଛି।

ପୂର୍ବାହ୍ନ ୯ଟା ସମୟରେ ବିନୋଦ ଜଗନ୍ନାଥପାଟଣାରୁ କୌଣସି କାମରେ କୁରୁଡ଼ା ଛକକୁ ଆସୁଥିଲେ। ରାସ୍ତାରେ ୨ ଦୁର୍ବୃତ୍ତ ତାଙ୍କୁ ବାଇକ୍‌ରେ ପିଛା କରୁଥିବା ଜାଣିପାରି ସେ କୁରୁଡ଼ା ଛକରୁ ଅନ୍ୟ ଏକ ରାସ୍ତା ଦେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ମାତ୍ର ଦୁର୍ବୃତ୍ତ ଦ୍ୱୟ ତାଙ୍କୁ ଅଟକାଇ ଅତି ନିକଟରୁ ଗୁଳିମାଡ଼ କରିଥିଲେ। ମୁଣ୍ଡରେ ଗୁଳି ବାଜି ତଳେ ପଡ଼ିଯିବା ପରେ ଦୁର୍ବୃତ୍ତ ଦ୍ୱୟ ବିନୋଦଙ୍କ ବେକକୁ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ପଡ଼ିଥିବା ବିନୋଦଙ୍କୁ ଉଦ୍ଧାର


ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳେ ବିନୋଦଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। କଲ୍ ପାଇବା ପରେ ସେ ଘରୁ ବାହାରି କୁରୁଡ଼ା ଛକ ଆଡ଼କୁ ଆସୁଥିବା ବେଳେ ସଦର ଥାନାଠାରୁ ମାତ୍ର ୫୦୦ମିଟର ଦୂରରେ ଏହି ଘଟଣା ଘଟିଥିଲା। ବାଲେଶ୍ୱର ଷ୍ଟେଶନରେ ଟ୍ରେନ ଟିକେଟ କଟାକୁ କେନ୍ଦ୍ର କରି ପୂର୍ବରୁ ଚାଲିଥିବା ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତେବେ ପୂର୍ବଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏ.କେ. ପାଣିଗ୍ରାହୀ କହିଛନ୍ତି।

## ନାବାଳକଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ, ଶିକ୍ଷକ ଗିରଫ

**କଣାସ,୩୧।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

କଣାସ ଥାନା ଅଞ୍ଚଳର ଜଣେ ନାବାଳକଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ରବିବାର ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ କୁନା ଜେନା। ରାୟଗଡାରେ ପ୍ରାୟ ୧୦ବର୍ଷ ହେବ ଶିକ୍ଷକତା କରୁଛନ୍ତି। ସୂଚନା ମୁତାବକ, ରବିବାର ଅଭିଯୁକ୍ତ କୁନା ନାବାଳକଙ୍କୁ ସ୍ଥାନୀୟ ନଦୀପଠାକୁ ଟାଣି ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ପରେ ଅସୁସ୍ଥ ଅବସ୍ଥାରେ ନାବଳକ ଜଣଙ୍କ ଘରେ ପହଞ୍ଚି ସମସ୍ତ ଘଟଣା ଜଣାଇଥିଲେ। ଏନେଇ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୫୩/୨୧)ରୁଜୁକରି ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା।

**ପ୍ରଥମ ପୃଷ୍ଠାରୁ...**

### ବାଣ ବିକ୍ରି, ଫୁଟାଇବା...

ରାଜ୍ୟ ସରକାର ନିଜର ପୂର୍ବ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଏହି ନିଷ୍ପତ୍ତି ବିଷୟରେ ଏସ୍ଆରସି କୋର୍ଟଙ୍କୁ ଅବଗତ କରିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ କୋଭିଡ୍ ଯୋଗୁ ଗତ ୨ ବର୍ଷ ହେବ ବାଣ ବ୍ୟବସାୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଣ କାରିଗରମାନେ ସେମାନଙ୍କର ଜୀବିକା ହରାଇ ବସିଛନ୍ତି। ରାଜ୍ୟକୁ ତାମିଲନାଡୁରୁ ବହୁ ପରିମାଣର ବାଣ ଓଡ଼ିଶାକୁ ଆସିଥାଏ। ନିକଟରେ ତାମିଲାନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବାଣ ବିକ୍ରି ଉପରେ ଲଗାଇଥିବା କଟକଣାକୁ ହଟାଇବା ଲାଗି ଅନୁରୋଧ କରିଥିଲେ। ବାଣ ତିଆରି କାର୍ଯ୍ୟରେ ନିୟୋଜିତ ଲୋକ ଏବଂ କରୋନା ମହାମାରୀ ସଂକ୍ରମଣକୁ ଦେଖି ରାଜ୍ୟ ସରକାର କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ସହରରେ ରାତ୍ରି...

ନିୟୋଜିତ ବ୍ୟକ୍ତିମାନେ ନିଜର ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରୁ ଅଟୋରିକ୍ସା ବା କ୍ୟାବ୍ ଚାଳକମାନେ ଯାତ୍ରୀ ନେବାଆଣିବା କରିପାରିବେ। ନଭେମ୍ବରରେ ଧାର୍ମିକ, ରାଜନୈତିକ, ସାଂସ୍କୃତିକ ସଭାସମିତି, ପ୍ରଦର୍ଶନୀ, ବାଣିଜ୍ୟିକ ମେଳା, ସାଧାରଣ ସମାବେଶ ଓ ମେଳା ମହୋତ୍ସବ ଆଦି ପୂର୍ବଭଳି ବନ୍ଦ ରହିବ। ବ୍ୟବସାୟ ସମୟରେ ଦୋକାନ ମାଲିକ, ମଲ୍‌ପରିଚାଳନା କର୍ତ୍ତୃପକ୍ଷ ଗ୍ରାହକମାନେ ଯେପରି କୋଭିଡ୍ ନିୟମ ଉଲ୍ଲଂଘନ ନ କରିବେ ତାହା ନିଶ୍ଚିତ କରିବେ। ନିୟମ ଉଲ୍ଲଂଘନ କଲେ ଆପରାଧିକ ମାମଲା ରୁଜୁ କରାଯିବ। ସ୍ଥଳ ବିଶେଷରେ ଜିଲାପାଳ ଓ ମହାନଗର ନିଗମ କମିଶନର, ପୋଲିସ କମିଶନର ମଧ୍ୟ ନିଜ କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ ବୋଲି ଏସ୍ଆରସି କହିଛନ୍ତି। ଧାର୍ମିକ ସମାରୋହ ପାଳନରେ କଟକଣା ରହି ନ ଥିବାରୁ ଲୋକ ଏକଜୁଟ ହେଉଛନ୍ତି। ତାହା ଦେଶର କେତେକ ସ୍ଥାନରେ ସଂକ୍ରମଣ ହାରକୁ ବୃଦ୍ଧି କରୁଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ପୂଜାରେ ଲୋକଙ୍କ ଏକଜୁଟ ଯୋଗୁ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରି ଗାଇଡ୍‌ଲାଇନ ଜାରି କରିଛି। ଗାଇଡ୍‌ଲାଇନକୁ କଡ଼ାକଡ଼ି କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରିଛି।

## କୋଟିଆ ପଞ୍ଚାୟତ ଗସ୍ତ କଲେ ଏଡିଏମ୍, ଉପଜିଲାପାଳ

**ପଟ୍ଟାଙ୍ଗୀ,୩୧।୧୦(ଡି.ଏନ.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ରବିବାର ଏଡିଏମ୍ ଓ ଉପଜିଲାପାଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପ୍ରଶାସନ ଉକ୍ତ ପଞ୍ଚାୟତର ସମସ୍ତ ସୀମାନ୍ତ ପ୍ରବେଶ ପଥକୁ ସିଲ୍ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରିଛି। ଜିଲାରେ ନୂତନ ରୂପେ ଯୋଗ ଦେଇଥିବା ଏଡିଏମ୍ ରାଜେନ୍ଦ୍ର ମାଝି ଏବଂ ଉପଜିଲାପାଳ ଲଳିତ କୁମାର କଅଁର କୋଟିଆର ଉପରକାଣ୍ଟି, ଫଗୁଣସିନେରି, ଫାଟୁସିନେରି, ହରମାଣ୍ଡାଙ୍ଗି, ଧୂଳିପଦର, ନେରିଡିବାଲସା ଏବଂ ତାଡିବାଲସା ଗ୍ରାମ ଗସ୍ତକରି ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କୋରାପୁଟ ଜିଲା ପ୍ରଶାସନ ସବୁବେଳେ ତୁମମାନଙ୍କ ପାଖରେ ଅଛି ଏବଂ ରହିବ ବୋଲି ଅଧିକାରୀମାନେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲା ପ୍ରଶାସନର ଏହି ଦୁଇ ଅଧିକାରୀ ଫେରିଯିବା ପରେ ଆନ୍ଧ୍ରର ପିଓ ଆଇଟିଡିଏ ଆର. କୋର୍ମନାଥ ଫଗୁଣସିନେରି ଓ ଫାଟୁସିନେରି ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସେ ପୋଲିସ ଆଉଟ ପୋଷ୍ଟ ପାଇଁ ଜାଗା ଚିହ୍ନଟ କରିଥିଲେ। କୋଟିଆ ପଞ୍ଚାୟତର ୪୫୦ ଯୋଗ୍ୟ ହିତାଧିକାରୀଙ୍କୁ ୮୦୦ ଏକର ଜମି ପ୍ରଦାନ କରାଯିବ ବୋଲି କୋର୍ମନାଥ ପ୍ରତିଶ୍ରୁତି ଦେଇଥିଲେ।

# ଅର୍କବଟ ତଳେ ପୂଜା ପାଉଥିଲେ ଶ୍ରୀନଟେଶ୍ୱର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### ସୌରକିରଣଙ୍କ ପୂଜା ହେଉଥିଲା ଓଡ଼ିଶାରେ






ଶ୍ରୀପଦ୍ମକେଶର ମନ୍ଦିର ବେଢ଼ାରେ ଥିବା ଇଟାରେ ନିର୍ମିତ ପ୍ରାଚୀନ ଶ୍ରୀନାରାୟଣ ମନ୍ଦିର। *ଫଟୋ ସୌଜନ୍ୟ: ସଞ୍ଜୟ ବରାଳ*

ପୂର୍ବ ଆଲୋଚନାରୁ ଜାଣିଲେ ଶାମ୍ବଙ୍କର ପ୍ରାୟଶ୍ଚିତ୍ତ ପାଇଁ ସେ ଯେଉଁ ତପସ୍ୟା କରିଥିଲେ ମୈତ୍ରେୟବନରେ (କୋଣାଦିତ୍ୟ) ତାହାର ସ୍ମାରକୀ ଦିବସ ହେଉଛି ଶାମ୍ବ ଦଶମୀ। ମନେହୁଏ ଏହି ସ୍ମାରକୀ ଦିବସ ଶାମ୍ବଙ୍କ ତପସ୍ୟାର ସିଦ୍ଧିଲାଭ ଦିବସ। ମୈତ୍ରେୟବନରେ ଏହା ହୋଇ ନ ଥିଲେ ଓଡ଼ିଶାର ଜନମାନସରେ ଏତେ ଗଭୀର ପ୍ରଭାବ ପକାଇ ନ ଥା'ନ୍ତା। ସେହି ଅପୂର୍ବ ଘଟଣାକୁ ସ୍ମରଣ ରଖିବା ପାଇଁ ନିଜର ପୁଣ୍ୟପର୍ବ ପରମ୍ପରାରେ ଓଡ଼ିଆ ଲୋକେ ଏକ ସ୍ୱତନ୍ତ୍ର ପର୍ବ ପାଳନ କରୁ ନ ଥା'ନ୍ତେ!

କୋଣାର୍କଠାରେ ଶ୍ରୀମହାଭାସ୍କରଙ୍କ ଉପାସନା ପ୍ରଚଳିତ ହେବା ପରେ ଶାମ୍ବ ଦଶମୀ ଏକ ମୁଖ୍ୟପର୍ବ ଭାବରେ ପାଳିତ ହେଲା। ଏହାକୁ ଏକ 'ଉତ୍ସବ' ବୋଲି ଗ୍ରହଣ କରାଯାଇଥିଲା। ଏହି ଉତ୍ସବ 'ଅର୍କବଟ' ତଳେ ଆରମ୍ଭ ହେବାର ପରମ୍ପରା ପ୍ରଚଳିତ ହୋଇଥିଲା। ତେବେ ସମ୍ଭାବନା ହୁଏ ଶାମ୍ବ କ'ଣ ସେଇ ଅର୍କବଟ ତଳେ ସିଦ୍ଧି ଲାଭ କରିଥିଲେ! ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହୋଇଥିଲା ଆମେ ଜାଣୁ। ତେବେ ସେଇ ଗଣ୍ଡ ଦାଢ଼ରେ ଅର୍କବଟ ଥିଲା କି? ଫଳରେ ମନ୍ଦିର ସଂଲଗ୍ନ ହୋଇ ରହିଥିବାରୁ ଅନେକ ଉତ୍ସବ ଓ ନୀତି ଏହି ଅର୍କବଟ ତଳେ ସମାହିତ ହେଉଥିଲା। ଠିକ୍ ଯେପରି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ କଳ୍ପବଟ ରହିଅଛି।

ଆମେ ଏତେ କଥା ଲେଖିବାର କାରଣ ଅର୍କବଟ ତଳେ ଶାମ୍ବ ଦଶମୀ ଉତ୍ସବ ଆରମ୍ଭ ବେଳେ ପ୍ରଥମେ ଶାମ୍ବଙ୍କର ପ୍ରଶଂସା କରାଯାଏ, ତା' ପରେ ତାଙ୍କୁ ପ୍ରାର୍ଥନା କରାଯାଏ। ତା'ପରେ ଶ୍ରୀମହାଭାସ୍କରଙ୍କୁ ଭୋଗ ଅର୍ପଣ କରାଯାଏ। ସେହି ଭୋଗ ଶାମ୍ବଙ୍କୁ ଉପହାର ଦିଆଯାଏ। ଅର୍ଥାତ୍ ଶ୍ରୀମହାଭାସ୍କରଙ୍କ ଭୋଗ ପ୍ରଥମେ ଶାମ୍ବଙ୍କୁ ସମର୍ପଣ କରାଯାଏ। ଭୋଗ ପାଇଁ ମନ୍ତ୍ର ବ୍ୟବହାର ହେବା ପରେ ସମର୍ପଣ ପାଇଁ ମନ୍ତ୍ର ଉଚ୍ଚାରଣ କରାଯାଏ। ତା'ପରେ ବସେ ମଧ୍ୟାହ୍ନ ଧୂପ। ମଧ୍ୟାହ୍ନ ଧୂପ ସରିଲେ ଶ୍ରୀପଦ୍ମକେଶର ମନ୍ଦିର ପୂର୍ବଦିଗ ବେଢ଼ାରେ ଥିବା ୧୨ଜଣ ଦେବଦେବୀଙ୍କ ଉପାସନା ଆରମ୍ଭ ହୁଏ। ଏହା ସହିତ ରଥ ଟାଣୁଥିବା ଅଶ୍ୱ ଏବଂ ମନ୍ଦିର ମୂଳଭିତ୍ତିରେ ଥିବା ଚକ୍ରଙ୍କୁ ଉପାସନା କରାଯାଏ। ସୂପକାର ସେବକ ୧୦୮ ପ୍ରକାର ବ୍ୟଞ୍ଜନ ଶାମ୍ବଦଶମୀ ଦିନ ପ୍ରସ୍ତୁତ କରନ୍ତି। ସେହି ବ୍ୟଞ୍ଜନକୁ ପୂଜାପଣ୍ଡା ଉକ୍ତ ଚଉଦଟି ସ୍ଥାନରେ ଅର୍ପଣ କରନ୍ତି। ଏହା ହେଉଛି ପୂର୍ବଦିଗର ବେଢ଼ା କଥା। ତା'ପରେ ଦକ୍ଷିଣବେଢ଼ାରେ ନିଶାମନ୍ଦିରର ଶ୍ରୀରବିନାରାୟଣ ଏବଂ ପାର୍ଶ୍ୱଦେବତା 'ମିତ୍ର', ପଶ୍ଚିମ ନିଶା ମନ୍ଦିରର ରୁଦ୍ର, ସୂର୍ଯ୍ୟ ଏବଂ ବୈବସ୍ୱତ (ପୂଷାଣ), ଉତ୍ତର ନିଶାମନ୍ଦିରର ବେଦାଙ୍ଗ ଓ ହରିଦାଶ୍ୱଙ୍କୁ ପୂଜା ହୁଏ।

ପୂଜାପଣ୍ଡା ଏହାପରେ ବେଢ଼ା ନାରାୟଣ ମଣ୍ଡପକୁ ବିଜେ କରନ୍ତି। ଶ୍ରୀ ନାରାୟଣଙ୍କୁ ଭୋଗ ଅର୍ପଣ କରିବା ପରେ ମହାଗାୟତ୍ରୀ ମନ୍ଦିରକୁ ବିଜେ କରନ୍ତି। ମହାଗାୟତ୍ରୀଙ୍କୁ ଭୋଗ ଅର୍ପଣ କରିବା ପରେ ସେଠାରେ ବିରାଜିତ 'ଦେବୀ ସିଦ୍ଧଚଣ୍ଡୀ'ଙ୍କୁ ବ୍ରହ୍ମଗାୟତ୍ରୀ ମନ୍ତ୍ରରେ ଭୋଗ ଅର୍ପଣ କରି ଶେଷରେ ଶ୍ରୀମହାଭାସ୍କରଙ୍କ ଦୁଇଶକ୍ତି ଛାୟାମାୟାଙ୍କୁ ଭୋଗ ଅର୍ପଣ କରନ୍ତି। ମହାଗାୟତ୍ରୀ ଓ 'ଦେବୀ ସିଦ୍ଧଚଣ୍ଡୀ' ପ୍ରସଙ୍ଗ ଆମେ ଆଗକୁ ଆଲୋଚନା କରିବା।

ଏଠାରେ ମୁଖ୍ୟ ଆଲୋଚ୍ୟ ବିଷୟ ଶାମ୍ବ ଦଶମୀ ଉତ୍ସବର ରୂପରେଖା। ଆମେ ଟିକିନିଖି ଦେବାର ଅଭିପ୍ରାୟ ଶାମ୍ବଙ୍କୁ ନେଇ ଏକ ସ୍ୱତନ୍ତ୍ର ଉତ୍ସବ କେବଳ କୋଣାର୍କଠାରେ ନୁହେଁ ଓଡ଼ିଆ ଜନଜୀବନକୁ କିପରି ପ୍ରଭାବିତ କରିଥିଲା ବିଚାର କରିବା କଥା। ଏଗୁଡ଼ିକ ବାହାରିଆ ପଣ୍ଡିତଙ୍କ ମୁଣ୍ଡକୁ ଜୁଟି ନ ଥିଲା। ସେ କାହୁଁ ଜାଣିବେ ଓଡ଼ିଶାରେ ଶାମ୍ବଙ୍କୁ ନେଇ ଏକ ଗଣଉତ୍ସବ ବିକଶିତ ହୋଇଥିଲା ବୋଲି! ଏତିକିରେ ଉତ୍ସବ ସମାପ୍ତ ହୁଏ ନାହିଁ। ଭୋଗ ପରେ ଆରମ୍ଭ ହୁଏ ହୋମ। ଶହେଆଠ ମନ୍ତ୍ରରେ ଚାଉଳ ବଳି ଦିଅନ୍ତି ବେଦପୁରର ଆଚାର୍ଯ୍ୟମାନେ। ଏହି ବଳି ଦଶଦିଗପାଳଙ୍କୁ ଦିଆଯାଏ। ପରେ ପରେ ନୃତ୍ୟର ଦେବତା ଶ୍ରୀନଟେଶ୍ୱରଙ୍କୁ ପୂଜା କରାଯାଏ। ଶ୍ରୀନଟେଶ୍ୱର ବିଜେ କରିଥିଲେ ଅର୍କବଟ ତଳେ। ତାଙ୍କ ବିଜେସ୍ଥଳୀ ଶ୍ରୀନଟେଶ୍ୱର ଗାଦି ଭାବରେ ପରିଚିତ ଥିଲା। ଏହି ଗାଦିରୁ ମିଳିଥିଲା ଶ୍ରୀପଦ୍ମକେଶର ଦେଉଳ କର୍ମାଙ୍ଗୀ ପୋଥି।

ସେଠାରୁ ପୂଜାପଣ୍ଡା ଫେରି ସିଂହଦ୍ୱାରରେ ଥିବା ଜୟ, ବିଜୟ, ପୌଣ୍ଡ୍ର ଓ ଅଙ୍ଗିରସଙ୍କୁ ପୂଜା କରନ୍ତି। ଶେଷରେ 'ସୌରଅଗ୍ନି'ଙ୍କୁ ଉପାସନା କରାଯାଏ। ସୌରଅଗ୍ନି ହେଉଛି ଏକ ସ୍ଫଟିକ ପତଳା କାଚ ଉପରେ ଶୂନ୍ୟରୁ ଆସି ବର୍ଷସାରା ପଡୁଥିବା ସୂର୍ଯ୍ୟଙ୍କ କିରଣ। ସୂର୍ଯ୍ୟଙ୍କ କିରଣକୁ ମଧ୍ୟ ସେ କାଳର କୌଶଳରେ ଓଡ଼ିଆ ଉପାସନା କରୁଥିଲା।

# ଡାଇବେଟିସ୍ ଓ ଅଣ୍ଡା



ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ଅଣ୍ଡା ଖାଇଲେ ତାହା ଡାଇବେଟିସ୍ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଏପରି ତଥ୍ୟ ଲୋକଲୋଚନକୁ ଆସିଛି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନେ ଦୈନିକ ଆବଶ୍ୟକତାଠାରୁ ଅଧିକ ଅଣ୍ଡା ଖାଆନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୬୦% ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଯେଉଁମାନେ ଅଧିକ ଅଣ୍ଡା ଖାଆନ୍ତି, ସେମାନଙ୍କ ଶରୀରରେ ସେରମ୍ କୋଲେଷ୍ଟରଲ୍‌ର ସ୍ତର ଅଧିକ ଥାଏ। ସେଥିପାଇଁ ଡାକ୍ତରମାନେ ଡାଇବେଟିସ୍ ରୋଗୀଙ୍କୁ ଅଣ୍ଡା ଖାଇବାକୁ ବାରଣ କରିଥା'ନ୍ତି। ତେବେ ଜଣେ ଡାଇବେଟିସ୍ ରୋଗୀ ଦହି ଖାଇପାରିବେ। ତା' ସହ ମାଛ ଖାଇଲେ ଏଥିରେ ଥିବା ପ୍ରୋଟିନ୍ ଆମ ଶରୀରକୁ ଶକ୍ତି ଯୋଗାଇବା ସହ ଓମେଗା ୩ ହାର୍ଟକୁ ସୁସ୍ଥ ରଖିଥାଏ। ସବୁଜ ପନିପରିବାରେ କମ୍ କ୍ୟାଲୋରି ଏବଂ ଅଧିକ ପୋଷକ ତତ୍ତ୍ୱ ଥାଏ। ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଥାଏ।

# ଭାଇରସ୍‌କୁ ପ୍ରତିହତ କରିବ ବ୍ୟାକ୍ଟେରିଆ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ କିମ୍ବା ଭାଇରସ୍‌ଜନିତ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଉ। ହେଲେ ଭାରଇସକୁ ପ୍ରତିହତ କରିବାକୁ ଡର୍‌ହାମ୍ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ଏକ ପ୍ରକାର ବ୍ୟାକ୍ଟେରିଆ ନିକଟରେ ଉଦ୍ଭାବିତ ହୋଇଛି। କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ। ଉକ୍ତ ନୂତନ ପ୍ରଣାଳୀ 'ବୁକ୍ସ'କୁ ପ୍ରୟୋଗ କରିବା ସମୟରେ ବାୟୋଟେକ୍ନୋଲୋଜିର ଜିନ୍ ଏଡିଟିଂ ନାମକ ଏକ ମାଧ୍ୟମ ଦ୍ୱାରା ଆମ ଶରୀରରେ ଥିବା ଡି.ଏନ୍.ଏ.କୁ ଶକ୍ତ କରାଯାଏ। ଫଳରେ ଏଥିରେ ଥିବା ବ୍ୟାକ୍ଟେରିଆମାନେ ମଧ୍ୟ ଶକ୍ତ ହୋଇଉଠନ୍ତି। ସେହି ସମୟରେ ନୂଆ ବ୍ୟାକ୍ଟେରିଆ ଏବଂ ଭାଇରସ୍ ମଧ୍ୟରେ ସଂଘର୍ଷ ହୁଏ। ଏହାଦ୍ୱାରା ଭାଇରସ୍ ସଂକ୍ରମଣକୁ ଏପରି ବ୍ୟାକ୍ଟେରିଆ ପ୍ରତିହତ କରିବାରେ ସକ୍ଷମ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ନୀରୋଗ ପାଇଁ ଜୀବନଧାରା



ଡା. ଆଶିଷ ବାନାର୍ଜୀ

"ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୂଚାରୁ ରୂପେ ହେବା ଆବଶ୍ୟକ । ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ । ଏହା ଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଯଦ୍ୱାରା ପ୍ରଥମେ ଏସିଡିଟି (ଅମ୍ଳ) ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ କୋଲେଷ୍ଟରଲ୍ ବୃଦ୍ଧି, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଏହିପରି ଶେଷରେ କ୍ୟାନ୍‌ସର ପରି ଅନେକ ପ୍ରକାର ଭୟଙ୍କର ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ ।"



ଆମ ଶରୀରର ସମସ୍ତ କାର୍ଯ୍ୟ ଏକାଦଶ ଇନ୍ଦ୍ରିୟ ଦ୍ୱାରା ପରିଚାଳିତ। ଏହି ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ପଞ୍ଚ ଜ୍ଞାନେନ୍ଦ୍ରିୟ (ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା), ପଞ୍ଚ କର୍ମେନ୍ଦ୍ରିୟ (ବାକ୍, ପାଣି, ପାଦ, ପାୟୁ ବା ଗୁଜ ଓ ଉପସ୍ଥ ବା ଲିଙ୍ଗ) ଓ ଏକାଦଶ ଇନ୍ଦ୍ରିୟ 'ମନ'କୁ ସଂଯୋଗକାରୀ ଇନ୍ଦ୍ରିୟ କୁହାଯାଏ । ଏଣୁ ମନ ଦ୍ୱାରା ଏହି ଦଶଟି ଇନ୍ଦ୍ରିୟର କାର୍ଯ୍ୟ ପରିଚାଳିତ ହୋଇଥାଏ। ଏହି ମନର ସ୍ଥାନ ମସ୍ତିଷ୍କସ୍ଥିତ କପାଳ ମଧ୍ୟସ୍ଥ ଭ୍ରୂଲତା ଦ୍ୱୟ ସଂଯୋଗ ସ୍ଥଳ ଆଜ୍ଞାଚକ୍ରରେ ଉପସ୍ଥିତ।

ତେଣୁ ମନକୁ ନିୟନ୍ତ୍ରଣ କରିବା ଦ୍ୱାରା ଶରୀରର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲେ। ମନର ଆୟତ୍ତ ଦ୍ୱାରା ମନର ବିକାର କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ଦ୍ୱେଷ ଏହି ଷଡ଼ ରିପୁକୁ ଆୟତ୍ତ କରି ଦମନ କରି ହୁଏ। ଫଳରେ ସଦ୍‌ବୁଦ୍ଧି, ଚିନ୍ତା ଦ୍ୱାରା ଶରୀରର ସମସ୍ତ ଗ୍ରନ୍ଥି, ସ୍ରୋତସର କାର୍ଯ୍ୟ ଉତ୍ତମ ରୂପେ ହୋଇଥାଏ। ତେଣୁ କୁହାଯାଇଛି, "ସତ୍ତ୍ୱ ଆତ୍ମା ଶରୀରଂ ଚ ତ୍ରୟ ମେତତ୍ ତ୍ରି ଦଣ୍ଡବତ୍" ଅର୍ଥାତ୍ ସାତ୍ତ୍ୱିକ ଭାବ, ଆତ୍ମା ଏବଂ ଶରୀର ଏହି ତିନୋଟି ଦଣ୍ଡ ସଦୃଶ ଧାରଣ କରି ଆମେ ନୀରୋଗ ଜୀବନଯାପନ କରିପାରିବୁ।

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ୍। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନ୍‌ଙ୍କୁ ଅର୍ପଣ କରିବାକୁ ଅଭ୍ୟାସରେ ପରିଣତ କରନ୍ତୁ। ଏହାଦ୍ୱାରା ଜଣେ ଶାନ୍ତ ମନରେ ଭୋଜନ କରିଥାଏ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ବା ଟିଭି ନ ଦେଖି ଖାଦ୍ୟ ସେବନରେ ମନ ନିବେଶ କରିବା ଭଲ। ଖାଇବାର ୧ ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନ ଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୂଚାରୁ ରୂପେ ହେବା ଆବଶ୍ୟକ । ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଯଦ୍ୱାରା ପ୍ରଥମେ ଏସିଡିଟି (ଅମ୍ଳ) ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ କୋଲେଷ୍ଟରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଏହିପରି ଶେଷରେ କ୍ୟାନ୍‌ସର ପରି ଅନେକ ପ୍ରକାର ଭୟଙ୍କର ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ ।

ଆମେ ସେବନ କରୁଥିବା ଖାଦ୍ୟ ଷଡ଼ରସ ଯଥା-ମଧୁର, ଅମ୍ଳ, ଲବଣ, କଟୁ, ତିକ୍ତ ଓ କଷାୟ ରସଯୁକ୍ତ ହୋଇଥାଏ । ଏହି ଷଡ଼ ରସ ଆହାର ମଧ୍ୟରୁ 'କଷାୟ' ରସ ଶୀଘ୍ର ପାକ ହୋଇଥାଏ। ପରିବେଶ ସହ ଆମ ଜୀବନ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ପରିବେଶ ସନ୍ତୁଳନ, ନିର୍ମଳ ଓ ସୁସ୍ଥ ରହିଲେ ଆମ ଜୀବନ ସୁରକ୍ଷିତ ରହିବ। ଏହାର ସୁପ୍ରଭାବ ପ୍ରକୃତି ଓ ମନରେ ପ୍ରତିଫଳିତ ହୋଇ ଶରୀରରେ ନୂତନ ଉର୍ଜା ଉତ୍ପନ୍ନ ହେବ ।

ଶରୀର ବାହ୍ୟ ଆବରଣ ଚର୍ମକୁ ସତେଜ ଓ ବଳବାନ୍ କରିବା ସହ ତା'ର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଶରୀରରେ ସ୍ନାନ ପୂର୍ବରୁ ତୈଳଭ୍ୟଙ୍ଗ କରିବା ଦରକାର। ତେଣୁ ନାସାରେ ଅଣୁତୈଳ ନସ୍ୟନେବା ଦ୍ୱାରା ବାତାଦି ଦୋଷ ପ୍ରଶମନ ହେବା ବା ସ୍ନାୟୁଗୁଡ଼ିକ ସତେଜ ହୋଇ କାର୍ଯ୍ୟକ୍ଷମତା ଓ ରକ୍ତ ସଂଚାଳନ ବଢ଼େ ।

ସୁସ୍ଥ ଶରୀର ପାଇଁ ପ୍ରାତଃ କାଳେ ଶଯ୍ୟାତ୍ୟାଗ ପୂର୍ବକ ଓଁକାର ଉଚ୍ଚାରଣ, ପ୍ରାତଃଭ୍ରମଣ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ, ଯୋଗ, ଧ୍ୟାନ, ପ୍ରାଣାୟାମ କରନ୍ତୁ। ଏହାର ଏକ ଘଣ୍ଟା ପରେ ସ୍ନାନ କରି ପୂଜାପାଠ ଶେଷ କରି ହାଲୁକା ଭୋଜନ କରନ୍ତୁ। ମଧ୍ୟାହ୍ନ ଦିବା ୧ ଘଣ୍ଟା ମଧ୍ୟରେ ମଧ୍ୟାହ୍ନଭୋଜନ ଓ ରାତ୍ରି ୯ ଘଣ୍ଟା ମଧ୍ୟରେ ହାଲୁକା ରାତ୍ରିଭୋଜନ କଲେ ନୀରୋଗ, ଦୀର୍ଘାୟୁ ଜୀବନଯାପନ କରିବେ ।


*-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

*ମୋ-୯୮୬୧୩୭୪୩୮୫*


## ନୋବେଲ ପୁରସ୍କାର-୨୦୨୧ : ରସାୟନ ବିଜ୍ଞାନ

# ଅସମମିତ ଜୈବ ଉତ୍ପ୍ରେରକ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦୀର୍ଘଦିନ ଧରି ରାସାୟନିକ ପ୍ରତିକ୍ରିୟାମାନଙ୍କରେ ଉତ୍ପ୍ରେରକ ରୂପେ ବ୍ୟବହୃତ ହୋଇ ଆସୁଥିଲା କେତେକ ଧାତୁ ଏବଂ ଏନ୍‌ଜାଇମ୍। ତେବେ ଏକ ତୃତୀୟ ଶ୍ରେଣୀର ଉତ୍ପ୍ରେରକ ଆବିଷ୍କାର କରି ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ଜର୍ମାନୀର ମାକର୍ ପ୍ଲାଙ୍କ ପ୍ରତିଷ୍ଠାନର ବେଞ୍ଜାମିନ୍ ଲିଷ୍ଟ ଏବଂ ଆମେରିକାର ପ୍ରିନ୍‌ସେଟନ୍ ବିଶ୍ୱବିଦ୍ୟାଳୟର ଡାଭିଡ୍ ମ୍ୟାକ୍‌ମିଲନ୍। ସେମାନେ ଏଥିପାଇଁ ଛୋଟ ଛୋଟ ଜୈବ ରାସାୟନିକ ଅଣୁ ବ୍ୟବହାର କରୁଛନ୍ତି। ଏହାର ଉତ୍ପ୍ରେରକଗୁଡ଼ିକ ବାଛି ବାଛି ଆଲୋକୀୟ ସକ୍ରିୟ ଯୌଗିକମାନଙ୍କରେ ଥିବା ଦୁଇଟି ପରସ୍ପରର ଦର୍ପଣ ଛାୟା ହୋଇଥିବା ରମାବୟବଙ୍କ ମଧ୍ୟରୁ ଗୋଟିକୁ ଅଧିକ ସକ୍ରିୟ କରି ତହିଁରୁ ଆଶାନୁରୂପ ଉତ୍ପାଦ ସୃଷ୍ଟି କରି ପାରୁଛନ୍ତି।

ଏନ୍‌ଜାଇମ୍‌ଗୁଡ଼ିକ ହେଲେ ପ୍ରୋଟିନ୍, ଯାହାକି ଆମିନୋ ଅମ୍ଳରେ ଗଢ଼ା ଏବଂ କେତେକ ସ୍ଥଳେ ସେଥିରେ ଥାଏ କିଛି ଧାତୁ, ଯାହାକି ଏହାକୁ ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବାରେ ସହାୟକ ହୁଏ। କିନ୍ତୁ ଅନେକ ଏନ୍‌ଜାଇମ୍ ଧାତୁ ବିନା ମଧ୍ୟ କାର୍ଯ୍ୟ କରନ୍ତି। ଏଭଳି କ୍ଷେତ୍ରରେ ତହିଁରେ ଥିବା ଗୋଟିଏ କିମ୍ବା ଅଳ୍ପ କେତୋଟି ଆମିନୋ ଅମ୍ଳ ରାସାୟନିକ ପ୍ରତିକ୍ରିୟାମାନଙ୍କୁ ପରିଚାଳିତ କରନ୍ତି। ପ୍ରୋଟିନ୍ ଏବର ଭଳି ଏକ ଆମିନୋ ଅମ୍ଳ ବୋଲି ୧୯୭୦ ଦଶକରୁ ଜଣାଥିଲା। କିନ୍ତୁ ତା'ଉପରେ ଯଥେଷ୍ଟ ଅଧ୍ୟୟନ ହୋଇ ନ ଥିଲା। ଲିଷ୍ଟ ସେ କାର୍ଯ୍ୟ ହାତକୁ ନେଲେ ଏବଂ ତାହାକୁ 'ଆଲ୍‌ଡୋଲା ପ୍ରତିକ୍ରିୟା'ରେ ନିୟୋଜିତ କଲେ। ଏହା ବେଶ୍ କାମ କଲା। ଦେଖାଗଲା ଯେ, ଏହା ମୂଳ ଯୌଗିକର ଦୁଇଟି ଦର୍ପଣ ପ୍ରତିବିମ୍ବମାନଙ୍କ ମଧ୍ୟରୁ ଗୋଟିକରୁ ନିର୍ବାଚିତ ଭାବେ ଅଧିକ କ୍ରିୟାଶୀଳ କରୁଛି। ଅତଏବ ତଦନୁଯାୟୀ ତହିଁରୁ ଉତ୍ପାଦ ସୃଷ୍ଟି ହେଉଛି। ଏହା ଜନ୍ମ ଦେଲା ଅସମମିତ ଜୈବ ଉତ୍ପ୍ରେରଣ ଧାରଣାକୁ। ଲିଷ୍ଟ ଏ ସମ୍ପର୍କରେ ୨୦୦୦ ମସିହାରେ ଗବେଷଣା ପତ୍ରଟିଏ ପ୍ରକାଶ କଲେ।

ଇତିମଧ୍ୟରେ ମାକ୍‌ମିଲନ୍ ଅଲଗା ଭାବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟଠାରେ ଏକ ସମାନ ଦିଗରେ ଗବେଷଣା ଚଳାଇଥାଆନ୍ତି। ସେ ଧାତବ ପଦାର୍ଥମାନ ବ୍ୟବହାର କରି ଅସମମିତ ଉତ୍ପ୍ରେରକର ବିକାଶ କରୁଥିଲେ। ତେବେ ଏ କ୍ଷେତ୍ରରେ ସକ୍ରିୟ ଧାତୁଗୁଡ଼ିକୁ ନେଇ କାର୍ଯ୍ୟ କରିବା କଠିନ ଥିଲା ଏବଂ ତାହା ମଧ୍ୟ ବ୍ୟୟବହୁଳ ଥିଲା। ଏଣୁ ସେ ଧାତୁମାନଙ୍କ ଭଳି ସହଜରେ କିଛି କାଳ ପାଇଁ ଇଲେକ୍‌ଟ୍ରୋନିକ୍ ଯୋଗାଇ ପାରିବା କିମ୍ବା ଧାରଣ କରିପାରିବା ଭଳି ସରଳ ଜୈବ ଧାତୁମାନଙ୍କୁ ଏଥିରେ ବିନିଯୋଗ କରିବାକୁ ଚିନ୍ତା କଲେ। ଏଗୁଡ଼ିକରେ ଥାଏ ଅମ୍ଳଜାନ, ଯବକ୍ଷାରଜାନ, ଗନ୍ଧକ ଏବଂ ଫସ୍‌ଫରସ୍ ଭଳି ସରଳ ଓ ସାଧାରଣ ମୌଳିକ ପଦାର୍ଥ। କିନ୍ତୁ ଅବସ୍ଥା ଉପରେ ନିର୍ଭର କରି ସେଗୁଡ଼ିକ ଜଟିଳ ଗୁଣମାନ ପ୍ରକଟ କରନ୍ତି। ସେ ଜାଣିଥିଲେ ଯେ, ଇଲେକ୍‌ଟ୍ରୋନିକ୍ ପ୍ରତି ଆସକ୍ତ ଥିବା ଯବକ୍ଷାରଜାନଯୁକ୍ତ 'ଇ ମିନିୟମ୍ ଆୟନ୍' ସୃଷ୍ଟିକାରୀ ଜୈବ ଅଣୁ ଉତ୍ପ୍ରେରକ ରୂପେ କାର୍ଯ୍ୟ କରିପାରିବେ। ତେଣୁ ସେ ତାହାକୁ 'ଡାଇଏଲସ୍-ଆଲଡର୍' ପ୍ରତିକ୍ରିୟାରେ ନିୟୋଜିତ କଲେ। ଏହା ଖୁବ୍ ଉତ୍ତମ ଭାବେ କାମ କଲା। ତେଣୁ ସେ ଏପରି ଗୁଣ ଥିବା ଆହୁରି କିଛି ଜୈବ ଅଣୁମାନ ଆବିଷ୍କାର କଲେ। ପ୍ରକୃତରେ ସେ ହିଁ ଏ ପ୍ରକ୍ରିୟାର ନାଁ ଦେଲେ 'ଅସମମିତ ଜୈବ-ଉତ୍ପ୍ରେରଣ' ବୋଲି। ଲିଷ୍ଟଙ୍କ ଆବିଷ୍କାରର ଠିକ୍ ଏକ ମାସ ପୂର୍ବରୁ ଅର୍ଥାତ୍ ୨୦୦୦ ମସିହା ଫେବୃୟାରୀରେ ସେ ତାଙ୍କ ଆବଷ୍କାର ଉପରେ ଲିଖିତ ଏକ ନିବନ୍ଧକୁ ଗୋଟିଏ ବିଜ୍ଞାନ ପତ୍ରିକାକୁ ପଠାଇଲେ।

ବିଗତ ୨୦୦୦ ମସିହାରୁ ଆଜି ମଧ୍ୟରେ ଲିଷ୍ଟ ଏବଂ ମାକ୍‌ମିଲନ୍‌ଙ୍କ ନେତୃତ୍ୱରେ ଗବେଷଣା କ୍ଷେତ୍ରରେ ବହୁଳ ବିକାଶ ଘଟି ଚାଲିଛି। ବିଶେଷକରି ଔଷଧ ଏବଂ ଭେଷଜୀୟ ଶିଳ୍ପରେ ଏହାର ପ୍ରୟୋଗ ଏବେ ବ୍ୟାପକ ହେଲାଣି। ଫଳରେ ଏବର ଅତ୍ୟାବଶ୍ୟକ ପଦାର୍ଥଗୁଡ଼ିକର ପ୍ରସ୍ତୁତି ଶସ୍ତା, ଅଧିକ ଦକ୍ଷ ଏବଂ ଅଧିକ ପରିବେଶ ସହାୟକ ହୋଇପାରିଛି, ଯାହାକି ମଣିଷ ସମାଜ ପାଇଁ ବେଶ୍ କଲ୍ୟାଣକାରୀ ସାବ୍ୟସ୍ତ ହୋଇଛି। ସେଥିପାଇଁ ଏବର ବୈଜ୍ଞାନିକ ଦ୍ୱୟଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରିବାର ଯଥାର୍ଥତା ସପକ୍ଷରେ ଯୁକ୍ତିବାଢ଼ି ନୋବେଲ କମିଟିର ଅନ୍ୟତମ ସଦସ୍ୟ ପରମିଲ୍ଲା ୱିଟୁଙ୍ଗୋ ଷ୍ଟାଫ୍‌ସେଡେ କହିଛନ୍ତି ଯେ, 'ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ଏହା ଉପରେ ଗବେଷଣା ଭବିଷ୍ୟତରେ ଆହୁରି ଅନେକଙ୍କୁ ନୋବେଲ ପୁରସ୍କାର ଲାଭ କରିବା ଲାଗି ପଥ ଉନ୍ମୁକ୍ତ କରିପାରେ।



ବେଞ୍ଜାମିନ୍ ଲିଷ୍ଟ



ଡାଭିଡ୍ ମ୍ୟାକ୍‌ମିଲନ୍





*-ଉଷା ନିବାସ, ୧୨୪/୨୪୪୫*

*ଖଣ୍ଡଗିରି ବିହାର, ଭୁବନେଶ୍ୱର*

*ମୋ : ୯୯୩୭୯୮୫୭୬୭*


## ସ୍ୱାସ୍ଥ୍ୟ ସୂଚନା

➤ଦୃଷ୍ଟିଶକ୍ତିଜନିତ କୌଣସି ସମସା ଦେଖାଦେଲେ ତାହାକୁ ଅବହେଳା କରନ୍ତୁ ନାହିଁ। ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➤ବେଳେବେଳେ କେତେକ ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥାଆନ୍ତି। ସେପରି ଉପଦେଶକୁ ଠିକ୍ ଭାବରେ ପାଳନ କରନ୍ତୁ।

➤ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। କାରଣ ଦିନତମାମ ପରିଶ୍ରମ ଅନୁସାରେ ଆମକୁ ଉପଯୁକ୍ତ ବିଶ୍ରାମ ନେବାର ଆବଶ୍ୟକତା ରହିଛି।

➤ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।

➤ନିଜର ଖାଦ୍ୟ ତାଲିକାରେ ଫାଷ୍ଟଫୁଡ୍, ତେଲମସଲାଜାତୀୟ ଖାଦ୍ୟ ଯେତେ କମ୍ ସାମିଲ କରିବେ ତାହା ସେତେ ଭଲ।

➤ସକାଳୁ କିଛି ସମୟ ସୂର୍ଯ୍ୟ କିରଣରେ ବସନ୍ତୁ। ଏହାଦ୍ୱାରା ଶରୀରକୁ ଭିଟାମିନ୍ 'ଡି' ପ୍ରଚୁର ପରିମାଣର ମିଳିଥାଏ।



# ଶରୀରକୁ ହିତ ମହୁ

ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ। ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏହା ରୋଗ ପ୍ରତିରୋଧକ ଓ ସ୍ୱାସ୍ଥ୍ୟବର୍ଦ୍ଧକ । ଏଥିରେ ଥିବା ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ...

➧ଓଜନ କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ମହୁ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଲେମ୍ବୁ ରସରେ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମେଦବହୁଳତା ସମସ୍ୟାରୁ କେତେକାଂଶରେ ମୁକ୍ତି ମିଳିଥାଏ।

➧ମହୁରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ।

➧କେବଳ ରକ୍ତରେ ଶର୍କରା (ସୁଗାର) ନୁହେଁ, ଉଚ୍ଚ ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖେ ମହୁ।

➧ଡାଇବେଟିସ୍ ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ।

➧ରକ୍ତହୀନତା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।

➧ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ମହୁ ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।

➧ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା।

➧ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ମହୁ ।



# ଭାରତ-ନ୍ୟୁଜିଲାଣ୍ଡ ସ୍କୋରବୋର୍ଡ

**ଭାରତ ଇନିଂସ**
କେ.ଏଲ୍. ରାହୁଲ-କ-ଡାରିଲ-ବୋ-ସୌଦି-୧୮
ଇଶାନ କିଶନ-କ-ଡାରିଲ୍-ବୋ-ବୋଲ୍ଟ-୪
ରୋହିତ-କ-ଗୁପ୍ଟିଲ-ବୋ-ସୋଧି-୧୪
କୋହଲି-କ-ବୋଲ୍ଟ-ବୋ-ସୋଧି-୯
ପନ୍ତ-ବୋ-ମିଲ୍‌ନେ-୧୨
ହାର୍ଦ୍ଦିକ-କ-ଗୁପ୍ଟିଲ-ବୋ-ବୋଲ୍ଟ-୨୩
ଜାଡେଜା-ନଟ ଆଉଟ-୨୬
ଶାର୍ଦ୍ଦୁଳ-କ-ଗୁପ୍ଟିଲ-ବୋ-ବୋଲ୍ଟ-୦
ଶାମି-ନଟ ଆଉଟ-୦
ଅତିରିକ୍ତ-୪
**ମୋଟ:** (୨୦ଓଭର/୭ ଉଇକେଟ) ୧୧୦।
**ଉଇକେଟ ପତନ:** ୧/୧୧, ୨/୩୫, ୩/୪୦,୪/୪୮, ୫/୭୦, ୬/୯୪, ୭/୯୪।
**ବୋଲିଂ (ନ୍ୟୁଜିଲାଣ୍ଡ)**
ଟ୍ରେଣ୍ଟ ବୋଲ୍ଟ ୪-୦-୨୦-୩
ଟିମ୍ ସୌଦି ୪-୦-୨୬-୧
ମିଚେଲ ସାଣ୍ଟନର ୪-୦-୧୫-୦
ଆଡାମ୍ ମିଲ୍‌ନେ ୪-୦-୩୦-୧
ଇସ୍ ସୋଧୀ ୪-୦-୧୭-୨
**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍ଟିଲ-କ-ଶାର୍ଦ୍ଦୁଳ-ବୋ-ବୁମ୍‌ରା-୨୦
ଡାରିଲ ମିଚେଲ-କ-ରାହୁଲ-ବୋ-ବୁମ୍‌ରା-୪୯
ୱିଲିୟମସନ-ନଟ ଆଉଟ-୩୩
ଡେଭନ କନୱେ-ନଟଆଉଟ-୨
ଅତିରିକ୍ତ-୭
ମୋଟ (୧୪.୩ ଓଭର/୨ ଉଇକେଟ)୧୧୧।
ଉଇକେଟ ପତନ: ୧/୨୪, ୨/୯୬।
**ବୋଲିଂ (ଭାରତ)**
ବରୁଣ ଚକ୍ରବର୍ତ୍ତୀ ୪-୦-୨୩-୦
ଯଶପ୍ରୀତ୍ ବୁମ୍‌ରା ୪-୦-୧୯-୨
ରବୀନ୍ଦ୍ର ଜାଡେଜା ୨-୦-୨୩-୦
ମହମ୍ମଦ ଶାମି ୧-୦-୧୧-୦
ଶାର୍ଦ୍ଦୁଳ ଠାକୁର ୧.୩-୦-୧୭-୦
ହାର୍ଦ୍ଦିକ ପାଣ୍ଡ୍ୟା ୨-୦-୧୭-୦।

# ଲଢୁଆ ମନୋଭାବ ଅଭାବ: କୋହଲି

**ଦୁବାଇ, ୩୧।୧୦ (ପି.ଟି.):** ବ୍ୟାଟିଂ ହେଉ ଅବା ବୋଲିଂରେ ଆମ ଦଳର ଖେଳାଳିଙ୍କ ପାଖରେ ଯଥେଷ୍ଟ ସାହସ ଓ ପରାକ୍ରମର ଅଭାବ ପରିଲକ୍ଷିତ ହୋଇଥିଲା। ଏପରି କି ସେମାନଙ୍କ ବଡି ଲାଙ୍ଗୁଏଜ୍ ମଧ୍ୟ ଠିକ୍ ନ ଥିଲା। ଯାହାଫଳରେ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଭାରତୀୟ ଦଳ ୮ ଉଇକେଟରେ ପରାଜୟ ବରଣ କଲା ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବା ପରିସ୍ଥିତି ସୃଷ୍ଟି ହୋଇଛି। ଠିକ୍ ୭ ଦିନ ପୂର୍ବେ ଖେଳର ସମସ୍ତ ବିଭାଗରେ ଖରାପ ପ୍ରଦର୍ଶନ କରି ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ନିକଟରୁ ୧୦ ଉଇକେଟରେ ହାରିଯାଇଥିଲା। ରବିବାର ଟ୍ରେଣ୍ଟ ବୋଲ୍ଟ, ଇଶ୍ ସୋଧି ଓ ମିଚେଲ ସାଣ୍ଟନର ଚମତ୍କାର ବୋଲିଂ କରି ଭାରତର ସ୍କୋରକୁ ୧୧୦/୭ରେ ସୀମିତ ରଖିଥିଲେ। ଭାରତର ବୋଲିଂ ମଧ୍ୟ ପ୍ରଭାବୀ ନ ଥିଲା। ଫଳରେ ପରାଜୟ ବରଣ କଲୁ ବୋଲି କୋହଲି କହିଛନ୍ତି।

# ଆଫ୍‌ଗାନିସ୍ତାନର ବୃହତ୍ ବିଜୟ

**ଆବୁଧାବି,୩୧।୧୦**

ଟି୨୦ ବିଶ୍ୱକପ୍ ସୁପର-୧୨ ପର୍ଯ୍ୟାୟରେ ଆଫଗାନିସ୍ତାନ ୬୨ରନରେ ନାମ୍ବିଆକୁ ହରାଇଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-୨ ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ନାମ୍ବିଆ ୯ ଉଇକେଟ ହରାଇ ୯୮ ରନରେ ସୀମିତ ରହିଥିଲା। ୨୬ ରନ ବ୍ୟୟକରି ମୂଲ୍ୟବାନ ୩ ଉଇକେଟ ହାସଲ କରିଥିବା ଆଫଗାନିସ୍ତାନ ଦ୍ରୁତ ବୋଲର ନବୀନ ଉଲ ହକ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୬୧ ରନ ଟାର୍ଗେଟର ପିଛା କରି ନାମ୍ବିଆ କ୍ରମାଗତ ଭାବେ ଉଇକେଟ ହରାଇଥିଲା। ଦଳ ତରଫରୁ ଡେଭିଡ୍ ୱାଇଜ ସର୍ବାଧିକ ୨୬ ରନ ସଂଗ୍ରହ କରିଥିବା ବେଳ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନର ନବୀନ ଓ ହମିଦ ହାସନ ୩ଟି ଲେଖାଏ, ଗୁଲବଦୀନ ନାଇବ ୨ ଓ ରସିଦ ଖାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ତରଫରୁ ଓପନର ମହମ୍ମଦ ସାହଜାଦ ସର୍ବାଧିକ ୪୫, ହଜରତୁଲ୍ଲା ଜଜାଇ ୩୩, ଅସଘର ଆଫଗାନ ୩୧ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ମହମ୍ମଦ ନବି ୩୨ ରନକରି ଅପରାଜିତ ରହିଥିଲେ। ନାମ୍ବିଆ ତରଫରୁ ରୁବେନ ଟ୍ରୁମପେଲମାନ ଓ ଜାନ ନିକୋଲ ଲୋଫଟି- ଇଟନ ୨ଟି ଲେଖାଏ, ଜେ.ଜେ. ସ୍ମିଥ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ଟି୨୦ ବିଶ୍ୱକପ**
(ଆଜିର ମ୍ୟାଚ)
**ଇଂଲଣ୍ଡ ବନାମ ଶ୍ରୀଲଙ୍କା**
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ

**ସଂକ୍ଷିପ୍ତ ସ୍କୋର**
ଆଫଗାନିସ୍ତାନ ୨୦ ଓଭରରେ ୧୬୦/୫ (ମହମ୍ମଦ ସାହଜାଦ- ୪୫, ହଜରତୁଲ୍ଲା ଜଜାଇ- ୩୩, ମହମ୍ମଦ ନବି- ୩୨*, ଅସଘର ଆଫଗାନ- ୩୧, ରୁବେନ ଟ୍ରୁମପେଲମାନ- ୨/୩୪, ଜାନ ନିକୋଲ ଲୋଫଟି- ଇଟନ- ୨/୨୧)। ନାମ୍ବିଆ ୨୦ ଓଭରରେ ୯୮/୯(ଡେଭିଡ ୱାଇଜ- ୨୬, ନବୀନ ଉଲ ହକ- ୩/୨୬, ହମିଦ ହାସନ- ୩/୯, ଗୁଲବଦିନ ନାଇବ- ୨/୨୯)।

# ଏଲିଟ୍-ବି’ ଦିନିକିଆ ଲିଗ୍: ତାମିଲନାଡୁକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେର ପିୱାଇସି ଜିମ୍ ଖାନା ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଏଲିଟ୍-ବି- ଦିନିକିଆ କ୍ରିକେଟ ଲିଗ୍‌ରେ ଓଡ଼ିଶା ରବିବାର ତାମିଲନାଡୁକୁ ୮ ଉଇକେଟରେ ପରାସ୍ତ କରିଛି। ତାମିଲନାଡୁ ପ୍ରଥମେ ବ୍ୟାଟିଂ କରି ୪୯.୧ ଓଭରରେ ୨୨୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୪୪.୨ ଓଭରରେ ୨ ଉଇକେଟ ହରାଇ ୨୩୦ ରନକରି ବିଜୟୀ ହୋଇଛି। ଓଡ଼ିଶା ତରଫରୁ ସରିତା ମେହେର ୯୬ ବଲରୁ ୬୩ ଓ ସୁଶ୍ରୀ ଦିବ୍ୟଦର୍ଶନୀ ୬୨ ବଲରୁ ୫୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ସେହିପରି ମାଧୁରୀ ମୋହଟା ୭୮ ବଲରୁ ୪୯, କାଜଲ ଜେନା ୩୦ ବଲରୁ ୪୮ ରନ ସଂଗ୍ରହ କରିଥିଲେ।










ଫାଇନାନ୍ସ ସ୍କିମ୍ ଅଫର୍ ଗୁଡିକ ନିର୍ଦ୍ଦିଷ୍ଟ କଷ୍ଟମରଙ୍କ ପାଇଁ ଚୟନିତ ମଡେଲ୍ ଉପରେ ନିର୍ଦ୍ଦିଷ୍ଟ ଫାଇନାନ୍ସ ପାର୍ଟନରଙ୍କ ନିଜ ଇଚ୍ଛାରେ ଉପଲବ୍ଧ ଏବଂ ଏହା ସେହି ଫାଇନାନ୍ସ କମ୍ପାନୀର ନୀତି ଅନୁଯାୟୀ ଆଧାରିତ । କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ । କ୍ୟାସ୍‌ବ୍ୟାକ୍ ଅଫର୍ ସର୍ବନିମ୍ନ ₹50000ର କାରବାର ଉପରେ କାର୍ଡ ପିଛା ₹5000 ପର୍ଯ୍ୟନ୍ତ 5% କ୍ୟାସ୍‌ବ୍ୟାକ୍ ଦର୍ଶାଯାଇଛି, କେବଳ ଏହା SBI କ୍ରେଡିଟ୍ କାର୍ଡ ମାଧ୍ୟମରେ EMI କାରବାର ଉପରେ, ଅଫର ପିରିୟଡ୍ ସମୟରେ ଲାଗୁ । ସ୍କିମ୍ ବୈଧତା 1 ସେପ୍ଟେମ୍ବର ରୁ 30 ନଭେମ୍ବର 2021. କେବଳ ଚୟନିତ ଡିଲରସିପ୍‌ରେ ସ୍କିମ୍ ଏବଂ ଅଫର ଉପଲବ୍ଧ ଏବଂ ଏହା କୌଣସି ପୂର୍ବ ସୂଚନା ବିନା ଉଠାଇ ଦିଆଯାଇପାରିବ । ହୋଣ୍ଡା ଜୋଏ କ୍ଲବ୍ ଲୟାଲିଟି ମେମ୍ବରସିପ୍ ର କ୍ରୟ ଉପରେ ## ₹5 ଲକ୍ଷର ପର୍ସନାଲ୍ ଆକ୍ସିଡେଣ୍ଟ କଭର ଲାଗୁ । ସମସ୍ତ ଦାବି ଇନ୍ସୁରାନ୍ସ କମ୍ପାନୀର ନିୟମ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିର କରାଯିବ । ଅଧିକ ବିବରଣୀ ପାଇଁ, ଦୟାକରି HJC ହେଲ୍ପଡେସ୍କ କୁ 18005322555 ରେ କଲ୍ କରନ୍ତୁ । *ନିୟମ ଏବଂ ସର୍ତ୍ତାବଳୀ ଲାଗୁ ।
ଏହି ବିଜ୍ଞାପନରେ ଦେଖାଇ ଦିଆଯାଇଥିବା ସମସ୍ତ ବ୍ୟବସାୟ କେବଳ ପ୍ରତିନିଧିତ୍ୱ ଉଦ୍ଦେଶ୍ୟରେ ଦେଖାଇ ଦିଆଯାଉଛି । ଏହି ବିଜ୍ଞାପନରେ ଦେଖାଇ ଦିଆଯାଇଥିବା ଉତ୍ପାଦ (ପ୍ରଡକ୍ଟ) ମାର୍କେଟ୍ ରେ ମିଳୁଥିବା ଉତ୍ପାଦ (ପ୍ରଡକ୍ଟ) ଠାରୁ ଅଲଗା ହୋଇପାରେ । ଉତ୍ପାଦ (ପ୍ରଡକ୍ଟ) ଉପରେ ଦେଖାଇ ଦିଆଯାଇଥିବା ସହାୟକ ଉପକରଣ (ଆସେସୋରି) ଷ୍ଟାଣ୍ଡାର୍ଡ ଉତ୍ପାଦ (ପ୍ରଡକ୍ଟ) ର ଅଂଶବିଶେଷ ନୁହେଁ ।

**Honda Motorcycle & Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

**Honda Exclusive Authorized Dealerships: ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 9776320574; **BANKI:** Shree Honda - 06723-240099, 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734884, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 0671-2304628, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9114900105; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7205028044, 9937083142; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda: 0672236122, 9040650040; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244, 7852930844; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **GAREJ CHACK:** Gugnani Honda - 7008342169, 8144286965; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679.
**For Bulk/Institutional enquiries, please write us at: institutionalsales@honda2wheelersindia.com**

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ୟୁକୋ ବ୍ୟାଙ୍କ ପକ୍ଷରୁ ଭିଜିଲାନ୍ସ ସପ୍ତାହ ପାଳିତ

ସାଲେପୁର,(ଡି.ଏନ୍.ଏ.)- ସାଲେପୁର ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ରବିବାର ଭିଜିଲାନ୍ସ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁରସ୍ଥିତ ବ୍ରଜ ସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାଲେପୁର ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ନିର୍ମଳ ପ୍ରସାଦ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବାଳିକା ଦେଈ ଏଥିରେ ପୌରୋହିତ୍ୟ କରିଥିଲେ। ରତ୍ନାକର ସାହୁ, ଗୌରଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, ଧନେଶ୍ୱର ରାଉତ ଓ ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପରିବା ବଜାରରେ ମହଙ୍ଗା ମାଡ଼

ନିଶ୍ଚିନ୍ତକୋଇଲି,୩୧।୧୦(ସ୍ୱ.ପ୍ର.)

କାର୍ତ୍ତିକ ମାସ ଚାଲିଥିବାରୁ ହବିଷ ପାଳୁଥିବା ଲୋକେ ଆମିଷ ଛାଡି ଏବେ ସାତ୍ତ୍ୱିକ ଖାଦ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଲଗାଣ ବର୍ଷାରେ ସ୍ଥାନୀୟ ଅଞ୍ଚଳର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ବ୍ୟବସାୟୀମାନେ ବାହାର ଜିଲାରୁ ପରିବା କିଣିବାକୁ ବାଧ ହେଉଛନ୍ତି। ହାଟକୁ ମୁଖ୍ୟତଃ ଅନୁଗୋଳ, ଢେଙ୍କାନାଳ, ଚାରିବାଟିଆ ଓ ବାଲେଶ୍ୱର ଅଞ୍ଚଳରୁ ପରିବା ଆମଦାନୀ କରାଯାଉଛି। ଚଢ଼ାଦାମ୍‌ରେ ସେମାନେ ପରିବା ଆଣୁଥିବାରୁ ନିଶ୍ଚିନ୍ତକୋଇଲି ପରିବା ଦର ଆକାଶ ଛୁଆଁ ହୋଇଛି। ଫଳରେ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ପ୍ରାପ୍ତସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ହାଟ ଓ ବଜାରରେ ରବିବାର କିଲୋ ପ୍ରତି ଆଳୁ କିଲୋ ୧୭ଟଙ୍କା, ବିଲାତି ବାଇଗଣ ୫୦ ଟଙ୍କା,ବାଇଗଣ ୬୦ ଟଙ୍କା, କଲରା ୧୦୦ ଟଙ୍କା,ସାରୁ ୪୦ ଟଙ୍କା,ଅମୃତଭଣ୍ଡା ୨୫ ଟଙ୍କା, ବିନ୍‌ସ ୧୦୦ ଟଙ୍କା, ଝୁଡଙ୍ଗ ୪୦ ଟଙ୍କା, ଭେଣ୍ଡି ୮୦ ଟଙ୍କା ଓ ପୋଟଳ ୧୦୦ ଟଙ୍କା ଦରରେ ବିକ୍ରି ହେଉଛି। ସେହିପରି ବନ୍ଧାକୋବି ଗୋଟା ୧୦ ଟଙ୍କା ଓ ଫୁଲକୋବି ୬୦ ଟଙ୍କା ହିସାବରେ ବିକ୍ରିହେଉଛି। ଦରବୃଦ୍ଧି ଯୋଗୁ ହୋଟେଲଗୁଡ଼ିକରେ ଆମିଷ ଥାଳି ଠାରୁ ନିରାମିଷ ଥାଳିର ଦର ବଢ଼ିଯାଇଛି। ଏପରିକି ସାଧାରଣ ନିରାମିଷ ଥାଳି ଦର ୯୦ରୁ ୧୦୦ ଟଙ୍କା ହୋଇଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

"ସ୍ଥାନୀୟ ଚାଷୀଙ୍କ କ୍ଷେତରେ ପରିବା ନ ଥିବାରୁ ବାହାର ଅଞ୍ଚଳରୁ ଚାଲାଣ ପରିବା ଆସୁଛି। ସେଗୁଡ଼ିକୁ ଚଢାଦାମରେ କିଣାଯାଉଥିବାରୁ ଅଧିକ ଦାମ୍‌ରେ ବିକିବାକୁ ପଡୁଛି। ଏଥିସହ ତେଲ ଦର ବଢିଥିବାରୁ ପରିବହନ ଖର୍ଚ୍ଚ ବଢିଛି। ତେଣୁ ପରିବା ଦର ଦିନକୁ ଦିନ ବଢୁଛି।

**-ଜଗନ୍ନାଥ ପଣ୍ଡା, ପରିବା ବ୍ୟବସାୟୀ**

"କାର୍ତ୍ତିକ ମାସରେ ଘରେ ଆମିଷ ପଶୁ ନ ଥିବାବେଳେ ମୁଖ୍ୟତଃ ପରିବା ଉପରେ ରୋଷେଇ ନିର୍ଭର କରୁଛି। ଏପଟେ ରନ୍ଧନ ଗ୍ୟାସ ଦ୍ୱିଗୁଣିତ ହୋଇଥିବା ବେଳେ ପରିବା ଦର ବଢ଼ିଯାଇଥିବାରେ ଅଳ୍ପ ପରିବାରେ ରୋଷେଇ କରିବାକୁ ବାଧ ହେଉଛୁ।

**-ସ୍ୱର୍ଣ୍ଣଲତା ଦାସ, ଗୃହିଣୀ**

"ଏବେ ସବୁ ମହଙ୍ଗା। ପେଟ୍ରୋଲ ଡିଜେଲଠାରୁ ଆରମ୍ଭ କରି ଖାଇବା ତେଲ ଓ ରାଶନ ସାମଗ୍ରୀ ସମେତ ରନ୍ଧନ ଗ୍ୟାସ ଓ ପରିବା ଦର ଦିନକୁଦିନ ବଢିଚାଲିଛି। ଏଭଳିସ୍ଥିତିରେ ସାଧାରଣ ଲୋକେ କ'ଣ ଖାଇ ବଞ୍ଚିବେ ସେନେଇ ଚିନ୍ତାରେ ପଡିଛନ୍ତି। ଏହି ଅବସ୍ଥା ଲାଗି ରହିଲେ ଆଗକୁ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବାର ଆଶଙ୍କା ରହିଛି।

**-ଅମିୟ ବିଶ୍ୱାଳ, ସାମାଜିକ କର୍ମୀ**

## ସଂକ୍ଷେପରେ

### ସ୍ୱାଭାବିକ ହେଲା ମାଛଗାଁ କେନାଲରେ ଜଳ ପ୍ରବାହ

କଟକ ସଦର, ୩୧।୧୦(ଡି.ଏନ୍.ଏ.)- ଦୁଇ ଦିନ ବନ୍ଦ ରହିବା ପରେ ରବିବାର ସନ୍ଧ୍ୟାରେ ମାଛଗାଁ କେନାଲରେ ଜଳ ପ୍ରବାହ ସ୍ୱାଭାବିକ ହୋଇଛି। ଗୁରୁବାର ରାତିରେ ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅଧୀନ ମାଛଗାଁ କେନାଲର ପରମହଂସଠାରେ ଘାଇ ସୃଷ୍ଟି ହୋଇଥିଲା। ଶୁକ୍ରବାର ସକାଳେ ଯୋବ୍ରା ଆନିକଟ୍‌ରୁ ଉକ୍ତ କେନାଲକୁ ଜଳପ୍ରବାହ ବନ୍ଦ କରି ଦିଆଯାଇଥିଲା। ପରେ ଜଗତ୍‌ସିଂହପୁର ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ଶତପଥୀ ଓ ପୂର୍ବାଞ୍ଚଳ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ରାଧାମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଘାଇ ମରାମତି କରାଯାଇଥିଲା।

### ବିରୂପା ନଦୀକୁ ଡେଇଁ ଯୁବକ ନିଖୋଜ

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅଧୀନ ବିରୂପା ନଦୀକୁ ଡେଇଁ ରବିବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ନ ପ୍ରାୟ ୧ଟାରେ ଯୁବକ ଜଣକ ସାଇକେଲରେ ଆସି ବିରୂପା ବ୍ୟାରେଜର ୪ନଂ. ଗେଟ୍ ପାଖରେ ଅଟକିଥିଲେ। ସେଠାରେ ସାଇକେଲ ଓ ଚପଲ ରଖି ନଦୀକୁ ଡେଇଁ ପଡିଥିଲେ। ପରେ ସେ ପାଣିରେ ଭାସିଯାଉଥିବା ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ରିପୋର୍ଟ ଲେଖାଯିବାବେଳକୁ ଯୁବକଙ୍କ ପତ୍ତା ମିଳିପାରିନାହିଁ।

### ରାସ୍ତା ପୁନରୁଦ୍ଧାର ପାଇଁ ଶିଳାନ୍ୟାସ

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ.)- ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡ ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମ ମୁଖ୍ୟରାସ୍ତାର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ ହୋଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏହାର ଶିଳାନ୍ୟାସ କରିଥିଲେ। ପୂର୍ବତନ କାଉନ୍‌ସିଲର ଦିଲ୍ଲୀପ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡା, ସଞ୍ଜୟ ସାମଲ, ପୂର୍ବତନ ପୌରଉପାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଜିଲା ଯୁବ ବିଜେଡି ସଭାପତି ଅର୍ଜୁନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ରାସ୍ତାର ମରାମତି ପାଇଁ ୱାର୍ଡବାସୀ ଦାବି କରିଆସୁଥିଲେ। ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷହେବ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି।

### କମ୍ପାନୀର ଗୋଦାମ ଗୃହ ନିର୍ମାଣକୁ ବିରୋଧ

ଚୌଦ୍ୱାର, ୩୧।୧୦(ଡି.ଏନ୍.ଏ.) ଚୌଦ୍ୱାର ଥାନା ଅଧୀନ ବାଣୀପଦା ପଞ୍ଚାୟତରେ ଏକ ଘରୋଇ କମ୍ପାନୀର ଗୋଦାମ ଗୃହ ନିର୍ମାଣକୁ ଗ୍ରାମବାସୀ ରବିବାର ବିରୋଧ କରିଛନ୍ତି। ଏଥିପାଇଁ ଅପରାହ୍ନରେ ଉକ୍ତ ପଞ୍ଚାୟତର ମଲ୍ଲିକ ସାହି, ସାମଲ ସାହି, ଦେହୁରୀ ସାହି ଓ ବଙ୍ଗାଳି ସାହିର ଲୋକମାନେ ଏକତ୍ରିତ ହୋଇ କୌଣସି ପରିସ୍ଥିତିରେ ଗୋଦାମଗୃହ ନିର୍ମାଣ କରାଯିବାକୁ ଦିଆଯିବନି ବୋଲି ଚେତାବନୀ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବାଣୀପଦା ମୌଜାରେ ଥିବା ଇଡ୍‌କୋର ୬୦ଏକର ଜମିକୁ ଉକ୍ତ କମ୍ପାନୀ ଲିଜ୍‌ରେ ନେଇ ଗୋଦାମ ଗୃହ ନିର୍ମାଣ ପାଇଁ ଯୋଜନା କରିଛି। ଗୋଦାମ ଗୃହ ହେଲେ ଗ୍ରାମବାସୀଙ୍କର ଶ୍ମଶାନ, ଖେଳପଡିଆ, ଗୋଚର ଓ ଚାଷଜମିକୁ ଯାଇଥିବା ରାସ୍ତା ବନ୍ଦ ହୋଇଯିବ। ଏଥିଯୋଗୁ ଭବିଷ୍ୟତରେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ତେଣୁ ଏହାକୁ ବିରୋଧ କରିବା ସହ ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି।



ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖ୍ୱାଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଭୁବନେଶ୍ୱର ଶିଶୁ ଭବନ ଛକରୁ କିନ୍ନରଙ୍କୁ ନେଇ ବାହାରିଥିବା ସାଇକ୍ଲୋଥନ୍।

## କାର-ବାଇକ୍ ମୁହାଁମୁହିଁ: ଚାଳକ ମୃତ

ନିଆଳି,୩୧।୧୦(ଡି.ଏନ୍.ଏ.)

ନିଆଳି-ମାଧବ ରାସ୍ତାର ହଳଦୀବସନ୍ତ ପେଟ୍ରୋଲପମ୍ପ ସମ୍ମୁଖରେ ରବିବାର ସନ୍ଧ୍ୟାରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ସର୍ବେଶ୍ୱର ଦାସଙ୍କ ମୃତ୍ୟୁ ଘଟିଥିବାବେଳେ ଅନିଲ କୁମାର ପାଢୀ ଗୁରୁତ୍ୱର ହୋଇଛନ୍ତି। ଉଭୟଙ୍କ ଘର ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁର ମଠ ସାହିରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ସର୍ବେଶ୍ୱର ଓ ଅନିଲ ବାଇକ୍‌ରେ ଚାରିଛକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର ସହିତ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସର୍ବେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନିଲଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିଆଳି ପୋଲିସ ଓ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଦୁଇଟିକୁ ଜବତ କରି ତଦନ୍ତ ଚଳାଇଛନ୍ତି। କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ରାଷ୍ଟ୍ରର ସୁରକ୍ଷା ପାଇଁ ଶପଥ ନେଲେ କର୍ମଚାରୀ

**ରାଷ୍ଟ୍ରୀୟ ଏକତା ଦିବସ**

କଟକ ଅଫିସ,୩୧।୧୦

ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଓ ଭିଜିଲାନ୍ସ ମୁଖ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଜିପି କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣା ଯୋଗଦେଇ କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା, ଓ ସୁରକ୍ଷା ବଜାୟ ରଖିବା ପାଇଁ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁବୋଧ ମଲ୍ଲିକ, ସହକାରୀ ଦୁର୍ଗପତି ପଙ୍କଜ କୁମାର ନାୟକ, ସୁବେଦାର ଅଶୋକ କୁମାର ବେହେରା, ଇନ୍ସପେକ୍ଟର ପି. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ସେଲ୍ ଡିଭିଜନ ଏସ୍‌ପି ଏମ୍. ରାଧାକ୍ରିଷ୍ଣ ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ପି(ସମନ୍ୱୟ)ପ୍ରଫୁଲ୍ଲ ମିଶ୍ର, କଟକ ଡିଭିଜନ ଏସ୍‌ପି ଅକ୍ଷୟ ମିଶ୍ରଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ, କଟକ ସହକାରୀ ଅଗ୍ନିଶମ ସେବା ଅଧିକାରୀ ଅବନୀକାନ୍ତ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଅଭିରାମ ଦାସ, ଷ୍ଟାଫ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ଅଧକ୍ଷ ଡ. ରାଜେନ୍ଦ୍ର ଦାସ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. କ୍ରିଷ୍ଣାପ୍ରଦା ଦାଶ, ଚେତନ ଶୁକ୍ଳା, ଜ୍ୟୋତିଶେଖର ଜାକ୍‌ତେ, ପ୍ରିନ୍ସ ମହାଜନ, ସୌରଭ ଗୁପ୍ତା, ହାର୍ଦ୍ଦିକ ଜୈନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଯୁବ ଅହମଦିୟା ଇଜତମା ଉଦ୍‌ଯାପିତ

ତିଗିରିଆ,୩୧।୧୦(ଡି.ଏନ୍.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଳ ଜାମା ମସ୍‌ଜିଦ୍‌ରେ ୪ର୍ଥ କଟକ ଜିଲାସ୍ତରୀୟ ଯୁବକ ଓ ବାଳକ ଅହମଦିୟା ଇଜତମା (ବାର୍ଷିକ ପ୍ରତିଯୋଗିତା) ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁବ ଅହମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ ଯୋଗଦେଇ ବିଭିନ୍ନ କ୍ରୀଡ଼ା ଓ ଧର୍ମୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ରୋଶନ ଖାଁ, ଯୁବ ଅହମଦିୟା କଟକ ଜିଲା ସଭାପତି ସଫାଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇଥିଲେ। କଟକ ଜିଲା ଜମାତ୍ ଅହମଦିୟା ସଭାପତି ଅବଦୁଲ ଇସମାଇଲ ଖାଁ ଏଥିରେ ସଭାପତିତ୍ୱ କରିଥିଲେ। ଯୁବ ଅହମଦିୟା ପଙ୍କାଳର ସଭାପତି ୟାମିନ ଖାଁ ଓ କଟକ ଜିଲାମୌଲାନା ହଲିମ ଅହମ୍ମଦ ଏହାକୁ ପରିଚାଳନା କରିଥିଲେ ।

# ଓଡ଼ିଶାର ମଠ, ମନ୍ଦିର ସରକାରୀ ନିୟନ୍ତ୍ରଣମୁକ୍ତ ହେଉ

କଟକ ଅଫିସ, ୩୧।୧୦

ଦେବାଳୟ ବିମୋଚନ ଟ୍ରଷ୍ଟର ଏକ ଜରୁରୀ ବୈଠକ କଟକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଥିବା ମଠ, ମନ୍ଦିରକୁ ସରକାର ନିୟନ୍ତ୍ରଣରେ ରଖିଛନ୍ତି। ତୁରନ୍ତ ଏହାକୁ ନିୟନ୍ତ୍ରଣମୁକ୍ତ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଦାବି ହୋଇଛି। ନହେଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରିବାକୁ ସଙ୍ଗଠନ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ରବିବାର ସକାଳେ ସଙ୍ଗଠନ ପକ୍ଷରୁ ପି.କେ. ଜେନା, ବିଭୂତି ଦାଶ, ତପନ ସାହୁ, ବ୍ରଜକିଶୋର ନାୟକ, ଗୟାଧର ସାମଲ, ରୋଜାଲିନ ବଡ଼ିଆ, ସତ୍ୟନାରାୟଣ ସାହୁ, ଜ୍ଞାନରଞ୍ଜନ ନନ୍ଦଙ୍କ ସହଯୋଗରେ ଜଗତ୍‌ପୁର ଅଞ୍ଚଳର ପୀରବଜାର ଭୈରପୁରରେ ଥିବା ବୃଡଙ୍ଗେଶ୍ୱର ମନ୍ଦିର ସଫେଇ କରାଯାଇଥିଲା। ହିନ୍ଦୁମାନଙ୍କ ହିତ ଦୃଷ୍ଟିରୁ ସମସ୍ତେ ଏକାଠି ହୋଇ ଏଦିଗରେ ଉଦ୍ୟମ କରିବା ସହ ମଠ,ମନ୍ଦିରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ସଙ୍ଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆସନ୍ତା ଡିସେମ୍ବରରେ କଟକ ସହରର ସମସ୍ତ ସାହି ମୁରବୀ, ପୂଜା କମିଟି କର୍ମକର୍ତ୍ତା ଓ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟଙ୍କୁ ନେଇ ଏକ ବୈଠକ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି ।

# କନ୍ଦରପୁର ଥାନା ସମ୍ମୁଖରେ ବିକ୍ଷୋଭ

**ମମିତା ହତ୍ୟା ଘଟଣା**

କଟକ ସଦର, ୩୧।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ରବିବାର କଟକ ସଦର ଭାଜପା ପକ୍ଷରୁ କନ୍ଦରପୁର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଏକ ଦାବିପତ୍ର ଥାନାଧିକାରୀ ବିପିନ ବିହାରୀ ପାଢ଼ୀଙ୍କୁ ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରେ ଭାଜପା ନେତା ଦିଲ୍ଲୀପ ମଲ୍ଲିକ, ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ଯୋଗେନ୍ଦ୍ର ଭୋଇ, ଅଭୟ ସ୍ୱାଇଁ, ନିର୍ମଳ ଦାସ, ପୀୟୂଷ ପରିଡ଼ା ଓ ଚନ୍ଦ୍ରଶେଖର ମଲ୍ଲିକଙ୍କ ନେତୃତ୍ୱରେ କନ୍ଦରପୁର ବଜାରରୁ ଶୋଭାଯାତ୍ରା ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲା। ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁରଜିତ୍



@ ନୂପୁର



@ ରଶ୍ମି



@ ଟିକି



@ ବିକାଶ



@ ବିଷ୍ଣୁ

# ପ୍ରତିଭା ରାୟ ପାଇଲେ ଉତ୍କଳ ରତ୍ନ ସମ୍ମାନ

କଟକ ଅଫିସ, ୩୧।୧୦

ଓଡ଼ିଆ ଭାଷାର ଐତିହ୍ୟ ଓ ପରମ୍ପରା ଆମକୁ ବିଶ୍ୱସ୍ତରରେ ମର୍ଯ୍ୟାଦା ପ୍ରଦାନ କରିଛି। ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ଉତ୍କଳ ସାହିତ୍ୟ ସମାଜର ଅବଦାନ ପ୍ରଶଂସନୀୟ ବୋଲି କବି ରମାକାନ୍ତ ରଥ କହିଛନ୍ତି। କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟଅତିଥି ଭାବେ କବି ରଥ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଥାଶିଳ୍ପୀ ଡ. ସୁଲୋଚନା ଦାସ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ଆଦିତ୍ୟ ପ୍ରତାପ ଧଳ, ସୁନାମଣି ରାଉତ, ରାଜୀବ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ବିଜୟଲକ୍ଷ୍ମୀ ନାୟକ, ସରୋଜିନୀ ମିଶ୍ର, ରୀତା ରାୟ, ଡ. ସାରଦା ପ୍ରସାଦ ମହାନ୍ତି, ସସ୍ମିତା ରାୟ ପ୍ରମୁଖ ଉପସ୍ଥିତଥିଲେ ।



ନିମାପଡ଼ା ଲିଟିଲ୍ ଷ୍ଟାର୍ ପକ୍ଷରୁ ରବିବାର ଆୟୋଜିତ କୁମାର ଉତ୍ସବ, ଫୁଲବଉଳବେଣୀ ସାଂସ୍କୃତିକ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରବିବାର ଓଡ଼ିଶା ପିସିସି ପକ୍ଷରୁ ଭୁବନେଶ୍ୱର ଆଇଜି ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



କଟକ ଶତାବ୍ଦୀ ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## କଂଗ୍ରେସର ପ୍ରଶିକ୍ଷଣ ଶିବିର

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.)-ନିଶ୍ଚିନ୍ତକୋଇଲି ବଜାରରେ ଥିବା ସାଇକୃପା ମଣ୍ଡପରେ ରବିବାର ଜାତୀୟ କଂଗ୍ରେସର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ନିରଞ୍ଜନ ଲେଙ୍କା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କଂଗ୍ରେସ ନେତା ଗିରିଜା ଶଙ୍କର ଦାସ, ଏଲ.ମାଣିକ୍ୟ ପ୍ରଧାନ,ଭୋକାଲି ସେଠି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଦିଲୀପ ରାଉତ, ସଞ୍ଜୟ ବେହେରା ଓ ଦୀପକ ମହାନ୍ତି ଏଥିରେ ସହଯୋଗ କରିଥିଲେ।

# ବ୍ୟାଙ୍କରୁ ଭତ୍ତା ଉଠାଣକୁ ନେଇ ଚିନ୍ତାରେ ହିତାଧିକାରୀ

**କଟକ ସଦର, ୩୧।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୪୯୨୫ ଜଣ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ହିତାଧିକାରୀଙ୍କ ଭତ୍ତା ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଡିସେମ୍ବର ଶେଷ ସୁଦ୍ଧା ଜମା କରାଯିବ। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଟକ ସଦର ବିଡିଓଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା ପାଇଁ ବ୍ଲକ ପକ୍ଷରୁ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ସଂଗ୍ରହ ଆରମ୍ଭ ହୋଇଛି। ଜାନୁୟାରୀରୁ ଭତ୍ତା ଟଙ୍କା ନିକଟସ୍ଥ ବ୍ୟାଙ୍କକୁ ଯାଇ ହିତାଧିକାରୀମାନେ ଉଠାଇପାରିବେ। ଏହାକୁ ନେଇ ବୃଦ୍ଧାବୃଦ୍ଧ ହିତାଧିକାରୀମାନେ ଚିନ୍ତାରେ ପଡି ଯାଇଛନ୍ତି। କାରଣ ସେମାନଙ୍କୁ ପୂର୍ବରୁ ଦିଆଯାଉଥିବା ପଞ୍ଚାୟତ ଅଫିସରୁ ଆଉ ଭତ୍ତାଟଙ୍କା ମିଳିବ ନାହିଁ। ପ୍ରତି ମାସରେ ଖର୍ଚ୍ଚାନ୍ତ ହୋଇ ଜଣେ ସହାୟତାକାରୀଙ୍କୁ ଧରି ତିନି ଚକିଆ ଯାନରେ ବ୍ୟାଙ୍କକୁ ଯିବାକୁ ପଡିବ। ଏଭଳି ପରିସ୍ଥିତିରେ କେହି ବ୍ୟାଙ୍କ ଜରିଆରେ ଭତ୍ତା ନେବା ପାଇଁ ପ୍ରସ୍ତୁତ ନୁହନ୍ତି। ୯୦ ବର୍ଷରୁ ଊର୍ଦ୍ଧ୍ୱ ଅନେକ ହିତାଧିକାରୀଙ୍କ ଘରକୁ ଆସି ପଞ୍ଚାୟତ କର୍ମଚାରୀମାନେ ଟିପଚିହ୍ନ ନେଇ ଟଙ୍କା ଦେଉଥିଲେ। ୭୦୦ ଟଙ୍କା ଭତ୍ତା ପାଇଁ ଗାଡ଼ି ଖର୍ଚ୍ଚ ଦେଇ ବ୍ୟାଙ୍କ ଯିବାକୁ ସମସ୍ତେ ଅନିଚ୍ଛୁକ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମରେ। ୯୫ ବର୍ଷୀୟା ଭାନି ରାଉତ ଶଯ୍ୟାଶାୟୀ। ତାଙ୍କୁ ପଞ୍ଚାୟତ କର୍ମଚାରୀ ଭତ୍ତା ଦେବା ପାଇଁ ଘରକୁ ଆସୁଥିଲେ। ନୂଆ ନିୟମ ହେବା ପରେ ସେ ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଖୋଲିବା ଅବସ୍ଥାରେ ନାହାନ୍ତି। ଅନ୍ୟପକ୍ଷରେ ଟିପଚିହ୍ନ ଦେଇ ଆକାଉଣ୍ଟ ଖୋଲିଥିବା ହିତାଧିକାରୀଙ୍କୁ ବ୍ୟାଙ୍କଗୁଡିକ ଏଟିଏମ୍ କାର୍ଡ ଦେଉନାହାନ୍ତି। କାରଣ ସେମାନେ ତାହାର ବ୍ୟବହାର ଜାଣି ପାରିବେନାହିଁ। ତେଣୁ ନୂଆ ନିୟମ ଲାଗୁ ନ କରିବା ପାଇଁ ହିତାଧିକାରୀମାନଙ୍କ ପକ୍ଷରୁ ଦାବି ହେଉଛି।

"ନୂଆ ନିୟମ ଲାଗୁ ହେଲେ ହିତାଧିକାରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ତେଣୁ ବୃଦ୍ଧାବସ୍ଥାରେ ଚାଲି ପାରୁ ନଥିବା ହିତାଧିକାରୀମାନଙ୍କ ପାଇଁ ଘରକୁ ଆସି ବ୍ୟାଙ୍କ ମିତ୍ରମାନେ ଟଙ୍କା ଦେଲେ ସମସ୍ୟାର ସମାଧାନ ହୋଇଯିବ।

**-ପ୍ରତାପ ମଲ୍ଲିକ, ସଭାପତି, କଟକ ସଦର ବ୍ଲକ କଂଗ୍ରେସ କମିଟି**

"ସବୁ ପଞ୍ଚାୟତରେ ବ୍ୟାଙ୍କ ନଥିବାରୁ ହିତାଧିକାରୀମାନେ ଘରଠାରୁ ୩ରୁ ୫ କିମି ଯାଇ ଆକାଉଣ୍ଟ ଖୋଲିବା କଷ୍ଟସାଧ୍ୟ। ତେଣୁ ବ୍ୟାଙ୍କ ଜରିଆରେ ଭତ୍ତା ଦେବା ନିୟମକୁ ଇଚ୍ଛାଧୀନ କରାଯାଉ।

**-ରାମଚନ୍ଦ୍ର ଗୋଚ୍ଛାୟତ, ପୂର୍ବତନ ସରପଞ୍ଚ, ଦଧିବାମନପୁର ପଞ୍ଚାୟତ**

"ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ପରେ ମଧୁବାବୁ ପେନ୍‌ସନ୍ ହିତାଧିକାରୀଙ୍କୁ ନୂଆ ନିୟମ ପରିସରଭୁକ୍ତ କରାଯିବା ପାଇଁ ସରକାରୀ ଚିଠି ଆସିଲାଣି। ଏଭଳି ଯୋଜନା ହିତାଧିକାରୀଙ୍କ ପାଇଁ ତାଚ୍ଛଲ୍ୟ ସଦୃଶ ହେବ।

**-କମଳାକାନ୍ତ ନାୟକ, ରଟିଲୋ ଗ୍ରାମବାସୀ**

"ସରକାରୀ ନିୟମ ଥିବାରୁ ବ୍ଲକ କର୍ତ୍ତୃପକ୍ଷ ହିତାଧିକାରୀଙ୍କୁ ସାହାଯ୍ୟ କରିବା କଷ୍ଟକର।

**-ରାଜୀବ ଲୋଚନ ପରିଡ଼ା, ବିଡିଓ କଟକ ସଦର**

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ,୩୧।୧୦(ଡି.ଏନ.ଏ)- ମୁଣ୍ଡଳୀ ନିକଟ ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ପୂର୍ବାହ୍ନରେ ମଞ୍ଚେଶ୍ୱର ପଞ୍ଚାୟତ ନୂଆଡ଼ିହ ଗ୍ରାମ ନିକଟରୁ ଜବତ କରିଛି। ସେ ହେଲେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ଏଫ୍-୫ ଅଞ୍ଚଳର ଚନ୍ଦ୍ରମଣି ତ୍ରିପାଠୀ। ସେ ଗତ ୨୮ ତାରିଖରେ ମହାନଦୀକୁ ଡେଇଁ ପଡିଥିଲେ। ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ନୂଆଡ଼ିହ ଗ୍ରାମ ନିକଟ ମହାନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଧବଳେଶ୍ୱର ଫାଣ୍ଡି ଅଧିକାରୀ ବସନ୍ତ କୁମାର ସାଠୁଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଖବରପାଇ ଚନ୍ଦ୍ରମଣିଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ଆଠଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଗୁରୁଡିଝାଟିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. (୩/୨୧) ରୁଜୁ ହୋଇଛି।

### ଚୋରି ଲୁହାଛଡ଼ ଜବତ, ୨ ଗିରଫ

ଚୌଦ୍ୱାର, ୩୧।୧୦(ଡି.ଏନ୍.ଏ.)- ୫୫ ନଂ. ଜାତୀୟ ରାଜପଥର କଜଳଖଣା ଗଡ଼ାସ୍ଥିତ ଏକ କାରଖାନା ନିକଟରୁ ଚୌଦ୍ୱାର ପୋଲିସ ୨୬, ୭୫୦ କିଲୋ ଚୋରି ଲୁହାଛଡ଼ ଜବତ କରିଛି। ଏହି ଘଟଣାରେ କେନ୍ଦୁଝର ଜିଲା ପାଟଣା ଥାନା ଚୁଟିଆପଶି ଗ୍ରାମର ରମାକାନ୍ତ ମହାନ୍ତ ଓ ଚୌଦ୍ୱାର ଟିପିଏମ୍ କଲୋନୀ ଲକ୍ଷ୍ମୀନାରାୟଣ ସାହିର ଅଜୟ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରେଲରରୁ ଲୁହାଛଡ଼ ଚୋରି ହେଉଥିବା ପୋଲିସ ଖବର ପାଇଥିଲା। ଏଏସ୍‌ଆଇ ଫକିରୁଦ୍ଦିନ୍ ଅଲ୍ଲି ଅହମ୍ମଦ ସଦଳବଳ ସେଠାରେ ଚଢାଉ କରି ଚୋରାରଡ଼ ବୋଝେଇ ହୋଇ ରଖାଯାଇଥିବା ଦୁଇଟି ଗାଡି ଓ ୨ଟି ବାଇକ୍ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୪୬୬/୨୧) ରୁଜୁ ହୋଇଛି।

### ସାହିତ୍ୟ ପତ୍ରିକା 'କଳ୍ପନା'ର ପୂଜା ସଂଖ୍ୟା ଉନ୍ମୋଚିତ

କଟକ ଅଫିସ, ୩୧।୧୦- କଳ୍ପନା ସାହିତ୍ୟ, ସାଂସ୍କୃତିକ ଏବଂ ସାମାଜିକ ପରିଷଦ କଟକର ମୁଖପତ୍ର 'କଳ୍ପନା'ର ପୂଜା ସଂଖ୍ୟା ସିଡିଏ ସେକ୍ଟର-୬ସ୍ଥିତ ଶ୍ରୀରାମ ମନ୍ଦିରରେ ଉନ୍ମୋଚିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସତ୍ୟ ରାୟ ମୁଖ୍ୟ ଅତିଥି, ଡ. ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ବୈଷୟିକ ଶିକ୍ଷା ତାଲିମ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଇଂ. ଅଜୟ କୁମାର ପଣ୍ଡା ବିଶିଷ୍ଟ ଅତିଥି, ସୋହାଗିନୀ ବେହେରା, ମାନସୀ ବେହୁରା ବରେଣ୍ୟ ଅତିଥି ଏବଂ ମନୀଷା ରାୟ, ଇଂ. ଭରତ ଚରଣ ବେହେରା, ମନୋଜ ମଞ୍ଜରୀ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ପତ୍ରିକାର ପୂର୍ବ ଏବଂ ପର ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ।

### ଏଆଇଟିୟୁସି ପ୍ରତିଷ୍ଠା ଦିବସ ପାଳିତ

କଟକ ଅଫିସ,୩୧।୧୦- ଏଆଇଟିୟୁସି ୧୦୧ତମ ପ୍ରତିଷ୍ଠା ଦିବସ ବାଲୁବଜାର ପାଳିତପଡାସ୍ଥିତ ନବଯୁଗପ୍ରେସ୍ ଠାରେ ରବିବାର ପାଳିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ରାମଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିଥିବାବେଳେ ଜିଲା ସମ୍ପାଦକ ବିନୋଦ ବେହେରା ଯୋଗଦେଇ ଏଆଇଟିୟୁସି ଦେଶର ସ୍ୱାଧିନତା ସଂଗ୍ରାମ ଓ ଶ୍ରମିକ ଶ୍ରେଣୀର ସଂଗ୍ରାମମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅମରେନ୍ଦୁ ମହାନ୍ତି, ଭ୍ରମରବର ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, ବିପିନୀ ବିହାରୀ ପାଢ଼ୀ, ଶରତ ଚନ୍ଦ୍ର ମଲ୍ଲିକ ଓ ବିପିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




୧୯୭୧ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ଭାରତର ଐତିହାସିକ ବିଜୟପ୍ରାପ୍ତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣିମ ବିଜୟ ବର୍ଷ-୨୦୨୧କୁ ସ୍ୱାଗତ ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଅଶ୍ଳୀଳ ଭିଡିଓ କରି ବ୍ଲାକମେଲିଂ, ବିହାର ଯୁବକ ସୁରଟରୁ ଗିରଫ

**କଟକ ଅଫିସ,୩୧।୧୦**

ନାବାଳିକାଙ୍କ ଅଶ୍ଳୀଳ ଭିଡିଓକରି ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ସିଡିଏ ଫେଜ-୨ ଥାନା ପୋଲିସ ଜଣେ ଯୁବକଙ୍କୁ ଗୁଜରାଟର ସୁରଟରୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବିହାର ମୁଜାଫରପୁର ଅଞ୍ଚଳର ପ୍ରକାଶ କୁମାର(୨୦)। ସେ ସୁରଟର ଏକ ସୂତା ମିଲ୍‌ରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ରବିବାର ଏସିପି ତାପସ ପ୍ରଧାନ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସିପିଙ୍କ ସୂଚନା ଅନୁଯାୟୀ, ସିଡିଏ ଅଞ୍ଚଳର ଜଣେ ନାବାଳିକା ଦଶମ ଶ୍ରେଣୀରେ ପଢୁଥିବାବେଳେ ଲାଇକ୍ ଆପ ଯୋଗେ ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା। ପରେ ଅଭିଯୁକ୍ତ ପ୍ରେମରେ ଫଶାଇ ନାବାଳିକାଙ୍କୁ ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଇବାକୁ ଚାପ ପକାଇଥିଲେ। ହ୍ୱାଟ୍ସଆପ୍‌ରେ ଭିଡିଓ କଲିଂ କରିବା ସମୟରେ ପ୍ରକାଶ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରିନେଇଥିଲେ। ଏ ସମ୍ପର୍କରେ ପୀଡିତା ଜାଣି ନ ଥିଲେ। ପରେ ଅଭିଯୁକ୍ତ ପୀଡିତାଙ୍କୁ କଲ୍ କରିବାବେଳେ ସେ ପାଠପଢାରେ ବ୍ୟସ୍ତ ରହିବା ସହ ଏଡାଇ ଯାଉଥିଲେ। ସେତେବେଳେ ଅଭିଯୁକ୍ତ ଜଣକ ରାଗିଯାଇ ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ଅଶ୍ଳୀଳ ଭିଡିଓ ଓ ଫଟୋକୁ ତାଙ୍କ ଅଭିଭାବକ ଓ ସମ୍ପର୍କୀୟଙ୍କୁ ଶେୟାର କରିଥିଲେ। ଏଥିସହ ଫେସ୍‌ବୁକ୍ ଓ ସୋସିଆଲ ମେଡିଆରେ ମଧ୍ୟ ଉକ୍ତ ଭିଡିଓ ଓ ଫଟୋ ଅପ୍‌ଲୋଡ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୬୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଫେଜ୍-୨ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂ ଓ ସାଇବର ସେଲ୍‌ର ଏସ୍‌ଆଇ ପିଟି ଗଣେଶ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସୁରଟ ଯାଇଥିଲେ। ସେଠାକାର ସାଇବର ସେଲ୍ ସହଯୋଗରେ ଫୋନ ଟ୍ରାକିଂ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩୧।୧୦**

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଥିଲା। ଏହି ଅବସରରେ କମିଟି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ମହାନଦୀର ଗଡଗଡିଆ ଘାଟରେ ତିଳତର୍ପଣ କରାଯାଇଥିଲା। ଏଥିସହ ସେଲ୍ଟରଛକ ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସ୍ଥାନୀୟ ଶିଶୁଭବନ ପରିସରରେ ଥିବା ପଟେଲଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦମାନେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସତ୍ୟାନନ୍ଦ ରାଉତ, ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ନମିତା ମଞ୍ଜରି ସାହୁ, ଚାରୁଲତା ସାହୁ, ତୃପ୍ତି ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ପଦକ୍ଷେପ ନିଆ ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

**କଟକ ଅଫିସ, ୩୧।୧୦**

ଦେଶରେ ପ୍ରତିଦିନ ତୈଳ ଦର ବୃଦ୍ଧି ଯୋଗୁ ପରିବହନ କାର୍ଯ୍ୟ ପ୍ରଭାବିତ ହେଉଛି। ଦେଶର ସ୍ୱାର୍ଥକୁ ସରକାର ଦୃଷ୍ଟିରେ ନ ରଖି ନିଜର ସ୍ୱାର୍ଥ ପାଇଁ ଦରଦାମ ବଢ଼ାଇବା ସହ ଟ୍ରକ ମାଲିକମାନଙ୍କୁ ଶୋଷଣ କରୁଥିବା ରାଜ୍ୟ ଟ୍ରକ ମାଲିକ ସଂଘ ଅଭିଯୋଗ କରିଛି। ଏ ନେଇ ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ଉପସଭାପତି ତଥା ରାଜ୍ୟ ମହାସଂଘର ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀଙ୍କ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟ୍ରକ ମାରଣ ନୀତିକୁ ବିରୋଧ କରିଛନ୍ତି। ଏଥିସହ ତୁରନ୍ତ ଏହାର ସମାଧାନ ପାଇଁ ସେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ଘରୋଇ କମ୍ପାନୀକୁ ଅଟୋମେଟିକ୍ ଫିଟ୍‌ନେସ ସେଣ୍ଟର ଦାୟିତ୍ୱ ଦେଇଛନ୍ତି । ସେହିଭଳି କଟକଠାରେ ଘରୋଇ କମ୍ପାନୀ ମାଧ୍ୟମରେ ଅଟୋମେଟିକ ଫିଟ୍‌ନେସ୍ ସେଣ୍ଟର କାର୍ଯ୍ୟକାରୀ କରାଯାଇଥିବାବେଳେ ଆଗାମୀ ଦିନରେ ସାରା ରାଜ୍ୟରେ ଏହା ଲାଗୁ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୧ ମାର୍ଚ୍ଚରେ ମୋଟରଯାନ ନିୟମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ଓଡ଼ିଶା ସମେତ ବହୁ ରାଜ୍ୟ ସରକାର ବିରୋଧ କରିଥିଲେ। ଅଟୋମେଟିକ୍ ଫିଟ୍‌ନେସ ସେଣ୍ଟରଗୁଡ଼ିକ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଦାବି ହୋଇଥିଲା। ହେଲେ କେନ୍ଦ୍ର ସରକାର ଏହି ନିୟମ ପରିବର୍ତ୍ତନ କରି ସମସ୍ତ ଦାୟିତ୍ୱ ଘରୋଇ କମ୍ପାନୀ ହାତରେ ଟେକିଦେବା ଦ୍ୱାରା ଟ୍ରକ୍‌ଗୁଡ଼ିକର ଫିଟ୍‌ନେସ୍ ହେବାରେ ବାଧା ସୃଷ୍ଟି ହେଉଛି । ଆଗରୁ ଫିଟନେସ ଫି ୫୦୦ ଟଙ୍କା ଥିଲାବେଳେ ଏବେ ଘରୋଇ କମ୍ପାନୀକୁ ୨୫୦୦ଟଙ୍କା ଦେବାକୁ ପଡୁଛି। ଫିଟ୍‌ନେସ୍ ସାର୍ଟିଫିକେଟ୍ ପାଇବା ପାଇଁ ୪୮ ପ୍ରକାରର ପରୀକ୍ଷଣ ବ୍ୟବସ୍ଥା ଅଛି। ଯେଉଁଥିରୁ ମାତ୍ର ୫ଟି ମେଶିନ୍ ଦ୍ୱାରା ପରୀକ୍ଷା ହେଉଥିଲାବେଳେ ଅନ୍ୟ ୪୩ ଟି ପୂର୍ବଭଳି ମାନୁଆଲି ପରୀକ୍ଷା କରାଯାଉଅଛି । ଏଭଳି ବ୍ୟବସ୍ଥା କେବଳ ଘରୋଇ କମ୍ପାନୀକୁ ଅନୁକମ୍ପା ଦେଖାଇବା ପାଇଁ ପ୍ରଚେଷ୍ଟା ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଯେଉଁଥି ପାଇଁ ପଶ୍ଚିମବଙ୍ଗ ଓ ତାମିଲନାଡୁ ସରକାର ଏଭଳି ବ୍ୟବସ୍ଥାକୁ ତାଙ୍କ ରାଜ୍ୟରେ କାର୍ଯ୍ୟକାରୀ ନକରି ସ୍ୱତନ୍ତ୍ର ଆଇନ ତାଙ୍କ ରାଜ୍ୟ ଦ୍ୱାରା ପ୍ରଣୟନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ମଧ୍ୟ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ଦାବି କରିଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ମୋଟର ଯାନ ଆଇନ୍ ୬୭ ଧାରା ଅନୁଯାୟୀ ଟ୍ରକ୍‌ର ସର୍ବନିମ୍ନ ଭଡ଼ା ଧାର୍ଯ୍ୟ କରାଯାଇନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ବୈଷୟିକ କମିଟି ଟ୍ରକ୍ ଭଡ଼ା ଧାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କୁ ବହୁବାର ସୂଚିତ କରିଥିଲେ ମଧ୍ୟ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଲାଗୁକରି ନାହାନ୍ତି। ତୁରନ୍ତ ଆସନ୍ତା ୧ ମାସ ମଧ୍ୟରେ ଏହା ଉପରେ ପଦକ୍ଷେପ ନିଆ ନ ଗଲେ ରାଜ୍ୟ ବ୍ୟାପୀ ଚକାବନ୍ଦ ଆନ୍ଦୋଳନ କରାଯିବ ବୋଲି ମହାସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଓଡ଼ିଶା ଟ୍ରକ ମାଲିକ ସଂଘ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ମହାପାତ୍ର, ସୌମ୍ୟରଞ୍ଜନ ନାୟକ, ବିଜୟ କେତନ ଦାସ, ଗୁରୁଚରଣ ପ୍ରଧାନ, ଦିଲୀପ ଜେନା, ନରେନ୍ଦ୍ର ରାଉତରାୟଙ୍କ ସମେତ ବିଭିନ୍ନ ଟ୍ରକ ମାଲିକ ସଂଘ ସଭାପତି ଓ ସାଧାରଣ ସମ୍ପାଦକ ଯୋଗଦେଇଥିଲେ।

## ଏସ୍‌ସିବି ମେଡ଼ିକାଲ କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁ ମିଳନ

**କଟକ ଅଫିସ, ୩୧।୧୦**

ଓଡ଼ିଶା ଜିଲା ମେଡିକାଲ, ମେଡିକାଲ କଲେଜ, ଜୋନ ମେଡିକାଲ କର୍ମକର୍ତ୍ତାମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ କଟକ ଶିଖରପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ମାନବାଧିକାର କମିଶନର କେନ୍ଦ୍ରୀୟ ସମ୍ପାଦକ ଡା. ଅଜିତ ପ୍ରସାଦ ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୦ଟି ଜିଲା ମେଡିକାଲ, ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ଜୋନ୍ ହସ୍ପିଟାଲର ସମ୍ପାଦକ ଯୋଗ ଦେଇଥିଲେ। ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ସୁନା, ରାଉରକେଲା ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଏଥିରେ ପୌରୋହିତ୍ୟ କରିଥିଲେ। ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ପ୍ରସନ୍ନ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଏବେ ଗୋଟିଏ ରେଜିଷ୍ଟ୍ରେସନ୍ ନମ୍ବର ଉପରେ ୩ଟି ଦଳ କାମ କରୁଛି। ତେଣୁ ସଙ୍ଗଠନ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ରବିବାରଠାରୁ ସଭାପତି, ସାଧାରଣ ସମ୍ପାଦକ, ସହ ସମ୍ପାଦକ, ଯୁଗ୍ମ ସମ୍ପାଦକ, ଉପ ସଭାପତି, କାର୍ଯ୍ୟକାରୀ ସଭାପତି, ସାଙ୍ଗଠନିକ ସମ୍ପାଦକ ପଦବୀଗୁଡ଼ିକ ରଦ୍ଦ କରାଯିବା ସହ ଆଗାମୀ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନହେବା ପର୍ଯ୍ୟନ୍ତ ରାଜ୍ୟ ସଙ୍ଗଠନର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକୁ ରାଜ୍ୟର ମୁଖ୍ୟ ଉପଦେଷ୍ଟା ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମାଧ୍ୟମରେ ପରିଚାଳନା କରାଯିବାକୁ ସ୍ଥିର କରାଯାଇଛି।

## ଲାଇସେନ୍ସ ନ କଲେ ପାଉଁରୁଟି ଫ୍ୟାକ୍ଟ୍ରି ବନ୍ଦ

**କଟକ ଅଫିସ, ୩୧।୧୦**

ସହରରେ କେତେକ ପାଉଁରୁଟି ଫ୍ୟାକ୍ଟ୍ରି ବିନା ଲାଇସେନ୍ସ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଛି। ଗତ ଦିନରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କେତେକ ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇଥିଲା। ଏଥିସହ ସହରର ୬ଟି ପାଉଁରୁଟି ଫ୍ୟାକ୍ଟ୍ରିକୁ ନୋଟିସ୍ ଜାରି କରାଯାଇଛି। ଯଦି ଉକ୍ତ ଫ୍ୟାକ୍ଟ୍ରି ମାଲିକ ଆସନ୍ତା ୮ ଦିନ ମଧ୍ୟରେ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ କରନ୍ତି ତେବେ ଫ୍ୟାକ୍ଟ୍ରିକୁ ବନ୍ଦ କରିଦିଆଯିବ। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ୩ଟି ଫ୍ୟାକ୍ଟ୍ରି ପକ୍ଷରୁ ଲାଇସେନ୍ସ ପାଇଁ ଆବେଦନ କରାଯାଇଛି। ଅନ୍ୟଗୁଡିକୁ ନୋଟିସ୍ ଜାରି କରାଯାଇଛି।




କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ କେଆର୍‌ଟିସିରେ ବାରାକ ଓ ନୂଆ ହଷ୍ଟେଲ ବିଲ୍ଡିଂକୁ ଉଦ୍‌ଘାଟନ କରୁଛନ୍ତି।

No.CAD-1662:- idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, JANPATH, BHUBANESWAR - 751022
Tender Call Notice No. HO/P&C/
EST/E-1517/01/2020/18275/Dated 28.10.2021
NOTICE INVITING TENDER THROUGH e-Procurement

| | | |
|---|---|---|
| Name of the work | : | Providing & laying of D.I. S/S Pipe of 250 mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the district of Nawarangpur. |
| Estimated cost | : | Rs.197.10 lakh (Appx.) |
| Period of completion | : | 4 (Four) months |

Further details can be seen from the e-Procurement Portal- www.tendersodisha.govt.in and Corrigendum, if any, will not be published in newspaper and can only be seen in the e-Procurement Portal- www.tendersodisha.govt.in and IDCO Website- www.idco.in.
Sd./- Chief General Manager (P&C), IDCO, Bhubaneswar
OIPR-14003/11/0095/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KORAPUT
Email: eerwkoraput@yahoo.com, Phone: 06852-251263
No.O-882:- e-Procurement for Road works
Bid Identification No. SERWKPT-Online-13/2021-22
Letter No.5659 Date: 28.10.2021

| | | | |
|---|---|---|---|
| 01 | Name of the work | : | Roads works in the Dist. of Koraput for the year 2021-22 |
| 02 | Total number of works | : | 04 (Four) Nos. |
| 03 | Approximate estimated cost | : | Rs.11.47 lakhs to Rs.74.44 lakhs (approximately) |
| 04 | Class of contractor | : | 'A', 'B' & 'C', 'D' class |
| 05 | Period of completion | : | Within 3 months |
| 06 | Other details | : | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Koraput | Online Tender / 13/RWD-KPT/2021-22 | 01.11.2021 at 11.00 A.M. | 07.11.2021 upto 5.00 P.M. |

Further details can be seen from the website www.tendersodisha.gov.in/ nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B.- Any addendum or corrigendum will be available in the website only.
Sd./- Superintending Engineer, Rural Works Division, Koraput
OIPR-25088/11/0010/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
R.W. (P.H.) DIVISION, BHUBANESWAR
PLOT NO. E3/A & E3/M, NEAR NALCO BHAWAN
P.O.: RRL, CHANDRASEKHARPUR, BHUBANESWAR-13
TEL.- (0674) 2301801, E-MAIL: EERWPHDIVN_BBSR@REDIFFMAIL.COM
e-Procurement Notice for S/I, S/D & W/S to Building works
NOTIFICATION NO. RW PH./Online-59/2021-22

No.O-869:- The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted online in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways/ CPWD/ MES. The bidders should have the necessary Portal Enrolment (With his own Digital Signature Certificate).

| | |
|---|---|
| Name of the work | S/I, S/D & W/S to Building Works (As per Annexure-1) |
| Estimated cost | Rs.5.66 lakhs to 9.89 lakhs (approximately) |
| No. of works | 03 Nos. (Three) |
| Tender paper cost | Rs.4000.00/- each (Non-refundable) |
| Class of contractors | 'D' & 'C' |
| Date & time of availability of bid document in portal | Dt.08.11.2021 from 11.00 A.M. |
| Date of seeking clarification | During office hours from dt.08.11.2021 to 15.11.2021 |
| Last date & time of receipt of bids through online | Dt.17.11.2021 upto 05.00 P.M. |
| Opening of bid document | Dt.18.11.2021 at 11.00 A.M. |
| Digital Signature Certificate | The bidder must possess compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- (Er. Arabinda Jena), Superintending Engineer,
R.W. (P.H.) Division, Bhubaneswar
OIPR-13051/11/0004/2122

NATIONAL COMPETITIVE BIDDING THROUGH e-Procurement
Tel. No.06752222092, e-mail id-eerwpuri@gmail.com
TCN NO. TENDER ONLINE - 08 OF 2021-22.
No.O-879:-
No. 7566 /Dt.21.10.2021
The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2021-22 in the district of Puri. 1. Total No. of works: 1 No. 2 .Tender cost of package: Rs. 51.42 lakhs. 3. Class of contractor: As per DTCN. 4.Period of completion: 2 (Two) calendar months. 5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 01.11.2021 at 11.00 A.M. | 15.11.2021 upto 3.00 P.M. | 12.11.2021 upto 1.00 P.M. | 16.11.2021 at 11.00 A.M. Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".
OIPR-25065/11/0020/2122 Superintending Engineer, R.W. Division, Puri

## ସଂକ୍ଷେପରେ

### ସ୍ୱଚ୍ଛତାର ବାର୍ତ୍ତା ଦେଲା ସେବା ସଂଘ

**ଖୋର୍ଦ୍ଧା ଅଫିସ, ୩୧।୧୦:** ଜରିପୁଟ ବାଲୁଙ୍କେଶ୍ୱର ସେବା ସଂଘ ପକ୍ଷରୁ ତୋଟାପଡ଼ାଠାରୁ ଜରିପୁଟ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ସଫେଇ କରାଯାଇଛି। ସ୍ୱଚ୍ଛତା ଅଭିଯାନର ଶେଷ ଦିବସରେ ସେବା ସଂଘ ସ୍ୱଚ୍ଛତାର ବାର୍ତ୍ତା ଦେଇଛି। ଏହି କାର୍ଯ୍ୟକ୍ରମରେ ସେବା ସଂଘର ସଭାପତି ବିଜୟ ସାମନ୍ତରାୟ, ପ୍ରଶାନ୍ତ ଶ୍ରୀଚନ୍ଦନ, ରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ସେନାପତି, ରମେଶ ହରିଚନ୍ଦନ, ମନୋରଞ୍ଜନନ ମାର୍ଥା, ରାଜକିଶୋର ହରିଚନ୍ଦନ, ହେମନ୍ତ ମାର୍ଥା, ବିଜ୍ଞାନ ପଟ୍ଟନାୟକ, ବାଦଲ ଛୋଟରାୟ, ଅର୍ଜ୍ଜୁନ ମହାପାତ୍ର, ରାଜେଶ ସ୍ୱାଇଁ, ସନ୍ତୋଷ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

### ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୩୧।୧୦:** ବୋଲଗଡ ବ୍ଲକ କଡବ ପଞ୍ଚାୟତ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏହି ଶିବିରକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୧୦୨ ରକ୍ତ ସଂଗ୍ରହ ହୋଇଥିଲା। ଜଣେ ଦୃଷ୍ଟିବାଧିତ ମହିଳା ଓ ଦିବ୍ୟାଙ୍ଗ ଯୁବକ ରକ୍ତଦାନ କରିଥିଲେ। ନୟାଗଡ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତି ହରିହର ଖାଡଙ୍ଗା ଶିବିର ସଂଯୋଜନା କରିଥିଲେ। ଗ୍ରାମରେ ମାସ୍କ ବଣ୍ଟନ ଏବଂ ଚାରାରୋପଣ କରାଯାଇଥିଲା। ଅଭିଷେକ ସିଂ ସାମନ୍ତ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଶ୍ୱିନୀ ପଟ୍ଟନାୟକ, ଦିଲୀପ ଦଣ୍ଡଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବାପୁଜୀ, ଆମ୍ବେଦକର ରୟତ ସୁରକ୍ଷା ମହାମଞ୍ଚର ପ୍ରତିବାଦ ସଭା

**ଜଟଣୀ,୩୧।୧୦(ଡି.ଏନ୍.ଏ.):** ଜଟଣୀ କଣ୍ଠିଆ ଗ୍ରାମଠାରେ ବାପୁଜୀ, ଆମ୍ବେଦକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ରବିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ୨୦୧୩ ମସିହାରୁ ବେଆଇନ ଓ ଜାଲିଆତି କରି ଶହଶହ ବର୍ଷ ଧରି ଭୋଗଦଖଲ କରିଆସୁଥିବା ସ୍ଥିତିବାନ ପ୍ରଜାଙ୍କ ଜମିକୁ ରାତାରାତି ଅମୃତ ମଣୋହି ଦର୍ଶାଇ ହଜାର ହଜାର ଏକର ଜମିକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ପୁରୀଙ୍କ ନାମରେ ରେକର୍ଡ କରିଦିଆଯାଇଛି। ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ କୌଣସି ସମାଧାନ ହୋଇପାରିନାହିଁ। ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ନେତାମାନେ ରୟତମାନଙ୍କ ସମସ୍ୟାକୁ ସମାଧାନ କରୁନଥିବା ଅଭିଯୋଗରେ ପ୍ରତିବାଦ ସଭା କରାଯାଇଥିଲା। ମହାମଞ୍ଚ ସଭାପତି ପଦ୍ମଚରଣ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଛଣଘରକୁଶମାଟି ସରପଞ୍ଚ ସୁନିଲ ରାଉତରାୟ, ହରମୋହନ ରାଉତରାୟ, ମନ୍ମଥ ରାଉତରାୟଉପସ୍ଥିତ ଥିଲେ।

### ଡ.ଗୌରହରି ମିଶ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୩୧।୧୦ (ଡି.ଏନ୍.ଏ.):** ଖୋର୍ଦ୍ଧା ଜଲା ମଳିପଡ଼ାସ୍ଥିତ ବାଙ୍ଗୁର ଶିକ୍ଷା ସଦନର ପ୍ରଧାନଶିକ୍ଷକ ଡ.ଗୌରହରି ମିଶ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଳିପଡ଼ା ପ୍ରସନ୍ନ ପାଟ୍ଟଶାଣୀ ମହାବିଦ୍ୟାଳୟର ସଭାପତି ଦୁଃଶାସନ ଗୁମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପି.ସି.ଚୌବେ, ରାହୁଲ ରାଜ, ରୁମାନା ଜାଫ୍ରି, ଦାମୋଦର ପାତ୍ର, ସହଦେବ ଜୟସିଂହ, ପବିତ୍ର ମୋହନ ଖାଡ଼ଙ୍ଗା, ଯୁଧିଷ୍ଠିର ସାହୁ, ପ୍ରସନ୍ନ ମହାପାତ୍ର, ସତ୍ୟବାନ ଶ୍ରୀଚନ୍ଦନ ଅତିଥିଭାବେ ଯୋଗଦେଇଥିଲେ।

# ଟ୍ରକ୍ ଚକାତଳେ ୨ ମହିଳାଙ୍କ ଜୀବନଗଲା

**ବୋଲଗଡ଼,୩୧।୧୦(ଡି.ଏନ୍.ଏ.)**

■ ଶୌଚ ପାଇଁ ଯିବା ସମୟରେ ଦୁର୍ଘଟଣା
■ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ଶୌଚ ପାଇଁ ଯିବା ସମୟରେ ଏକ ମିନିଟ୍ରକ୍ ଧକ୍କାରେ ରବିବାର ଭୋରରୁ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ କପାସିଆ ଗ୍ରାମର ପର୍ଶୁରାମ ପ୍ରଧାନଙ୍କ ସ୍ତ୍ରୀ ସଞ୍ଜୁବାଳା(୪୫) ଓ ସ୍ୱର୍ଗତ ସନ୍ତୋଷ ମହାପାତ୍ରଙ୍କ ସ୍ତ୍ରୀ ସାବିତ୍ରୀ(୪୪)। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର କପାସିଆ ଠାରେ ୨ଘଣ୍ଟା ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ରବିବାର ଭୋରରୁ ସ୍ନାନଶୌଚାଦି ଉଦ୍ଦେଶ୍ୟରେ ସଞ୍ଜୁବାଳା ଓ ସାବିତ୍ରୀ ଗ୍ରାମରୁ ବାହାରି ରାଜପଥ ପାର୍ଶ୍ୱରେ ଥିବା ବେଳେ ମିନିଟ୍ରକ୍ (ଓଡି ୦୨ ଏବି ୮୪୫୪) ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଭୋର ୫ଟାରୁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବୋଲଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏନେଇ ଥାନା ଅଧିକାରୀ ବିଦିତା ନାୟକ ଘଟଣା ସମ୍ପର୍କରେ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ସସ୍ମିତା ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ହଜାର ଲେଖାଏ ଦିଆଯିବ ବୋଲି ଘୋଷଣା କରିବା ପରେ ସକାଳ ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।



ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଭୁବନେଶ୍ୱର ଶିଶୁ ଭବନ ଛକରୁ କିନ୍ନରଙ୍କୁ ନେଇ ବାହାରିଥିବା ସାଇକ୍ଲୋଥନ୍।

# ହଳଦିଆରେ ଚୋରି, ଲୁଟ୍ ଘଟଣା ବଢୁଛି

## ୨ଦିନରେ ୨ ବଡଧରଣର ଚୋରି

**ଖୋର୍ଦ୍ଧା ଅଫିସ,୩୧।୧୦**

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗଡ଼ହଳଦିଆ ଦେଉଳିସାହିରୁ ଶନିବାର ବିଳମ୍ବିତ ରାତିରେ ବଡ ଧରଣର ଚୋରି ହୋଇଛି। ଗ୍ରାମର ରବିନାରାୟଣ ଭଞ୍ଜସାମନ୍ତଙ୍କ ଘର ପଛପଟ ଗ୍ରୀଲ ତାଡ଼ି ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଯାଇଛନ୍ତି। ରବିବାର ସକାଳେ ରବିନାରାୟଣଙ୍କ ଅଭିଯୋଗ କ୍ରମେ ଟାଉନ ପୋଲିସ ଏକ ମାମଲା(ନଂ. ୪୩୮/୨୧) ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରକାଶ ଯେ, ଦିନକ ପୂର୍ବରୁ ରବିନାରାୟଣଙ୍କ ପଡୋଶୀ ମନ୍ମଥ ଭଞ୍ଜଦେଓଙ୍କ ଘର ପଛପଟ ଗ୍ରୀଲ ତାଡ଼ି ସୁନା ଅଳଙ୍କାର ଲୁଟି ନିଆଯାଇଥିଲା। ହଳଦିଆରେ ଚୋରି, ଲୁଟ ଘଟଣା ବଢ଼ିବାରେ ଲାଗିଛି। ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ପୋଲିସ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଏବିଭିପିର ନୂତନ କାର୍ଯ୍ୟକାରିଣୀ ଗଠିତ

**ଖୋର୍ଦ୍ଧା ଅଫିସ,୩୧।୧୦**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଶାଖାର ନଗର ସମ୍ମିଳନୀ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହସମ୍ପାଦକ ଦେବାଶିଷ ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ଅଜୟ କୁମାର ମିଶ୍ର ସଭାପତି, ଦିଲୀପ କୁମା ଦାସ ଓ ପ୍ରଭାତ ସେଠୀ ଉପସଭାପତି, ଶୁଭଶ୍ରୀ ସାହୁ ନଗର ସମ୍ପାଦିକା, ଅନିଲ ରାଉଳ, ଅନ୍ନପୂର୍ଣ୍ଣା ସ୍ୱାଇଁ, ତରୁ ସାହୁ ପ୍ରମୁଖ ସହସମ୍ପାଦକ ଏବଂ ଚନ୍ଦନ ପାଟ୍ଟଷାଣୀ ଓ ସନ୍ଦିପ ମହାପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହିତ ପାଠ୍ୟକ୍ର, ଷ୍ଟୁଡେଣ୍ଟ ଫର୍ ଡେଭଲପମେଣ୍ଟ, ଷ୍ଟୁଡେଣ୍ଟ ଫର ସେବା, ଛାତ୍ର ସନ୍ଦେଶ, ରାଷ୍ଟ୍ରୀୟ କଳାମଞ୍ଚ ବିଭିନ୍ନ ବିଭାଗର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଘୋଷଣା କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁରଜିତ୍



@ ନୂପୁର



@ ରଶ୍ମି



@ ଟିକି



@ ବିକାଶ



@ ବିଷ୍ଣୁ

# ଶିକ୍ଷକଙ୍କୁ କଚାଡ଼ି ମାରିଲା ହାତୀ

**ନିରାକାରପୁର,୩୧।୧୦(ଡି.ଏନ୍.ଏ.)**

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ବିଜୟ କୁମାର ପଟ୍ଟନାୟକ(୫୯)। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଶିକ୍ଷକ ପଟ୍ଟନାୟକ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ହଠାତ ନିକଟ ଜଙ୍ଗଲରେ ଥିବା ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଚିତ୍କାର ଶୁଣି ସେଠାରେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ଆସିବାରୁ ଏକ ବୁଦା ମୂଳରେ ବିଜୟଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁପାଇଥିଲେ।ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ତାଙ୍କ ଝିଅଙ୍କୁ ଚାକିରି ପ୍ରଦାନ ଦାବିରେ ମୃତଦେହ ଅଟକ ରଖିଥିଲେ। ଖବରପାଇ ନିରାକାରପୁର ଆଇଆଇସି ଗୀତାଞ୍ଜଳୀ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପରେ ଅଗ୍ରୀମ ୪୦ହଜାର ଦିଆଯିବ ପରେ ରିପୋର୍ଟ ଆସିବା ପରେ ଅବଶିଷ୍ଟ ୩ଲକ୍ଷ ୬୦ ହଜାର ମିଳିବ। ସୂଚନାଥାଉ କି, ଟାଙ୍ଗୀ ବନାଞ୍ଚଳରେ ବର୍ତ୍ତମାନ ୨୦ରୁ ଉର୍ଦ୍ଧ୍ୱ ହାତୀ ସନ୍ଧ୍ୟା ହେଲେ ବୁଲୁଥିବା ବେଳେ ରବିବାର ସନ୍ଧ୍ୟାରେ ଜଙ୍କିଆ ମୁଣ୍ଡାଆମ୍ବରେ ୧୭ ହାତୀ ରହିଛନ୍ତି। ସେହିପରି ନିରାକାରପୁର କଲେଜ ପଛ ପଟ ଜଙ୍ଗଲରେ ଏକ ଦନ୍ତା ହାତୀ ବୁଲୁଥିବା ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ ଜଣାଇଛନ୍ତି।

# ଦେଶର ଅଖଣ୍ଡତା ଲାଗି ଏକତା ଜରୁରୀ

**ଖୋର୍ଦ୍ଧା ଅଫିସ/ବୋଲଗଡ଼/ଟାଙ୍ଗୀ/ କୃଷ୍ଣପ୍ରସାଦ,୩୧।୧୦(ଡି.ଏନ୍.ଏ.)**

ଦେଶର ଅଖଣ୍ଡତା ଲାଗି ଏକତା ଜରୁରୀ। କରୋନା ମହାମାରୀ ଲଢେଇରେ ଦେଶରେ ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିବା ଏକତାକୁ ବିଶ୍ୱସ୍ତରରେ ପ୍ରଂଶସା କରାଯାଇଛି। ଏକତା ଦ୍ୱାରା ସମୃଦ୍ଧି ସମ୍ଭବ। ଏକତା ହେଉଛି ଭାରତୀୟଙ୍କ ପରିଚୟ। ଗୋଟିଏ କାଠିକୁ ଭାଙ୍ଗିବା ସହଜ, ମାତ୍ର କାଠିବିଡ଼ାକୁ କେହି ଭାଙ୍ଗି ପାରିବେ ନାହିଁ। ଦେଶବାସୀ ଏକଜୁଟ ହେଲେ ବିଭିନ୍ନ ସମସ୍ୟାର ସଫଳ ସମାଧାନ ହୋଇପାରିବ ବୋଲି ରବିବାର ସିଗ୍ମା ପବ୍ଲିକ ସ୍କୁଲ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସ ଓ ସ୍ୱଚ୍ଛ ଭାରତ ଅଭିଯାନ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ଦୋରା କହିଲେ ଯେ, ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନ ସ୍ମୃତିରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ୨୦୧୪ରେ ଭାରତ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାଧୀନ ଭାରତ ଗଠନ ଓ ୫୬୫ ରାଜରାଜୁଡା ଅଞ୍ଚଳକୁ ମିଶାଇବାରେ ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି ସେ କହିଥିଲେ। ସ୍ୱଚ୍ଛତା ଉପରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ ବାମଦେବ ଶତପଥି, ସୁଜନ କୁମାର ମିଶ୍ର, ଶିକ୍ଷକ ଅଗାଧୁ ଚରଣ ସେଠୀ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସାମାଜିକ କର୍ମୀ ଯୋଗେଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି, ଛାତ୍ରୀଛାତ୍ର, ଶିକ୍ଷକମାନେ ଏକତାର ଶପଥପାଠ କରିଥିଲେ। ପରେ ସ୍କୁଲ ସମ୍ମୁଖରୁ ଆବର୍ଜନା ସଫେଇ କରିଥିଲେ। ସ୍କୁଲ ପରିଚାଳନା କମିଟି ମୁଖ୍ୟ ଶୁଭାଂଶୁ ଶେଖର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକମାନେ ସହଯୋଗ କରିଥିଲେ।

ସେହିପରି ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ୱାଇଆରସି ଓ ଏନ୍‌ସିସିର ମିଳିତ ଆନୁକୂଲ୍ୟରେ ରବିବାର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକତା ପାଇଁ ଗଣଦୌଡ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁଧାକର ସାମାନ୍ତରାୟ ଯୋଦେଇଥିଲେ। ଭବାନୀ ପ୍ରସାଦ ପଟ୍ଟନାୟକ, ସୁନୀଲ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। ଏହି ଅବସରରେ ପୂର୍ବରୁ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଗାନ୍ଧୀ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ମିଶ୍ର, ରଞ୍ଜନ ଦାଶ, ଭଞ୍ଜ କିଶୋର ଯତି, ଅଜୟ ସାହୁ, ସନ୍ତୋଷ ବୈରୀଗଞ୍ଜନ, ଦୀପକ ଜେନା, ରଶ୍ମିରାଣୀ ସୁବୁଦ୍ଧି, ଲିପିକା ପ୍ରିୟଦର୍ଶିନୀ, ସୁଚିତ୍ରା ପଟ୍ଟନାୟକ, ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପଣ୍ଡା ଧନ୍ୟବାଦ ଦେଇଥିଲେ । ଟାଙ୍ଗୀ ସାହିତ୍ୟ ଘର ପକ୍ଷରୁ ବଳରାମ ଦେବ ମନ୍ଦିର ଠାରେ ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ପଟେଲ ସ୍ୱାଧୀନତା ସଂଗ୍ରାମୀ ଭାବେ ଜୀବନ ବ୍ୟାପି କାର୍ଯ୍ୟ କରିଥିଲେ। ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାହ୍ନୁ ଚରଣ ମିଶ୍ର, ବାସୁଦେବ ସିଂ, ଧୋବେଇ ବେହେରା, ଶ୍ୟାମସୁନ୍ଦର ବିଶ୍ୱାଳ, କୁନ୍ତଳା ସାହୁ ଉପସ୍ଥିତ ଥିଲେ।କୃଷ୍ଣପ୍ରସାଦ ବ୍ଲକ କନ୍ଦାଖାଇ ମହାବିଦ୍ୟାଳୟ +୨ ଏନ୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । କଲେଜ ଛକ ଠାରୁ ପଞ୍ଚୁଦୋଳ ପଡିଆ ପର୍ଯ୍ୟନ୍ତ ଏକତା ପାଇଁ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା ରାଷ୍ଟ୍ରର ଅଖଣ୍ଡତା ପ୍ରତି ସଚେତନ ରଖି ନିଜକୁ ନିୟୋଜିତ କରିବାକୁ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଇଂଲିଶ ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ଦିଲୀପ ଦଳାଇ, ରମାନାଥ ପ୍ରଧାନ, ସୁକାନ୍ତ ଜେନା, ଅନିରୁଦ୍ଧ ସାହୁ, ଏସ.କେ ଉହାବ୍, ପାଣ୍ଡବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତ ସିଏଫ୍‌ଓ କୋଲକାତାରୁ ଗିରଫ

**ଜଟଣୀ,୩୧।୧୦(ଡି.ଏନ୍.ଏ.)**

**ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଟଙ୍କା ହେରଫେର ମାମଲା**

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଟଙ୍କା ହେରଫେର ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଜଟଣୀ ପୋଲିସର ଏକ ଟିମ୍ କୋଲକାତାରୁ ଗିରଫ କରିଛି। ସେ ହେଲେ ଉକ୍ତ ବିଶ୍ୱବିଦ୍ୟାଳୟର ଚିଫ୍ ଫାଇନାନ୍ସିଆଲ ଅଫିସର(ସିଏଫ୍‌ଓ) ହିମାଂଶୁ ଶେଖର କବି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଏହି ବିଶ୍ୱବିଦ୍ୟାଳୟର ସିଏଫ୍‌ଓ ହିମାଂଶୁ ଶେଖର ୩ଜଣ ସହଯୋଗୀଙ୍କ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରୁ ବିଭିନ୍ନ ସମୟରେ ୧କୋଟି ୩ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲେ। ଗତ ଜାନୁୟାରୀରେ ଅଡିଟ୍ ସମୟରେ ବିଶ୍ୱବିଦ୍ୟାଳୟର ଟଙ୍କା ହେରଫେର ହୋଇଥିବା ନେଇ ଜଣାପଡ଼ିଥିଲା। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ସୁଜିତ୍ ରଞ୍ଜନ ଘଡେଇ, ନିଲିଲକ୍ଷ୍ୟ ନାୟକ ଓ ଅମିତ ମଲ୍ଲିକଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସିଏଫ୍‌ଓ ଫେରାର ହୋଇଯାଇଥିଲେ।



ନିମାପଡ଼ା ଲିଟିଲ୍ ଷ୍ଟାର୍ ପକ୍ଷରୁ ରବିବାର ଆୟୋଜିତ କୁମାର ଉତ୍ସବ, ଫୁଲବଉଳବେଣୀ ସାଂସ୍କୃତିକ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରବିବାର ଓଡ଼ିଶା ପିସିସି ପକ୍ଷରୁ ଭୁବନେଶ୍ୱର ଆଇଜି ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



କଟକ ଶତାବ୍ଦୀ ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ସରପଞ୍ଚଙ୍କ ସ୍ୱାମୀଙ୍କୁ ଖଣ୍ଡାରେ ଆକ୍ରମଣ

କଣାସ,୩୧।୧୦(ଡି.ଏନ୍.ଏ.): ବଡ଼ାସ ସରପଞ୍ଚଙ୍କ ସ୍ୱାମୀ ବଳରାମ ପଲେଇଙ୍କୁ ଦୋକନ୍ଦା ଗ୍ରାମରେ ଜଣେ ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଣାସ ପୋଲିସ ଏକ ମାମଲା(ନଂ.୨୫୧/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସମ୍ପୃକ୍ତ ଯୁବକ ଜଣଙ୍କ ପୂର୍ବରୁ ବଳରାମଙ୍କ ଘରେ ବୋମା ପକାଇବା ଘଟଣାରେ ଏକ ବର୍ଷ ଜେଲ ଯାଇଥିଲେ। ୨ମାସ ତଳେ ଯୁବକ ଜଣଙ୍କ ଜେଲରୁ ମୁକୁଳିଥିଲେ। ଗତ ୨୯ତାରିଖରେ ବଳରାମ କଣାସ ବଜାରରୁ ବଡାସ ଗ୍ରାମକୁ ଫେରୁଥିବା ବେଳେ ଦୋକନ୍ଦା ରାସ୍ତାରେ ପୂର୍ବରୁ ଲୁଚି ରହିଥିବା ସମ୍ପୃକ୍ତ ଯୁବକ ଜଣକ ହଠାତ୍ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ବଳରାମଙ୍କୁ ଚିକତ୍ସା ପାଇଁ କଣାସ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ବଳରାମଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ନିୟମିତ ପାଇଁ ଦାବି କଲା ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ବାରମ୍ବାର ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଛି। ରାଜ୍ୟ ସରକାର ବିଭିନ୍ନ ସମୟରେ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ଦାବିକୁ ସହୃଦୟତାର ସହ ବିଚାର କରି ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ସମେତ ପାରିଶ୍ରମିକ ମଧ୍ୟ ବୃଦ୍ଧି କରି ଆସିଛନ୍ତି। ଗତ କିଛିଦିନ ତଳେ ରାଜ୍ୟ ସରକାର ରାଜ୍ୟରେ ନିଯୁକ୍ତିପ୍ରାପ୍ତ ଠିକା ପଦବୀକୁ ଉଚ୍ଛେଦ କରି ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀ ଭାବରେ ଗ୍ରହଣ କରିବା ପାଇଁ ଘୋଷଣା କରିଛନ୍ତି। ଯାହା ଫଳରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ କାର୍ଯ୍ୟରତ ହଜାର ହଜାର ଠିକା କର୍ମଚାରୀ ଉପକୃତ ହେବେ। କିନ୍ତୁ ଏହି ପ୍ରକ୍ରିୟାରେ ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ କାର୍ଯ୍ୟ କରୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମସ୍ୟାକୁ ବିଚାର କରାଯାଇ ନାହିଁ। ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବରେ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକ (୫,୪୫୨ଟଙ୍କା)ରେ ଶିକ୍ଷାଦାନ କରି ଆସୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ ହତାଶାର ଭାବ ସୃଷ୍ଟି କରିଛି। ରାଜ୍ୟରେ ପ୍ରାଥମିକସ୍ତରରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ କରୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଦାବିକୁ ବିଚାରକୁ ନେଇ ଓ ସେମାନଙ୍କୁ ଅସ୍ଥାୟୀ ଶିକ୍ଷକ ପରିବର୍ତ୍ତେ ସ୍ଥାୟୀ କଳା ଓ କ୍ରୀଡ଼ା ଶିକ୍ଷକ ଭାବରେ ନିୟମିତ କରିବା ପାଇଁ ମଧ ମହାସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଦାବି ପତ୍ର ପ୍ରଦାନ କରାଯାଇଛି।

### ସିଆଇଏସ୍ଏଫ୍ ବାରାକରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ):କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଓଡ଼ିଶା ଗସ୍ତରେ ଆସି ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍ଏଫ୍ କେଆର୍‌ଟିସିରେ ପହଞ୍ଚିଥିଲେ। ମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ସହ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସେଠାରେ ୧୮୦ ପୁରୁଷ ବାରାକ ଏବଂ ୩୨ ପୁରୁଷ ସବ୍ ଅଫିସ୍‌ର ନୂତନ ହଷ୍ଟେଲ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସେରିମନିଆଲ ଗ୍ରାଉଣ୍ଡ୍ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ଯୋଗ ଏବଂ ଶାରୀରିକ ପ୍ରଶିକ୍ଷଣ ପ୍ରଦର୍ଶନ ଶିବିରରେ ମଧ୍ୟ ସେ ଯୋଗ ଦେଇଥିଲେ।

# ଠକେଇ ପାଇଁ ଜାଲ୍ କମ୍ପାନୀ

■ଜାଲ୍ କାଗଜପତ୍ରରେ ୧୦ଲକ୍ଷ ଠକେଇ

■୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଠକେଇ ପାଇଁ ଜାଲ୍ କମ୍ପାନୀ ଖୋଲିଥିଲେ। ଜାଲ୍ କର୍ମଚାରୀଙ୍କ ନାଁରେ ଜାଲ୍ କାଗଜପତ୍ର ତିଆରି କରି ଏକ ଅର୍ଥ ଲଗାଣକାରୀ ସଂସ୍ଥାରୁ ୧୦ଲକ୍ଷ ଋଣ ନେଇଥିଲେ। ଆଉ ୨୦ ଲକ୍ଷ ଋଣ ନେବା ପୂର୍ବରୁ ଧରାପଡିଯାଇଥିଲେ। ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ୪ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ରହୁଥିବା ଗଞ୍ଜାମ ଜିଲା ସଦର ଥାନାଞ୍ଚଳର ମମତା ପାତ୍ର(୪୭), ଅନୁଗୋଳ ଜିଲା ତାଳଚେର ଅଞ୍ଚଳର ସୁନନ୍ଦ କୁମାର ସାମଲ(୨୯), କଟକ ଆଠଗଡ ଅଞ୍ଚଳର ସନ୍ତୋଷ କୁମାର ସାମଲ(୨୬) ଓ ଚୌଦ୍ୱାର କପିଳେଶ୍ୱର ଗ୍ରାମର ଭରତ କୁମାର ଲେଙ୍କା(୩୭)। ଏମାନଙ୍କଠୁ ପୋଲିସ ୨ ଲକ୍ଷ ୧୭ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ତଥା ଜାଲ୍ କମ୍ପାନୀର ମାଲିକ ସନ୍ତୋଷ କୁମାର ଜେନା ଫେରାର ଥିବାରୁ ତାଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଏମାନେ ଏପରି ଜାଲ୍ କାଗଜପତ୍ର ଦେଇ ଏକାଧିକ ଅର୍ଥଲଗାଣକାରୀ ସଂସ୍ଥାକୁ ଠକିଥିବା ପୋଲିସ ସନ୍ଦେହ କରି ଖୋଳତାଡ଼ କରୁଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସନ୍ତୋଷ କୁମାର ଜେନା ୨୦୧୭ରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଏକ ଘର ଭଡା ନେଇ ଉକ୍ତ ଠିକଣାରେ ନ୍ୟାଶନାଲ ସେଣ୍ଟର ଫର୍ ଏନର୍ଜି ମାନେଜମେଣ୍ଟ (ଏନ୍‌ସିଇମ୍) ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଏକ ଜାଲ୍ କମ୍ପାନୀ ଖୋଲିଥିଲେ। ଉକ୍ତ କମ୍ପାନୀରେ ସେ ୯ରୁ ୧୦ଜଣ କର୍ମଚାରୀ ରଖି ସୋଲାର୍ ଉପକରଣ ବିକ୍ରି କରୁଥିବାର କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏପରିକି ସୁନନ୍ଦ ଓ ସନ୍ତୋଷ ସହସହନିର୍ଦ୍ଦେଶକ ଥିବା କାଗଜପତ୍ରରେ ଉଲ୍ଲେଖ କରୁଥିଲେ। ଅକ୍ଟୋବର ୧୦ରେ ସେ ଭରତ କୁମାର ଲେଙ୍କାଙ୍କୁ ନିଜ କମ୍ପାନୀର କର୍ମଚାରୀ ଦର୍ଶାଇ ତାଙ୍କ ନାମରେ ଅର୍ଥ ଲଗାଣକାରୀ ସଂସ୍ଥା ବଜାଜ୍ ଫାଇନାନ୍ସ ସର୍ଭିସେସ୍‌ରୁ ୧୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ଏଥିପାଇଁ ସେ ଭରତଙ୍କ ନାମରେ ୧ ଲକ୍ଷ ୩୨ ହଜାର ଟଙ୍କାର ଏକ ଜାଲ୍ ସାଲାରି ସ୍ଲିପ୍ ତିଆରି କରି ଉକ୍ତ ସଂସ୍ଥାରେ ଦାଖଲ କରିଥିଲେ। ତେବେ ଋଣ ମିଳିସାରିବା ପରେ ସେ ସନ୍ତୋଷ ତାଙ୍କ ସ୍ତ୍ରୀ ମମତା ଓ ପ୍ରକାଶ ପ୍ରଧାନଙ୍କ ନାମରେ ୨୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ମମତାଙ୍କୁ ତାଙ୍କ କମ୍ପାନୀର ଏଜିଏମ୍ ଦର୍ଶାଇ ଦରମା ୨ ଲକ୍ଷ ୨୫ ହଜାର ଟଙ୍କା ବୋଲି ଦାଖଲ କରିଥିବା ନକଲି ସାଲାରି ସ୍ଲିପ୍‌ରେ ଦର୍ଶାଇଥିଲେ। ତେବେ ବଜାଜ ଫାଇନାନ୍ସର ମ୍ୟାନେଜର ବିଭୁକଲ୍ୟାଣ ଶତପଥୀଙ୍କ ସନ୍ଦେହ ହେବାରୁ ସେ ସବୁକିଛି ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମାମଲା (ନଂ.୫୦୪/୨୧) ରୁଜୁ କରିବା ସହ ପଦକ୍ଷେପ ଗ୍ରହଣ କରିଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ସାଁପୁର ପଣ୍ଡାକୁଦିଆ ବସ୍ତିର ପ୍ରଫୁଲ୍ଲ ଦାସ(୩୦)। ସୂଚନା ଅନୁଯାୟୀ, ନାବାଳିକା ଜଣକ ଶନିବାର ଦିନ ପ୍ରାୟ ୧ଟାବେଳେ ସ୍କୁଲରୁ ଫେରୁଥିଲେ। ସାଁପୁର ଛକ ନିକଟରେ ଅଭିଯୁକ୍ତ ପ୍ରଫୁଲ୍ଲ ତାଙ୍କୁ ଅଟକାଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଜିମା ଦେଇଥିଲେ। ପୋଲିସ ଏନେଇ ମାମଲା (ନଂ.୩୭୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସାହିତ୍ୟିକା ଶରତ କୁମାରୀ ଷଡଙ୍ଗୀଙ୍କ ସ୍ମୃତିରେ

ଭୁବନେଶ୍ୱର,୩୧।୧୦

ବିଶିଷ୍ଟ ସାହିତ୍ୟିକା ଶରତ କୁମାରୀ ଷଡ଼ଙ୍ଗୀଙ୍କ ପରଲୋକକୁ ଇତି ମଧ୍ୟରେ ୧ବର୍ଷ ହୋଇଛି। ତାଙ୍କର ଅବର୍ତ୍ତମାନ ତାଙ୍କୁ ଭଲପାଉଥିବା ପ୍ରତ୍ୟେକଙ୍କୁ ବ୍ୟଥିତ କରୁଛି। ଏବେବି ଝୁରି ହେଉଛନ୍ତି ଶୋକସନ୍ତପ୍ତ ପରିବାରବର୍ଗ। ତୁମେ ଯେ ଶାରୀରିକ ଭାବରେ ଆମ ପାଖରେ ନାହଁ ଏକଥା ଆମେ ଆଦୌ ବିଶ୍ୱାସ କରିପାରୁନାହୁଁ। କେତେ ଶୀଘ୍ର ଏକ ବର୍ଷ ଅତିକ୍ରାନ୍ତ ହୋଇଗଲା। ହେଲେ ତୁମର ଅନାବିଳ ସ୍ନେହମମତା, ତ୍ୟାଗନିଷ୍ଠ, ନୀତିନିଷ୍ଠ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଆମ ପାଇଁ ସଦା ଅନୁସରଣୀୟ ହୋଇ ରହିବ। ଅବିନଶ୍ୱରଙ୍କ ଏ ନିର୍ମମ ଲୀଳା ବୈଚିତ୍ର୍ୟ ଆମପରି ନଶ୍ୱର ଶରୀରଧାରୀଙ୍କ ପାଇଁ ସତରେ ବଡ଼ ଦୁର୍ବିସହ ବୋଲି ସ୍ୱାମୀ ହରିହର ଷଡ଼ଙ୍ଗୀ କହିଛନ୍ତି। ତୁମ ଶାରୀରିକ ଅନୁପସ୍ଥିତିରେ ଆମ ମନ ଅଗଣା, ଘର ଅଗଣା, ପୂଜା ଘର, ତୁଳସୀ ଚଉରା, ତୁମ ସୃଜନକକ୍ଷ ସବୁଠି ଗୋଟେ ଗୋଟେ ଅପୂରଣୀୟ ବିରାଟ ଶୂନ୍ୟତା, ଆଉ କେବଳ ଖାଲି ଖାଲି ପଣ। ଆମ ମନୋଭୂମି, ଭାବଭୂମି ଓ କର୍ମଭୂମିରେ କିନ୍ତୁ ତୁମେ ଚିର ଭାସ୍ୱର। ତୁମପରି ଜଣେ ପରୋପକାରୀୟ ଜୀବନ ନେଇ ବଞ୍ଚିବାକୁ ଭଲ ପାଉଥିବା ସତ୍ୟ ପଥଆଶ୍ରୟୀ, ତ୍ୟାଗର ଜୀବନ୍ତ ପ୍ରତିମା, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷୟିତ୍ରୀ, ସୁଗୃହିଣୀ, ସ୍ୱନାମଧନ୍ୟା ସାହିତ୍ୟିକା ଭଳି ବହୁମୁଖୀ ପ୍ରତିଭା ସମ୍ପନ୍ନ ସର୍ବୋପରି ଜଣେ ଅମୃତ ହୃଦୟଧାରୀ ଦେବୀ ପ୍ରତିମାଙ୍କ ଯେ ଆମେ ଅଂଶ, ଏହା ଆମ ପାଇଁ ପରମ ସୌଭାଗ୍ୟ ବୋଲି ହରିହର କହିଛନ୍ତି।



୧୯୭୧ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ଭାରତର ଐତିହାସିକ ବିଜୟପ୍ରାପ୍ତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣିମ ବିଜୟ ବର୍ଷ-୨୦୨୧କୁ ସ୍ୱାଗତ ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ,୩୧।୧୦(ଡି.ଏନ.ଏ)

ମୁଣ୍ଡଳୀ ନିକଟ ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ପୂର୍ବାହ୍ନରେ ମଞ୍ଜେଶ୍ୱର ପଞ୍ଚାୟତ ନୂଆଡ଼ିହ ଗ୍ରାମ ନିକଟରୁ ଜବତ କରିଛି। ସେ ହେଲେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ଏଫ୍-୫ ଅଞ୍ଚଳର ଚନ୍ଦ୍ରମଣୀ ତ୍ରିପାଠୀ। ସେ ଗତ ୨୮ ତାରିଖରେ ମହାଦୀକୁ ଡେଇଁ ପଡିଥିଲେ। ବହୁ ଖୋଜାଖୋଜି କରାଯାଇଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ନୂଆଡ଼ିହ ଗ୍ରାମ ନିକଟ ମହାନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଧବଳେଶ୍ୱର ଫାଣ୍ଡି ଅଧିକାରୀ ବସନ୍ତ କୁମାର ସାଠୁଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଖବରପାଇ ଚନ୍ଦ୍ରମଣୀଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ଆଠଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଗୁରୁଡିଝାଟିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. (୩/୨୧) ରୁଜୁ ହୋଇଛି।

# ପାସେଞ୍ଜର ଟ୍ରେନ ଚଳାଚଳ ଦାବିରେ ଧାରଣା

ଖୋର୍ଦ୍ଧା ଅଫିସ/ଜଟଣୀ/ନିରାକାରପୁର, ୩୧।୧୦ (ଡି.ଏନ୍.ଏ.)

କରୋନା ପାଇଁ ପାସେଞ୍ଜର ଟ୍ରେନ ଚଳାଚଳ ବନ୍ଦ ରହିଛି। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ତୈଳଦର ବୃଦ୍ଧି ଯୋଗୁ ସାଧାରଣ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ପେଟ୍ରୋଲ ବୃଦ୍ଧି ସହିତ ଗାଡ଼ି ଭଡ଼ା ମଧ ବଢିବାରେ ଲାଗିଛି। ତାପଙ୍ଗ ଷ୍ଟେସନ ଦେଇ ଯାତାୟତ କରୁଥିବା ପାସେଞ୍ଜର ଟ୍ରେନ ଚଳାଚଳ ଦୀର୍ଘ ଦୁଇ ବର୍ଷ ହେବ ବନ୍ଦ ରହିଛି। ଏହି ଷ୍ଟେସନ ଉପରେ ସରକାରୀ ଚାକିରିଆ, ଫୁଟପାଥ ବ୍ୟବସାୟୀ, ଦିନମଜୁରିଆ, ଶ୍ରମିକ, ଛାତ୍ରୀଛାତ୍ର ନିର୍ଭର କରନ୍ତି। ତେବେ ଟ୍ରେନ ଚଳାଚଳ ବନ୍ଦ ରହିଥିବାରୁ ସେମାନେ ହଇରାଣ ହେଉଛନ୍ତି। ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ତାପଙ୍ଗ ଷ୍ଟେଶନ ପାଖରେ ତାପଙ୍ଗ ଡେଲି ଟ୍ରେନ ପାସେଞ୍ଜର ଆସୋସିଏଶନ ପକ୍ଷରୁ ରବିବାର ପୂର୍ବାହ୍ନରେ ଧାରଣା ଦିଆଯାଇଥିଲା। ଅନୁଷ୍ଠାନର ରାଜ୍ୟ ସଂଯୋଜକ ରାମଶଙ୍କର ଯୋଗଦେଇ ପାସେଞ୍ଜର ଟ୍ରେନ ଚଳାଚଳ ତୁରନ୍ତ ଆରମ୍ଭ କରିବାକୁ ଦାବି କରିଛନ୍ତି।

ସେହିପରି ଖୋର୍ଦ୍ଧାରୋଡ(ଜଟଣୀ) ଡେଲି ପାସେଞ୍ଜର ଆସୋସିଏଶନ ସଭାପତି ଅର୍ଜ୍ଜୁନ ଚରଣ ମାମନ୍ତରାୟଙ୍କ ସଭାପତିତ୍ୱରେ ଗଣଧାରଣା ଦିଆଯାଇଥିଲା। ଏଥିସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋରଧାରୋଡ ରେଳ ଷ୍ଟେଶନ ମାଷ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରେଳ ଯାତ୍ରୀ ସଂଘ ପକ୍ଷରୁ ତାପଙ୍ଗ ରେଳ ଷ୍ଟେଶନ ଆଗରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଏକ ଦାବିପତ୍ର ରେଳ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଖୋର୍ଦ୍ଧାରୋଡ ପୂର୍ବତଟ ରେଳ ବିଭାଗର ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ତାପଙ୍ଗ ଷ୍ଟେଶନ ପରିଚାଳକଙ୍କୁ ପ୍ରଦାନ କରାଯାଇଥିଲା। ସଂଘ ସଭାପତି ସୌମ୍ୟ ରଞ୍ଜନ ହରିଚନ୍ଦନଙ୍କ ନେତୃତ୍ୱରେ ଭାସ୍କର ମାହାରଣା, ଗଜେନ୍ଦ୍ର ବରାଳ, ସପନ୍ ପଟ୍ଟନାୟକ, ପ୍ରଦୀପ ଚୌଧୁରୀ, ରଞ୍ଜନ ମହାପାତ୍ର, ରମା ଭୋଇ, ସୁଲୋଚନା ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ନିରାକାରପୁର ଷ୍ଟେଶନରେ ମଧ ଗଣଧାରଣା ଦିଆଯାଇ ଷ୍ଟେଶନ ପରିଚାଳକଙ୍କୁ ଦାବିପତ୍ର ଦିଆଯାଇଛି।

## ଲାଇସେନ୍ସ ନକଲେ ପାଉଁରୁଟି ଫ୍ୟାକ୍ଟ୍ରି ବନ୍ଦ

କଟକ ଅଫିସ, ୩୧।୧୦

ସହରରେ କେତେକ ପାଉଁରୁଟି ଫ୍ୟାକ୍ଟ୍ରି ବିନା ଲାଇସେନ୍ସ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଛି। ଗତ ଦିନରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କେତେକ ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇଥିଲା। ଏଥିସହ ସହରର ୬ଟି ପାଉଁରୁଟି ଫ୍ୟାକ୍ଟ୍ରିକୁ ନୋଟିସ୍ ଜାରି କରାଯାଇଛି। ଯଦି ଉକ୍ତ ଫ୍ୟାକ୍ଟ୍ରି ମାଲିକ ଆସନ୍ତା ୮ ଦିନ ମଧ୍ୟରେ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ କରନ୍ତି ତେବେ ଫ୍ୟାକ୍ଟ୍ରିକୁ ବନ୍ଦ କରିଦିଆଯିବ। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ୩ଟି ଫ୍ୟାକ୍ଟ୍ରି ପକ୍ଷରୁ ଲାଇସେନ୍ସ ପାଇଁ ଆବେଦନ କରାଯାଇଛି। ଅନ୍ୟଗୁଡିକୁ ନୋଟିସ୍ ଜାରି କରାଯାଇଛି ।

# ଅଣମୋଟର ଚାଳିତ ପରିବହନକୁ ପ୍ରୋତ୍ସାହନ

ସାଇକ୍ଲୋଥନ୍‌ରେ ସାମିଲ ହେଲେ କିନ୍ନର

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ସ୍ମାର୍ଟ ସିଟି ଭୁବନେଶ୍ୱରରେ ଅଣମୋଟର ଚାଳିତ ପରିବହନ ଏବଂ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖ୍ୱମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଏକ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଛି। ମୀରା ପରିଡାଙ୍କ ନେତୃତ୍ୱରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କିନ୍ନର ଏଥିରେ ଅଂଶ ଗ୍ରହଣ କରିଥିଲେ। ଅଭିନେତା ତଥା ସାମାଜିକ କର୍ମୀ ରୁଷୀ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ସାଇକ୍ଲୋଥନ୍ ଶିଶୁ ଭବନ ଛକ ନିକଟ ଏକାମ୍ର କ୍ଷେତ୍ର ପ୍ଲାଜାରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଏସ୍‌ସିଏଲ୍ ସିଇଓ ସଞ୍ଜୟ କୁମାର ସିଂହ କହିଛନ୍ତି, ଏକ ଉନ୍ନତ ସହର ପାଇଁ ଆମେ ସମସ୍ତ ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ଅନ୍ତର୍ଭୁକ୍ତ କରୁଛୁ। କିନ୍ନର ସମ୍ପ୍ରଦାୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ପାର୍କିଂ ସ୍ଥାନ ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ ସାଇକ୍ଲୋଥନରେ ସେମାନଙ୍କର ଅଂଶ ଗ୍ରହଣ ପୁଣିଥରେ ପ୍ରମାଣିତ କରିଛି ଯେ ଆମେ ଆମର ନାଗରିକ-କେନ୍ଦ୍ରିକ କାର୍ଯ୍ୟକଳାପ ଓ ଯୋଜନାରେ ସମସ୍ତ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବାକୁ ଯାଉଛୁ।

ସ୍ମାର୍ଟ ସିଟି ଯୋଜନାରେ ମନ୍ଦିରମାଳିନୀ ସହରକୁ ନାଗରିକ କେନ୍ଦ୍ରିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପଥଚାରୀ ଓ ସାଇକେଲ ଆରୋହୀମାନେ କିପରି ସୁବିଧାରେ ଯାତାୟାତ କରିବା ସହିତ ସୁସ୍ଥ ପରିବେଶ ଉପଭୋଗ କରପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ଇଣ୍ଡିଆ ସାଇକେଲ୍ ଫର୍ ଚେଞ୍ଜ୍ ଚ୍ୟାଲେଞ୍ଜ ଅଧୀନରେ ଭୁବନେଶ୍ୱର ସ୍ମାର୍ଟ ସିଟି ପକ୍ଷରୁ ଆଗାମୀ ଦିନରେ ସମସ୍ତ ବୟସ ବର୍ଗ ଓ ସମ୍ପ୍ରଦାୟ ମଧ୍ୟରେ ସାଇକେଲ ଚଲାଇବା ପାଇଁ ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ଗତ ଜୁଲାଇ ମାସରେ ଭୁବନେଶ୍ୱର ସାଇକେଲ ୪ ଚେଞ୍ଜ ଚ୍ୟାଲେଞ୍ଜ ଷ୍ଟେଜ-୧ ପୁରସ୍କାର ପାଇଛି। ଏବାବଦରେ ମିଳିବାକୁ ଥିବା ୧ କୋଟି ଟଙ୍କାରେ ସାଇକେଲ ଚାଳନା ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ୨୦୨୦ ସିଟିଜେନ୍ ପରସେପସନ୍ ସର୍ଭେରେ ଭୁବନେଶ୍ୱର ୧୦୦ରୁ ୯୪.୮ ନମ୍ବର ପାଇଥିଲା। ସେହିପରି ଭାରତର ଶ୍ରେଷ୍ଠ ୧୦ଟି ରହଣୀୟ ରାଜଧାନୀ ମଧ୍ୟରେ ଭୁବନେଶ୍ୱର ଚତୁର୍ଥ ସ୍ଥାନ ହାସଲ କରିଛି।



କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍ଏଫ୍ କେଆର୍‌ଟିସିରେ ବାରାକ ଓ ନୂଆ ହଷ୍ଟେଲ ବିଲ୍ଡିଂକୁ ଉଦ୍‌ଘାଟନ କରୁଛନ୍ତି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1662:-
OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, JANPATH, BHUBANESWAR - 751022
Tender Call Notice No. HO/P&C/ EST/E-1517/01/2020/18275/Dated 28.10.2021
NOTICE INVITING TENDER THROUGH e-Procurement

| | | |
|---|---|---|
| Name of the work | : | Providing & laying of D.I. S/S Pipe of 250 mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the district of Nawarangpur. |
| Estimated cost | : | Rs.197.10 lakh (Appx.) |
| Period of completion | : | 4 (Four) months |

Further details can be seen from the e-Procurement Portal- www.tendersodisha.govt.in and Corrigendum, if any, will not be published in newspaper and can only be seen in the e-Procurement Portal- www.tendersodisha.govt.in and IDCO Website- www.idco.in.
Sd./- Chief General Manager (P&C), IDCO, Bhubaneswar
OIPR-14003/11/0095/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KORAPUT
Email: eerwkoraput@yahoo.com, Phone: 06852-251263
No.O-882:- e-Procurement for Road works
Bid Identification No. SERWKPT-Online-13/2021-22
Letter No.5659 Date: 28.10.2021

| | | | |
|---|---|---|---|
| 01 | Name of the work | : | Roads works in the Dist. of Koraput for the year 2021-22 |
| 02 | Total number of works | : | 04 (Four) Nos. |
| 03 | Approximate estimated cost | : | Rs.11.47 lakhs to Rs.74.44 lakhs (approximately) |
| 04 | Class of contractor | : | 'A', 'B' & 'C', 'D' class |
| 05 | Period of completion | : | Within 3 months |
| 06 | Other details | : | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Koraput | Online Tender / 13/RWD-KPT/2021-22 | 01.11.2021 at 11.00 A.M. | 07.11.2021 upto 5.00 P.M. |

Further details can be seen from the website www.tendersodisha.gov.in/ nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B.- Any addendum or corrigendum will be available in the website only.
Sd./- Superintending Engineer, Rural Works Division, Koraput
OIPR-25088/11/0010/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
R.W. (P.H.) DIVISION, BHUBANESWAR
PLOT NO. E3/A & E3/M, NEAR NALCO BHAWAN
P.O.: RRL, CHANDRASEKHARPUR, BHUBANESWAR-13
TEL.- (0674) 2301801, E-MAIL: EERWPHDIVN_BBSR@REDIFFMAIL.COM
e-Procurement Notice for S/I, S/D & W/S to Building works
NOTIFICATION NO. RW PH./Online-59/2021-22
No.O-869:- The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted online in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways/ CPWD/ MES. The bidders should have the necessary Portal Enrolment (With his own Digital Signature Certificate).

| | |
|---|---|
| Name of the work | S/I, S/D & W/S to Building Works (As per Annexure-1) |
| Estimated cost | Rs.5.66 lakhs to 9.89 lakhs (approximately) |
| No. of works | 03 Nos. (Three) |
| Tender paper cost | Rs.4000.00/- each (Non-refundable) |
| Class of contractors | 'D' & 'C' |
| Date & time of availability of bid document in portal | Dt.08.11.2021 from 11.00 A.M. |
| Date of seeking clarification | During office hours from dt.08.11.2021 to 15.11.2021 |
| Last date & time of receipt of bids through online | Dt.17.11.2021 upto 05.00 P.M. |
| Opening of bid document | Dt.18.11.2021 at 11.00 A.M. |
| Digital Signature Certificate | The bidder must possess compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- (Er. Arabinda Jena), Superintending Engineer, R.W. (P.H.) Division, Bhubaneswar
OIPR-13051/11/0004/2122

NATIONAL COMPETITIVE BIDDING THROUGH e-Procurement
Tel. No.06752222092, e-mail id-eerwpuri@gmail.com
TCN NO. TENDER ONLINE - 08 OF 2021-22.
No.O-879:-
No. 7566 /Dt.21.10.2021
The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2021-22 in the district of Puri. 1. Total No. of works: 1 No. 2 .Tender cost of package: Rs. 51.42 lakhs. 3. Class of contractor: As per DTCN. 4.Period of completion: 2 (Two) calendar months. 5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 01.11.2021 at 11.00 A.M. | 15.11.2021 upto 3.00 P.M. | 12.11.2021 upto 1.00 P.M. | 16.11.2021 at 11.00 A.M. Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".
OIPR-25065/11/0020/2122
Superintending Engineer, R.W. Division, Puri




୩୧।୧୦।୨୦୨୧

| | |
|---|---|
| ୨,୩୪,୯୬୪ ଟଙ୍କା | |
| ସୁନା | ୬୩୦ ମିଲିଗ୍ରାମ |
| ରୁପା | ମିଳିନାହିଁ |

# ଠକେଇ ପାଇଁ ଜାଲ୍ କମ୍ପାନୀ

■ ଜାଲ୍ କାଗଜପତ୍ରରେ ୧୦ଲକ୍ଷ ଠକେଇ
■ ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଠକେଇ ପାଇଁ ଜାଲ୍ କମ୍ପାନୀ ଖୋଲିଥିଲେ। ଜାଲ୍ କର୍ମଚାରୀଙ୍କ ନାଁରେ ଜାଲ୍ କାଗଜପତ୍ର ତିଆରି କରି ଏକ ଅର୍ଥ ଲଗାଣକାରୀ ସଂସ୍ଥାରୁ ୧୦ଲକ୍ଷ ଋଣ ନେଇଥିଲେ। ଆଉ ୨୦ ଲକ୍ଷ ଋଣ ନେବା ପୂର୍ବରୁ ଧରାପଡିଯାଇଥିଲେ। ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ୪ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ରହୁଥିବା ଗଞ୍ଜାମ ଜିଲା ସଦର ଥାନାଞ୍ଚଳର ମମତା ପାତ୍ର(୪୭), ଅନୁଗୋଳ ଜିଲା ତାଳଚେର ଅଞ୍ଚଳର ସୁନନ୍ଦ କୁମାର ସାମଲ(୨୯), କଟକ ଆଠଗଡ ଅଞ୍ଚଳର ସନ୍ତୋଷ କୁମାର ସାମଲ(୨୬) ଓ ଚୌଦ୍ୱାର କପିଳେଶ୍ୱର ଗ୍ରାମର ଭରତ କୁମାର ଲେଙ୍କା(୩୭)। ଏମାନଙ୍କଠୁ ପୋଲିସ ୨ ଲକ୍ଷ ୧୭ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ତଥା ଜାଲ୍ କମ୍ପାନୀର ମାଲିକ ସନ୍ତୋଷ କୁମାର ଜେନା ଫେରାର ଥିବାରୁ ତାଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଏମାନେ ଏପରି ଜାଲ୍ କାଗଜପତ୍ର ଦେଇ ଏକାଧିକ ଅର୍ଥଲଗାଣକାରୀ ସଂସ୍ଥାକୁ ଠକିଥିବା ପୋଲିସ ସନ୍ଦେହ କରି ଖୋଳତାଡ଼ କରୁଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସନ୍ତୋଷ କୁମାର ଜେନା ୨୦୧୭ରେ ନୟାପଲ୍ଲୀ ଆଇଆରସି ଭିଲେଜରେ ଏକ ଘର ଭଡା ନେଇ ଉକ୍ତ ଠିକଣାରେ ନ୍ୟାଶନାଲ ସେଣ୍ଟର ଫର୍ ଏନର୍ଜି ମାନେଜମେଣ୍ଟ (ଏନ୍‌ସିଇମ୍) ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଏକ ଜାଲ୍ କମ୍ପାନୀ ଖୋଲିଥିଲେ। ଉକ୍ତ କମ୍ପାନୀରେ ସେ ୯ରୁ ୧୦ଜଣ କର୍ମଚାରୀ ରଖି ସୋଲାର୍ ଉପକରଣ ବିକ୍ରି କରୁଥିବାର କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏପରିକି ସୁନନ୍ଦ ଓ ସନ୍ତୋଷ ସହସହନିର୍ଦ୍ଦେଶକ ଥିବା କାଗଜପତ୍ରରେ ଉଲ୍ଲେଖ କରୁଥିଲେ। ଅକ୍ଟୋବର ୧୦ରେ ସେ ଭରତ କୁମାର ଲେଙ୍କାଙ୍କୁ ନିଜ କମ୍ପାନୀର କର୍ମଚାରୀ ଦର୍ଶାଇ ତାଙ୍କ ନାମରେ ଅର୍ଥ ଲଗାଣକାରୀ ସଂସ୍ଥା ବଜାଜ୍ ଫାଇନାନ୍ସ ସର୍ଭିସେସ୍‌ରୁ ୧୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ଏଥିପାଇଁ ସେ ଭରତଙ୍କ ନାମରେ ୧ ଲକ୍ଷ ୩୨ ହଜାର ଟଙ୍କାର ଏକ ଜାଲ୍ ସାଲାରି ସ୍ଲିପ୍ ତିଆରି କରି ଉକ୍ତ ସଂସ୍ଥାରେ ଦାଖଲ କରିଥିଲେ। ତେବେ ଋଣ ମିଳିସାରିବା ପରେ ସେ ସନ୍ତୋଷ ତାଙ୍କ ସ୍ତ୍ରୀ ମମତା ଓ ପ୍ରକାଶ ପ୍ରଧାନଙ୍କ ନାମରେ ୨୦ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ମମତାଙ୍କୁ ତାଙ୍କ କମ୍ପାନୀର ଏଜିଏମ୍ ଦର୍ଶାଇ ଦରମା ୨ ଲକ୍ଷ ୨୫ ହଜାର ଟଙ୍କା ବୋଲି ଦାଖଲ କରିଥିବା ନକଲି ସାଲାରି ସ୍ଲିପ୍‌ରେ ଦର୍ଶାଇଥିଲେ। ତେବେ ବଜାଜ ଫାଇନାନ୍ସର ମ୍ୟାନେଜର ବିଭୁକଲ୍ୟାଣ ଶତପଥୀଙ୍କ ସନ୍ଦେହ ହେବାରୁ ସେ ସବୁକିଛି ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମାମଲା (ନଂ.୫୦୪/୨୧) ରୁଜୁ କରିବା ସହ ପଦକ୍ଷେପ ଗ୍ରହଣ କରିଛି।



ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ଖ୍ୱମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଭୁବନେଶ୍ୱର ଶିଶୁ ଭବନ ଛକରୁ କିନ୍ନରଙ୍କୁ ନେଇ ବାହାରିଥିବା ସାଇକ୍ଲୋଥନ୍।

# ଜଗନ୍ନାଥ ସଂସ୍କୃତି ସହ ଭାର୍ଗବୀ ନଦୀ ଜଡ଼ିତ

**ପୁରୀ ଅଫିସ, ୩୧।୧୦:**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ରବିବାର ପୁରୀ ରାଣୀସତୀ ଭବନରେ ଭାର୍ଗବୀ ନଦୀ ମାତୃକା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ତଥା ସୂଚନା ଅଧିକାର ଆଇନ ରେଜିଷ୍ଟ୍ରାର ମାନସ ରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ଋଷି ଭୃଗୁଙ୍କ ସାଧନା ଉଭୟ ପୁରୀ ଓ ଭାର୍ଗବୀ ନଦୀକୂଳ କମଳପୁର, ଯାହା ଏବେ ଚନ୍ଦନପୁର ନାମରେ ପରିଚିତ। ଅତୀତରେ ଅକ୍ଷୟତୃତୀୟାରେ ସେହି କମଳପୁର ବା ଚନ୍ଦନପୁରରେ ଚନ୍ଦନଯାତ୍ରା ହେଉଥିଲା। ଭୃଗୁଙ୍କ ଆପତ୍ୟ ଅର୍ଥରେ ଭାର୍ଗବୀ ନଦୀକୁ ଲକ୍ଷ୍ମୀସ୍ୱରୂପା କୁହାଯାଏ। ତାହା ଅମରକୋଷରେ ବର୍ଣ୍ଣନା ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଭାଷା ପ୍ରତିଷ୍ଠାନର ପୂର୍ବତନ ସଭାପତି ଡ. ହରପ୍ରସାଦ ମିଶ୍ର ଯୋଗଦେଇ ଭାର୍ଗବୀ ପୁସ୍ତକର ସମୀକ୍ଷା କରି କହିଥିଲେ, ଏହି ନଦୀ ଅବବାହିକାର ଐତିହ୍ୟ ଓ ଇତିହାସ ଉପରେ ଲେଖକ ସତ୍ୟ ରଞ୍ଜନ ମିଶ୍ରଙ୍କ ଉଦ୍ୟମ ହିଁ ଗବେଷଣାକୁ ଆହ୍ୱାନ କରେ। ଭାର୍ଗବୀ ନଦୀ ସଭ୍ୟତା ଇତିହାସ ପ୍ରସିଦ୍ଧ। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ସମ୍ମାନିତ ଅତିଥି ଭାବେ ଡ. ଅଭିମନ୍ୟୁ ଭୂୟାଁ, ବିଜୟଲକ୍ଷ୍ମୀ ସାହୁ, ବିଜୟଲକ୍ଷ୍ମୀ ଦାଶ, ସତ୍ୟ ମିଶ୍ର ଏବଂ ଗବେଷକ ମଦନ ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଗବେଷକ ମହାପାତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ବହୁ ନୂତନ ତଥ୍ୟ ଉପସ୍ଥାପନ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଡ. ରମାକାନ୍ତ କର, କାଳନ୍ଦୀ ଚନ୍ଦ୍ର ପାତ୍ର, ନାରାୟଣ ନନ୍ଦ, ଅଧ୍ୟାପକ ଡ. ବଳରାମ ଦାଶ, ବିଜୟ ଚରଣ ମହାନ୍ତି, ଅଶୋକ କୁମାର ମହାପାତ୍ର, ରତିକାନ୍ତ ପ୍ରତିହାରୀ ଏବଂ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଭାଗନେଇଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ଐତିହ୍ୟ ପୁସ୍ତକ ଭାର୍ଗବୀ ସାହିତ୍ୟ ପୁସ୍ତକ, କବିତା କଳିକାକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଟ୍ରଷ୍ଟର ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ଚନ୍ଦ୍ରକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେମାଙ୍ଗିନୀ ମହାନ୍ତି, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ଭବାନୀ ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୁପିଟର ଦାସ ଧନ୍ୟବାଦ ଦେଇଥିଲେ।

# କାର୍-ବାଇକ୍ ମୁହାଁମୁହିଁ: ଚାଳକ ମୃତ

**ନିଆଳି,୩୧।୧୦(ଡି.ଏନ୍.ଏ.)**

ନିଆଳି-ମାଧବ ରାସ୍ତାର ହଳଦୀବସନ୍ତ ପେଟ୍ରୋଲପମ୍ପ ସମ୍ମୁଖରେ ରବିବାର କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ସର୍ବେଶ୍ୱର ଦାସଙ୍କ ମୃତ୍ୟୁ ଘଟିଥିବାବେଳେ ଅନିଲ କୁମାର ପାଢୀ ଗୁରୁତର ହୋଇଛନ୍ତି। ଉଭୟଙ୍କ ଘର ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁର ମଠ ସାହିରେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସର୍ବେଶ୍ୱର ଓ ଅନୀଲ ବାଇକ୍‌ରେ ଚାରିଛକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର ସହିତ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସର୍ବେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନୀଲଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନିଆଳି ପୋଲିସ ଓ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଦୁଇଟିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

# କୁମାର ଉତ୍ସବ, ଫୁଲ ବଉଳବେଣୀ ସାଂସ୍କୃତିକ ସମାରୋହ

**ନିମାପଡ଼ା,୩୧।୧୦(ଡି.ଏନ୍.ଏ.):**

ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ରବିବାର ୨୦ତମ କୁମାର ଉତ୍ସବ, ଫୁଲ ବଉଳବେଣୀ ସାଂସ୍କୃତିକ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନିମାପଡ଼ା ପାଟପୁର ଗ୍ରାମ କପିଳେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଅଧ୍ୟାପକ ସୁଶାନ୍ତ ସେନାପତି, ଶିଶୁ ସଙ୍ଗଠକ ଜନ୍ମେଜୟ ପ୍ରଧାନ, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ଅଧ୍ୟାପକ ସୁବ୍ରତ ମହାନ୍ତି, ଡ. ରବୀନ୍ଦ୍ର ନାଥ ପାଢୀ, ନିର୍ମଳ ମିଶ୍ର, ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଭିନେତା ଅଶ୍ରୁମୋଚନ ମହାନ୍ତି, କ୍ରୀଡା ସଙ୍ଗଠକ ଅକ୍ଷୟ ବେହେରା, ସାହିତ୍ୟିକା ଲକ୍ଷ୍ମୀପ୍ରିୟା ଦାଶ, କଣ୍ଠଶିଳ୍ପୀ ଇତିସା ପୃଷ୍ଟି, ଲେଖକ ଅଜିତ୍ ଦାସ, ଚିତ୍ରକର ସାଦ୍ୟାନ୍ତ ଶତପଥୀ, ପ୍ରଶାସନିକ ଅଧିକାରୀ କଲ୍ୟାଣ ସୌରଭ ଦାସ, ଶିକ୍ଷୟିତ୍ରୀ ସୌଭାଗିନୀ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ କବି କାଳିକିଙ୍କରଙ୍କ ରଚିତ ପୁସ୍ତକ 'ପ୍ରେମିକା ଓ ପ୍ରିୟତମା' ଉନ୍ମୋଚିତ ହୋଇଥିଲା। ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଉତ୍ସବରେ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଶିକ୍ଷକଙ୍କୁ କଚାଡ଼ି ମାରିଲା ହାତୀ

**ନିରାକାରପୁର,୩୧।୧୦(ଡି.ଏନ୍.ଏ.):**

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ବିଜୟ କୁମାର ପଟ୍ଟନାୟକ(୫୯)। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଶିକ୍ଷକ ପଟ୍ଟନାୟକ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ହଠାତ ନିକଟ ଜଙ୍ଗଲରେ ଥିବା ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଚିତ୍କାର ଶୁଣି ସେଠାରେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ଆସିବାରୁ ଏକ ବୁଦା ମୂଳରେ ବିଜୟଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।ଉତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ତାଙ୍କ ଝିଅଙ୍କୁ ଚାକିରି ପ୍ରଦାନ ଦାବିରେ ମୃତଦେହ ଅଟକ ରଖିଥିଲେ। ଖବରପାଇ ନିରାକାରପୁର ଆଇଆଇସି ଗୀତାଞ୍ଜଳୀ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପରେ ଅଗ୍ରୀମ ୪୦ହଜାର ଦିଆଯିବ ପରେ ରିପୋର୍ଟ ଆସିବା ପରେ ଅବଶିଷ୍ଟ ୩ଲକ୍ଷ ୬୦ ହଜାର ମିଳିବ।

# ଜବରଦଖଲ ଲାଗି ଅଟକୁଛନ୍ତି ପର୍ଯ୍ୟଟକ

**ଗୋପ,୩୧।୧୦(ଡି.ଏନ୍.ଏ.):**

ଗୋପ-କୋଣାର୍କ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସରକାରୀ ଜମି ଜବରଦଖଲ ଯୋଗୁ ପୁରୀ, କୋଣାକକୁ ଆସୁଥିବା ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ଏପରକି ଅଧିକାଂଶ ସମୟରେ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ଅଟକି ରହୁଥିବା ଦେଖିବାକୁ ମିଳୁଛି। ପ୍ରକାଶ ଯେ, ଦୈନନ୍ଦିନ ପୁରୀ, କୋଣାର୍କ ବୁଲିବାକୁ ଶହ ଶହ ପର୍ଯ୍ୟଟକ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଛନ୍ତି। ଗୋପ ବଜାର, ବେଗୁନିଆ, କୁଶୁପୁର, ପାଟେଲିଆ ଛକ ସମେତ ଆଉ କେତେକ ସ୍ଥାନରେ ରାସ୍ତା କଡ଼ରେ ରହିଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଅକ୍ତିଆର କରି ଦୋକାନ କରିବା ଫଳରେ ଜାମ ହେଉଛି। ରବିବାର ମଧ୍ୟାହ୍ନରେ ଗୋପ ଦେବୀ ବଜାର ନିକଟରେ ଉଭୟ ପଟୁ ଆସୁଥିବା ଗାଡି ଜାମ୍ ହେବା ଫଳରେ ଦୁଇ ଘଣ୍ଟା ଧରି ପର୍ଯ୍ୟଟକମାନେ ଫସି ରହିଥିଲେ। ପୋଲିସ କିମ୍ବା ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ଗୋପ ତହସିଲଦାର ଦାୟିତ୍ୱରେ ଥିବା ଶରତ କୁମାର ପରିଡ଼ା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁରଜିତ୍



@ ନୂପୁର



@ ରଶ୍ମି



@ ଟିକି



@ ବିକାଶ



@ ବିଷ୍ଣୁ

# 'ପାଣି ସମସ୍ୟା ଦୂର ପାଇଁ ଗାଁକୁ ଚାଲ'

**ପୁରୀ ଅଫିସ, ୩୧।୧୦:**

ପାଣି ପାଇଁ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବା ପାଇଁ ସମସ୍ତ ପାଣି ସାଥି ଓ ସଙ୍ଗଠକ ମତ ଦେଇଛନ୍ତି। ଗାଁକୁ ଯାଇ ପ୍ରକୃତ ପାଣି ସମସ୍ୟା ବୁଝିବା ସହ ସ୍ୱଚ୍ଛ ଗାଁ ବନାଇବାକୁ ଲୋକଙ୍କୁ ବୁଝାଇବା, ଅଚଳ ହୋଇପଡ଼ିଥିବା ନଳକୂପ ମରାମତି ଲାଗି ପଦକ୍ଷେପ ନେବା, ପାଣିର ମାନ ପରୀକ୍ଷା ଏବଂ ସମସ୍ତ କାର୍ଯ୍ୟକ୍ରମକୁ ଦଲିଲ୍‌କରଣ କରିବା ଆଦି ଆରମ୍ଭ ନିମନ୍ତେ ପାଣି ସଙ୍ଗଠନ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜିଲାସ୍ତରୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି। ରବିବାର ଏହି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆବାହକ ଉମାକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗାଁ ଓ ପଞ୍ଚାୟତ ସଙ୍ଗଠନକୁ ସୁଦୃଢ଼ କରି ଦଶ ସୂତ୍ରୀ ଏଜେଣ୍ଡା ଉପରେ ଗାଁ ସ୍ତରରେ କାମ ଆରମ୍ଭ କରିବାର ସମୟ ଆସିଛି। ପାଣି ସାଥିମାନେ ନିଜ ପରିଚୟ ସୃଷ୍ଟି କରିବା ସହ ଲୋକଙ୍କ ସହ ମିଶି ସମାଧାନର ସୂତ୍ର ବାହାର କରନ୍ତୁ ବୋଲି ମହାନ୍ତି କହିଥିଲେ। ପାଣି ସାଥି ଓ ଭୂମିକା ଉପରେ ଆଲୋକପାତ କରି ସଙ୍ଗଠିକା ବିଷ୍ଣୁପ୍ରିୟା ସ୍ୱାଇଁ ଲୋକ ସମ୍ପର୍କର ସେତୁ ବନେଇବା ହିଁ ମୂଳଦୁଆ ବୋଲି କହିଥିଲେ। ପୁରୀ ଜିଲାରେ ପାଣି ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ନିଷ୍ପତ୍ତି ଗ୍ରହଣ କାରାଯାଇଛି। ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପଥର ଖଣିରେ ଚଢ଼ାଉ: ୬୫ ହଜାର ଟଙ୍କା ଜରିମାନା ଆଦାୟ

ଡେଲାଙ୍ଗ, ୩୧।୧୦(ଡି.ଏନ୍.ଏ): ଡେଲାଙ୍ଗ ତହସିଲରେ ନୂତନ ତହସିଲଦାର ଭାବେ ନିବେଦିତା ପରିଡ଼ା ଯୋଗଦେଇଛନ୍ତି। ଶନିବାର ସେ ହରିରାଜପୁରସ୍ଥିତ ପଶ୍ଚିମ ଶମ୍ଭୁ ସୋମନାଥ ଦେବଙ୍କ ଦର୍ଶନ କରି ଫେରିବା ସମୟରେ ଚୋରା ମୋରମ ଖନନ ହେଉଥିବା ଖବର ପାଇ ଖଣିରେ ଚଢ଼ାଉ କରିଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ, ରାଜସ୍ୱ ପରିଦର୍ଶକ ଝରଣା ସେଠୀ, ହରିରାଜପୁର ଆର୍‌ଆଇ ପ୍ରମୁଖ ଉପସ୍ଥିତ ଥିଲେ। ଖଣିରୁ ଏକ ଜେସିପି ଓ ଏକ ଟ୍ରାକ୍ଟରକୁ ଜବତ କରିଥିଲେ। ଉଭୟ ଗାଡ଼ିଚାଳକ ଫେରାର ହୋଇଯାଇଥିବା ବେଳେ ଗାଡ଼ି ମାଲିକ ମମତା ଅଗ୍ରୱାଲ ଓ ସହଦେବ ଭୂୟାଁଙ୍କଠାରୁ ମୋଟ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ନାୟକ ସୂଚନା ଦେଇଛନ୍ତି।

### ଦାବି ପୂରଣ ନ ହେଲେ ବିଶାଳ ଗଣଧାରଣା

ପୁରୀ ଅଫିସ, ୩୧।୧୦: ପୁରୀ ଜିଲା ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀଙ୍କ ମହାସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ଉପସଭାପତି ସୁପ୍ରିୟା ଷଡଙ୍ଗୀ, ସମ୍ପାଦକ ଚିତ୍ରସେନ ପଣ୍ଡା, ଆବାହକ ମୈତ୍ରି ମିଶ୍ର, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସଭାପତି କହିଥିଲେ, ୨୦୦୮ରୁ ୨୦୧୩ ମସିହା ମଧ୍ୟରେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଦିଆଯାଉ ନାହିଁ। ଅନୁଦାନରୁ ବଞ୍ଚିତ କରାଯାଉଛି। ସରକାର କୌଣସି ସମସ୍ୟା ପ୍ରତି ଦେଉନାହାନ୍ତି। ଏ ନେଇ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ସରକାର ଯଦି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦାବି ପୂରଣ ନ କରନ୍ତି ତେବେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିଶାଳ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ପୁରୀ ଅଫିସ, ୩୧।୧୦: ସୂରଜ ମଲ୍ଲ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସନ୍ଧ୍ୟାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମର ଶିକ୍ଷାର୍ଥୀ ବାହିନୀର କ୍ୟାପଟେନ ଡ. ଶୁଭେନ୍ଦୁ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଇଂଲିଶ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିଜୟ କୁମାର ପଟ୍ଟନାୟକ, ଅଧ୍ୟାପକ ରାଧେଶ୍ୟାମ ପଲେଇ, ଅଧ୍ୟାପକ ଧର୍ମେନ୍ଦ୍ର କୁମାର ପଟ୍ଟନାୟକ, ଅଧ୍ୟାପକ ଅଜିତ କୁମାର ଦଳାଇ ଏବଂ ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ନାଗରିକମାନେ ଦୁର୍ନୀତି ଓ ଅନ୍ୟାୟ ବିଲୋପ ପାଇଁ ସଚେତନଭାବେ ନିରନ୍ତର ସଂଗ୍ରାମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଓ ଛାତ୍ରୀଛାତ୍ର ଦୁର୍ନୀତି ବିରୋଧରେ ଲଢ଼େଇ ନିମନ୍ତେ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଅଜିତ୍ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।



ନିମାପଡ଼ା ଲିଟିଲ୍ ଷ୍ଟାର୍ ପକ୍ଷରୁ ରବିବାର ଆୟୋଜିତ କୁମାର ଉତ୍ସବ, ଫୁଲବଉଳବେଣୀ ସାଂସ୍କୃତିକ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରବିବାର ଓଡ଼ିଶା ପିସିସି ପକ୍ଷରୁ ଭୁବନେଶ୍ୱର ଆଇଜି ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



କଟକ ଶତାବ୍ଦୀ ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## ବଲାଙ୍ଗୀର ଗଲା ପୁରୀ ଜିଲା ଫେନ୍‌ସିଂ ଟିମ୍

**ପୁରୀ ଅଫିସ:** ଫେନସିଂ ପ୍ରତିଯୋଗିତାରେ ଭାଗ ନେବାକୁ ପୁରୀ ଜିଲା ଟିମ୍ ରବିବାର ବଲାଙ୍ଗୀର ଗସ୍ତ କରିଛି। ପୁରୁଷ ବର୍ଗର ୫ ଓ ମହିଳା ବର୍ଗରେ ୩ ଜଣ ପୁରୀ ଜିଲାରୁ ଗସ୍ତ କରିଛନ୍ତି। ପୁରୀ ଜିଲାର ଯୁବ କ୍ରୀଡ଼ାବିତ୍‌ମାନେ ଦୀର୍ଘଦିନ ଧରି ଏହି କ୍ରୀଡ଼ା ଅଭ୍ୟାସ କରୁଥିବାବେଳେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଜିଲାସ୍ତରରେ ପ୍ରତିଯୋଗୀମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି, ଏଣୁ ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ବୋଲି କହିଛନ୍ତି ପ୍ରଶିକ୍ଷକ ହରେକୃଷ୍ଣ ପ୍ରତିହାରୀ କହିଛନ୍ତି। ପୁରୀ ରେଳଷ୍ଟେଶନରେ ରାଜକିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ, ବିଭୁପ୍ରସାଦ ପୁଷ୍ପାଳକ, ସତୀକାନ୍ତ ପଟ୍ଟନାୟକ, ରଞ୍ଜନ ରଥ ପ୍ରମୁଖ ବିଦାୟ ଜଣାଇଥିଲେ।



## ସଂକ୍ଷେପରେ

### ସରପଞ୍ଚଙ୍କ ସ୍ୱାମୀଙ୍କୁ ଖଣ୍ଡାରେ ଆକ୍ରମଣ

କଣାସ,୩୧।୧୦(ଡି.ଏନ୍.ଏ.): ବଡ଼ାସ ସରପଞ୍ଚଙ୍କ ସ୍ୱାମୀ ବଳରାମ ପଲେଇଙ୍କୁ ଦୋକନ୍ଦା ଗ୍ରାମରେ ଜଣେ ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଣାସ ପୋଲିସ ଏକ ମାମଲା(ନଂ.୨୫୧/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସମ୍ପୃକ୍ତ ଯୁବକ ଜଣଙ୍କ ପୂର୍ବରୁ ବଳରାମଙ୍କ ଘରେ ବୋମା ପକାଇବା ଘଟଣାରେ ଏକ ବର୍ଷ ଜେଲ ଯାଇଥିଲେ। ୨ମାସ ତଳେ ଯୁବକ ଜଣଙ୍କ ଜେଲରୁ ମୁକୁଳିଥିଲେ। ଗତ ୨୯ତାରିଖରେ ବଳରାମ କଣାସ ବଜାରରୁ ବଡାସ ଗ୍ରାମକୁ ଫେରୁଥିବା ବେଳେ ଦୋକନ୍ଦା ରାସ୍ତାରେ ପୂର୍ବରୁ ଲୁଚି ରହିଥିବା ସମ୍ପୃକ୍ତ ଯୁବକ ଜଣକ ହଠାତ୍ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ବଳରାମଙ୍କୁ ଚିକିତ୍ସା ପାଇଁ କଣାସ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ବଳରାମଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ରାଷ୍ଟ୍ରୀୟ ଏକତା ଦିବସରେ ପଦଯାତ୍ରା

ପିପିଲି, ୩୧।୧୦: ନେହେରୁ ଯୁବକେନ୍ଦ୍ର ଏବଂ ପିପିଲି ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ରବିବାର ପିପିଲିରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ରଶ୍ମିତା ନାଥ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ପୁରୀ ସଂଯୋଜକ ଜୟଶଙ୍କର ଯୋଶୀ, ପିପିଲି କଲେଜର ଏନ୍‌ସିସି ଅଧିକାରୀ ଆଦିତ୍ୟ ପ୍ରସାଦ ରଥ, ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ, ଇଂ. ରମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ପ୍ରତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିରଠାରୁ ପଦଯାତ୍ରା ବାହାରି ବଜାର ପରିକ୍ରମା କରି ଡେଲ୍ଟା ଛକରେ ପହଞ୍ଚିଥିଲା। ଏଥିରେ ଅତିଥିମାନଙ୍କ ସମେତ ଛାତ୍ରୀଛାତ୍ର ଓ ସଙ୍ଗଠନର ସଦସ୍ୟ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ବିଭୁନିଚନ୍ଦ୍ର ସାମନ୍ତରାୟ, ପିପିଲି ସାମ୍ବାଦିକ ସଂଘ ଉପସଭାପତି ମନୋରଞ୍ଜନ ମହାପାତ୍ର, ବାପୁ ବେହେରା, ଜୀବନ ଜ୍ୟ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

### ବଟି ମାଗି ହତ୍ୟା ଧମକ ଦେଇ ଯୁବକ ଗିରଫ

ପୁରୀ ଅଫିସ, ୩୧।୧୦: ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ସେହି ଥାନା ଅନ୍ତର୍ଗତ ବଳଗଣ୍ଡି ରାୟବାହାଦୂର ଲେନ୍‌ର ଅଚ୍ୟୁତାନନ୍ଦ ନନ୍ଦ (୨୪)। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ବଳଗଣ୍ଡି ଛକର ଚିତ୍ତରଞ୍ଜନ ଦାଶ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ, ସେ ତାଙ୍କ ଡେଜରାତି ଦୋକାନରେ ଥିବାବେଳେ ଅଚ୍ୟୁତାନନ୍ଦ ତାଙ୍କ ନିକଟକୁ ଆସି ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଅଚ୍ୟୁତାନନ୍ଦ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏପରିକି ତାଙ୍କ ଦୋକାନ ଉପରକୁ ବୋମାମାଡ କରିବେ କହି ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ସେଠାରୁ ଫେରାର ହୋଇଯାଇଥିଲେ। ଏ ସହକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

# ଚାହିଦା ଅନୁଯାୟୀ ଉତ୍ପାଦନ ହେଉନି କୁଡୁଆ

- ସରକାର ବୁଝୁନାହାନ୍ତି କୁମ୍ଭକାରଙ୍କ ଦୁଃଖ
- ମହାପ୍ରସାଦ ଦର ଉପରେ କୁଡୁଆ ଦର ପ୍ରଭାବ ପଡ଼ିବନାହିଁ

ପୁରୀ ଅଫିସ,୩୧।୧୦

ମହାପ୍ରଭୁଙ୍କ ମହାପ୍ରସାଦ ରାନ୍ଧିବାଠାରୁ ଆରମ୍ଭକରି ବିକ୍ରୟ ପର୍ଯ୍ୟନ୍ତ ମାଟିକୁଡୁଆର ବ୍ୟବହାର କରାଯାଇଥାଏ। ତେବେ ଗତ ୨୨ତାରିଖରୁ କୁମ୍ଭକାର ନିଯୋଗ ପକ୍ଷରୁ କୁଡୁଆର ମୂଲ୍ୟ ବୃଦ୍ଧି କରାଯାଇଛି। ଫଳରେ ମହାପ୍ରସାଦର ମୂଲ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଶ୍ରୀମନ୍ଦିର ସୁଆର ଓ ମହାସୁଆର ନିଯୋଗ ପକ୍ଷରୁ ଏପରି ଆଶଙ୍କାକୁ ଖଣ୍ଡନ କରାଯାଇଛି। କୁଡୁଆ ମୂଲ୍ୟ ବୃଦ୍ଧି ସହ ମହାପ୍ରସାଦ ଦର ବୃଦ୍ଧିର କୋଣସି ଆଧାର ନାହିଁ। ସେହିପରି କଞ୍ଚାମାଲ ଅଭାବ, ବଜାର ଦରଦାମ ବୃଦ୍ଧି, ଚାହିଦା ଅନୁଯାୟୀ ଉତ୍ପାଦନ କମ୍ ଏବଂ ମହାମାରୀ କରୋନାଜନିତ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି କୁଡୁଆ ମୂଲ୍ୟ ବୃଦ୍ଧି କରାଯାଇଥିବା କୁମ୍ଭକାର ନିଯୋଗ ପକ୍ଷରୁ କୁହାଯାଇଛି।

ପ୍ରତିବର୍ଷ କାର୍ତ୍ତିକ ମାସରେ କୁମ୍ଭକାର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ସୂପକାର ନିଯୋଗ ସହ ଆଲୋଚନା କରାଯାଇ କୁଡୁଆ ମୂଲ୍ୟ ବୃଦ୍ଧି କରାଯାଇଥାଏ। ତେବେ କରୋନାଜନିତ କାରଣରୁ ଦୁଇବର୍ଷ ହେଲା ମୂଲ୍ୟ ବଢି ନ ଥିଲା। ଚଳିତ ବର୍ଷ ଯେଉଁ ମୂଲ୍ୟ ବୃଦ୍ଧି ହୋଇଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। କୁଡୁଆ ଦର ମୂଲ୍ୟ ବୃଦ୍ଧିର କାରଣ ରହିଛି। ଫନୀ ମହାବାତ୍ୟାରେ କୁମ୍ଭକାରମାନଙ୍କ ଶାଳଘର ଭାଙ୍ଗିଯାଇଥିଲା। ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ମିଳି ନ ଥିଲା। ଫଳରେ କ୍ଷତିଗ୍ରସ୍ତ କୁମ୍ଭକାର ଶାଳଘର ତିଆରି କରିପାରିଲେ ନାହିଁ। ସେହିପରି କଞ୍ଚାମାଲର ଅଭାବ ମଧ୍ୟ ଏକ ପ୍ରମୁଖ ସମସ୍ୟା। ଶ୍ରୀମନ୍ଦିରକୁ ଦୈନିକ ୭ରୁ ୮ଟି କୁଡୁଆ ଗାଡ଼ି ଯାଉଥିଲା। ଏବେ ଦିନକୁ ଗୋଟିଏ ଗାଡ଼ି ପଠାଯାଉଛି। ଚାହିଦା ଅନୁଯାୟୀ କୁଡୁଆ ଉତ୍ପାଦନ ହେଇପାରୁ ନାହିଁ। ବର୍ଷା ଓ ପ୍ରତିକୂଳ ପାଗ ବାଧକ ସାଜୁଛି ବୋଲି କୁମ୍ଭକାର ନିଯୋଗ ସମ୍ପାଦକ ମହେନ୍ଦ୍ର ବିଶୋଇ କହିଛନ୍ତି।

ନିଯୋଗ ପକ୍ଷରୁ ୨୦୨୦-୨୧ ମସିହାରେ ଦାସିଆ ହାଣ୍ଡିର ମୂଲ୍ୟ ୬୦ଟଙ୍କା ଥିବାବେଳେ କୁମ୍ଭକାର ନିଯୋଗ ପକ୍ଷରୁ ୮୦ ଟଙ୍କା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସୁଆର ମହାସୁଆର ନିଯୋଗ ସହ ଆଲୋଚନାହେବା ପରେ କୁଡୁଆର ମୂଲ୍ୟ ୭୦ଟଙ୍କା ରଖାଯାଇଛି। ଏମାର ହାଣ୍ଡିର ମୂଲ୍ୟ ୪୦ ଟଙ୍କା ଥିବାବେଳେ ବର୍ତ୍ତମାନ ୪୬ଟଙ୍କା ୬୬ ପଇସା ହୋଇଛି। ବଡ଼ମଠ ୩୦ଟଙ୍କାରୁ ୩୪ ଟଙ୍କା ୪୧ ପଇସା, ସାନ ମଠ ୧୮ ଟଙ୍କା ୨୨ ପଇସାରୁ ୧୯ ଟଙ୍କା ୪୭ ପଇସା, ନମ୍ବରୀ ୭ଟଙ୍କା ୮୬ପଇସାରୁ ୮ଟଙ୍କା ୮୬ ପଇସା ଜଳା ୫ଟଙ୍କା ୯୦ ପଇସାରୁ ୬ଟଙ୍କା ୬୫ ପଇସା ଏବଂ ଭାତ କୁଡୁଆ ୪ ଟଙ୍କା ୭୨ ପଇସାରୁ ୫ଟଙ୍କା ରଖାଯାଇଥିବା ବିଶୋଇ କହିଛନ୍ତି। କୁମ୍ଭକାରଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା କୁଡିଆରେ ମହାପ୍ରସାଦ ପ୍ରସ୍ତୁତ କରାଯାଉଛି। ମାତ୍ର ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ କୁମ୍ଭକାରଙ୍କ ଦୁର୍ଦ୍ଦଶା ପ୍ରତି ଦୃଷ୍ଟି ଦେଉନାହାନ୍ତି। ବାହାରୁ ହାଣ୍ଡି, କୁଡୁଆ କିଣି ସେମାନେ ଫାଇଦା ହାସଲ କରୁଥିବା ବିଶୋଇ ଅଭିଯୋଗ କରିଛନ୍ତି। ସମାନ କଥା କହିଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପଡିଆରୀ। କୁଡୁଆ ଦର ବଢିବା ସହ ମହାପ୍ରସାଦ ଦର ବୃଦ୍ଧିର କୌଣସି ସମ୍ପର୍କ ନାହିଁ। ଏଥର ମହାପ୍ରସାସଦ ଦର ବୃଦ୍ଧିର ସେମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି। ସୁଆର ସେବାୟତ ଭୁବନେଶ୍ୱର ପଣ୍ଡା କହିଛନ୍ତି, ବଜାରରେ ମୂଲ୍ୟକୁ ନେଇ ମହାପ୍ରସାଦ ବୃଦ୍ଧି ହୋଇଥାଏ। ଡାଲି, ଚାଉଳ, ପରିବା ମୂଲ୍ୟ ବୃଦ୍ଧି ଘଟିଲେ ମହାପ୍ରସାଦ ମୂଲ୍ୟ ଉପରେ ପ୍ରଭାବ ପଡ଼ିଥାଏ।

# କାଳୀପୂଜାରେ ଶ୍ରଦ୍ଧାଳୁଙ୍କୁ ଦକ୍ଷିଣକାଳୀ ପୀଠ ମନା

ପୁରୀ ଅଫିସ/ସାକ୍ଷୀଗୋପାଳ, ୩୧।୧୦(ଡି.ଏନ୍.ଏ)

କାଳୀପୂଜା ଅବସରରେ ଆସନ୍ତା ୪ ଓ ୫ତାରିଖରେ ପୁରୀ ଜିଲା ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀଙ୍କ ପୀଠରେ ୧୪୪ ଧାରା ଜାରି କରାଯିବ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରବିବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଦକ୍ଷିଣକାଳୀ ପୀଠରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାମାରୀ କରୋନାକୁ ଦୃଷ୍ଟିରେ

**ଜାରି ହେବ ୧୪୪ ଧାରା**

ରଖି ଚଳିତବର୍ଷ କାଳୀପୂଜାରେ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯିବା ସହ ୪ ଓ ୫ତାରିଖରେ ୧୪୪ ଧାରା ଜାରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ବିଗତବର୍ଷ ଭଳି ଚଳିତବର୍ଷ ସମସ୍ତ ବିଧିବିଧାନ ଅନୁଯାୟୀ ନୀତିକାନ୍ତି ଅନୁଷ୍ଠିତ ହେବ। କଟକଣା ଅବଧି ସମୟରେ କେବଳ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରବେଶ ଅନୁମତି ମିଳିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଐତିହ୍ୟସ୍ଥଳୀ ବୁଲିଲେ ବାଳାଶ୍ରମ ଅନ୍ତେବାସୀ

ପୁରୀ ଅଫିସ, ୩୧।୧୦

ପୁରୀ ସହସ୍ଥ ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ରବିବାର ହେରିଟେଜ ରାଇଡରେ ସାମିଲ ହୋଇ ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିଛନ୍ତି। ନୀଳାଦ୍ରି ବେଳାଭୂମିରୁ ବାଳାଶ୍ରମର ୩୦ ଜଣ ଅନ୍ତେବାସୀ ବାହାରି ଶଙ୍କରାଚାର୍ଯ୍ୟ ମଠ, ତୋଟା ଗୋପିନାଥ, ଜିଆର ସ୍ୱାମୀ ମଠ ଓ ବାଉଳି ମଠ ଆଦି ବୁଲି ଦେଖିଥିଲେ। ଅନ୍ତେବାସୀମାନଙ୍କୁ ଉକ୍ତ ସ୍ଥାନ ଓ ମଠର ଐତିହ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ପିଲାଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୀର ଐତିହ୍ୟପୂର୍ଣ୍ଣ ତଥା ସୁପ୍ତପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ, ଇକୋ ଟୁରିଜମ କ୍ଲବ ପ୍ରତିଷ୍ଠାତା ଯୁଗବ୍ରତ କର, ନଟବର ସାହୁ, ସତ୍ୟବ୍ରତ ସାହୁ, ମଞ୍ଜୁଶ୍ରୀ ସେନ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସାରଙ୍ଗ ମହାପାତ୍ର, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶକ୍ତିପାଦ ମିଶ୍ରଙ୍କ ସମେତ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।




୧୯୭୧ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ଭାରତର ଐତିହାସିକ ବିଜୟପ୍ରାପ୍ତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣିମ ବିଜୟ ବର୍ଷ-୨୦୨୧କୁ ସ୍ୱାଗତ ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଡେଲାଙ୍ଗ ସମସ୍ୟା ଦୂର ନ ହେଲେ ଅନଶନ: କଂଗ୍ରେସ

ଡେଲାଙ୍ଗ, ୩୧।୧୦(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକ ରାମଚନ୍ଦ୍ରପୁରରେ ରବିବାର କଂଗ୍ରେସ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ରବୀନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ବ୍ଲକରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଯୁବନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର କହିଥିଲେ। ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଭେଷଜ ଓ ସ୍ନାୟୁ ବିଶେଷଜ୍ଞ ନ ଥିବାରୁ ରୋଗୀମାନେ ସେବାରୁ ବଞ୍ଚିତ ହୋଇ ପୁରୀ, କଟକ ଓ ଭୁବନେଶ୍ୱର ଯିବାକୁ ବାଧ ହେଉଛନ୍ତି। ବେରବୋଇସ୍ଥିତ ଗାନ୍ଧୀପୀଠ ପର୍ଯ୍ୟଟନସ୍ଥଳୀକୁ ମାନ୍ୟତା ମିଳିଥିଲେ ବି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ଉନ୍ନତୀକରଣ ପାଇଁ ସରକାର ଦୁଇବର୍ଷ ତଳେ ୧କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥଳୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏନେଇ କଂଗ୍ରେସ ପକ୍ଷରୁ ଜୁଲାଇ ୨୩ରେ ସରକାରଙ୍କ ସମେତ ରାଜ୍ୟପାଳ, ସଚିବ, ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାର ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୨ତାରିଖରେ ଗାନ୍ଧୀପୀଠରେ ଆମରଣ ଅନଶନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ନିର୍ମଳ ପରିଡ଼ା, ଶରତ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିପିନ ବଳବନ୍ତରାୟ, ସୌମ୍ୟରଞ୍ଜନ ବରାଳ, ବିନୋଦ କୁମାର ସ୍ୱାଇଁ, ଟିକନ ବିଶ୍ୱାଳ, ସନ୍ତୋଷ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ଜୟମନ୍ୟୁ ସାମନ୍ତରାୟ, ସୁଧୀର ବରାଳ, ଅଶ୍ରୁମୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକତା ପୃଷ୍ଠଭୂମିରେ ମୂଲ୍ୟନିଷ୍ଠ ସମାଜ ଗଠନ ସମ୍ଭବ

ପୁରୀ ଅଫିସ, ୩୧।୧୦

ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନାକେନ୍ଦ୍ର ପୁରୀ ବଳିଆପଣ୍ଡାସ୍ଥିତ ଆଶ୍ରମ ପରିସରରେ ରବିବାର ସେହ୍ନ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ମୂଲ୍ୟନିଷ୍ଠ ସମାଜର ସ୍ଥାପନ ପାଇଁ ଈଶ୍ୱରଙ୍କ ପ୍ରତ୍ୟକ୍ଷଣ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସାଧନାକେନ୍ଦ୍ର ନିର୍ଦ୍ଦେଶିକା ରାଜଯୋଗିନୀ ବହ୍ମାକୁମାରୀ ଡ. ନିରୁପମା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାଶ, ଭୁବନେଶ୍ୱରସ୍ଥିତ ସମ୍ ହସପିଟାଲର ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, କିଟ୍ ବିଶ୍ୱବିଦ୍ୟାଳୟ ପରାମର୍ଶଦାତା ପ୍ରଫେସର ଭିକାରି ଚରଣ ଗୁରୁ, ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ପରେଶ କୁମାର ପଟ୍ଟନାୟକ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ରାମଚନ୍ଦ୍ରନ ପ୍ରମୁଖ ଯୋଗଦେଇ ନୂତନ ଆଧାତ୍ମିକତାର ପୃଷ୍ଠଭୂମି ଉପରେ ମୂଲ୍ୟନିଷ୍ଠ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ବ୍ରହ୍ମକୁମାର ଡାକ୍ତର ସତ୍ୟନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## କୋଣାର୍କ ସ୍ଥାପତ୍ୟ କଳା ଓଡ଼ିଆ ସାହିତ୍ୟର ହୃତ୍‌ପିଣ୍ଡ

**କୋଣାର୍କ କଳା ଓ ସାହିତ୍ୟ ଉତ୍ସବ ଉଦ୍‌ଯାପିତ**

କୋଣାର୍କ,୩୧।୧୦(ଡି.ଏନ୍.ଏ.)

ବିଶ୍ୱଐତିହ୍ୟ କୋଣାର୍କର ସ୍ଥାପତ୍ୟ କଳା ଓଡ଼ିଆ ସାହିତ୍ୟର ହୃତ୍‌ପିଣ୍ଡ ବୋଲି ଆୟୋଜିତ କୋଣାର୍କ କଳା ଓ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଦିବସରେ ସାରସ୍ୱତ ସାଧକମାନେ କହିଛନ୍ତି। ରବିବାର ଗଳ୍ପ ଓ କବିତା ସମ୍ପର୍କରେ ଆଲୋଚନା, ପୁସ୍ତକ ସମୀକ୍ଷା ଓ କବିତା ପଠନରେ ଶତାଧିକ ସାହିତ୍ୟପ୍ରେମୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ଗପର ଆୟୁଷ-କାହାଣୀ ବନାମ କୌଶଳ ଆଲୋଚନାରେ ବକ୍ତାଭାବେ ଡ.ଗୌରହରି ଦାସ, ପ୍ରଦୀପ୍ତ ମହାପାତ୍ର, ଡ.ସରୋଜିନୀ ସାହୁ ଓ ରବି ସ୍ୱାଇଁ ଭାଗନେଇଥିଲେ। ଡ.ହିରଣ୍ମୟୀ ମିଶ୍ର ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତାର ଆୟୁଷ-ତତ୍କାଳ ବନାମ ଚିରନ୍ତନ ଆଲୋଚନାରେ କ୍ଷୀରୋଦ ପରିଡା, ପବିତ୍ରମୋହନ ଦାଶ ଓ ଇପ୍ସିତା ଷଡଙ୍ଗୀ ଭାଗ ନେଇଥିଲେ। ଡ. ଜ୍ଞାନୀ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ତୃତୀୟ ଅଧିବେଶନରେ ବ୍ୟଙ୍ଗ ସାହିତ୍ୟ-ବୌଦ୍ଧିକତା ବନାମ ମନୋରଞ୍ଜନ ଆଲୋଚନାରେ ରାଧୁ ମିଶ୍ର, ମନ ମାଷ୍ଟ୍ରେ, ଡ.ମୃଣାଳ ଚାଟାର୍ଜୀ ଓ ବଦ୍ରି ମିଶ୍ର ଭାଗ ନେଇଥିଲେ। ବ୍ୟଙ୍ଗକବି କୁଳାଙ୍ଗାର ପରିଚାଳନା କରିଥିଲେ। ଚତୁର୍ଥ ଅଧିବେଶନରେ ନିଜ ବହି କଥା ବଖାଣିଥିଲେ ବିରଜା ମହାପାତ୍ର, ସଞ୍ଜୟ ବରାଳ ଓ ସଞ୍ଜୁକ୍ତା ମହାପାତ୍ର। ଏହି ଅଧିବେଶନ ଦେବଦତ୍ତ ପତି ପରିଚାଳନା କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ଟି ଅଧିବେଶନରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରକାଶଚନ୍ଦ୍ର ଖଟୋଇ, ଶେଖ ଅବଦୁଲ ଖାଲିକ, ଗିରୀଶ ରଞ୍ଜନ, ଅଶୋକ ମଲ୍ଲ, ସ୍ୱପ୍ନେଶ୍ୱର ସାହୁ, ଗୋପୀନାଥ କର, ଡ.ସନ୍ତୋଷ ମିତ୍ର, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ଉମାକାନ୍ତ ମହାପାତ୍ର, ରବୀନ୍ଦ୍ରନାଥ ବାହିନୀପତି, ବିପିନବିହାରୀ ଦଳାଇ ଓ ଭାଗୀରଥି ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଅର୍ଚ୍ଚନା ଆଚାର୍ଯ୍ୟ, କ୍ରିଷ୍ଣା ମହାପାତ୍ର, ପ୍ରତାପ ରାଉତ, ପ୍ରଶାନ୍ତ ଦାଶ ଓ ସମ୍ପଦ ରଥ କବିତା ପାଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ଓଡିଆ ମିଡିଆର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟ ଅତିଥି, ବରିଷ୍ଠ କବି ଡ. ବଂଶୀଧର ଷଡଙ୍ଗୀ ମୁଖ୍ୟବକ୍ତା ଏବଂ ଅତିଥିଭାବେ ବରିଷ୍ଠ କବି ରକ୍ଷକ ନାୟକ, କବି ଶଙ୍କର ପରିଡା ଓ ସମାଜସେବୀ ଏନ୍.ଏ.ଶାହଃ ଅନସାରୀ ଯୋଗଦେଇ ଏହି ଉତ୍ସବର ସଫଳତାକୁ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ସାରସ୍ୱତ ସାଧକ ଓ ଚିତ୍ରଶିଳ୍ପୀଙ୍କୁ ଓଡିଆ ମିଡିଆ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ପରିଚାଳନାରେ ଫଟୋଗ୍ରାଫର ଗଣେଶ ସାହୁ, ବୀରେନ ସାହୁ ଓ ସମାଜସେବୀ ବିଚିତ୍ର ମହାପାତ୍ର ସହଯୋଗ କରିଥିଲେ।

## ଲୌହମାନବ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଜୟନ୍ତୀ

ନିମାପଡ଼ା,୩୧।୧୦(ଡି.ଏନ୍.ଏ.)

ନିମାପଡ଼ାର ଯୁବ ବିକାଶ ପରିଷଦ ପକ୍ଷରୁ ରବିବାର ଲୌହମାନବ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଦୋଳବେଦୀ ଛକଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଶିକ୍ଷାବିତ୍ କ୍ଷୀରୋଦଚନ୍ଦ୍ର ରାୟମହାପାତ୍ର, ଯୁବ ବିକାଶ ପରିଷଦ ସଭାପତି ନିରଞ୍ଜନ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ବରାଳ, ବ୍ରହ୍ମାନନ୍ଦ ସାହୁ, ଶାନ୍ତନୁ ମିଶ୍ର, ବିକାଶ ବାରିକ, ଅମୀୟ ପୋଦାର, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଚିନ୍ତାଧାରା, ନୀତି ଆଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏକତା ଯାତ୍ରା ଜୟଶ୍ରୀ ଛକରୁ ବାହାରି ସହର ପରିକ୍ରମା କରି ଦେବୀ ମଣ୍ଡପଠାରେ ପହଞ୍ଚିଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-1662:-

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
**Tender Call Notice No. HO/P&C/ EST/E-1517/01/2020/18275/Dated 28.10.2021**
**NOTICE INVITING TENDER THROUGH e-Procurement**

| | | |
|---|---|---|
| Name of the work | : | Providing & laying of D.I. S/S Pipe of 250 mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the district of Nawarangpur. |
| Estimated cost | : | Rs.197.10 lakh (Appx.) |
| Period of completion | : | 4 (Four) months |

Further details can be seen from the e-Procurement Portal- www.tendersodisha.govt.in and Corrigendum, if any, will not be published in newspaper and can only be seen in the e-Procurement Portal- www.tendersodisha.govt.in and IDCO Website- www.idco.in.

Sd./- Chief General Manager (P&C), IDCO, Bhubaneswar
OIPR-14003/11/0095/2122

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KORAPUT**
Email: eerwkoraput@yahoo.com, Phone: 06852-251263
No.O-882:- e-Procurement for Road works
Bid Identification No. SERWKPT-Online-13/2021-22
Letter No.5659 Date: 28.10.2021

| | | | |
|---|---|---|---|
| 01 | Name of the work | : | Roads works in the Dist. of Koraput for the year 2021-22 |
| 02 | Total number of works | : | 04 (Four) Nos. |
| 03 | Approximate estimated cost | : | Rs.11.47 lakhs to Rs.74.44 lakhs (approximately) |
| 04 | Class of contractor | : | 'A', 'B' & 'C', 'D' class |
| 05 | Period of completion | : | Within 3 months |
| 06 | Other details | : | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Koraput | Online Tender / 13/RWD-KPT/2021-22 | 01.11.2021 at 11.00 A.M. | 07.11.2021 upto 5.00 P.M. |

Further details can be seen from the website www.tendersodisha.gov.in/ nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B.- Any addendum or corrigendum will be available in the website only.
Sd./- Superintending Engineer, Rural Works Division, Koraput
OIPR-25088/11/0010/2122

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**R.W. (P.H.) DIVISION, BHUBANESWAR**
**PLOT NO. E3/A & E3/M, NEAR NALCO BHAWAN**
P.O.: RRL, CHANDRASEKHARPUR, BHUBANESWAR-13
TEL.- (0674) 2301801, E-MAIL: EERWPHDIVN_BBSR@REDIFFMAIL.COM
e-Procurement Notice for S/I, S/D & W/S to Building works
NOTIFICATION NO. RW PH./Online-59/2021-22

No.O-869:- The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted online in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways/ CPWD/ MES. The bidders should have the necessary Portal Enrolment (With his own Digital Signature Certificate).

| | |
|---|---|
| Name of the work | S/I, S/D & W/S to Building Works (As per Annexure-1) |
| Estimated cost | Rs.5.66 lakhs to 9.89 lakhs (approximately) |
| No. of works | 03 Nos. (Three) |
| Tender paper cost | Rs.4000.00/- each (Non-refundable) |
| Class of contractors | 'D' & 'C' |
| Date & time of availability of bid document in portal | Dt.08.11.2021 from 11.00 A.M. |
| Date of seeking clarification | During office hours from dt.08.11.2021 to 15.11.2021 |
| Last date & time of receipt of bids through online | Dt.17.11.2021 upto 05.00 P.M. |
| Opening of bid document | Dt.18.11.2021 at 11.00 A.M. |
| Digital Signature Certificate | The bidder must possess compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- (Er. Arabinda Jena), Superintending Engineer, R.W. (P.H.) Division, Bhubaneswar
OIPR-13051/11/0004/2122




କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ରବିବାର କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ କେଆର୍‌ଟିସିରେ ବାରାକ ଓ ନୂଆ ହଷ୍ଟେଲ ବିଲ୍ଡିଂକୁ ଉଦ୍‌ଘାଟନ କରୁଛନ୍ତି।

**NATIONAL COMPETITIVE BIDDING THROUGH e-Procurement**
Tel. No.06752222092, e-mail id-eerwpuri@gmail.com
TCN NO. TENDER ONLINE - 08 OF 2021-22.
No.O-879:- No. 7566 /Dt.21.10.2021

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2021-22 in the district of Puri. 1. Total No. of works: 1 No. 2 .Tender cost of package: Rs. 51.42 lakhs. 3. Class of contractor: As per DTCN. 4.Period of completion: 2 (Two) calendar months. 5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 01.11.2021 at 11.00 A.M. | 15.11.2021 upto 3.00 P.M. | 12.11.2021 upto 1.00 P.M. | 16.11.2021 at 11.00 A.M. Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".
OIPR-25065/11/0020/2122 Superintending Engineer, R.W. Division, Puri